# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar

GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଏକବିଂଶତମ ବର୍ଷ ସଂଖ୍ୟା-୨୮୪ Vol. 21 No-284 12 JANUARY 2025 SUNDAY BHUBANESWAR

ରବିବାର, ୧୨ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାର ଲୋକାର୍ପିତ

# ଅଭିଲେଖାଗାର ନ୍ୟାୟିକ ଐତିହ୍ୟର ଭଣ୍ଡାର: ମୁଖ୍ୟମନ୍ତ୍ରୀ



କଟକ,୧୧।୧(ଭାସ୍କର ନ୍ୟୁଜ୍): ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାର ନ୍ୟାୟପାଳିକାର ପ୍ରଗତିଶୀଳ ଦୃଷ୍ଟିକୋଣର ପ୍ରତିଫଳନ। ଏହା ନ୍ୟାୟ ପ୍ରଶାସନଠାରୁ ଆଗକୁ ଯାଇ ଇତିହାସ, ସଂସ୍କୃତି ଓ ଶିକ୍ଷାର ପରିସରକୁ ବ୍ୟାପକ କରିବ । ନ୍ୟାୟିକ ଦସ୍ତାବିଜ, ରେକର୍ଡ ଏବଂ କଳାକୃତିର ସଂରକ୍ଷଣ ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ଯୁଗ ଯୁଗ ଧରି ଆଇନ ଗବେଷକ, ଛାତ୍ର ଏବଂ ଐତିହାସିକମାନଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ ହୋଇରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାରକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଏହା ଆମ ନ୍ୟାୟପାଳିକାର ସମୃଦ୍ଧ ପରମ୍ପରାକୁ ଆଗାମୀ ପିଢ଼ି ନିମନ୍ତେ ସଂରକ୍ଷିତ ରଖିବାର ସାମୂହିକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିବ । ଆଜି ନ୍ୟାୟ ଦେବୀଙ୍କ ଚକ୍ଷୁରୁ ଅନ୍ଧପୁଟୁଳି ହଟିଯାଇଛି। ନ୍ୟାୟଦେବୀ ଉନ୍ମୁକ୍ତ ନୟନରେ ଗୋଟିଏ ହାତରେ ସମ୍ବିଧାନ ଏବଂ ଅନ୍ୟହାତରେ ନ୍ୟାୟର ତରାଜୁ ଧରି ଉଭୟ ପକ୍ଷଙ୍କୁ ଶୁଣି ସମ୍ବିଧାନର ବିଧି ବ୍ୟବସ୍ଥା ଅନୁଯାୟୀ ନ୍ୟାୟ ପ୍ରଦାନ କରୁଛନ୍ତି। ଏହି ପରିକଳ୍ପନାକୁ ବାସ୍ତବ ରୂପ ଦେବାରେ ମୁଖ୍ୟ ବିଚାରପତି ଏବଂ ଓଡ଼ିଶା ହାଇକୋର୍ଟର ବିଚାରପତିମାନେ ଅକ୍ଳାନ୍ତ ପ୍ରୟାସ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ୍ ଅର୍ପଣ କରିଛନ୍ତି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓଡ଼ିଶାର ବିଭିନ୍ନ କୋର୍ଟରେ ଥିବା ନଥିପତ୍ରଗୁଡିକୁ ସଂରକ୍ଷଣ କରି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ନ୍ୟାୟିକ ଅଭିଲେଖାଗାର ଉଦ୍‌ଘାଟନ ହେବା ସମଗ୍ର ରାଜ୍ୟ ପାଇଁ ଏକ ଗୌରବର ବିଷୟ ଏବଂ ଏହା ରାଜ୍ୟର ନ୍ୟାୟିକ ରାଜଧାନୀ କଟକ ପାଇଁ ଏକ ଅନନ୍ୟ ଉପହାର। ଏହା ଆଇନଗତ ପ୍ରଶାସନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟ ସରକାର ତ୍ୱରିତ ନ୍ୟାୟ ଓ ସମସ୍ତଙ୍କ ନିକଟରେ ନ୍ୟାୟ ବ୍ୟବସ୍ଥା ପହଂଚାଇବା ଦିଗରେ କାର୍ଯ୍ୟ ● ପୃଷ୍ଠା ୫ ଦେଖନ୍ତୁ









କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ରକ୍ତଦାତା ପରିବାରର ସଦସ୍ୟା ମୋନାଲିସା ରାଉତଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ୪୩ ୟୁନିଟ ରକ୍ତ ସଂଗୃହିତ ହୋଇଛି। ଏଫ୍.ବିଡି.ଓଓ (ଓଡିଶା ରକ୍ତଦାତା ମହାସଂଘ)ର ପ୍ରୋତ୍ସାହନରେ ଏହି ଶିବର ରେଡ ରିବନ କ୍ଲବ ତଥା ଯୁବ ରେଡକ୍ରସ ଶାଖା ସନ୍ତୋଷୀ ମା' ଆଞ୍ଚଳିକ ମହାବିଦ୍ୟାଳୟ ଆୟୋଜନ କରିଥିବାବେଳେ ଏହି ମହାବିଦ୍ୟାଳୟର ଜାତୀୟ ସେବା ଶାଖା ସକ୍ରିୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋନାଲିସାଙ୍କ ମା' ସୀତା ରାଉତ ରକ୍ତଦାନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅଧକ୍ଷ ସୁରେନ୍ଦ୍ର କୁମାର ବିଶ୍ୱାଳ,ଶିକ୍ଷାବିତ୍ ହୃଷିକେଶ ମହାନ୍ତ,ପୂର୍ବତନ ଜୀବନବୀମା ଅଧିକାରୀ ହେମନ୍ତ କୁମାର ସିଂହ ତଥା ବ୍ଲଡବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ଜିଲା ଏନ୍.ଏସ୍.ଏସ୍. ଅଧିକାରୀ ପରେଶ ଚନ୍ଦ୍ର ଧର, ଇଂରାଜୀ ଅଧ୍ୟାପକ ସତ୍ୟବ୍ରତ ମହାନ୍ତ,ମହାବିଦ୍ୟାଳୟର କର୍ମଚାରୀ ରାଜେନ୍ଦ୍ର ନାଏକ କାର୍ଯ୍ୟକ୍ରମରେ ସହଯୋଗ ସମେତ ଉତ୍ସାହିତ କରିଥିଲେ। ମୋନାଲିସାଙ୍କ ଅଧ୍ୟାପିକା ତଥା ଏନ୍.ଏସ୍.ଏସ୍. ଅଧିକାରୀ ବିଜୟିନୀ ଆଚାର୍ଯ୍ୟ,ରକ୍ତଦାତା ସଂଘର ଜିଲା ସଭାପତି ତଥା କେନ୍ଦୁଝର ରକ୍ତଦାତା ପରିବାର ମୁଖ୍ୟ ଅଧ୍ୟାପକ ହିଂମାଶୁ ଶେଖର ମହାନ୍ତ ଓ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ରକ୍ତଦାନ କରିଥିଲେ। କେନ୍ଦୁଝର ରକ୍ତଦାତା ପରିବାର ର ସଦସ୍ୟ ଶିଳ୍ପାରାଣୀ ପାତ୍ର,ରୋହିତ କୁମାର ମହାନ୍ତ,ନିବାସ ଜେନା,ପଦ୍ମିନୀ ରାଉତ,ପ୍ରଜ୍ଞା ପ୍ରୟଦର୍ଶିନୀ ହୋତା ପ୍ରମୁଖ ସେମାନଙ୍କ ନିମନ୍ତ୍ରିତ ରକ୍ତଦାତାମାନେ ରକ୍ତଦାନ କରିଛନ୍ତି।



# ସାମ୍ବାଦିକ ଆକ୍ରମଣ ଘଟଣାକୁ ଦୃଢ ନିନ୍ଦାକଲେ ସାମ୍ବାଦିକ

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ କଲ୍ୟାଣ ମଣ୍ଡପ-୨ ଠାରେ କାର୍ଯ୍ୟରତ ସାମ୍ବାଦିକ ପରିଷଦ ଖଡ଼ିଆଳ ପକ୍ଷରୁ ଏକ ବୈଠକ ଖଡ଼ିଆଳ କାର୍ଯ୍ୟରତ ସାମ୍ବାଦିକ ପରିଷଦର ସଂଯୋଜକ ତପନ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପଡୋଶୀ ଜିଲ୍ଲା ବଲାଙ୍ଗୀର ଟିଟିଲାଗଡର ତିନୋଟି ସାମ୍ବାଦିକ ସଞ୍ଜୟ ବେହେରା, ଅବିନାଶ ନନ୍ଦ ଓ ତରୁଣ ବେହେରାଙ୍କୁ ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ବିଦ୍ୟୁତ ବିଭାଗର କଣ୍ଟାବାଞ୍ଜି ଏସ,ଡି,ଓ, ଜଗନ୍ନାଥ ପତି ଓ ମୁରିବାହାଲ ଯନ୍ତ୍ରୀ ଚିନ୍ମୟ ସାହୁ ସମେତ ଅନ୍ୟ କର୍ମଚାରୀ ମାନେ ମରଣାନ୍ତକ ଆକ୍ରମଣ କରିଥିଲେ । ସମ୍ପୃକ୍ତ ବିଭାଗୀ ଅଧିକାରୀ ମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରିବା ସହିତ ସମ୍ପୃକ୍ତ ଥିବା ଅନ୍ୟ କର୍ମଚାରୀ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ସାମ୍ବାଦିକ ମାନେ ଦାବି କରିଥିଲେ । ଏହି ଘଟଣାକୁ ପରିଷଦ ସମସ୍ତ ସଦସ୍ୟ ଘୋର ନିନ୍ଦା କରିବା ସହ ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ହେବା ପାଇ ପ୍ରସ୍ତାବ ଦେଇଥିଲେ । ସାମ୍ବାଦିକ ନିସ୍ୱାର୍ଥ ପର ଭାବେ ଲୋକଙ୍କ ସେବାରେ ସବୁବେଳ ନିଜର ପାରିବାରିକ ଜୀବନକୁ ଛାଡି ଜନସାଧାରଣ ସେବାରେ ଦିନରାତି ରହିଥାନ୍ତି ବୋଲି ମତ ପ୍ରକାଶ ହୋଇଥିଲା ।ପରିଷଦ ପକ୍ଷରୁ ସାମ୍ବାଦିକଙ୍କୁ ପେନସନ ବ୍ୟବସ୍ଥା ସାଙ୍ଗକୁ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ପାଇଁ ଏକ



ସ୍ମାରକ ପତ୍ର ପ୍ରଦାନ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପରିଷଦର ମୁଖ୍ୟ ଆଭିମୁଖ୍ୟ ସାମ୍ବାଦିକଙ୍କ ସୁରକ୍ଷା ଏବଂ ସ୍ୱାଧିନତା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ । ସଭାରେ କୋର କମିଟି ସଦସ୍ୟ ପରମେଶ୍ୱର ବାରିକ, ଯୋଗେଶ୍ୱର୍ ସଗରୀଆ,ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦଣ୍ଡସେନା, ହେମନ୍ତ ବେହେରା,ସାମ୍ବାଦିକ ଯୁଗଳ ମହାନନ୍ଦ,କୁନାଲ ଚରଣ ବେହେରା,ଓମ ପ୍ରକାଶ ଚଉଧରି,ଦେବେଶ ହୋତା, ଗଣେଶ ରଣା, ସତ୍ୟ ବ୍ରତ ଷଡ଼ଙ୍ଗୀ, କରିମ୍ ଖାନ, ଦିନ ବନ୍ଧୁ ଛତ୍ରିଆ,ଶ୍ୟାମ ସୁନ୍ଦର ସଗରିଆ ଯୋଗ ଦେଇଥିଲେ।

# କାୟାକଳ୍ପ ଟିମ୍‌ଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁବାର ଦିନ ଭୁବନେଶ୍ୱରରୁ କାୟାକଳ୍ପ ଟିମ୍ ପରିଦର୍ଶନରେ ଆସିଥିଲେ । ପରିଦର୍ଶନରେ ଭୁବନେଶ୍ୱରରୁ ଆସିଥିବା କାୟାକଳ୍ପ ଟିମକୁ ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନ ରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ମେଡ଼ିକାଲ ପରିସରକୁ ପାଛୋଟି ନେଇଥିଲେ । ପରିସରରେ ଥିବା ସମସ୍ତ ପ୍ରକୋଷ୍ଠଗୁଡ଼ିକ ବୁଲି ଅନୁଧ୍ୟାନ କରିବା, ବର୍ଜ୍ୟବସ୍ତୁ ଉପରେ ତଦାରଖ କରିବା, ପରିସର ବାହାର ଓ ଭିତର ପରିଷ୍କାର ପରିଚ୍ଛନ୍ନ , ପ୍ରସୂତି ବିଭାଗ ୱାର୍ଡ, ରୋଗୀମାନଙ୍କ ୱାର୍ଡ, ସରକାରଙ୍କ ମାଗଣା ମେଡିସିନ ରୋଗୀ ମାନଙ୍କୁ ସଠିକ ଭାବେ ବଣ୍ଟନ ଓ ରୋଗୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଏତଦ୍ ବ୍ୟତୀତ ଡାକ୍ତରଖାନା ମଧ୍ୟରେ ରହିଥିବା ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ସଠିକ୍ ଭାବେ ପରିଚାଳିତ ଉପରେ ଦୃଷ୍ଟି ଦେଇଥିବାବେଳେ ମେଡିକାଲ ପରିବେଶ ଉପରେ ଅଧିକ ଯତ୍ନଶୀଳ ରହିବା ପାଇଁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥଲେ । ଭୁବନେଶ୍ୱର ରୁ ପରିଦର୍ଶନରେ ଆସିଥିବା ଡାକ୍ତର ଆଦିତ୍ୟ କୁମାର ମହାପାତ୍ର ଓ ତିନି ଜଣିଆ ଟିମ ରହିଥିବାବେଳେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅରୁଣ କୁମାର ସାହୁ, ସୌମ୍ୟାସ୍ମିତା ମିଶ୍ର




, ସୌମ୍ୟ ରଞ୍ଜନ ସାମଲ ,କବିତା ସ୍ୱାଇଁ ( ପି ଏଚ ଇ ଓ ) କର୍ମଚାରୀ ଲିଙ୍ଗରାଜ ମହାପାତ୍ର, ଅଶ୍ୱିନୀ ମିଶ୍ର, ଅଶୋକ ନାଥ , ସୁବ୍ରତ ପରିଡା , ଗୋକୁଳି ମଣ୍ଡଳ, ବୈଦ୍ୟନାଥ ପଣ୍ଡା, ଶରତ ବାରିକ, ବ୍ରଜ କିଶୋର ନାୟକ, ସୌଭାଗ୍ୟ ଖିଲାରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଦର୍ଶନରେ ଆସିଥିବା ଟିମକୁ ପୂର୍ଣ୍ଣ ସହଯୋଗ କରିଥିଲେ ।

# ବିଶ୍ୱ ହିନ୍ଦୀ ଦିବସ ପାଳିତ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବରଡ଼ା ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଲାଇନପଡ଼ା, କନ୍ଧମାଳରେ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସାହାଣୀ, ବରିଷ୍ଠ ଶିକ୍ଷକ ବିକ୍ରମ ବିହାରୀ ବେହେରା, ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଲକ୍ଷ୍ମୀନାରାୟଣ ପୁରୋହିତ, ଶିକ୍ଷୟିତ୍ରୀ ମାନିନୀ ପ୍ରଧାନ, ବାସନ୍ତୀ ପ୍ରଧାନ, ଶିକ୍ଷକ ସୁଶୀଳ କୁମାର ପାରାସେଠ୍, ସୁଶୀଲ କୁମାର କହଁର, ପ୍ରତିମା କହଁର, ବିଶ୍ୱଜିତ ଦାସ, ସ୍ମୃତିକାନ୍ତ ମହାରଥ, ସୁଭେନ୍ଦୁ ସିଂ ପ୍ରମୁଖଙ୍କ ସହାୟତାରେ କାର୍ଯ୍ୟକ୍ରମଟିକୁ ବହୁ ଆଡ଼ମ୍ବର ସହିତ ପାଳନ କରାଯାଇଥିଲା। ବିଶ୍ୱ ହିନ୍ଦୀ ଦିବସ ଅବସରରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଲକ୍ଷ୍ମୀନାରାୟଣ ପୁରୋହିତଙ୍କ ହିନ୍ଦୀ ଶିକ୍ଷା ମାଧ୍ୟମରେ ହିନ୍ଦୀ ଛାତ୍ର-ଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରିବାର ବିଶେଷ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ରେ ଗୁରୁଜୀ-ଗୁରୁମାଙ୍କ ଠାରୁ ଆରମ୍ଭ କରି ଛାତ୍ର-ଛାତ୍ରୀଙ୍କ ପର୍ଯ୍ୟନ୍ତ ବିଶ୍ୱ ହିନ୍ଦୀ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତଙ୍କ ଅଭିବ୍ୟକ୍ତି ଥିଲା ଆମ ରାଷ୍ଟ୍ରଭାଷା, ଭାଷା 'ହିନ୍ଦୀ'ହେଉଛି ବିଶ୍ୱ ଏକତାର ପ୍ରତୀକ। ଏହି ଦିବସରେ ବିଭିନ୍ନ ପ୍ରତିଯୋଗୀ ଭାଇ ଭଉଣୀମାନଙ୍କୁ ପୁରସ୍କୃତ କରାଯିବା ସହିତ, ନୃତ୍ୟ, ସଙ୍ଗୀତ ପରିବେଷଣ, ମିଷ୍ଟାନ୍ନ ବଣ୍ଟନ, ହିନ୍ଦୀ ଛାତ୍ର-ଛାତ୍ରୀଙ୍କ ତରଫରୁ ବିଦ୍ୟାଳୟକୁ ଉପହାର ପ୍ରଦାନ ଏବଂ ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମଟିକୁ ସମାପନ କରାଯାଇଥିଲା।

## ଏବେ ବି 'ସୁଭଦ୍ରା'ରୁ ବଞ୍ଚିତ ଶହ ଶହ ବଣ୍ଡା ମହିଳା

# ହୋଇପାରୁନି ଆଧାର-ମୋବାଇଲ୍ ଲିଙ୍କ୍



ମାଲକାନଗିରି (ଭାସ୍କର ନ୍ୟୁଜ୍): ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ତାଗିଦ୍ ପରେ ବି ମାଲକାନଗିରି ଜିଲ୍ଲା ବଣ୍ଡା ଘାଟିର ବହୁ ମହିଳା ଏବେ ବି 'ସୁଭଦ୍ରା' ଯୋଜନାରୁ ବଞ୍ଚିତ ଅଛନ୍ତି । ଆଧାର କାର୍ଡରେ ତ୍ରୁଟି, ମୋବାଇଲ୍ ସହ ଆଧାର ଲିଙ୍କ୍ ନ ହେବା ଆଦି କାରଣରୁ ସେମାନେ ଏଯାଏ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ସୂଚନାନୁଯାୟୀ, ବଣ୍ଡା ଘାଟିର ମହିଳା 'ସୁଭଦ୍ରା' ଯୋଜନାରେ ସାମିଲ ହୋଇନପାରିବା ନେଇ ବିଭିନ୍ନ ଖବରକାଗଜ ରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଏକ ସ୍ୱତନ୍ତ୍ର ଟିମ୍ ବଣ୍ଡା ଘାଟିକୁ ଯାଇ ଘଟଣାର ସମାଧାନ ପାଇଁ ପଦକ୍ଷେପ ମଧ୍ୟ ନେଇଥିଲେ ଓ ପରେ ନିଜେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଣ୍ଡା ଘାଟି ଅଞ୍ଚଳ ଗସ୍ତ କରି ମହିଳାଙ୍କୁ 'ସୁଭଦ୍ରା'ରେ ସାମିଲ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । କିଛି ହିତାଧିକାରୀ ଏହି ଯୋଜନାର ସୁଫଳ ମଧ୍ୟ ପାଇଥିଲେ। କିନ୍ତୁ ଏବେ ପୁଣି ସେହି ପୂର୍ବ ସମସ୍ୟା ଦେଖାଦେଇଛି। ଅନେକ ମହିଳାଙ୍କ ଆଧାରରେ ତ୍ରୁଟି ରହି ଥିବାରୁ ସେମାନଙ୍କୁ ସାମିଲ କରାଯାଇପାରିନାହିଁ। ଖଇରପୁଟ ବ୍ଲକ ସଦରରେ ତମାମ ଆଧାର ଓ ମୋ ସେବା କେନ୍ଦ୍ର ବନ୍ଦ ପଡ଼ିଛି ଓ ଫଳରେ ଗତ ମାସେ ହେବ ଆଧାର ସଂଯୋଗୀକରଣ ହୋଇପାରୁ ନଥିବାରୁ ବଣ୍ଡା ମହିଳାମାନେ ଏହି ଯୋଜନାରେ ଆବେଦନ କରି ପାରୁନାହାନ୍ତି । ଏହାକୁ ନେଇ ସ୍ଥାନୀୟ ଜନ ପ୍ରତିନିଧି ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସଂପର୍କରେ ଗୋବିନ୍ଦ ପାଙ୍ଗୀ ସରପଞ୍ଚ ଶ୍ରୀନିବାସ ମୁଦୁଲି ସରକାରଙ୍କୁ ଏହି ଦିଗରେ ତ୍ୱରିତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଓ ସେହିପରି ଖଇରପୁଟ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝି ମଧ୍ୟ ଘଟଣାକୁ ନେଇ ଦୁଃଖ ପ୍ରକାଶ କରି ପ୍ରଶାସନ ଓ ସରକାର ଏଥିପାଇଁ ତତ୍ପର ହେବାକୁ ଦାବି କରିଛନ୍ତି।

# ୮ କିଲୋ ବାର୍‌ହା ମାଂସ ଜବତ, ଜଣେ ଗିରଫ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ବନାଞ୍ଚଳ ଅନ୍ତର୍ଗତ ରାମପୁର ଭୋଇପଡ଼ା ଗ୍ରାମର ଭାଗୀରଥି ରୋହିଦାସ ନିଜ ଘର ଭିତରେ ବାର୍‌ହା ମାଂସ କାଟୁଥିବା ନେଇ ବ୍ରଜରାଜନଗର ରେଞ୍ଜର ରିସନା ଜାମଡ଼ାଲିଆ ଖବର ପାଇଥିଲେ। ଏହାପରେ ବନ ବିଭାଗ ସଦଳବଳ ଭାଗୀରଥି ରୋହିଦାସଙ୍କ ଘରେ ଚଢ଼ାଉ କରି ୮ କେଜି ବାରହା ମାଂସ, ଗୋଟିଏ ପନିକି, ଦୁଇଟି ଟାଙ୍ଗିଆ, ଦୁଇଟି ଛୁରୀ, ତରାଜୁ, ବଟକରା, ମାଂସ କଟା ଦୁଇଟି କାଠ ଗଣ୍ଡି ଜବତ କରିଥିଲା। ଏହି ଘଟଣାରେ ଭାଗୀରଥି ରୋହିଦାସ (୩୭)ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ବ୍ରଜରାଜନଗର ରେଞ୍ଜର ରିସନା ଜାମଡ଼ାଲିଆ କହିଛନ୍ତି। ବ୍ରଜରାଜନଗର ରେଞ୍ଜର ରିସନା ଜାମଡ଼ାଲିଆଙ୍କ ନେତୃତ୍ୱରେ ଗଠିତ ଚଢ଼ାଉ ଦଳରେ ଇବ ଭ୍ୟାଲି ଫରେଷ୍ଟର ହରପ୍ରିୟା ଭୋଇ, ବ୍ରଜରାଜନଗର ଫରେଷ୍ଟର ଅଜୟ ବିଶ୍ୱାଳ, ବନ ରକ୍ଷୀ ସୋନାମ ପଟେଲ, ରିମା ପଟେଲ, ସଂଘମିତ୍ରା ସାମଲ, ଯୋଗେଶ ଦେହୁରୀ ପ୍ରମୁଖ ସାମିଲ ଥିଲେ।

# ଫେବୃଆରୀ ୩ରୁ ଖଡ଼ିଆଳ ମହୋତ୍ସବ

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଆଗକୁ ଖଡ଼ିଆଳ ମହୋତ୍ସବ ୨୦୨୫ ପାଇଁ ଖଡ଼ିଆଳ ଅଞ୍ଚଳ ଚଳ ଚଞ୍ଚଳ ହୋଇ ଉଠିଥିବା ବେଳେ ଆସନ୍ତା ଫେବୃଆରୀ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ମହୋତ୍ସବ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସମାରୋହରେ ପାଳିତ ହେବ । ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ନୂଆପଡା ଜିଲ୍ଲାର ଖଡ଼ିଆଳ ଗୋଟିଏ ସଂସ୍କୃତି ସମ୍ପନ୍ନ ସହର । ଖଡ଼ିଆଳ ଅଞ୍ଚଳରେ ଲୁକ୍କାୟିତ ହୋଇ ରହିଥିବା ଲୋକ କଳାର ପୁନଃ ଉଦ୍ଧାର ଓ ପ୍ରସାର ପାଇଁ ଖଡ଼ିଆଳ ମହୋତ୍ସବ ୨୦୦୫ ମସିହାରୁ ଆରମ୍ଭ ହୋଇଥିଲା । ଏହାର ଉଦ୍ଦେଶ୍ୟ ଲୋକକଳାକୁ ଉଜ୍ଜୀବିତ କରି ପ୍ରସାର କରିବାରେ ଶତ ପ୍ରତିଶତ ସଫଳ ହେବା । ଫଳରେ ଖଡ଼ିଆଳ ମହୋତ୍ସବକୁ ଲୋକକଳାର ମହୋତ୍ସବ ବୋଲି ମହୋତ୍ସବରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଉଥିବା ବକ୍ତାମାନେ ମତବ୍ୟକ୍ତ କରି ଆସୁଛନ୍ତି । ଏହି ମହୋତ୍ସବ ଖଡ଼ିଆଳ ଅଞ୍ଚଳର ଗୌରବ ବହନ କରୁଥିବା ନିଜସ୍ୱ ମହୋତ୍ସବ । ଏହି ମହୋତ୍ସବ ପାଳନ କରିବା ପାଇଁ କୋଣସି ସରକାରୀ ସାହାଯ୍ୟର ଆଶ୍ରୟ




ନିଆଯାଏ ନାହିଁ । ନିଜସ୍ୱ ସ୍ୱଇଚ୍ଛାରେ ପାଣ୍ଠି ସଂଗ୍ରହ କରି ମହୋତ୍ସବ ପାଳନ କରାଯାଏ । ମହୋତ୍ସବ ଉଦ୍‌ଘାଟନ ଦିନ ହଜାର ହଜାର ଦର୍ଶକଙ୍କ ଗହଣରେ ଖଡ଼ିଆଳର ଇଷ୍ଟ ଦେବୀ ମା' ସମଲେଶ୍ୱରୀ ଓ ମା' ରକ୍ତାମ୍ବରୀଙ୍କ ମନ୍ଦିରରୁ ମଶାଲ ଯାତ୍ରା ଆରମ୍ଭ ହୁଏ । ଏଥିରେ ସାଂସ୍କୃତିକ ଦଳ, ଅନେକ ପ୍ରକାରର ବାଦ୍ୟର ତାଳେ ତାଳେ କଳାକାରମାନେ ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ମଶାଲ ଶୋଭାଯାତ୍ରାରେ ବାହାରି ଖଡ଼ିଆଳ ଅଞ୍ଚଳର ଗାରିମା ବହନ କରୁଥିବା ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚି ମଶାଲ ଅତିଥିଙ୍କ ଦ୍ୱାରା ଗ୍ରହଣ ଓ ଧ୍ୱଜା ଉତ୍ତୋଳନ ପରେ ମହୋତ୍ସବ ଆରମ୍ଭ ହୋଇଥାଏ । ପ୍ରଥମେ ଉଦଘାଟନୀ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଖଡ଼ିଆଳ ମହୋତ୍ସବ କେବଳ ନୂଆପଡା ଜିଲ୍ଲାର କି ପଶ୍ଚିମ ଓଡିଶାରେ ସୀମିତ ନୁହେଁ ସର୍ବ ଭାରତୀୟ ସ୍ତରର ଖଡ଼ିଆଳ ମହୋତ୍ସବ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଏହି ମହୋତ୍ସବରେ ଜାତୀୟ ସ୍ତରର କଳାକାରମାନେ ପ୍ରତ୍ୟେକ ବର୍ଷ ଯୋଗ ଦେଇ ଜାତୀୟ ସ୍ତରର ମହୋତ୍ସବ ବୋଲି ସ୍ୱୀକୃତି ପାଇ ସାରିଛନ୍ତି । ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ସୁଯୋଗ୍ୟ ସନ୍ତାନ ସମସ୍ତଙ୍କର ପ୍ରିୟ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଖଡ଼ିଆଳ ଅଞ୍ଚଳର ସୁଯୋଗ୍ୟ ସନ୍ତାନମାନଙ୍କ ବଳିଷ୍ଠ ଉଦ୍ୟମ ଯୋଗୁଁ ଖଡ଼ିଆଳ ମହୋତ୍ସବ ବର୍ତ୍ତମାନ ୧୯ ବର୍ଷରେ ପାଦ ଦେଇଛି ଓ ମହା ଆଡମ୍ବରରେ ପାଳନ ହୋଇଆସୁଛି। ଏହି ମହୋତ୍ସବର ପରିଚାଳନା ଦାୟିତ୍ୱ ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକ, ଉପସଭାପତି ସୁଶାନ୍ତ କାଣ୍ଡି, ଉପସଭାପତି ଅମରେଶ ପଟ୍ଟନାୟକ, ସଂପାଦକ ସୁନୀଲ କୁମାର ସାହୁ ପ୍ରମୁଖ ତୁଲାଇଛନ୍ତି।

# କୁଡୁମୁଲୁଗୁମ୍ମା ବ୍ଲକ୍ ପୁନଃ କାର୍ଯ୍ୟକ୍ଷମ ହେବାପାଇଁ ଦାବି



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ବ୍ଲକ ପୁନର୍ବାର କାର୍ଯ୍ୟକ୍ଷମ କରିବା ଦାବି ନେଇ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତରବରିଆ ଭାବରେ ଏହି ପୁରାତନ ବ୍ଲକର ପଞ୍ଚାୟତ ଗୁଡିକୁ ଉଚ୍ଛେଦ କରି ଚିତ୍ରକୋଣ୍ଡା ବ୍ଲକକୁ ସ୍ଥାନାନ୍ତର କରାଯାଇଥିଲା। ୧୧ଟି ପଞ୍ଚାୟତ ମଧ୍ୟରୁ ୭ଟି ବିଚ୍ଛିନ୍ନାଞ୍ଚଳରେ ରହିଛି । ଏହାର ଭୌଗୋଳିକ ସ୍ଥିତି ଯୋଗୁ ପଞ୍ଚାୟତ ଗୁଡ଼ିକୁ ସରକାରୀ ଯୋଜନା ଠିକ୍ ଭାବେ ପହଞ୍ଚି ପାରୁନାହିଁ । ଯଦ୍ୱାରା ଅଞ୍ଚଳବାସୀ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ତୁରନ୍ତ ପୁରାତନ ବ୍ଲକକୁ କାର୍ଯ୍ୟକ୍ଷମ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ପ୍ରକାରେ ୧୯୬୨ରେ ୧୧ଟି ପଞ୍ଚାୟତକୁ ନେଇ କୁଡୁମୁଲୁ ଗୁମ୍ମା ବ୍ଲକ ଗଠନ ହୋଇଥିଲା। ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ତତ୍କାଳୀନ ରାଜ୍ୟ ସରକାର ଏହି ବ୍ଲକର ଦୁର୍ଗମ ପଞ୍ଚାୟତଗୁଡ଼ିକୁ ଚିତ୍ରକୋଣ୍ଡାରେ ସାମିଲ କରି ନୂଆ ବ୍ଲକ ଗଠନ କରିଥିଲେ । କିନ୍ତୁ ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କ ଏପର୍ଯ୍ୟନ୍ତ ଆଖିଦୃଶିଆ ବିକାଶ ହୋଇପାରିନି। କୁଡୁମୁଲୁଗୁମ୍ମା, ପର୍କନମାଲା, ସୋମନାଥପୁର, ନାକାମାମୁଡ଼ି, ଆଣ୍ଡାପଲ୍ଲୀ, ଯୋଡାମ୍ବ, ପଣସପୁଟ ଆଦି ପଞ୍ଚାୟତକୁ ନେଇ ଗଠିତ କୁଡୁମୁଲୁଗୁମ୍ମା ବ୍ଲକ ଅଧିନୀରେ ପାପରମେଟଲା, ବଡପଦର, ରାଲେଗାଡା, ବଡପଡା ପଞ୍ଚାୟତ ମଧ୍ୟ ରହିଥିଲା। ତତ୍କାଳୀନ ସରକାର ଅଗଣତାନ୍ତ୍ରିକ ପଦ୍ଧତିରେ ବ୍ଲକକୁ ଉଚ୍ଛେଦ କରି ଚିତ୍ରକୋଣ୍ଡାରେ ମିଶାଇ ଦେଇଥିଲେ। ମିଥ୍ୟା ପଲ୍ଲୀସଭା କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା। ଏହାର ତଦନ୍ତ କରାଯାଇ ଉପ ?ଯୁକ୍ତ ପଦକ୍ଷେପ ନିଆଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବର୍ତ୍ତମାନ ଅନେକ ପଞ୍ଚାୟତରୁ କୋରୁକୋଣ୍ଡା ଓ ଚିତ୍ରକୋଣ୍ଡା ବ୍ଲକ ଦୂରତା ୩୦ରୁ ୫୦କିମି ରହିଛି। କୁଡୁମୁଲୁଗୁମ୍ମା ଠାରେ ପୁଣିଥରେ ବ୍ଲକ କାର୍ଯ୍ୟାଳୟ କରାଗଲେ ଏହି ଦୂରତା କମିଯିବ। ସମସ୍ତ ସରକାରୀ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ। ଏଥିସହ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗରଦପୁର(ଭାସ୍କର ନ୍ୟୁଜ୍): ଆଜି ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମକରଣ ଓ ପଞ୍ଚାୟତ ସମିତି ଗରଦପୁର ମିଳିତ ସହଯୋଗରେ ନୈନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ଅସ୍ଥିଶଲ୍ୟ , ଶିଶୁ ବିଭାଗ, ମାନସିକ ବିକୃତ ରୋଗୀ , ଶ୍ରବଣ ସମସ୍ୟା ଓ ଚକ୍ଷୁ ଭଳି ବିଭିନ୍ନ ବିଭାଗର ବରିଷ୍ଠ ଚିକିତ୍ସକ ଯୋଗଦେଇ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ପରୀକ୍ଷା ନିରୀକ୍ଷା କରିବା ସହ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ୟୁଡିଆଇଡି ପ୍ରମାଣ ପତ୍ରକୁ ତନଖି କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଗରଦପୁର ବ୍ଲକର ୧୮ ପଞ୍ଚାୟତରୁ ଅନେକ ଭିନ୍ନକ୍ଷମ ଭତ୍ତା ପାଉଥିବା ହିତାଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗରଦପୁର ବିଡ଼ିଓ ଅନିରୁଦ୍ଧ ବେହେରା , ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ମୃଣ୍ମୟ ରାଉତ, ବ୍ଲକ ସାମାଜିକ କଲ୍ୟାଣ ଅଧିକାରୀ ମନୋଜ ଦାସ, ଏସ୍ଏସ୍ଇଏ ଶୁଭଶ୍ରୀ ନାୟକଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଆଜିର ଶିବିରରେ ୨୪୭ ଜଣ ଅସ୍ଥିଶଲ୍ୟ , ୯୫ ଜଣ ଶ୍ରବଣ ଓ ୫୦ ଜଣ ଆଖି ବିଭାଗ ଭଳି ମୋଟ ୪୪୮ ଜଣ ହିତାଧିକାରୀ ଯୋଗଦେଇଥିଲେ । ଆଜିର ଶିବିରରେ ଆମ୍ବା ଅଧକ୍ଷ ବାସୁଦେବ ବେହେରା , ପୂର୍ବତନ ସରପଂଚ ଶୈଳନ୍ଦ୍ର ମହାନ୍ତି , ପୂର୍ବତନ ବ୍ଲକ ଅଧକ୍ଷ ଦିଲ୍ଲୀପ ସାହୁ , ବନଲତା ସ୍ୱାଇଁ , ସରପଂଚ ସନ୍ତୋଷ ମାହାଳି , ଅମିୟ ଜେନା , ରଞ୍ଜନ ନାୟକ , ମାନସ କୁମାର ରାଉତ, ସମାଜସେବୀ କିଶୋର ମହାପାତ୍ର , ପ୍ରତାପ ପରିଡ଼ା , ରମାକାନ୍ତ ମାହାଳି ଙ୍କ ସମେତ ସମସ୍ତ ସରପଂଚ , ସମିତି ସଭ୍ୟ , ୱାର୍ଡ ସଭ୍ୟ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ଅଧିକାରୀ ଆଲୋକ ପତି , ସାରଦା ପ୍ରସନ୍ନ ବାରିକ ଙ୍କ ସମେତ ସମସ୍ତ ପଞ୍ଚାୟତର ଅଧିକାରୀମାନେ ଯୋଗ ଦେଇଥିଲେ ।



# ଶାଖା ଡାକଘର କମ୍ପ୍ୟୁଟର ଅଚଳ, ହୋଇପାରୁନି ଜରୁରି କାର୍ଯ୍ୟ

ଫୁଲନଖରା (ଭାସ୍କର ନ୍ୟୁଜ୍): ମୌଜା ବେଣ୍ଟକାର ଉପଡାକଘରେ ଖୋଲାଯାଇଥିବା ଝାରକଟା ଶାଖା ଡାକଘର କମ୍ପ୍ୟୁଟର ମେସିନ୍ ଗତ ମାସ ୧୯ ତାରିଖରୁ ଅଚଳ ହୋଇ ପଡ଼ିରହିଛି। ପ୍ରତିଦିନ ବହୁ କଷ୍ଟମର ସେମାନଙ୍କ ସଞ୍ଚୟ ଜମା ବହିରେ ଟଙ୍କା ଜମା କରିବା, ଟଙ୍କା ଉଠାଣ, ଆର.ଡି, ଆର.ପି.ଏଲ୍.ଆଇ ଓ ଫିକ୍ସଡ ଡିପୋଜିଟ ଇତ୍ୟାଦି କାର୍ଯ୍ୟ ନହେବାରୁ ଫେରୁଛନ୍ତି। ଫଳରେ ଝାରକଟା ଶାଖା ଡାକଘର ଡାକସେବା ଗୁରୁତର ବ୍ୟାହତ ହେବା ସହ ହିତାଧିକାରୀ ମାନେ ନାହିଁ



ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂପୃକ୍ତ ଶାଖା ପରିଚାଳକ ବିଭାଗୀୟ ଅଧିକାରୀଙ୍କୁ ଏବିଷୟ ମେଲ୍ ଯୋଗେ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ କମ୍ପ୍ୟୁଟର ମେସିନ୍ ମରାମତି ହୋଇନାହିଁ। ବେଣ୍ଟକାର ଉପ ଡାକଘରେ କାର୍ଯ୍ୟଭାର ଅଧିକ ଥିବାରୁ ଉପ ଡାକଘର କର୍ମଚାରୀମାନେ ଝାରକଟା ଶାଖା ଡାକଘର କଷ୍ଟକର ମାନଙ୍କ କାର୍ଯ୍ୟ କରିବାକୁ ଅମଙ୍ଗ ହେଉଛନ୍ତି। ଏଣୁ ବିଭାଗୀୟ ଅଧିକାରୀ ଉପରୋକ୍ତ ବିଷୟକୁ ଗୁରୁତର ସହ ବିଚାରକୁ ନେଇ ଝାରକଟା ଶାଖା ଡାକଘର କମ୍ପ୍ୟୁଟର ମେସିନ୍ କୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଇବାର ବ୍ୟବସ୍ଥା କରିବାକୁ ୪୨ମୌଜା ବିକାଶ ପରିଷଦ ଉପଦେଷ୍ଟା ତଥା ୪୨ମୌଜା ଯାଦବ ମହାସଭା ସଭାପତି ବରିଷ୍ଠ ନାଗରିକ ବୁଲେଇ ବେହେରା ବିଭାଗୀୟ ଅଧିକାରୀଙ୍କୁ ମେଲ୍ ଯୋଗେ ଜଣାଇବା ସହ ପ୍ରେସ ବିଜ୍ଞପ୍ତିରେ ଅନୁରୋଧ କରିଛନ୍ତି।

**ବ୍ୟାସନଗର ପ୍ରେସ୍ ଫୋରମ୍‌ର ବାର୍ଷିକ ଉତ୍ସବ**

# 'ସାମ୍ବାଦିକମାନେ ସମାଜ ପାଇଁ ଜାଗ୍ରତପ୍ରହରୀ ସଦୃଶ କାର୍ଯ୍ୟ କରିଥାନ୍ତି'

ବ୍ୟାସନଗର(ଭାସ୍କର ନ୍ୟୁଜ୍): : ଗଣମାଧ୍ୟମ ପ୍ରତିନିଧିମାନେ ସମାଜର ଜାଗ୍ରତପ୍ରହରୀ ସଦୃଶ କାର୍ଯ୍ୟ କରିଥାନ୍ତି । ସେମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ କରାଯିବା ଦରକାର ବୋଲି ଆଇଁ ବ୍ୟାସନଗରପ୍ରେସ ଫୋରମର ଅଷ୍ଟାଦଶ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଫୋରମର ସଭାପତି ଡଃ ଅଭୟ କୁମାର ପତିଙ୍କ ଅଧ୍ୟକ୍ଷତାରେ ହୋଟେଲ ରୟାଲ ଜଲିଙ୍ଗ ସଭାଗୃହ ଅନୁଷ୍ଠିତ ସଭାରେ ଉଦଘାଟକ ଭାବେ କୋରାଇ ବ୍ଲକ୍ ବିଡିଓ ଅବନୀକାନ୍ତ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତସାହିତ୍ୟିକ ପଣ୍ଡିତ ଡ଼କ୍ଟର ସୂର୍ଯ୍ୟମଣି ଖୁଟିଆ ଯୋଗଦେଇ ସାମ୍ବାଦିକମାନେ କଲମ ମୁନରେ ଗୋଟିଏ ସରକାରଙ୍କୁ ପରିବର୍ତ୍ତନ କରିଦେଇ ପାରନ୍ତି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅର୍ଗସ ନ୍ୟୁଜର କାର୍ଯ୍ୟନିର୍ବାହୀ ସମ୍ପାଦକ ଶ୍ରୀଯୁକ୍ତ ଦୁର୍ଗାଶିଷ ଯୋଗଦେଇ ସାମ୍ବାଦିକମାନେ ସର୍ବଦା ସମାଜର ହିତପାଇଁ କାର୍ଯ୍ୟକରି ଆସୁଛନ୍ତି; ସେ ନଗଡାର ନଗ୍ନଚିତ୍ର ହେଉ ବା' ପରି ହତ୍ୟାକାଣ୍ଡ ଅଥବା କରୋନାର କରାଳ ଛାୟା ହେଉ; ସବୁବେଳେ ସେମାନେ ନିଜକୁ ସୈନିକ ପରି ସୀମା ସୁରକ୍ଷାରେ କର୍ତ୍ତବ୍ୟ କରିଥାନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ଆଥଲେଟିକ୍ ଆସୋସିଏସନର କାର୍ଯ୍ୟକାରି ସଭାପତି ରସାନନ୍ଦ ମହାନ୍ତି ଯୋଗଦେଇ ସମାଜରେ ସାମ୍ବାଦିକମାନଙ୍କର ଭୂମିକାକୁ ଭୂରି ଭୂରି



ପ୍ରଶଂସା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ବ୍ୟାସଜ୍ୟୋତି'କୁ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । ଅନୁଷ୍ଠାନର ଉପସଭାପତି ଦୟାନିଧି ନାୟକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସମ୍ପାଦକ ମଳୟ କୁମାର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହିଉତ୍ସବରେ ବରିଷ୍ଠ ଚିକିତ୍ସକ ଡ଼ା. ଜୟଦେବ ନନ୍ଦ, ଶିକ୍ଷାତ ପ୍ରାଧ୍ୟାପକ ଶିବଚରଣ ମାଝୀ, କ୍ରୀଡାବିତ ଜ୍ଞାନଚାନ୍ଦ ଦାସ, ପରିବେଶବିତ ପ୍ରାଧ୍ୟାପକ ସତ୍ୟନାରାୟଣ ଖଣ୍ଡାଇ, ଚିକିତ୍ସକ ଦେବପ୍ରିୟ ଷଡ଼ଙ୍ଗୀ, ସାମ୍ବାଦିକ ଆଦିତ୍ୟ ମେକାପ, କୃତିବାସ ପ୍ରଧାନ, ଦୁର୍ଗାଶିଷ, ଶିଶୁ କଳାକାର ତେଜସ୍ୱିନୀ ରାଉତ,ଶିକ୍ଷାନୁଷ୍ଠାନ ଭିସା ଷ୍ଟିଲ, ସାମାଜିକ ଅନୁଷ୍ଠାନ 'ବ୍ୟାସନଗର ନାଗରିକ କମିଟି, 'ନିଶ୍ୱ' ଯାଜପୁରରୋଡ ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନାରେ ବରିଷ୍ଠ ସଭ୍ୟ ଆଶୁତୋଷ ମିଶ୍ର, ଅଜୟ ସାହୁ, ଆନନ୍ଦ ବିଶ୍ୱାଳ, ନାରାୟଣ ରାଉତରାୟ, ଚିତରଞ୍ଜନ ବୋଇତେଇ, ଜିତେନ୍ଦ୍ର କୁମାର ରାଉତ, ଜ୍ଞାନରଞ୍ଜନ ଓଝା, ଦୀପକ ଦାସ, ମାନସ ଆଇଚ, ବାଇଧର ମାଝୀ, ପ୍ରମୋଦ ପାତ୍ର, କୁଞ୍ଜବିହାରୀ ମହାନ୍ତି, ସୁଶାନ୍ତ ଭୂୟାଁ, ପ୍ରକାଶ କୁମାର ସାହୁ, ପ୍ରହଲ୍ଲାଦ ଦେଓ, ଆଶୁତୋଷ ମହାନ୍ତି, ପ୍ରଶାନ୍ତ ଗେଡି, ସଞ୍ଜୟ ସରକାର, ଆଶିଷ ରାଉତ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକାରୀସଭାପତି ନିତ୍ୟାନନ୍ଦ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ ।



କଟକ(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଏନ୍‌ଏଚ୍‌ଆଇ-୬ ଅଧିନ ସିଙ୍ଗରା-ବିବାହାଲ ଜାତୀୟ ରାଜପଥର ୪ଥାକିଆ ରାସ୍ତା ସଂପ୍ରସାରଣ ପାଇଁ ଜମି ଅଧିଗ୍ରହଣରେ ଜମି ହରାଇଥିବା ଦଳିତ ମହିଳାଙ୍କ କ୍ଷତିପୂରଣ ପ୍ରାପ୍ୟ ଘଟଣାରେ ଓଡ଼ିଶା ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବୁଧବାର ଆଗତ ଏକ ମାମଲାର ଶୁଣାଣି ବେଳେ ବିଚାରପତି ଡକ୍ଟର ସଂଜୀବ କୁମାର ପାଣିଗ୍ରାହୀ ଏଭଳି ତଞ୍ଚକତାପୂର୍ଣ୍ଣ ଲୁଟ୍ ଉଦ୍ୟମକୁ ନାପସନ୍ଦ କରିଛନ୍ତି। ମୋଟ କ୍ଷତିପୂରଣ ପ୍ରାପ୍ୟ ୨୮କୋଟି ଟଙ୍କା ମଧ୍ୟରୁ ବଳକା ୨୧କୋଟିରୁ ଉର୍ଦ୍ଧ୍ୱପ୍ରାପ୍ୟ ପ୍ରଦାନ ଉପରେ ପୂର୍ବରୁ ଥିବା ରୋକ୍ ଆଦେଶକୁ ଅଦାଲତ ବଳବତ୍ତର ରଖିଛନ୍ତି। ମାମଲାର ୩ ନଂ ବେସରକାରୀ ପ୍ରତିପକ୍ଷ ଦିଲ୍ଲୀପ କୁମାର ପତିଙ୍କୁ ଆସନ୍ତା ୨୮ ସୁଦ୍ଧା ଜବାବ ଦାଖଲ ଲାଗି ଆଦେଶ ମିଳିଛି। ମାମଲାର ଶୁଣାଣି ଲାଗି ଆସନ୍ତା ୨୯କୁ ଦିନ ଧାର୍ଯ୍ୟ ହୋଇଛି। ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ଆଇନଜୀବି ଅଦାଲତକୁ ଦର୍ଶାଇଥିଲେ ଯେ ଆବେଦନକାରୀ ସଂପୂର୍ଣ୍ଣ ଅଶିକ୍ଷିତ, ନୀରିହ ଓ ଦଳିତ ମହିଳା ଅଟନ୍ତି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଉପରୋକ୍ତ ଜାତୀୟ ରାଜପଥର ସଂପ୍ରାସାରଣ ଲାଗି ୨୦୧୩ ସେପ୍ଟେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ତେବେ ୩ ନମ୍ବର ବେସରକାରୀ ପ୍ରତିପକ୍ଷ ଦିଲ୍ଲୀପ କୁମାର ପତି ଜଣେ ସାଧାରଣ ବର୍ଗର ଜାତି ଥାଇ ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୪-୧୫ରେ ଯୋଜନାବଦ୍ଧ ଭାବେ ଦଳିତଙ୍କ ଏକର ଏକର ସଂପତି ହାତେଇବାରେ ସଫଳ ହୋଇଥିଲେ।



## ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

# ପ୍ରଦର୍ଶନୀ ପ୍ରକୃତିକୁ ଭଲପାଇବା ଓ ସଂରକ୍ଷଣ କରିବାରେ ପ୍ରେରଣା ଯୋଗାଇବ: ଜଙ୍ଗଲମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଓ ପ୍ଲାଣ୍ଟଲଭର୍ସ ଆସୋସିଏସନର ମିଳିତ ସହଯୋଗରେ ଏକାମ୍ର କାନନଠାରେ ଆୟୋଜିତ ବାର୍ଷିକ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀର ଉଦଯାପନୀ ଦିବସରେ ରବିବାର ଅପରାହ୍ଣରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ କହିଲେ ଯେ ଏହି ପୁଷ୍ପ ପ୍ରଦର୍ଶନୀ ଆମକୁ ପ୍ରକୃତିକୁ ଭଲପାଇବା ଓ ସଂରକ୍ଷଣ କରିବାରେ ପ୍ରେରଣା ଯୋଗାଇବ। ଫୁଲ ମାନବ ସମାଜ ପାଇଁ ପ୍ରକୃତିର ଏକ ଅଦ୍ଭୁତ ସୌନ୍ଦର୍ଯ୍ୟମୟ ଅବଦାନ। ଆମର ଦୈନନ୍ଦିନ ଜୀବନରେ ଫୁଲରଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେବପୂଜାରେ ଫୁଲର ବ୍ୟବହାର କେଉଁ ଆବହମାନ କାଳରୁ ହୋଇଆସୁଛି। ମଣିଷର ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟରେ ଫୁଲ ଏକ ମୁଖ୍ୟ



ସାମଗ୍ରୀ ରୂପେ ବ୍ୟବହୃତ ହୋଇଥାଏ । ଫୁଲ ଏକ ସୌନ୍ଦର୍ଯ୍ୟ ଓ ଉପଭୋଗ୍ୟ ବସ୍ତୁ ନହୋଇ ଏହା ଆମର ଜୀବନ ଜୀବିକାର ମାଧ୍ୟମ ହୋଇପାରିଛି। ଗତ ୫ ଦିନ ଧରି ଏଠାରେ ପ୍ରକୃତିର ଅଦ୍ଭୁତ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ପ୍ରଦର୍ଶିତ ବିଭିନ୍ନ ରଙ୍ଗର ପୁଷ୍ପର ବର୍ଣ୍ଣାଳି, ମନୋହର ସୁଗନ୍ଧ ପୁଷ୍ପ ବିନ୍ୟାସ ଏବଂ ବିଭିନ୍ନ ପ୍ରଜାତିର ବୃକ୍ଷଲତା ସମସ୍ତଙ୍କୁ ଅଭିଭୂତ କରିଛି।ଏହି ପ୍ରଦର୍ଶନୀ କେବଳ ପୁଷ୍ପ, ବୃକ୍ଷ ଓ ଲତାଗୁଡ଼ିକର ପ୍ରଦର୍ଶନ ନୁହେଁ ବରଂ ଆମ ପ୍ରକୃତି, ପରିବେଶ ଏବଂ ଜୈବ ବିବିଧତା ପ୍ରତି ସମ୍ମାନ ପ୍ରଦର୍ଶନ ଏବଂ ଏଗୁଡ଼ିକର ସଂରକ୍ଷଣ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପାଦନ ପାଇଁ ପ୍ରେରଣା ଯୋଗାଏ । ପ୍ରଦର୍ଶନୀ ପ୍ରେରଣା ଦେଉଛି ଯେ, ପ୍ରକୃତିକୁ ଜାଣିବା, ପ୍ରକୃତିରୁ ଲାଭାନ୍ୱିତ ହେବା ଏବଂ ଉତ୍ତର ପିଢ଼ିର ଆବଶ୍ୟକତା ପାଇଁ ପ୍ରକୃତିକୁ କିପରି ସଂରକ୍ଷଣ କରିପାରିବା। ଏହି ପ୍ରଦର୍ଶନୀରେ ବଗିଚା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଭାଗ ନେଇଥିବା ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ, ଦେଶର ବିଭିନ୍ନ କୋଣରୁ ଆସିଥିବା ନର୍ସରୀ ଓ ବଗିଚା ଉପକରଣ ବ୍ୟବସାୟୀ, ପୁଷ୍ପପ୍ରେମୀ ଜନସାଧାରଣଙ୍କୁ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ଅଭିନନ୍ଦନ ଜଣାଇଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ଦୀର୍ଘ ୪୦ ବର୍ଷ ପୂର୍ବେ ୧୯୮୫ ମସିହାରେ ପ୍ରତିଷ୍ଠା ହୋଇଥିବା ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର, ଏକାମ୍ର କାନନ ଆଜି ଉଦ୍ଭିଦ ଗବେଷଣା କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ଅନୁଷ୍ଠାନ । ବିମୁଗ୍ଧ ଦର୍ଶନାର୍ଥୀଙ୍କ ମଧ୍ୟରୁ କିଏ ଫୁଲର ସମ୍ଭାରକୁ ଅପଲକ ନୟନରେ ଚାହିଁ ରହିଛିତ କିଏ କ୍ୟାମେରା ଲେନ୍‌ସରେ ବାନ୍ଧି ରଖିବାକୁ ଚେଷ୍ଟା କରୁଛି। ବଗିଚା ପ୍ରତିଯୋଗିତାରେ ୧୦୪ ବ୍ୟକ୍ତି/ଅନୁଷ୍ଠାନ ଭାଗ ନେଇଥିବା ବେଳେ ୮୨ ବ୍ୟକ୍ତି/ଅନୁଷ୍ଠାନ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ, ଚିତ୍ରାଙ୍କନ ପ୍ରତିଯୋଗିତାରେ ୮୪୦ ପ୍ରତିଯୋଗୀଙ୍କ ମଧ୍ୟରୁ ଅତି ସୁନ୍ଦର ଚିତ୍ରାଙ୍କନ ପାଇଁ ୩୭ ଜଣ ଛାତ୍ରଛାତ୍ରୀଙ୍କୁ ସେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀ ଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ କୁମାର ପନ୍ତ, ପ୍ରଶାସନିକ ଅଧିକାରୀ ସୁଶ୍ରୀ ଋତୁପର୍ଣ୍ଣା ମହାପାତ୍ର, ପ୍ଲାଣ୍ଟଲଭର୍ସ ଆସୋସିଏସନ ସଭାପତି କ୍ଷୀରୋଦ ପଟ୍ଟନାୟକ ଓ ପ୍ଲାଣ୍ଟଲଭର୍ସ ଆସୋସିଏସନର ସମ୍ପାଦକ ପି. ଶ୍ରୀନିବାସ ପ୍ରମୁଖ ଏହି ଉଦଯାପନୀ ଦିବସ ସମାରୋହରେ ଉପସ୍ଥିତ ଥିଲେ ।



ଲୋକସେବା ଭବନରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ୍ ମିଟ୍‌ର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରୁଛନ୍ତି ।

## ସଭିଙ୍କୁ କିମିଆ କରୁଛି ଏକାମ୍ର ଉତ୍ସବ

# ଅନ୍ତରାଙ୍କ ସଙ୍ଗୀତ ମୂର୍ଚ୍ଛନାରେ ଦର୍ଶକ ମନ୍ତ୍ରମୁଗ୍ଧ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଭିଙ୍କୁ କିମିଆ କରୁଛି ଏକାମ୍ର ଉତ୍ସବ । ଏହାର ସପ୍ତମ ସନ୍ଧ୍ୟାରେ ଓଲିଉଡ଼ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ମନଛୁଆଁ ଗୀତ ପରିବେଶକୁ ଅଧିକ ଶ୍ରୁତିମଧୁର କରିଥିଲା। ତାଙ୍କ ଗୀତ ତାଳେ ତାଳେ ଦର୍ଶକ ନୃତ୍ୟ ଏହାକୁ ଅଧିକ ଆକର୍ଷଣୀୟ କରିଥିଲା। ଏକାମ୍ର ଉତ୍ସବ ସହ ସକାଳୁ ପାର୍କରେ କାହାଣୀ ଉତ୍ସବରେ



କୁନିପିଲାଙ୍କୁ ସୁନ୍ଦର ମାହୋଲ ସହ ଫିଟନେସ ଭଳି ରହିଛି ଆହୁରି ଅନେକ କାର୍ଯ୍ୟକ୍ରମ। ସନ୍ଧ୍ୟାରେ କଳା ଐତିହ, ପାରମ୍ପରିକ ହସ୍ତଶିଳ୍ପ ସାଙ୍ଗକୁ ରଙ୍ଗାରଙ୍ଗ ପରିବେଶରେ ଲୋକନୃତ୍ୟ ଏବଂ ଓଲିଉଡ଼ ସାଂସ୍କୃତିକ ସନ୍ଧ୍ୟା, ସତେ ଯେମିତି ଏକ ନିଆରା ଅନୁଭୂତି ଦେଉଛି। ଦର୍ଶକ ଏହି କାର୍ଯ୍ୟକ୍ରମକୁ ନିଜ କ୍ୟାମେରାରେ କଏଦ ପାଇଁ ଉତ୍ସବ ମୁହାଁ ହେଉଛନ୍ତି। ଉତ୍ସବ-୨୦୨୫ ଉପଲକ୍ଷେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ଜାନୁଆରୀ ୫ରୁ ଜାନୁଆରୀ ୧୨, ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର ପାଞ୍ଚଟି ପ୍ରମୁଖ ପାର୍କରେ ଉତ୍ସବ ଆୟୋଜିତ ହେଉଛି । ଉତ୍ସବରେ ସ୍ୱାସ୍ଥ୍ୟ, ସଂସ୍କୃତି, ସୃଜନଶୀଳତା ଏବଂ ମନୋରଞ୍ଜନର ଏକ ସଂପୂର୍ଣ୍ଣ ସମ୍ମିଳନ ଜାରି ରହିଛି। ୭ମ ଦିନରେ ସକାଳୁ ସକାଳୁ ସବୁ ପ୍ରମୁଖ ପାର୍କରେ କାହାଣୀକାର ପିଲାଙ୍କ ମନକୁ ଛୁଇଁଲା ଭଳି କାହାଣୀ ପରିବେଷଣ କରିଥିଲେ। କାହାଣୀରେ ବିଭିନ୍ନ ଜୀବଜନ୍ତୁଙ୍କ ଚରିତ୍ରକୁ ନିଜର ଅଙ୍ଗଭଙ୍ଗୀ ଏବଂ ପଶୁପକ୍ଷୀଙ୍କ ସ୍ୱରରେ ଜୀବନ୍ତ କରିବାକୁ ଚେଷ୍ଟା କରିଥିଲେ। ପିଲାଏଁ ଏହାକୁ ମନଭରି ଉପଭୋଗ ସହ ସଭିଁଏ ତାଳିମାରି ଉତ୍ସାହିତ ହୋଇଥିଲେ। ମଧୁସୂଦନ, ବୁଦ୍ଧ, ଆଇଜି, ଫରେଷ୍ଟ ଓ ଅବଦୁଲ କଲାମ ପାର୍କରେ ପ୍ରଚିତ୍ରା, ଗୌରହରି, ତପସ୍ୱିନୀ, ସ୍ୱାଗତିକା ଓ ଅନୁଜଭଳି କାହାଣୀ କାର କାହାଣୀ ଶୁଣାଇଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଅର୍ଚ୍ଚିତା, ଶୈଳେନ୍ଦ୍ର, ଭୂମିକା, ସ୍ୱରାଜ, ଶିବାନୀ ଭଳି ଅଭିନେତା ଓ ଅଭିନେତ୍ରୀ ନିଜ ଟ୍ରେଣ୍ଡି ନମ୍ବରରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଏହାଛଡା ସବୁ ପାର୍କରେ ସଙ୍ଗୀତ ମୂର୍ଚ୍ଛନାରେ ଅଭିଜିତ, ଅବିନାଶ, ସୌରଭ, ଚିରଞ୍ଜିବି ଲାସ୍ୟ ଭଳି କଳାକାର ସଙ୍ଗୀତପ୍ରେମୀଙ୍କୁ ନିଜ ଯାଦୁରେ ବାନ୍ଧି ରଖିଥିଲେ। ଖାଲି ସେତିକି ନୁହେଁ ସଙ୍ଗୀତମୟ ପରିବେଶ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୁଅରେ ସଜ୍ଜିତ ପାର୍କର ମନରୋମ ଦୃଶ୍ୟକୁ କ୍ୟାମେରାରେ ସାଉଁଟିବା ଓ ସେଲ୍ଫି ପାଇଁ ଯୁବପିଢ଼ିଙ୍କ ଅହେତୁକ ଭିଡ଼ ଦେଖିବାକୁ ମିଳୁଛି। ଏଠାରେ ଥିବା ମିଶନଶକ୍ତିର ଷ୍ଟଲରେ ଖାଇବାର ମଜା ଉଠାଉଛନ୍ତି ଦର୍ଶକ।

## ଡିଆର୍‌ଏମ୍ ଭାବରେ ଅମିତାଭ ସିଂଘଲଙ୍କ କାର୍ଯ୍ୟଭାର ଗ୍ରହଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ରେଳର ଜଣେ ଦକ୍ଷ ଅଧିକାରୀ ଅମିତାଭ ସିଂଘଲ ପୂର୍ବତଟ ରେଳପଥ ଅଧୀନରେ ନୂତନ ଭାବରେ ପ୍ରତିଷ୍ଠିତ ରାୟଗଡା ରେଳ ମଣ୍ଡଳର ପ୍ରଥମ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଡିଆରଏମ) ଭାବରେ ଆନୁଷ୍ଠାନିକ ଭାବରେ ଯୋଗ ଦେଇଛନ୍ତି। ଏହି ନିଯୁକ୍ତି ନୂତନ ଡିଭିଜନକୁ କାର୍ଯ୍ୟକ୍ଷମ କରିବା ଏବଂ ଏହି ଅଞ୍ଚଳରେ ଭିତ୍ତିଭୂମି ବିକାଶକୁ ଆଗକୁ ବଢ଼ାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଏହି ରେଳ ମଣ୍ଡଳ ରାୟଗଡା, କୋରାପୁଟ, ଗଜପତି, ନବରଙ୍ଗପୁର, ମାଲକାନଗିରି ଏବଂ କଳାହାଣ୍ଡିର ଆଦିବାସୀ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବ, ଯାହା ଏହି ଉପାନ୍ତ ଓ ଅନୁନ୍ନତ ଅଂଚଳରେ ଏକ ଦ୍ରୁତ ପରିବର୍ତ୍ତନ ଆଣିବ।

## କିଟ୍‌ରୁ ୩ହଜାର ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ପକ୍ଷରୁ ଶନିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ୍ ଗିଭିଂର ଅନ୍ୟତମ ପ୍ରୟାସ ଭାବେ ରକ୍ତଦାନ ଶିବରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ଶ୍ରୀ ସାମନ୍ତ କହିଲେ, କିଟ୍ ଓ କିସ୍ ପକ୍ଷରୁ ବାର୍ଷିକ ୬୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯିବାର ଲକ୍ଷ୍ୟ ରହିଛି। ଏଥିପାଇଁ କିଟ୍ ଓ କିସ୍ ପକ୍ଷରୁ ବର୍ଷତମାମ ଓଡ଼ିଶାର ୩୦ ଜିଲ୍ଲାରେ ଏଭଳି ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯିବ ଓ ସଂଗୃହୀତ ରକ୍ତକୁ ରାଜ୍ୟର ବିଭିନ୍ନ ରକ୍ତଭଣ୍ଡାରକୁ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ସେଥିରୁ କେବଳ କିଟ୍ ଓ କିସ୍‌ର କର୍ମଚାରୀ ୬ହଜାର ୟୁନିଟ୍ ରକ୍ତଦାନ କରିବେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଡା.ସିବିକେ ମହାନ୍ତି, କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆରସି ଦାସ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଯୁଗ୍ମ କୁଳସଚିବ ଡା. ଶ୍ୟାମସୁନ୍ଦର ବେଉରା ଏବଂ କିମ୍ସ ମେଡ଼ିକାଲ୍ ଗ୍ରୁପ୍ ଡାଇରେକ୍ଟର ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍ସର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ମୃତ ସହଦେବଙ୍କ ପରିବାରକୁ ନବୀନଙ୍କ ସହାୟତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲିସ ମିତ୍ର ସହଦେବ ନାୟକଙ୍କୁ ଯେଉଁଭଳି ଭାବେ ରାଜରାସ୍ତାରେ ବୀଭତ୍ସ ହତ୍ୟା କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ ଓ ହୃଦୟ ବିଦାରକ । ଏବେ ତାଙ୍କର ଦୁଇଟି ସନ୍ତାନ ନିଃସହାୟ ହୋଇପଡ଼ିଥିବାରୁ ତାଙ୍କ ପତ୍ନୀ ମଧ୍ୟ ଭାଙ୍ଗି ପଡ଼ିଛନ୍ତି । ଏହିଭଳି ମୁହୂର୍ତ୍ତରେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ଭେଟିବା ସହ ତାଙ୍କୁ ସହାୟତା ପ୍ରଦାନ କରିଛନ୍ତି । ଶୁଦ୍ଧିକ୍ରିୟା ପାଇଁ ନବୀନ ୫୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ବେଳେ ସହଦେବଙ୍କ ଦୁଇ ପିଲାଙ୍କ ପାଠପଢ଼ା ଦାୟିତ୍ୱ ଭରଣ କରିବେ ବୋଲି ନବୀନ ପ୍ରତିଶ୍ରୁତି ଦେଇଛନ୍ତି ।

# ସାମ୍ବିଧାନିକ ବ୍ୟବସ୍ଥାକୁ ହତ୍ୟା କରିବାର ପ୍ରୟାସ କରୁଛି ବିଜେଡି: ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡି ମୁଖପାତ୍ର ସସ୍ମିତ ପାତ୍ର, ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ତାଙ୍କ ପରିବାର ଆଜି ବିଜେପି ବିରୁଦ୍ଧ ଭିତିହୀନ ବକ୍ତବ୍ୟକୁ ଆମେ ଦୃଢ ନିନ୍ଦା କରୁଛୁ । ଏଥିସହ ବିରୋଧୀ ଦଳନେତା ନବୀନ ପଟ୍ଟନାୟକଙ୍କ ଏହି ପ୍ରସଙ୍ଗରେ ଯେଭଳି ଭାବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ । ଗଣତନ୍ତ୍ରର କିଏ ହତ୍ୟା କରିଛି, ତାହା ଝାରସୁଗୁଡା ଏବଂ ଓଡ଼ିଶାବାସୀଙ୍କୁ ବହୁତ ଭଲ ଭାବରେ ଜଣା । ଗତ ୪ମାସ ହେବ ଝାରସୁଗୁଡା ଜିଲ୍ଲାର କିଛି ସମିତିସଭ୍ୟ ଏବଂ ସରପଞ୍ଚଙ୍କୁ ଜୋରଜବରଦସ୍ତ କେଉଁଠି ଲୁଚେଇକି ରଖିଛନ୍ତି ବିଜେଡି ନେତା? ଗୋଟିଏ ଦଳ ଦୀର୍ଘ ୨୪ବର୍ଷ ଧରି ଶାସନ କଲା ପରେ ନିଜ ଅପାରଗତା କାରଣରୁ ବିତାଡିତ ହେବା ପରେ ମଧ୍ୟ





ଶାସନର ମୋହ ଏପର୍ଯ୍ୟନ୍ତ ଛାଡିନାହିଁ । କିଏ ଏବଂ କେଉଁ ବ୍ୟକ୍ତି ଲୁଚେଇକି ରଖିଥିଲା ତାର ପର୍ଦାଫାସ୍ ହେଉ । ଗତ ୨ଦିନ ତଳେ ଛତିଶଗଡଠାରେ ଏକ ହୋଟେଲରେ ଯେଉଁ ସରପଞ୍ଚ ଏବଂ ସମିତିସଭ୍ୟ ରହିଥିଲେ କିଛି ଲୋକ ଅଚାନକ ସେମାନଙ୍କୁ ଉଠେଇବାକୁ ଯାଇଥିଲେ । ପରେ ରାତି ୨ଟାରେ ନବ ଦାସଙ୍କ ପୁଅ ଗୁଣ୍ଡା ଧରି ହୋଟେଲ ଭାଙ୍ଗିବାକୁ ଚେଷ୍ଟା କରିବା ସହ ସରପଞ୍ଚ ଏବଂ ସମିତିସଭ୍ୟଙ୍କୁ ଉଠେଇବାକୁ ଚେଷ୍ଟା କରିଥିଲେ । ଗୁଣ୍ଡାଗର୍ଦ୍ଦୀ କରିବା ପୂର୍ବ ସରକାରର ନୀତି ଓ ଆଦର୍ଶ ଥିଲା । ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ । ବିଜେଡିର ୨୪ବର୍ଷ ଶାସନ କେବଳ ଗୁଣ୍ଡାଗର୍ଦ୍ଦୀରେ ବିତିଛି । ବିଜେଡି ଶାସନ ସମୟରେ କହୁଥିଲେ ଆଇନ ତା ବାଟରେ ଯିବ, ମାତ୍ର ସେତେବେଳେ ତା ହେଉନଥିଲା । ଏବେ ଯେତେବେଳେ ଆଇନ ନିଜ ବାଟରେ ଯାଉଛି ସେତେବେଳେ ବିଜେଡି ତାକୁ ବିରୋଧ କରୁଛି ବୋଲି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂ କହିଛନ୍ତି ଯେ, ଯେଉଁମାନେ ଅନାସ୍ଥା ପ୍ରସ୍ତାବର ଦସ୍ତଖତ କରିଥିଲେ ସେହି ସରପଞ୍ଚ ଓ ସମିତି ସଭ୍ୟମାନେ ଦୀର୍ଘ ୪ମାସ ହେବ କାହିଁକି ସେ ଅଞ୍ଚଳରେ ନଥିଲେ, ତାଙ୍କୁ କିଏ ବଳପୂର୍ବକ ନେଇ ଯାଇଥିଲା? ଯେଉଁମାନେ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନେଇଥିଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଦରକାର । ଗଣତନ୍ତ୍ର ପରେ ସାମ୍ବିଧାନିକ ବ୍ୟବସ୍ଥାକୁ ହତ୍ୟା କରାଯିବାର ପ୍ରୟାସ କରାଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି । ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କିର୍ମିରା ଅନାସ୍ଥା ଭୋଟ ଘଟଣା

# ବିଜେପି ପୋଲିସକୁ ହାତବାରିସୀ କରି ଗଣତନ୍ତ୍ରକୁ ହତ୍ୟା କରିଛି: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିର୍ମିରା ଅନାସ୍ଥା ଭୋଟ ଘଟଣାରେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନ ଠାରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଡଃ ସସ୍ମିତ ପାତ୍ର ଓ ଝାରସୁଗୁଡାର ପୂର୍ବତନ ବିଧାୟିକା ସୁଶ୍ରୀ ଦୀପାଳି ଦାସ କହିଥିଲେ ରାଜ୍ୟ ବିଜେପି ସରକାର, କିର୍ମିରା ଅନାସ୍ଥା ଭୋଟରେ ତାଙ୍କ ଦଳର ପରାଜୟ ନିଶ୍ଚିତ ବୋଲି ଜାଣି ନିର୍ବାଚନ ନ କରାଇଦେବା ପାଇଁ ଷଡ଼ଯନ୍ତ୍ର କରିଥିଲେ । ଏହି ଷଡ଼ଯନ୍ତ୍ରରେ ଓଡିଶା ଓ ଛତିଶଗଡ଼ ପୋଲିସକୁ ସାମିଲ କରାଯାଇଛି । ପଞ୍ଚାୟତ ପ୍ରତିନିଧିଙ୍କୁ ପୋଲିସ ଦ୍ୱାରା ଜୋର ଜବରଦସ୍ତ ଅଟକ ରଖି ସେମାନଙ୍କୁ ଅନାସ୍ଥା ଭୋଟରୁ ବିରତ ରଖିଥିଲେ । ନିର୍ବାଚିତ ପ୍ରତିନିଧି ମାନେ ସ୍ୱଇଚ୍ଛାରେ ଆସିଛନ୍ତି ବୋଲି ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସେମାନଙ୍କୁ ଛାଡି ନଥିଲେ । ସୁଶ୍ରୀ ଦାସ କହିଥିଲେ, ପ୍ରଥମେ ସେମାନେ ଅନାସ୍ଥା ଭୋଟ ନହେଉ ବୋଲି ଚାହୁଁଥିଲେ । ସେଥିପାଇଁ କିର୍ମିରା ପଞ୍ଚାୟତର ଦୁଇ ତୃତୀୟାଂଶ ପଞ୍ଚାୟତ ପ୍ରତିନିଧି ମାନେ ଅନାସ୍ଥା ନୋଟିସ ଦେବା ସତ୍ତ୍ୱେ ପ୍ରଶାସନ ଅନାସ୍ଥା ଭୋଟ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲା । ଉଚ୍ଚ ନ୍ୟାୟାଳୟ ଏହି ମାମଲାରେ ହସ୍ତକ୍ଷେପ କରି ଜାନୁଆରୀ ୧୦ ତାରିଖ ସୁଦ୍ଧା ନିର୍ବାଚନ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବିଜେପି ପୋଲିସକୁ ହାତବାରିସୀ କରି ଗଣତନ୍ତ୍ରକୁ ହତ୍ୟା କରିଛି । ବିଜେପିର ସତସାହସ ଥିଲେ ଦୁଇ ଦିନ ଭିତରେ ନିର୍ବାଚନ କରନ୍ତୁ । ବିଜୁ ଜନତା ଦଳର ରାଜ୍ୟସଭା ସଦସ୍ୟ ଡଃ ସସ୍ମିତ ପାତ୍ର କହିଥିଲେ, ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଦଳ ତରଫରୁ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଗଠନ କରିଛନ୍ତି । ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଏହି ଟିମ୍ ଗଠନ ହୋଇଛି ଓ ଅତିଶୀଘ୍ର ଏହି ଟିମ୍ ସେଠାକୁ ଯିବ ଓ ସମଗ୍ର ଘଟଣାର ତଥ୍ୟ ସଂଗ୍ରହ କରି ଦଳର ସଭାପତିଙ୍କ ନିକଟରେ ଉପସ୍ଥାପନ କରିବେ ।

## ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଉଦ୍‌ଯାପିତ

# ଓଡ଼ିଶୀ ଓ ମଣିପୁରୀ ନୃତ୍ୟରେ ଦର୍ଶକ ବିମୋହିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁକ୍ତେଶ୍ୱର ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହେଉଥିବା ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଉଦଯାପନୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଶେଷ ସନ୍ଧ୍ୟାର ପ୍ରଥମ ଚରଣରେ ଗୁଡ଼ଲି ରଥ ଏବଂ ସାଥୀଙ୍କ ଦ୍ୱାରା ଶିବ ବନ୍ଦନା ପରିବେଷଣ କରାଯାଇଥିଲା। ଏହାପରେ ନୃତ୍ୟଶିଳ୍ପୀ ସୋହିନୀ ବନ୍ଦୋପାଧ୍ୟାୟଙ୍କ ଦ୍ୱାରା କଥକ, ପୂର୍ଣ୍ଣଶ୍ରୀ ରାଉତ ଏବଂ ଡ଼. ଅନିଶ ରାଗଭନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରିଶେଷରେ ନୃତ୍ୟଶିଳ୍ପୀ ସୁମନ ସରଓ୍ୱଗୀ ଏବଂ ଗ୍ରୁପ ମଣିପୁରୀ ନୃତ୍ୟ ପରିବେଷଣ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ପ୍ରଫେସର ସବିତା ପ୍ରଧାନ, ବିଶିଷ୍ଟ ନାଟ୍ୟକାର ଦୋଳଗୋବିନ୍ଦ ରଥ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଇଲିଆନା ସିତାରିଷ୍ଟ, ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ.ଭାଗ୍ୟଲିପି ମଲ୍ଲ ଓ ବିଶିଷ୍ଟ ସାହିତ୍ୟିକ ଡ଼. ମିହିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷ ୧୮ତମ ପ୍ରବାସୀ ଭାରତୀୟ ଦିବସ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବାରୁ ବହୁ ପ୍ରବାସୀ ଭାରତୀୟମାନେ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଦେଖିବାକୁ ଆସିଥିଲେ। ଉତ୍ସବରେ ଭାରତର ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଦେଖିବାକୁ ମିଳିଥିବାରୁ ପ୍ରବାସୀ ଭାରତୀୟମାନେ ଏହାର ଭୂୟସୀ ପ୍ରଶଂସା ମଧ୍ୟ କରିଥିଲେ।

## ସୁଭଦ୍ରା ପୋର୍ଟାଲ୍‌ରୁ ଭୁଲ୍‌ରେ ନାମ ବାଦ୍ ହୋଇଥିଲେ କରିହେବ ପୁନଃ ସାମିଲ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁଭଦ୍ରା ପୋର୍ଟାଲରେ ନାମ ଯୋଡ଼ିବା ସୁବିଧା ଉପଲବ୍ଧ କରାଯାଇଛି । ଏହା ଦ୍ୱାରା ଯେଉଁମାନେ ଭୁଲରେ ନାମ ବାଦ ହୋଇଯାଇଥିଲେ ସେମାନେ ପୁନର୍ବାର ସୁଭଦ୍ରାରେ ସାମିଲ ହେବାର ସୁଯୋଗ ପାଇପାରିବେ । ଏହି ସୁବିଧା ଉପଲବ୍ଧ ହେବା ପରେ ପ୍ରାୟ ୮୦୦୦ରୁ ଅଧିକ ଆବେଦନକାରୀ ସୁଭଦ୍ରାରେ ପୁନଃସାମିଲ ହୋଇସାରିଛନ୍ତି । ତେଣୁ ଯେଉଁ ମାନେ ଭୁଲରେ ନାମ ବାଦ ହୋଇଯାଇଥିଲେ, ସେମାନେ ଏହାର ସୁବିଧା ନେବାକୁ ମହିଳା ଏବ ଶିଶୁ ବିକାଶ ବିଭାଗ ତରଫରୁ ସୂଚନା ଦିଆଯାଇଛି । ସେହିପରି ଖୁବ ଶୀଘ୍ର ଚତୁର୍ଥ ପର୍ଯ୍ୟାୟ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରଦାନ କରାଯିବ । ହେଲେ ଏବେ ବି ଦୁଇ ଲକ୍ଷ ରୁ ଉର୍ଦ୍ଧ୍ୱ ଆବେଦନକାରୀ ସେମାନଙ୍କର ଇ-କେୱାଇସି କରିନାହାନ୍ତି ଅବା ଓଟିପି ମାଧ୍ୟମରେ ଇ-କେୱାଇସି କରିଛନ୍ତି । ଯୋଗ୍ୟ ବିବେଚିତ ହେଲେ ମଧ୍ୟ ସେମାନେ ଅର୍ଥରାଶି ପାଇବାରେ ଅସୁବିଧା ହେବ । ତେଣୁ ତୁରନ୍ତ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ରକୁ ଯାଇ ବାୟୋମେଟ୍ରିକ ପଦ୍ଧତିରେ ନିଜର ଇ-କେୱାଇସି କରିନେବାକୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି ।



ଓଡ଼ିଶା ଭାସ୍କର
ଦୃଷ୍ଟିପାତ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ
ହୁଅଇ ତାହାର ଲବେ।
-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର
-ଭକ୍ତକବି ମଧୁସୂଦନ ରାଓ



# ତେଲ, କେନ୍ ସରୋ-ୱିବା ଏବଂ ଅଭିଶପ୍ତ ନାଇଜେରିଆ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

କୁହାଯାଏ ଗରିବଘରର ସୁନ୍ଦରୀ ସ୍ତ୍ରୀ ଓ ଗରିବଦେଶର ପ୍ରାକୃତିକ ପ୍ରାଚୁର୍ଯ୍ୟ ଉପରେ ସମସ୍ତଙ୍କ ନଜର। ପୃଥିବୀ ଇତିହାସକୁ ଦେଖିଲେ ଏହାର ସତ୍ୟତା ଜଣାପଡ଼େ। ଷୋଡ଼ଶ/ସପ୍ତଦଶ ଶତାବ୍ଦୀରେ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏସିଆ-ଆଫ୍ରିକା ମହାଦେଶର ପ୍ରାୟ ସମସ୍ତ ଦେଶକୁ ୟୁରୋପୀୟ ଦେଶମାନେ ନିଜର ଉପନିବେଶ କରି ଶୋଷଣ କରିବାକୁ ଲାଗିଲେ। ତାଙ୍କ ଦେଶରେ ତାଙ୍କୁ ଖଟେଇ ସବୁ ସମ୍ପଦ ନିଜ ଦେଶକୁ ବୋହିନେଇ ନିଃସ୍ୱ କରିଦେଲେ। କଥା ସେତିକିରେ ସାରିଲାନି। ଦୋହନ ଏପରି ଅବସ୍ଥାରେ ପହଞ୍ଚିଲା ଅନେକ ଦେଶ ଶହଶହ ବର୍ଷ ଧରି ଉଠି ପାରିଲେନି। ଅନେକ କାଳକାଳ ଧରି ରୋଗଭୋକରେ ବୁଡ଼ି ରହିଲେ।

ନାଇଜେରିଆ ଆଫ୍ରିକାର ଏକ ବଡ଼ ଦେଶ। ସୁନ୍ଦର ଭୌଗୋଳିକ ଛଟା, ପ୍ରାକୃତିକ ପରିବେଶ, ଅଧିକ ଜନସଂଖ୍ୟା, ବିଭିନ୍ନ ଭାଷା ଓ ସମ୍ପ୍ରଦାୟର ଲୋକ ଏବଂ ସଂସ୍କୃତି ଓ ପରମ୍ପରାକୁ ନେଇ ଏହି ଦେଶ 'ଜାଏଣ୍ଟ ଅଫ୍ ଆଫ୍ରିକା' ଭାବରେ ଜଣା। ଆଫ୍ରିକାର ସର୍ବବୃହତ ତୈଳ ଭଣ୍ଡାର, ଖଣିଜ ପଦାର୍ଥ ଏବଂ ଚାଷଜମିର ମାଲିକ ନାଇଜେରିଆ ଆଜି କିନ୍ତୁ ଏକ ଗରିବଦେଶ। ପ୍ରାକୃତିକ ଆଶୀର୍ବାଦ ହିଁ ତା' ପାଇଁ ଅଭିଶାପ ପାଲଟିଛି। ଏବେ ମଧ ତା'ର ତେଲଖଣିକୁ ଅଧିକାର କରିବା ପାଇଁ ଆମେରିକା ବିଭିନ୍ନ ଉପାୟ କରୁଛି।

ଇଂଲଣ୍ଡରେ ସାମୁଏଲ୍ ନାମକ ଜଣେ ଧନୀ ବ୍ୟବସାୟୀ ଥିଲେ। ବିଦେଶକୁ ଶାମୁକା (ସି-ସେଲ୍) ରପ୍ତାନି କରୁଥିଲେ । ତାଙ୍କ ମୃତ୍ୟୁ ପରେ ପୁଅ ମାର୍କସ ପିତାଙ୍କର ଶାମୁକା ବ୍ୟବସାୟ ସହିତ କିରୋସିନ୍ ତେଲର ବ୍ୟବସାୟ ଆରମ୍ଭ କଲେ। ବାହାର ଟ୍ୟାଙ୍କର୍ ବ୍ୟବସ୍ଥା ବ୍ୟବହାର କରିବା ପରିବର୍ତ୍ତେ ସେ ନିଜର ଟ୍ୟାଙ୍କର ବ୍ୟବସ୍ଥା କଲେ ଏବଂ ଏସିଆର ଉପନିବେଶ ଦେଶମାନଙ୍କୁ ପଠେଇଲେ। ଏହା ତାଙ୍କୁ ଆଶାତୀତ ଲାଭ ଦେଇଥିଲା। ସେତେବେଳେ 'ଷ୍ଟାଣ୍ଡାର୍ଡ' ଥିଲା ଆଉ ଗୋଟିଏ ମାତ୍ର ତେଲକମ୍ପାନୀ। ମାର୍କସ୍ଙ୍କର ଲାଭ ଦେଖି 'ଷ୍ଟାଣ୍ଡାର୍ଡ' ତାଙ୍କୁ ଏକ ମିଳିତ ବ୍ୟବସାୟ କରିବାକୁ ଅନୁରୋଧ କଲା। ମାତ୍ର ଲାଭର ପରିମାଣ ଦେଖି ମାର୍କସ ପେଟ୍ରୋଲିୟମ ବ୍ୟବସାୟ ଆରମ୍ଭ କଲେ। ୧୮୬୦ ମସିହାରେ ରୟାଲ ଡଚ୍ ପେଟ୍ରୋଲିୟମ୍ କମ୍ପାନୀ ସହିତ ମିଶି ପିତାଙ୍କ ବ୍ୟବସାୟର ନାମାନୁସାରେ 'ସେଲ୍' ନାମରେ କମ୍ପାନୀ ସ୍ଥାପନା କଲେ।

ତୈଳବ୍ୟବସାୟରେ ଅଳ୍ପସଂଖ୍ୟାର ବ୍ୟବସାୟୀ ଏବଂ ତେଲର ଅଧିକ ଚାହିଦା ଥିବାରୁ ଅଳ୍ପଦିନରେ ସେଲ୍ ପୃଥିବୀରେ ପ୍ରସିଦ୍ଧ ହୋଇଗଲା ଏବଂ ତେଲ ଜଗତରେ ଅପ୍ରତିଦ୍ୱନ୍ଦ୍ୱୀ ହୋଇ ଉଠିଲା। କମ୍ପାନୀ ଏତେ ବଡ଼ ଥିଲା ଯେ କୁହାଯାଏ ଯଦି ଏହା ନ ଥାଆନ୍ତା ତେବେ ଇଂଲଣ୍ଡ ପ୍ରଥମ ବିଶ୍ୱଯୁଦ୍ଧ ଜିତିପାରି ନଥାଆନ୍ତା। ବ୍ରିଟିଶ୍ ସେନାକୁ ତେଲ ଯୋଗାଇବାରେ ସେଲ୍ ମୁଖ୍ୟ ଥିଲା। ପ୍ରଥମ ବିଶ୍ୱଯୁଦ୍ଧରୁ ପୃଥିବୀକୁ ଏହି ବାର୍ତ୍ତା ମିଳି ସାରିଥିଲା ଯେ ତେଲ ଏକ ଶକ୍ତିଶାଳୀ ଅସ୍ତ୍ର ଏବଂ ଭବିଷ୍ୟତ ପୃଥିବୀର ବିକାଶର ଇନ୍ଧନ। ବ୍ୟକ୍ତି ବା ଦେଶ - ଯିଏ ଯେତେ ଅଧିକ ତେଲର ଅଧିକାରୀ ସେ ସେତେ ଧନୀ ଓ ଶକ୍ତିଶାଳୀ।

ତେଲ ଏକ ପ୍ରାକୃତିକ ସମ୍ପଦ ହୋଇଥିବାରୁ ସବୁଦେଶରେ ବା ସବୁଜାଗାରେ ଉପଲବ୍ଧ ନୁହେଁ। ତେଲଖଣିରୁ ତେଲ ଉତ୍ତୋଳନ, ତାକୁ ବିଶୋଧନ କରି ବିଭିନ୍ନ ଜାଗାକୁ ପଠେଇବା ଏକ ଖର୍ଚ୍ଚସାପେକ୍ଷ ଏବଂ କଷ୍ଟକର କାମ। ତେଣୁ ପ୍ରଥମ କାମ ଯେଉଁ ଦେଶରେ ତେଲ ଖଣି ସେ ଦେଶରେ ପହଞ୍ଚି ତେଲ ଖଣି କିଣିବା ଏବଂ ଉତ୍ତୋଳନ ଓ ବିଶୋଧନ ନିମନ୍ତେ ଭାରୀଯନ୍ତ୍ର ପ୍ରତିଷ୍ଠା ପାଇଁ ସେ ଦେଶର ସରକାରଙ୍କର ଅନୁମତି ନେବା। ଯେଉଁ ଦେଶରେ ତେଲ ଭଣ୍ଡାର ଥାଏ ସେ ଦେଶ ନିଜର ସମ୍ପଦ ପ୍ରତି ଅଧିକ ସଜାଗ। ଜଣେ କେତେ ପରିମାଣର ତେଲ ଉତ୍ତୋଳନ କରିବ ତାହା ମଧ ସେ ଦେଶର ସରକାର ସ୍ଥିର କରନ୍ତି। ଧନୀ ପ୍ରଭାବଶାଳୀ ଦେଶର ଧନୀ ବ୍ୟବସାୟୀ ଗରିବ ଏସିଆ ଓ ଆଫ୍ରିକା ମହାଦେଶର ଅଧିକାଂଶ ଦୁର୍ନୀତିଗ୍ରସ୍ତ ଶାସକଙ୍କୁ ଧରି ବ୍ୟବସାୟ ନାଆଁରେ ଦେଶକୁ ଲୁଟିବା ସହଜ ଥିଲା। ନାଇଜେରିଆ କ୍ଷେତ୍ରରେ ମଧ ସେଇଆ ହୋଇଥିଲା। ମାର୍କସଙ୍କୁ କୌଣସି ପ୍ରକାରର ପ୍ରତିବନ୍ଧକ ପସନ୍ଦ ନଥିଲା। ନାଇଜେରିଆ ତେଲରେ ଭରପୂର ଥିଲା, ଲୋକେ ଗରିବ ଥିଲେ, ଶାସକ ଥିଲେ ଅତ୍ୟନ୍ତ ଭ୍ରଷ୍ଟ। ମାର୍କସ୍ ୧୯୪୦ ମସିହାରେ ନାଇଜେରିଆରେ ସେଲ୍ କମ୍ପାନୀର ଶାଖା ଖୋଲି ଅର୍ଥବଳରେ କେବଳ ନାଇଜେରିଆର ତେଲଭଣ୍ଡାରରୁ ତେଲ ଉତ୍ତୋଳନ କରିବାର ସୁଯୋଗ ପାଇଲେନି। ନାଇଜେରିଆକୁ ଧ୍ୱଂସ କରିବାର ଅଧିକାର ମଧ୍ୟ ପାଇଗଲେ। ନାଇଜେରିଆର ନିୟମାବଳୀ ଭିତରେ କାମ ଆରମ୍ଭ କଲେ। ସେ ଭଲ ଭାବରେ ଜାଣିଥିଲେ ଯେ ଦେଶର ନିୟମକୁ ନିର୍ବିଘ୍ନରେ ଉଲ୍ଲଂଘନ କରି ସେ ସୁରୁଖୁରୁରେ ତେଲ ଉତ୍ତୋଳନ ଏବଂ ବ୍ୟବସାୟ ଚଳେଇ ପାରିବେ।

**ମୁଦ୍ରା କାହାଣୀ**

ତେଲ ଉତ୍ତୋଳନ ଓ ବିଶୋଧନ ଆରମ୍ଭ ହେଲା। ଅତ୍ୟଧିକ ତୈଳ ଖନନ ଓ ବିତରଣ ଯୋଗୁ ଦେଶର ପରିବେଶ ନଷ୍ଟ ହୋଇଗଲା। ପାଣି, ପବନ, ମାଟି- ସବୁଥିରେ କ୍ଷତିକାରକ ରାସାୟନିକ ତତ୍ତ୍ୱ ମିଶି ସବୁ ପ୍ରଦୂଷିତ। ଚାଷଜମିରେ ଫସଲ ହେଲାନି। ଉତ୍ପନ୍ନ ଖାଦ୍ୟ ବିଷମୟ। କ୍ଷେତରେ ତେଲ ମାଡ଼ିଯାଇ ପରିସ୍ଥିତି ଏପରି ହେଲା ଯେ କୃଷକ କ୍ଷେତକୁ ଦିଆସିଲ ନେଇ ଯିବାକୁ ଡରିଲେ। ଟିକିଏ ନିଆଁ ଲାଗିଲେ ସାରାଫସଲ ଜଳିଯିବାର ଭୟ ରହୁଥିଲା। ପିଇବାକୁ ପାଣି ନଥିଲା। ଚୁଆ, ପୋଖରୀ, ନଦୀନାଳର ପାଣି ଉପରେ ତେଲ ମାଡ଼ି ଯାଇଥିଲା। ଅନୁନ୍ନତ ଦେଶ ନାଇଜେରିଆରେ ରାସ୍ତାଘାଟ ପ୍ରାୟ ନଥିଲା। ଘରଠୁ କ୍ଷେତକୁ ଯିବାକୁ ଲୋକ ନଦୀ ଉପରେ ନିର୍ଭର କରୁଥିଲେ। ନଦୀନାଳରେ ତେଲ ଭର୍ତ୍ତିହେବା ଯୋଗୁ ସେମାନେ ନିଜ ଜମିକୁ ଯାଇ ପାରିଲେନି। ପିଇବା ପାଣିର ଅଭାବ ପୂରଣ ପାଇଁ କୂଅ-ନଳକୂଅ ଖୋଳିଲେ ସେଥିରୁ ତେଲ ବାହାରୁଥିଲା। ବିଷାକ୍ତ ପାଣି ପିଇ ଲୋକ କ୍ୟାନସର, ଶ୍ୱାସ ଏବଂ ହୃଦରୋଗ ଆଦି ବିଭିନ୍ନ ପ୍ରକାରର ରୋଗରେ ପୀଡ଼ିତ ହେଲେ। ଲୋକଙ୍କର ପାଟି ଫିଟେଇବାର ସାହସ ନଥିଲା। କମ୍ପାନୀ ଦେଶର ଶାସକ, ଗଣମାଧ୍ୟମ ଏବଂ ସେନାଙ୍କୁ ପକେଟରେ ରଖି ସାରିଥିଲା। ବିରୋଧ କରୁଥିବା ଲୋକଙ୍କ ବିରୁଦ୍ଧରେ ସେନାବଳ ପ୍ରୟୋଗ ହେଉଥିଲା। ଧୀରେଧୀରେ ଦେଶ ବରବାଦ ହେଉଥିଲା, ଲୋକେ ନୀରବରେ ଦେଖୁଥିଲେ, ଭୋଗୁଥିଲେ ଅକଥନୀୟ ଦୁର୍ଦ୍ଦଶା।

ଖାଦ୍ୟ ନାହିଁ, ପାଣି ନାହିଁ, ଲୋକ କ୍ରୀତଦାସ ପରି ବିଦେଶୀ କମ୍ପାନୀରେ ଖଟିଲେ। ଲୋକେ ଆଉ ସମ୍ଭାଳି ନପାରି କମ୍ପାନୀ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କଲେ। ଦେଶର ଅବସ୍ଥା ପାଇଁ 'ସେଲ୍' ନିଜକୁ ଦାୟୀ କରି କ୍ଷତିପୂରଣ ଦେବାକୁ ଦାବି ହେଲା। ହେଲେ କମ୍ପାନୀ ଯେତେବେଳେ ଶାସକ ଏବଂ ସେନାକୁ ହାତରେ ରଖିଥିଲା, ସାଧାରଣ ଲୋକଙ୍କ କଥା କିଏ ବା ଶୁଣିବ! ଆରମ୍ଭ ହେଲା ଦମନଲୀଳା। ନିରୀହଲୋକଙ୍କ ଉପରେ ଆଖିବୁଜା ଗୁଳିଚାଳନା ହେଲା, ଶହଶହ ଲୋକଙ୍କର ଘର ଜାଳି ଦିଆଗଲା। ଲୋକଙ୍କୁ ଚକିତ କରିଥିଲା ଏସବୁ ବାବଦରେ ସମ୍ବାଦ ବାହାରୁ ନଥିଲା, ଗଣମାଧ୍ୟମ ସଂପୂର୍ଣ୍ଣ ନୀରବ ଥିଲା। ସବୁଠାରୁ ବଡ଼କଥା ସେଲ୍ କମ୍ପାନୀ ଉପରେ ଏହାର କିଛି ପ୍ରଭାବ ପଡୁନଥିଲା। ଏସବୁ ଭିତରେ ୧୯୯୩ ମସିହାରେ ନୂଆ ପାଇପ୍ ଲାଇନ୍ ନିର୍ମାଣ ହେଲା। ଲୋକଙ୍କ ଘର, ଜମି ତା' ଭିତରେ ଚାଲିଗଲା। ପ୍ରତିବାଦ କରିବା ଲୋକଙ୍କ ଉପରେ ଆକ୍ରମଣ ହେଲା। ସରକାର ଓ ସେନାକୁ ଲାଞ୍ଚ ଦେବା ସହ କମ୍ପାନୀ ସେନାକୁ ଆଧୁନିକ ଅସ୍ତ୍ର ଏବଂ ହେଲିକପ୍ଟର ଇତ୍ୟାଦି ଦେଇଥିଲା। ଅର୍ଥ ଦେଇ ସଂପୂର୍ଣ୍ଣ ବ୍ୟବସ୍ଥାକୁ କିଣି ଦେଇଥିଲା କମ୍ପାନୀ। ୨୦୧୮ ମସିହାରେ ପ୍ରଘଟ କିଛି ଗୁପ୍ତକାଗଜରୁ ଜଣାପଡ଼ିଥିଲା ଯେ କମ୍ପାନୀ ନାଇଜେରିଆର ପେଟ୍ରୋଲିୟମ୍ ମନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କୁ ୩.୧ ବିଲିଅନ୍ ଡଲାରର ସମ୍ପତ୍ତି ପ୍ରଦାନ କରିଥିଲା। ଏହା କେବଳ ସରକାରୀସ୍ତରରେ ସୀମିତ ନଥିଲା। ପରିବେଶବିତ୍ଙ୍କୁ ମଧ ଅର୍ଥ ଅନୁଗ୍ରହ ପ୍ରଦାନ କରିବାର ଶୁଣାଯାଏ। କମ୍ପାନୀ ପରିବେଶ ଓ ସାମାଜିକ ମଙ୍ଗଳ କାମର ଦାବି କରୁଥିଲେ ମଧ ପ୍ରକୃତରେ ସେମିତି କିଛି ହୋଇନି ବୋଲି ଲୋକେ କହନ୍ତି।

ଶୋଷଣର ସୀମା ଟପି ସାରିଥିଲା। ଲୋକେ ଅତିଷ୍ଠ ହୋଇ ପଡ଼ିଥିଲେ। ଜୀବନମରଣର ଭୟ ଭିତରେ କେନ୍ ସରୋ-ୱିବା ନାମକ ଜଣେ ବ୍ୟକ୍ତି ଲୋକଙ୍କର ସ୍ୱର ହୋଇ ପ୍ରତିବାଦର ନେତୃତ୍ୱ ନେବାକୁ ଆଗେଇ ଆସିଲେ। ସେ ଜଣେ ଶିକ୍ଷକ, ଲେଖକ ଓ ପରିବେଶବିତ୍ ଥିଲେ। କମ୍ପାନୀକୁ ଦେଶରୁ ବାହାର କରିବା ପାଇଁ ସେ ପ୍ରସ୍ତୁତ ହୋଇସାରିଥିଲେ। ତେଣୁ ତାଙ୍କର ଭୟ ମରି ସାରିଥିଲା। କେନ୍ ଘରଘର ବୁଲି କମ୍ପାନୀ ବିରୁଦ୍ଧରେ ଲୋକଙ୍କୁ ମତେଇଲେ। ଧୀରେଧୀରେ ପ୍ରତିବାଦ ବଢ଼ିଲା। ଉତ୍ତୋଳନ ଠାରୁ ପରିବହନ ପର୍ଯ୍ୟନ୍ତ-ସବୁଜାଗାରେ ବିରୋଧ ପ୍ରଦର୍ଶନ କରାଗଲା। କମ୍ପାନୀର କାମରେ ବାଧା ଆସିଲା। କମ୍ପାନୀ ଏଥିପାଇଁ କେନ୍ଙ୍କୁ ମୂଳକାରଣ ବୋଲି ଧରି ତାଙ୍କୁ ସବୁଦିନ ପାଇଁ ହଟେଇବା ପାଇଁ ଯୋଜନା କଲା।

କମ୍ପାନୀ କେନ୍ଙ୍କ ଗାଆଁର ଚାରିଜଣ ଲୋକଙ୍କୁ ହତ୍ୟା କରି ଏହାର ଦୋଷ କେନ୍ ଓ ତାଙ୍କର ନ'ଜଣ ସହଯୋଗୀଙ୍କ ଉପରେ ଲଦି ଦେଲା। ଗାଆଁଲୋକଙ୍କୁ ଟଙ୍କା ଦେଇ କେନ୍ଙ୍କ ବିରୁଦ୍ଧରେ ସାକ୍ଷୀ ଯୋଗାଡ଼ିବାରେ ସଫଳ ହେଲା। ୧୯୯୫ ମସିହାରେ କେନ୍ ଏବଂ ତାଙ୍କର ନ'ଜଣ ସହଯୋଗୀଙ୍କୁ ଫାଶୀ ଦିଆଗଲା। ଲୋକ ଜାଣିଲେ ଯିଏ ପ୍ରତିବାଦ କରିବ ସେ ମରିବ। ହେଲେ ନିଜ ପ୍ରିୟଜନଙ୍କୁ ହରାଇଥିବା ଲୋକ କମ୍ପାନୀ ବିରୁଦ୍ଧରେ ନେଦରଲ୍ୟାଣ୍ଡର ନ୍ୟାୟାଳୟରେ ମାମଲା ରୁଜୁ କଲେ। ସାକ୍ଷୀ ଦେଇଥିବା ଲୋକ ମାନିଲେ ସେମାନେ କମ୍ପାନୀ ଠାରୁ ଅର୍ଥ ନେଇ ମିଛସାକ୍ଷୀ ଦେଇଥିଲେ। ସବୁ ଜଣା ପଡ଼ିଥିଲେ ମଧ କମ୍ପାନୀକୁ କେବଳ ଜୋରିମାନା ହେଲା। ଅର୍ଥ ଆଗରେ ନ୍ୟାୟ ଅସହାୟ ଥିଲା।

୨୦୧୧ ମସିହାରେ ଚାଳିଶହଜାର ବ୍ୟାରେଲ୍ ତେଲ ନାଇଜେରିଆର ଜୀବନଧାରା ନାଇଜର ନଦୀରେ ମିଶିଗଲା। ଲୋକମାନେ ପାଣି ନପାଇ ତହଲବିକଳ ହେଲେ। ତଥାପି କମ୍ପାନୀ ଉଦାସୀନ। ନାଇଜେରୀୟ ଶ୍ରମିକଙ୍କ ଭୁଲ୍ରୁ ଏପରି ପରିସ୍ଥିତି ହୋଇଛି ବୋଲି ତା'ର ଯୁକ୍ତି। ୨୦୧୭ ମସିହାର ଏକ ରିପୋର୍ଟ ଅନୁସାରେ ନଦୀର ଦଶ କିଲୋମିଟର ପରିଧିରେ ଥିବା ମହିଳାଙ୍କର ଗର୍ଭରେ ଥିବା ପିଲାଙ୍କ ଭିତରୁ ପ୍ରଥମ ମାସରେ ଅନେକଙ୍କର ମୃତ୍ୟୁ ହେଲା। ବଞ୍ଚିଯାଇଥିବା ପିଲା ଶାରୀରିକ ଓ ମାନସିକ ବିକଳାଙ୍ଗ ହୋଇ ଜନ୍ମ ହେଲେ। କେବଳ ଏତିକି ନୁହେଁ, ଭବିଷ୍ୟତରେ ଜନ୍ମ ନେବାକୁ ଥିବା ପିଲାଙ୍କ ଉପରେ ଏହାର ପ୍ରଭାବ ରହିବ ବୋଲି ଜଣାପଡ଼ିଲା। ଲୋକମାନେ ଏବେ ସଶସ୍ତ୍ର ବିରୋଧ କରୁଛନ୍ତି ହେଲେ ତା'ର ପ୍ରଭାବ କିଛି ପଡୁନି। ଏସବୁ ଭିତରେ କମ୍ପାନୀର ବେପାର ଯଥାବତ୍ ଚାଲିଛି। ଲୋକଙ୍କର ପ୍ରତିବାଦ ମଧ ଚାଲିଛି। ନାଇଜେରିଆର ଭାଗ୍ୟରେ ଆହୁରି ନିଷ୍ପେଷଣ ବାକି ଅଛି।

# ବିବାହ ଓ ବୀମା : କେତେ ଜରୁରି ?

ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ସମସ୍ତଙ୍କ ଜୀବନରେ ବିବାହ ଏକ ସ୍ମରଣୀୟ ଓ ସ୍ମୃତି ଅଭୁଲା। ଏବେ ଜୋରଦାର ଭାବେ କହିବାକୁ ଗଲେ ବିବାହ ଋତୁର ଅବସର। ଅନେକ ଲୋକମାନେ ଏହାକୁ ବେଶ ବ୍ୟବସ୍ଥିତ କରିବା ପାଇଁ ଆଜିକାଲି ଲୋକେ ବୀମା ବା ଇନସୁରାନ୍ସ କରୁଛନ୍ତି। ବାହାଘର ବୀମା କଥା ଶୁଣିଲେ ବୟସ୍କ ଲୋକଙ୍କୁ ଅଜବ ଲାଗିପାରେ, ଏହା ଆଜି ଦିନରେ ଜରୁରି ହୋଇଗଲାଣି। ବିବାହ ବୀମା ହେଉଛି ଏକ ପ୍ରକାର ସ୍ୱତନ୍ତ୍ର ଇଭେଣ୍ଟ ପଲିସି, ଯାହା ବିବାହ ଉତ୍ସବ ବାତିଲ କିମ୍ବା କୌଣସି ଅଘଟଣ ଜଡ଼ିତ ଆର୍ଥିକ କ୍ଷତିର ଭରଣା କରିଥାଏ। ଏହା ଜରିଆରେ ଗ୍ରାହକଙ୍କୁ କମ୍ପାନୀ ନିଶ୍ଚିତ କରେ ଯେ ବୀମାଭୁକ୍ତ ବ୍ୟକ୍ତିଙ୍କ ଜୀବନର ସବୁଠାରୁ ସ୍ମରଣୀୟ ଦିନଟି ସମ୍ପୂର୍ଣ୍ଣ ରୂପେ ଉଦ୍‌ବେଗଶୂନ୍ୟ ଓ ଚାପମୁକ୍ତ ରହିବ। ବିବାହ ବାତିଲ ହେଲେ କିମ୍ବା କୌଣସି ଦୁର୍ଘଟଣା ଘଟିଲେ କମ୍ପାନୀ ଏହା ଜନିତ କ୍ଷତିର ଭରଣା କରିଥାଏ। ସେହିପରି ବିବାହ ବେଳେ ଯଦି କିଛି ଝଗଡ଼ା ହୁଏ କିମ୍ବା ଅଗ୍ନିକାଣ୍ଡ ହୁଏ, ବାତ୍ୟା, ସୁନାମୀ ପରି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଅଥବା ଦଙ୍ଗା, କର୍ଫ୍ୟୁ ସ୍ଥାନୀୟ ପୋଲିସ ବା ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ହୁଏ ତେବେ ବୀମାଧାରୀଙ୍କୁ କମ୍ପାନୀ କ୍ଷତିପୂରଣ ଦେଇଥାଏ। ବିବାହ ବେଳେ ବରକନ୍ୟା କିମ୍ବା ସେମାନଙ୍କ ରକ୍ତ ସମ୍ପର୍କୀୟ ପିତାମାତା, ଭାଇ, ଭଉଣୀଙ୍କ ମୃତ୍ୟୁ କିମ୍ବା ଦୁର୍ଘଟଣା ଘଟେ ତେବେ କମ୍ପାନୀ ଆବଶ୍ୟକତା ଅନୁଯାୟୀ କ୍ଷତିପୂରଣ ଦେଇଥାଏ। ଏହି ଭରଣା କେବଳ ବିବାହ ସମୟର ଅଘଟଣ ଲାଗି କାର୍ଯ୍ୟକାରୀ ହୋଇଥାଏ।

ତେବେ ଏ କ୍ଷେତ୍ରରେ ଏକ ବ୍ୟବସ୍ଥା ହେଉଛି ଯେ ବୀମାଧାରୀ (ଏହି ବର୍ଗରେ ବର, ବର ର ପରିବାର, ସମ୍ପର୍କୀୟ ଓ ବନ୍ଧୁ) ଓ ଇଭେଣ୍ଟ ସହିତ ଜଡ଼ିତ ଅନ୍ୟ କୌଣସି ବ୍ୟକ୍ତିଙ୍କ ମଧ୍ୟରେ କିମ୍ବା ବୀମାଭୁକ୍ତ ବର, ବରର ସମ୍ପର୍କୀୟ ଆଇନଗତ ବିବାଦ, ସରକାରୀ ମାମଲା, ସମନ ଇତ୍ୟାଦି ଯୋଗୁଁ ଯଦି ବିବାହ ବାତିଲ ହୋଇଥାଏ ତେବେ ଏହା ବୀମା ପରିସରଭୁକ୍ତ ହେବନାହିଁ। ବୀମା ପ୍ରିମିୟମର ପରିମାଣ ଓ ପ୍ରକାର ଉପରେ କ୍ଷତିପୂରଣ ନିର୍ଭର କରେ। ସାଧାରଣତଃ ଏକ ଭାରତୀୟ ବିବାହରେ ବୀମାରାଶି ୫ଲକ୍ଷରୁ ନେଇ କୋଡ଼ିଏ ଲକ୍ଷ ପର୍ଯ୍ୟନ୍ତ ରହିଥାଏ। ଏଥିରେ ବିବାହ ସ୍ଥାନ, ସାଜସଜ୍ଜା, ପୋଷାକ, କ୍ୟାଟରିଂ, ଅଳଙ୍କାର, ଫଟୋଗ୍ରାଫି ଓ ଅନ୍ୟାନ୍ୟ ଖର୍ଚ୍ଚ ବୀମା ପରିସରଭୁକ୍ତ। ବୀମାର ଅବଧି ସାତ ଦିନ ରହିଥାଏ। ତେଣୁ ବିବାହ ପରି କ୍ଷେତ୍ରରେ ଆଦୌ ବିଚଳିତ ନିଷ୍ପତ୍ତି ନିଅନ୍ତୁ ନାହିଁ। ଖୁବ ଭଲ ଭାବେ ଏ ସମ୍ବନ୍ଧରେ ହୃଦୟଙ୍ଗମ କରି ଏବଂ ଆବଶ୍ୟକୀୟ କାଗଜପତ୍ର ବୁଝିବା ସହ ପରିବାର ଓ ଶୁଭେଚ୍ଛୁଙ୍କ ପରାମର୍ଶ ନେଇ ନିଷ୍ପତ୍ତି ନିଅନ୍ତୁ।

# ରାଷ୍ଟ୍ରୀୟ ଯୁବା ଦିବସର ଲକ୍ଷ୍ୟ



ଶ୍ରୁତକୀର୍ତ୍ତି ତ୍ରିପାଠୀ
ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

୧୯୮୪ ମସିହାରେ ଭାରତ ସରକାର ଜାନୁଆରୀ ୧୨କୁ 'ରାଷ୍ଟ୍ରୀୟ ଯୁବା ଦିବସ' ରୂପେ ଘୋଷଣା କଲେ ଏବଂ ୧୯୮୫ରୁ ପ୍ରତିବର୍ଷ ଏହି ଦିନଟିକୁ ଭାରତରେ ଉତ୍ସାହର ସହ ପାଳନ କରାଯାଉଛି। ଯୋଗୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନକୁ ଯୁବା ଦିବସ ରୂପେ ପାଳନ କରାଯିବା ପଛରେ କାରଣ ଏହା ଯେ, ତାଙ୍କର ଦର୍ଶନ ଓ ଆଦର୍ଶ ଭାରତୀୟ ଯୁବକଙ୍କ ପାଇଁ ଏକ ବଡ଼ ପ୍ରେରଣାର ଉତ୍ସ। ଆମ ଦେଶରେ ବିଦ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷା ଅନୁଷ୍ଠାନ ଗୁଡିକରେ ଏହି ଦିନଟିକୁ ଶୋଭାଯାତ୍ରା, ଭାଷଣ, ସଙ୍ଗୀତ, ଯୁବ ସମ୍ମିଳନୀ, ସେମିନାର, ଯୋଗାସନ, ପ୍ରବନ୍ଧ-ଲିଖନ, କବିତାପାଠ, ଆଲେଖ୍ୟ ଏବଂ ପ୍ରତିଯୋଗିତା ମାଧ୍ୟମରେ ପାଳନ କରାଯାଉଛି। ସ୍ୱାମୀ ବିବେକାନନ୍ଦଙ୍କ ଲେଖନୀ ଭାରତୀୟ ଆଧ୍ୟାତ୍ମିକ ପରମ୍ପରା ଉପରେ ପର୍ଯ୍ୟବେକ୍ଷିତ। ତାଙ୍କ ଭଳି ଆଉ ଜଣେ ଦାର୍ଶନିକ, ସମାଜ ସୁଧାରକ ଏବଂ ବିଚାରକ ଜନ୍ମ ନେବା ବିରଳ।

ବିବେକାନନ୍ଦଙ୍କ ବେଦାନ୍ତ ଶିକ୍ଷା ତାଙ୍କୁ ବିଶ୍ୱ ଦରବାରରେ ପରିଚୟ ପ୍ରଦାନ କରିଛି। ଖୁବ୍ କମ୍ ବୟସରୁ ବ୍ରାହ୍ମ ସମାଜ ଆନ୍ଦୋଳନରେ ସେ ନିଜକୁ ସାମିଲ କରିଥିଲେ। ଶିକ୍ଷାର ପ୍ରକୃତ ଅର୍ଥ ଧର୍ମନିରପେକ୍ଷ ଶିକ୍ଷା ; ଯାହା ଛାତ୍ରଛାତ୍ରୀଙ୍କର ବ୍ୟକ୍ତିତ୍ୱକୁ ଆକାର ଦିଏ, ସେମାନଙ୍କ ଭିତରେ ମାନବୀୟ ମୂଲ୍ୟର ସଞ୍ଚାର କରେ। ଧୈର୍ଯ୍ୟ ଓ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି। ଦେଶର ଯୁବବର୍ଗଙ୍କର ଏହା କର୍ତ୍ତବ୍ୟ ହେବା ଉଚିତ ଯେ ସେମାନେ ନିଜ ପ୍ରତି, ନିଜ ପରିବାର ପ୍ରତି, ସମାଜ ପ୍ରତି ଏବଂ ପରିଶେଷରେ ଦେଶ ପ୍ରତି ଦାୟିତ୍ୱବାନ ହୁଅନ୍ତୁ। ଯୁବକମାନଙ୍କ ଭିତରେ ଚମତ୍କାର ଉର୍ଜା ଭରି ରହିଥାଏ, ଏଣୁ ସେମାନେ ଶକ୍ତିଶାଳୀ ପରିବର୍ତ୍ତନ ଆଣିବାରେ ସକ୍ଷମ ଅଟନ୍ତି। ବିବେକାନନ୍ଦଙ୍କ ଉକ୍ତିରେ- 'ଜୀବନରେ ସଂଘର୍ଷ ଗୁଡିକୁ ଗ୍ରହଣ କର। ଯଦି ସେଥିରେ ବିଜୟୀ ହେଉଛ ତେବେ ନେତୃତ୍ୱ ନେବ, ଆଉ ଯଦି ପରାଜିତ ହେଉଛ ତେବେ ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶନ ସାଜି ପାରିବ।' ଅସୀମ ଇଚ୍ଛାଶକ୍ତିର ଅଧିକାରୀ କେବେହେଲେ କୌଣସି ବିଷୟକୁ ଅସମ୍ଭବ ମନେ କରେ ନାହିଁ । ମାନସିକ ଦୁର୍ବଳତା ଆଗରେ ପରାଜୟ ସ୍ୱୀକାର ନକରି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟିତ ରହିବାକୁ ହେବ। ଲୋକେ କ'ଣ ଭାବିବେ ନଭାବିବେ ସେଥିପ୍ରତି ଭ୍ରୂକ୍ଷେପ ନକରି, ପାରିପାର୍ଶ୍ୱିକ ସୁବିଧା, ଅସୁବିଧା, ବାଧାବିଘ୍ନକୁ ସାହସର ସହ ଏଡ଼ାଇ ଦେଇ ପଥଭ୍ରଷ୍ଟ ନହେବାର ପ୍ରେରଣା ଦେଉଥିଲେ ବିବେକାନନ୍ଦ। ସେ ଆଜି ନ ଥିଲେ ମଧ ଅଦୃଶ୍ୟରେ ରହି ଆମକୁ ବାରମ୍ବାର ସ୍ମରଣ କରାଇ ଦେଉଛନ୍ତି - 'ହେ ମାନବ ସମାଜ ! ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ମନୋବଳକୁ ସୁଦୃଢ଼ କର, ଉଠ, ଜାଗ ଏବଂ ଲକ୍ଷ୍ୟଲାଭ ପୂର୍ବରୁ ବିରତ ହୁଅନାହିଁ।'

ସମାଜସେବାର ଏକ ଭିନ୍ନ ସଂଜ୍ଞା ସେ ନିରୂପଣ କରିଥିଲେ। ସମାଜସେବା କରିବାକୁ ହେଲେ ପ୍ରଥମେ ନିଜକୁ ସଂସ୍କାର କରି ଦେଶରେ ଶିକ୍ଷାର ପ୍ରସାର କରିପାରିଲେ ହିଁ ତାହାକୁ ସମାଜସେବା କୁହାଯିବ ବୋଲି ତାଙ୍କର ମତ ରହିଥିଲା। ଉପଯୁକ୍ତ ଦେଶସେବକ ହେବାକୁ ହେଲେ ପ୍ରଥମେ ଦେଶବାସୀଙ୍କୁ ମନ-ପ୍ରାଣ ଦେଇ ଭଲ ପାଇବାକୁ ହେବ। ଦ୍ୱିତୀୟରେ ଗଭୀର ଭାବରେ ଚିନ୍ତାକରି ସେମାନଙ୍କର ଦୁଃଖମୋଚନ ପାଇଁ କାର୍ଯ୍ୟକାରୀ କୌଣସି ପନ୍ଥା ନିର୍ଣ୍ଣୟ କରି ସେମାନଙ୍କୁ ନିଯୁକ୍ତି କରାଇ କର୍ମଠ କରିବାକୁ ହେବ। କେବଳ ଦୋଷ ଠଉରାଇ ଗାଳିଦେଇ କୌଣସି ଫଳ ହେବନାହିଁ । ଦୋଷ ସବୁ ସମାଜରେ ରହିଥାଏ, ସମସ୍ତେ ତାହା ଜାଣିଥାନ୍ତି। ଏପରିକି ନାବାଳକମାନେ ମଧ ତାହା ଜାଣନ୍ତି । ମାତ୍ର ଯିଏ ସେହି ଦୋଷରୁ ମୁକୁଳିବାର ରାସ୍ତା ଦେଖାଇଥାଏ ସେ ହିଁ ପ୍ରକୃତ ସମାଜସେବକ।

ରାଷ୍ଟ୍ରୀୟ ଯୁବା ଦିବସ ଭାରତର ଲୋକଙ୍କ ଅଧିକାର ଗୁଡ଼ିକ ବିଷୟରେ ସଚେତନତା ଏବଂ ଜ୍ଞାନ ବଢ଼ାଇଥାଏ। ଏହା ଲୋକଙ୍କୁ ସାର୍ବଜନିକ ରୂପରେ ଉତ୍ତମ ବ୍ୟବହାର ଦେଖାଇବାର ଶୈଳୀ ଶିଖାଇବାର ଦିନ। ଏହି ଉତ୍ସବର ମୂଳ ଲକ୍ଷ୍ୟ ଯୁବବର୍ଗଙ୍କୁ ପ୍ରେରିତ କରିବା ଏବଂ ଦେଶର ଉନ୍ନତ ଭବିଷ୍ୟତ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ବିଚାରକୁ ପ୍ରସାରିତ କରିବା। ଯୁବାମାନଙ୍କ ପାଇଁ ସ୍ୱାମୀଜୀଙ୍କ ପ୍ରେରଣାଦାୟକ ବାର୍ତ୍ତା କେବଳ ଜାନୁଆରୀ ୧୨, ରାଷ୍ଟ୍ରୀୟ ଯୁବା ଦିବସରେ ନୁହେଁ ସବୁଦିନ ପଥପ୍ରଦର୍ଶକ ସାଜୁ ।

# ଶକ୍ତି ହିଁ ଜୀବନ: ବିବେକାନନ୍ଦ



ମୋହନ ଚରଣ ବିଷି
ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

ଆମର ବର୍ତ୍ତମାନ ଯେଉଁ କର୍ତ୍ତବ୍ୟ ରହିଛି, ତାହା ଉତ୍ତମରୂପେ ପାଳନ କରି ଆମେ ଶକ୍ତି ଲାଭ କରିଥାଉ। ଏହି ଭାବରେ ଶକ୍ତିଲାଭ କରି କ୍ରମେ ଆମେ ଏପରି ଏକ ଅବସ୍ଥାରେ ପହଞ୍ଚିବା, ଯେତେବେଳେ ଆମେ ସମାଜର ସର୍ବାପେକ୍ଷା ସମ୍ମାନଜନକ କର୍ତ୍ତବ୍ୟ ପାଳନ କରିବାର ସୌଭାଗ୍ୟ ଲାଭ କରିବା। ସ୍ୱାମୀ ବିବେକାନନ୍ଦଙ୍କ ଏହି ପ୍ରେରଣାଦାୟୀ ଉକ୍ତି ମଣିଷକୁ ଶକ୍ତିମାନ କରିଥାଏ। ମଣିଷର ଯେତେସବୁ ଗୁଣ ଅନ୍ତର୍ଗତ ହୋଇ ରହିଥାଏ ତାହା ଉପଯୁକ୍ତ ପ୍ରଶିକ୍ଷଣ ସହ ନିଜର ନିଷ୍ଠା, ପ୍ରଚୁର ଅଧ୍ୟବସାୟ ଯୋଗୁଁ ପ୍ରକାଶିତ ହୋଇଥାଏ। କସ୍ତୁରୀ ମୃଗ ଯେମିତି ତା' ଦେହରେ ହିଁ କସ୍ତୁରୀ ଅଛି ବୋଲି ଜାଣିପାରେ ନାହିଁ ଆଉ ଇତସ୍ତତ ହୋଇ ଖୋଜିବୁଲେ। ଠିକ୍ ସେହିପରି ମଣିଷ ଭିତରେ ହିଁ ସବୁକିଛି ଥାଏ। ଏହି କଥାକୁ ଯେତେ କହିଲେ ମଧ ମନୁଷ୍ୟ ସହଜରେ ବୁଝେ ନାହିଁ। ଜଣେ କାଠୁରିଆ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇ ଥାଏ। କାଠ ସଂଗ୍ରହ କରିବା ଭିତରେ ସନ୍ଧ୍ୟା ଆଗତ ପ୍ରାୟ। ଜଙ୍ଗଲକୁ ଶୀଘ୍ର ଅତିକ୍ରମ କରିବା ପାଇଁ କାଠ ବୋଝ ନେଇ କ୍ଷିପ୍ର ଗତିରେ ଚାଲିଥାଏ। କାଠର ଓଜନ ସହ ଆବଡା ଖାବଡା ସଂକୀର୍ଣ୍ଣ ପଥ ଓ ନଈ ନାଳ ଡେଇଁ ଆସିବାରେ ଝାପ୍‌ସା ଅନ୍ଧାର ମାଡି ଆସୁଛି। ଆଉ ବଳ ନାହିଁ ଚାଲିବାକୁ ଶକ୍ତି ନାହିଁ ବୋଲି ରାସ୍ତା ମଝିରେ କାଠଭାର ଫିଙ୍ଗି ଆଣ୍ଠେଇ ପଡିଛି। ତା'ଶରୀର ଏତେ ବଳ ହଠାତ୍ ଯେମିତି ଉଭାନ ହେଇଯାଇଛି। ପେଟରେ ଅସମ୍ଭାଳ ଭୋକ। ଏବେ କରିବ କ'ଣ? ବୁଦ୍ଧିବାଟ ଆଉ କିଛି ଦେଖାଯାଉ ନାହିଁ। ମଝି ଜଙ୍ଗଲରେ ସେ। କିଛି ସମୟ ପରେ ରାତି ହୋଇଯିବ। ମହାବଳ ବାଘର ଗର୍ଜନ ଶୁଭିଲା। ଭୟରେ କାଠୁରିଆ କମ୍ପିବାରେ ଲାଗିଲା। ବାଘର ଗର୍ଜନ ଧୀରେ ଧୀରେ ପାଖକୁ ଆସୁଛି। ମୁଣ୍ଡଟେକି ଯେମିତି ଅନେଇଛି ନିଆଁଠୋଳା ପରି ଦୁଇଟି ଆଖି ଜକ ଜକ ଦିଶୁଛି। ଯଦି ଏମିତି ପଡି ରହିବ ମରିବା ନିଶ୍ଚିତ। ଯଦି ଦୌଡି ପାଳାଇବ ଜୀବନ ବଞ୍ଚିଯାଇପାରେ। ଆଉ ଉପାୟ ନାହିଁ। ଜୀବନ ବଞ୍ଚାଇବା ପାଇଁ ଏକ ନିଶ୍ୱାସରେ ଦୌଡି ଦୌଡ଼ି ଜଙ୍ଗଲ ପାର ହେଇଯାଇଛି ଆଉ ବାଘ ମୁହଁରୁ ବଞ୍ଚିଯାଇଛି। କିଛି ସମୟ ପୂର୍ବରୁ ଯିଏ କହୁଥିଲା ମୋ ପାଖରେ ବଳ ନାହିଁ, ମୋର ହାତଗୋଡ ଚାଲୁ ନାହିଁ। ସେ ନିଜକୁ ନିଜେ ହିଁ ରକ୍ଷା କରିଛି। ହେଲେ ଏତେ ସବୁ ବଳ ବା ଶକ୍ତି କାଠୁରିଆ କେଉଁଠି ପାଇଲା ? କାଠୁରିଆର ଦେହରେ ହିଁ ଏତେ ବଳ ଥିଲା। କାଠୁରିଆ ଅନୁଭବ କରିଛି ସତରେ ଏତେ ଶକ୍ତି ମୋ ଭିତରେ ଥିଲା।



ନିଜ ଦେହରେ ଥିବା ବଳ ପରି। ନିଜର କର୍ମ ପାଇଁ ହିଁ ସୁଖ ଓ ଦୁଃଖ ଭୋଗିବାକୁ ପଡିଥାଏ। ସୁଖ ଓ ଦୁଃଖର କାରଣ ନିଜେ। ଜଣଙ୍କ ପାଖରେ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ଭରପୁର ହୋଇଥିଲେ ମଧ ସୁଖ, ଶାନ୍ତି ଓ ଆନନ୍ଦ ପାଇପାରନ୍ତି ନାହିଁ। କାରଣ ଧନୀ ଲୋକକୁ ଅଧିକ ଧନ, ଲୋଭିର ସଂଚୟ, କାମୀକୁ କାମନା, ପଣ୍ଡିତକୁ ଜ୍ଞାନ ଆବଶ୍ୟକ ହେବାରୁ ପ୍ରକୃତ ସୁଖକୁ ପାଇପାରନ୍ତି ନାହିଁ। ନିଜ ଭିତରେ ହିଁ ସବୁ କିଛି ଅଛି। ଜାଣିଲେ, ବୁଝିଲେ ଏବଂ ଅନୁଭବ କଲେ ହିଁ ନିଜ ଭିତରେ ଥିବା ପ୍ରତିଭା ବିଷୟରେ ଅବଗତ ହୋଇପାରିବା।

ସ୍ୱାମୀ ବିବେକାନନ୍ଦ କହିଛନ୍ତି- ଲକ୍ଷ ଦୁଃଖର ଜୀବାଣୁ ଆମର ଚତୁର୍ଦ୍ଦିଗରେ ଭାସମାନ ଥାଇପାରନ୍ତି; ଏମାନଙ୍କୁ ଗ୍ରାହ୍ୟ କଲେ ଚଳିବ ନାହିଁ । ଯେପର୍ଯ୍ୟନ୍ତ ଆମ ମନ ଦୁର୍ବଳ ନହୁଏ, ସେମାନେ ଆମ ନିକଟକୁ ଆସିବାକୁ ସାହସ କରିବେ ନାହିଁ; ଆମମାନଙ୍କୁ ଆୟତ୍ତ କରିବା ପାଇଁ ତାଙ୍କର କୌଣସି ଶକ୍ତି ନାହିଁ। ଜୀବନର ଚରମ ସତ୍ୟ ହେଉଛି, ଶକ୍ତି ହିଁ ଜୀବନ, ଦୁର୍ବଳତା ହିଁ ମୃତ୍ୟୁ। ଶକ୍ତି ହିଁ ସୁଖ ଓ ଆନନ୍ଦ; ଶକ୍ତି ଅନନ୍ତ ଓ ଅବିନିଶ୍ୱର ଜୀବନ; ଦୁର୍ବଳତା ଅବିରାମ ଦୁଃଖ ଓ ଉଦ୍‌ବେଗର କାରଣ; ଦୁର୍ବଳତା ହିଁ ମୃତ୍ୟୁ।

ନିଜର ଶକ୍ତି ନିଜ ଭିତରେ ବିଦ୍ୟମାନ। ଆଭ୍ୟନ୍ତରୀଣ ଶକ୍ତିକୁ ଅବଲୋକନ କଲେ ଜୀବନରେ ସବୁକିଛି ପାଇପାରିବା। ନିଜ ଭିତରେ ଅନନ୍ତ ଶକ୍ତି ରହିଛି। ଆଉ ଏହି ଶକ୍ତି ସହ ପରିଚୟ ହେଲେ ବ୍ୟକ୍ତି ଉର୍ଜାବାନ ହୋଇଥାଏ। ନିଜକୁ ସାମର୍ଥ୍ୟବାନ ଅନୁଭବ କରେ। ନିଜ ଆଭ୍ୟନ୍ତରେ ଅନନ୍ତ ଶକ୍ତି ଲୁକ୍କାୟିତ ଅବସ୍ଥାରେ ଅଛି ଆଉ ତାହା ସମୟନୁକ୍ରମେ ଉଦ୍ଭାସିତ ହୋଇଥାଏ। ସେଥିପାଇଁ ଅହରହ ପରିଶ୍ରମର ଆବଶ୍ୟକତା ରହିଛି।

ମଣିଷକୁ ଗଢେ ଈଶ୍ୱର। ତା' ପାଖରେ ଏମିତି ଛାଞ୍ଚ ରହିଛି ଗୋଟିଏ ମଣିଷ ଠାରୁ ଅନ୍ୟ ମଣିଷ ଦେଖିବାରେ ଭିନ୍ନ। ଯଦି ବାହ୍ୟ ଶରୀର ଦେଖିବାକୁ କିଛି ସମାନ ଲାଗେ ତଥାପି ଅନେକ ଭିନ୍ନତା ଥାଏ। ଅନ୍ତଃ ଶରୀର ସଂପୂର୍ଣ୍ଣ ଅଲଗା ରହିଥାଏ। ମନ, ପ୍ରକୃତି, ଚରିତ୍ର, ସ୍ୱଭାବ, ବ୍ୟବହାର, ଜ୍ଞାନ ସଂପୂର୍ଣ୍ଣ ଅଲଗା ରହିଥାଏ। ଜଣେ ବ୍ୟକ୍ତି ଅନ୍ୟଜଣେ ବ୍ୟକ୍ତିଙ୍କୁ ଅନୁକରଣ କରେ ଯଦି ତାଙ୍କର ମହତ୍ କର୍ମ ଅନୁକରଣୀୟ ଅଟେ। ଜଣେ ଅନୁକରଣ କଲେ ମଧ ପୂର୍ବର ବ୍ୟକ୍ତି ପରି ହୋଇନଥାଏ। ତା' ମଧ୍ୟରେ କିଛି ସ୍ୱତନ୍ତ୍ରତା ରହିଥାଏ। ତାହାକୁ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ ବୋଲି କୁହାଯାଏ।

ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ଶିକ୍ଷା ଓ ସଂସ୍କାରର ଗୁରୁତ୍ୱ ରହିଆସିଛି। ଶିକ୍ଷା ଓ ସଂସ୍କାର ପରିବାର ଠାରୁ ଆରମ୍ଭ ହୋଇଥାଏ। ଶିଶୁ ଅନୁକରଣ ପ୍ରିୟ। ପରିବାରର ସମସ୍ତଙ୍କୁ ଅନୁକରଣ କରି ଶିଖିଥାଏ। ପରିବାରର ସଦସ୍ୟମାନଙ୍କର ଆଚରଣ, ବ୍ୟବହାର, ଆଳାପ ତା'ଜୀବନରେ ପ୍ରତିଫଳିତ ହୋଇଥାଏ। ପରିବାରର ଯେତିକି ସଂସ୍କାରିତ ଶିଶୁକୁ ସେତେ ପ୍ରଭାବିତ କରିଥାଏ। ଶିଶୁ ପାଖରେ ପରିବାରର ସମସ୍ତଲୋକମାନେ ଆତ୍ମ ସଂଯମତା ପୂର୍ବକ ବ୍ୟବହାର କରିବାକୁ ପଡ଼ିବ। ଶିଶୁ ବଡହେଲା ପରେ ପରିବାର, ଗୁରୁଜନ, ବିଦ୍ୟାଳୟ ତଥା ପ୍ରକୃତି ମାଧ୍ୟମରେ ଚେତନାଶୀଳ ହୋଇଥାଏ। ନିଜ ଅନ୍ତଚେତନାକୁ ଉତ୍ତମ ମାର୍ଗରେ ଅଗ୍ରସର ହେବା ପାଇଁ ଯିଏ ଯେତେ ଜାଗ୍ରତ କରିପାରିଲା ସିଏ ସେତେ ନିଜକୁ ଗଢି ପାରିଲା। ଈଶ୍ୱର ମୋତେ ଏମିତି ଗଢ଼ିଛନ୍ତି ବୋଲି ଭାବି ଚୁପ୍ ରହିଲେ ହେବନାହିଁ। ଈଶ୍ୱର ସଂସାରରେ ସାର ଓ ଅସାର ସବୁ ଖଞ୍ଜିଛନ୍ତି। ଯିଏ ଯେତେ ସାରକୁ ଗ୍ରହଣ କଲା ସେତେ ପରିମାର୍ଜିତ ଓ ପରିପୃଷ୍ଟ ହୋଇପାରିଲା।

ନିଜ ବ୍ୟକ୍ତିତ୍ୱକୁ ସୁନ୍ଦର ଭାବରେ ନିର୍ମାଣ କରିବା ପାଇଁ ସମସ୍ତ ଉପାଦାନ ସଂସାରରେ ରହିଛି। ବ୍ୟକ୍ତି ନିଜକୁ ଉପଯୁକ୍ତ ଭାବରେ ଗଢିତୋଳିବାକୁ ପରିବାରର ସହିତ ଗୁରୁଜନଙ୍କ ସହଯୋଗ ଯେତିକି ଦରକାର ତା'ଠାରୁ ନିଜର ପ୍ରବଳ ଆଗ୍ରହ, ଉତ୍ସାହ ଓ ଉଦ୍ୟମ ଆବଶ୍ୟକ। ବିନା ଉଦ୍ୟମରେ କିଛି ହୁଏନାହିଁ। ପରିବାର ଓ ଗୁରୁଜନଙ୍କ ସକଳ ଚେଷ୍ଟା ସତ୍ତ୍ୱେ ବ୍ୟକ୍ତି ଉତ୍ତମ ଚରିତ୍ରର ହୋଇନପାରେ କିନ୍ତୁ ଗୋଟିଏ ଗୋଟିଏ ଘଟଣା ଏମିତି ଘଟେ ବ୍ୟକ୍ତି ମଧ୍ୟରେ ପରିବର୍ତ୍ତନ ପରିଦୃଷ୍ଟ ହୋଇଥାଏ। ବ୍ୟକ୍ତି ଯେତେବେଳେ ନିଜ ଜନ୍ମର ପ୍ରକୃତ ରହସ୍ୟ ଭେଦ କରିପାରେ। ସେତେବେଳେ ସଂସାରକୁ ବୁଝିବା ପାଇଁ ସେ ପ୍ରୟାସ କରେ । ବ୍ୟକ୍ତି ସଂସାରର ସେହିମାନଙ୍କୁ ମନେରଖେ ଯିଏ ସଂସାରକୁ ସଜାଡେ କିମ୍ବା ବିଗାଡେ। ବିଗାଡୁଥିବା ଲୋକଙ୍କୁ ବେଶୀଦିନ ମନେରଖନ୍ତି ନାହିଁ। କିନ୍ତୁ ସଜାଡୁ ଥିବା ଲୋକଙ୍କୁ ସମସ୍ତେ ମନେ ରଖନ୍ତି। ଏଣୁ ବ୍ୟକ୍ତି ହାତରେ ସବୁକିଛି ଅଛି। ନିଜର ଭିତର ଥିବା ଶକ୍ତିକୁ ନେଇ ନିଜର ନିର୍ମାଣ ନିଜେ କରିବାକୁ ହେବ। ସ୍ୱାମୀ ବିବେକାନନ୍ଦ କହିଲେ: ପର ପାଇଁ ଟିକିଏ ହେଲେ ବି କାମ କଲେ ଭିତରର ଶକ୍ତି ଜାଗିଉଠେ। ପର ପାଇଁ ତିଳେମାତ୍ର ଭାବିଲେ କ୍ରମେ ହୃଦୟରେ ସିଂହର ବଳ ସଞ୍ଚାର ହୁଏ।

# ଅସୁରକ୍ଷିତ ଭାବେ ପିକ୍‌ନିକ୍ ଯାଉଛନ୍ତି ଛାତ୍ରଛାତ୍ରୀ



ଗଙ୍ଗାଧର ସାମଲ
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ
କଟକ, ମୋ : ୯୪୩୭୨୨୬୬୪୭

ବର୍ତ୍ତମାନ ପିକ୍‌ନିକ୍ ଋତୁ ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରାୟତଃ ଶୀତଦିନରେ ହିଁ ପିଲାମାନେ ପିକ୍‌ନିକ୍ ପାଇଁ ସମୟ ପସନ୍ଦ କରିଥାନ୍ତି। ତେବେ ଅଧିକାଂଶ କ୍ଷେତ୍ରରେ ଦେଖାଦେଉଛି ବିପଦସଙ୍କୁଳ ଭାବେ ପିକ୍‌ନିକ୍‌ରେ ଯାଉଛନ୍ତି ଛାତ୍ରଛାତ୍ରୀ। ସୁରକ୍ଷା ଦେବାକୁ କେହି ନାହାନ୍ତି। ପର୍ଯ୍ୟଟନସ୍ଥଳୀ ବୁଲିବା ସମୟରେ ସେମାନଙ୍କ ସୁରକ୍ଷା କଥା ଭୁଲିଯାଇଛନ୍ତି ସମସ୍ତେ। ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ନିୟମ ହୋଇନଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଇଚ୍ଛାରେ ପିକ୍‌ନିକ୍ କରିଚାଲିଛନ୍ତି। ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ଥାନକୁ ନେଉଛନ୍ତି। ପିଲାଙ୍କୁ ବସ୍‌ରେ ନେବା ପରେ ପର୍ଯ୍ୟଟନସ୍ଥଳୀରେ ବୁଲିବାକୁ ଛାଡ଼ି ଦେଉଛନ୍ତି। ସେମାନେ ଅସୁରକ୍ଷିତ ଭାବେ ସମୁଦ୍ରରେ ସ୍ନାନ କରୁଛନ୍ତି, ପାହାଡ଼ ଚଢୁଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ନିଛାଟିଆ ସ୍ଥାନକୁ ପଳାଇ ଯାଉଛନ୍ତି। ସେମାନଙ୍କ ସୁରକ୍ଷା ପ୍ରତି ଶିକ୍ଷକ/ଶିକ୍ଷୟିତ୍ରୀ କୌଣସି ପ୍ରକାର ଗୁରୁତ୍ୱ ଦେଉନାହାନ୍ତି। ଏପରିକି ଯେଉଁ ଗାଡ଼ିରେ ପିଲାଙ୍କୁ ନିଆଯାଉଛି ତାହାର ଯାଞ୍ଚ କରାଯାଉନାହିଁ।

ଦୁଇ ବର୍ଷ ତଳେ ପ୍ରଥମ ଥର ଲାଗି ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାରଙ୍କୁ ମାଗଣାରେ ବୁଲାଇବାକୁ ନିଆଯାଉଛି। ଏଥିପାଇଁ ରାଷ୍ଟ୍ରୀୟ ମାଧ୍ୟମିକ ଉଚ୍ଚତର ଶିକ୍ଷା ଅଭିଯାନ (ରାମ୍‌ସା)ରୁ ଅର୍ଥ ଖର୍ଚ୍ଚ ହେଉଛି। ତେଣୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଦୁଇମାସ ତଳେ ରାମ୍‌ସା ପକ୍ଷରୁ ଏକ ଗାଇଡ଼ଲାଇନ୍ ଜାରି ହୋଇଥିଲା। ପିଲାଙ୍କୁ କିଭଳି ସୁରକ୍ଷିତ ଭାବେ ପିକ୍‌ନିକ୍‌ରେ ନେବେ ? ଗୋଟିଏ ବସ୍‌ରେ କେତେ ଛାତ୍ରଛାତ୍ରୀ ଯିବେ? ଡ୍ରାଇଭରଙ୍କ ଯୋଗ୍ୟତା କ'ଣ ଥିବା ଆବଶ୍ୟକ ସେ ନେଇ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଥିଲା। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ କିଛି ନିୟମ କରାଯାଇ ନାହିଁ। ଛାତ୍ରୀମାନେ ଶୌଚାଳୟ ଯିବା ସମୟରେ ସାଙ୍ଗରେ ଶିକ୍ଷୟିତ୍ରୀ ଯାଉନଥିବା ଦେଖିବାକୁ ମିଳୁଛି। ଗୋଟିଏ ପଟେ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ଅନ୍ୟପକ୍ଷରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଛାତ୍ରୀଙ୍କୁ ବିପଦ ଆଡ଼କୁ ଟାଣି ନେଉଛି। ସୂଚନାଯୋଗ୍ୟ ଯେ ୨୦୧୧ରେ ଦେଶର ବିଭିନ୍ନ ସ୍ଥାନରେ ଦୁର୍ଘଟଣାରେ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ତାହାକୁ ଦୃଷ୍ଟିରେ ରଖି ସେତେବେଳେ ତତ୍ପର ହୋଇଉଠିଥିଲେ ସରକାର। ନଭେମ୍ବର ମାସ ହେବା କ୍ଷଣି ଗାଇଡ଼ଲାଇନ ଜାରି କରି ପିକ୍‌ନିକ୍ ସମୟରେ କିଭଳି ସୁରକ୍ଷା ଅବଲମ୍ବନ କରିବାକୁ ପଡ଼ିବ ସେନେଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଛାତ୍ରୀଙ୍କ ସୁରକ୍ଷା ପ୍ରତି ମଧ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦ଜଣ ଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷୟିତ୍ରୀଙ୍କୁ ସାଙ୍ଗରେ ରଖିବା, ଛାତ୍ରୀମାନେ କେଉଁଆଡ଼େ ଯାଉଛନ୍ତି ସେଥିପ୍ରତି ଦୃଷ୍ଟି ଦେବା, ବେଶି ରାତି ପର୍ଯ୍ୟନ୍ତ ବୁଲାବୁଲି ନକରିବା ପରି ବିଷୟ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଉଥିଲା। ଏଥର ଜାନୁଆରୀ ପ୍ରଥମ ସପ୍ତାହ ବିତିଥିଲେ ମଧ ଛାତ୍ରଛାତ୍ରୀଙ୍କ ସୁରକ୍ଷା କଥାକୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି ସରକାର। ଗାଇଡ଼ଲାଇନ ତ ଦୂରର କଥା ଏ ସମ୍ପର୍କରେ ବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦିଆଯାଇ ନାହିଁ। ବିଦ୍ୟାଳୟ, କଲେଜ, ବିଶ୍ୱବିଦ୍ୟାଳୟ, କୋଚିଂ ସେଣ୍ଟର ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ହେୟଜ୍ଞାନ କରାଯାଉଥିବା ଅଭିଯୋଗ ହେଉଛି। ପିକନିକ ଯାଉଥିବା ପିଲାମାନଙ୍କ ଅଭିଭାବକ ମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରାଯିବା ସହ ସରକାରଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଗ୍ରହଣ କରାଯାଉ।



ନିଆଳି (ଭାସ୍କର ନ୍ୟୁଜ): ସେଭେନ ଷ୍ଟାର ଚାରିଟେବଲ ଟ୍ରଷ୍ଟ ତରଫରୁ ବ୍ରାହ୍ମଣବାଟି ଗ୍ରାମ ପଞ୍ଚାୟତରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଇଲୋ ବଡ଼ବିଲ ସ୍ଥିତ ମହାପ୍ରଭୁ ଚନ୍ଦ୍ରଶେଖରଙ୍କ ପୀଠରେ ଅନୁଷ୍ଠାନ ତରଫରୁ ବ୍ରାହ୍ମଣ ବାଟି ଗ୍ରାମ ପଂଚାୟତର ଦିବ୍ୟାଙ୍ଗ, ବିଧବା, ସ୍ୱାମୀ ପରିତ୍ୟକ୍ତା, ବୃଦ୍ଧ, ବୃଦ୍ଧା ସମସ୍ତ ଭତ୍ତା ପାଉଥିବା ହିତାଧିକାରୀ ତଥା ନିକଟସ୍ଥ ପୂର୍ବପାରି ଖେରସ ଗ୍ରାମର ସମସ୍ତ ହିତାଧିକାରୀ ମାନଙ୍କୁ ପ୍ରାୟ ୬୦୦ ରୁ ଉର୍ଦ୍ଧ କମ୍ବଳ ବଣ୍ଟନ ସହିତ ଖାଦ୍ୟର ବ୍ୟବସ୍ଥା ମଧ କରା ଯାଇଥିଲା। ଟ୍ରଷ୍ଟର ଉପସଭାପତି ତଥା ସେଭେନ ଷ୍ଟାର ସିକ୍ୟୁରିଟି ପ୍ରାଇଭେଟ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ଅବନୀ ବେହେରା ଏହି କାର୍ଯ୍ୟକ୍ରମଙ୍କୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣବାଟି ସରପଞ୍ଚ ତଥା କଣ୍ଢାପଡା ବ୍ଲକ ସରପଞ୍ଚ ସଂଘର ସଭାପତି ସଞ୍ଜୟ କୁମାର ରାଉତରାୟ,ଗୁରୁ ଚିତ୍ତ ରଞ୍ଜନ ଆଚାର୍ଯ୍ୟ, ସୁକାନ୍ତ ବେହେରା, ଲକ୍ଷ୍ମୀଧର ବେହେରା, ମନମୋହନ ବେହେରା, ନିରୁପମା ବେହେରା, ପୁନାନନ୍ଦ ପାତ୍ର, ପ୍ରଦୀପ ରାଏ, ନାଏବ ସରପଞ୍ଚ ମଞ୍ଜୁଲତା ବେହେରା, ୱାର୍ଡ ସଭ୍ୟ ରବୀନ୍ଦ୍ର ବେହେରା, ସନାତନ ଭୋଇ ,ଗୋପୀନାଥ ରାଉତରାୟ ଉପସ୍ଥିତ ଥିଲେ।



# ନିଶା କବଳରେ ଯୁବଗୋଷ୍ଠୀ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ତୁଳସୀପୁର ପଞ୍ଚାୟତରେ ଛୁଟିଛି ଦେଶୀ ମଦର ବନ୍ୟା । ଏହି ଆସ୍କା ଫଟି ମଦ ଖାଇ କମ ବୟସର ଯୁବକମାନେ ନିଶା କବଳରେ ପଡ଼ି ଯାଇଛନ୍ତି । ରାତ୍ରଦିନ ନିଶାଗ୍ରସ୍ତ ଅବସ୍ଥାରେ ପ୍ରଳାପ କରିବା ସହ ଜନସାଧାରଣଙ୍କୁ ଗାଳିମନ୍ଦ କରୁଛନ୍ତି । ଜଣେ ମହିଳା ଓ ଅନ୍ୟ ଜଣେ ବ୍ରାହ୍ମଣ ସଂପ୍ରଦାୟର ପୁରୁଷ ବ୍ୟକ୍ତି ଆସ୍କା ଫଟି ମଦ ସାଙ୍ଗକୁ ଗଞ୍ଜେଇ ବେପାର କରି ମାଲେ ମାଲ୍ ହେଉଥିବା ବେଳେ ଯୁବକ ଗୋଷ୍ଠୀ ବିପଥଗାମୀ ହେବାରେ ଲାଗିଛନ୍ତି । ଯାହାକୁ ନେଇ ତୁଳସୀପୁର ପଞ୍ଚାୟତର ସଚେତନ ନାଗରିକମାନଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି । ଥାନାଧିକାରିଣୀ ତୁଳସୀପୁରରେ ଚଢ଼ଉ କରିବା ସହ ମଦ ବ୍ୟବସାୟ ବନ୍ଦ କରିବା ପାଇଁ ତାଗିଦ କରିଥିବା ବେଳେ ପୋଲିସ ଭୟରେ ପୁରୁଷ ବ୍ୟକ୍ତି ଓ ମହିଳା ଜଣକ ଫେରାର ଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ତୁଳସୀପୁର ଲକ୍ଷ୍ମୀ ବଜାରରେ ଜଣେ ମହିଳା ଆସ୍କା ଫଟି ମଦ ବିକ୍ରି କରୁଥିବା ବେଳେ ଏହାକୁ ସେବନ କରି ଯୁବଗୋଷ୍ଠୀ ନିଶା କବଳରେ ପଡ଼ି ଯାଇଛନ୍ତି । ବେଳକୁ ବେଳ ମଦ୍ୟପଙ୍କ ସଂଖ୍ୟା ବଢୁଥିବା ବେଳେ ଏହି ଆସ୍କା ଫଟି ମଦ ପିଇ ଅନେକ ବ୍ୟକ୍ତିଙ୍କ ଅବସ୍ଥା ହୋଇଯାଇଛି । ଲକ୍ଷ୍ମୀ ବଜାରରେ ନିଶାଶକ୍ତ ମାନଙ୍କର ଜୁଲମ ବେଳକୁ ବେଳ ବଢ଼ିଥିବା ବେଳେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଥିବା ତ୍ରିନାଥ ମଣ୍ଡପ ଠାରେ ମଧ ପ୍ରତ୍ୟେକ ଦିନ ଜଣେ ବ୍ରାହ୍ମଣ ବ୍ୟକ୍ତି ପ୍ରଚୁର ପରିମାଣରେ ଗଞ୍ଜେ ବିକ୍ରି କରୁଛି । ଏହି ଆସ୍କା ଫଟି ମଦ ଓ ଗଞ୍ଜେ ସେବନ କରି ଗରିବ ସଂପ୍ରଦାୟର ଯୁବକମାନେ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି । ଘରେ ସ୍ତ୍ରୀ, ପିଲାମାନଙ୍କୁ ମାର୍‌ପିଟ୍ କରୁଛନ୍ତି । ରୋଜଗାରର ଅର୍ଥ ମଦ, ଗଞ୍ଜେଇରେ ଯାଉଥିବା ବେଳେ ମହିଳାମାନେ ପ୍ରତିବାଦ କରିବାରୁ ପୁରୁଷମାନେ ମହିଳାମାନଙ୍କୁ ମାରଣାନ୍ତକ ଆକ୍ରମଣ କରୁଛନ୍ତି । ଏପରିକି, ଏହି ନିଶା କବଳରେ ପଡ଼ିଥିବା କେତେକ ବ୍ୟକ୍ତିଙ୍କ ପରିବାର ଭୋକ ଉପାସରେ ରହୁଥିବା ବେଳେ ଏହାକୁ ଦେଖି ସ୍ଥାନୀୟ ଲୋକମାନେ ବିରୋଧ କରିବା ସହ ତୁରନ୍ତ ଏହି ପଞ୍ଚାୟତରୁ ମଦ, ଗଞ୍ଜେଇ ବନ୍ଦ ପାଇଁ ଦାବି କରି ତୁଳସୀପୁର ପଞ୍ଚାୟତର ସଚେତନ ନାଗରିକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ତୁଳସୀପୁର ଗ୍ରାମ କମିଟି ସଭାପତି ବନ ବିହାରୀ ଦାଶ, ସୁଶାନ୍ତ କୁମାର ମଲ୍ଲିକ୍, ସନାତନ ଜେନା, ପ୍ରସନ୍ନ ମଲ୍ଲିକ, ପ୍ରତାପ ସାହୁ, ବାଇଧର ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗଗନ ଭୋଇଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଚାରିଛକ ଥାନାରେ ମଦ ବନ୍ଦ କରିବା ପାଇଁ ଦାବି କରିଛନ୍ତି । ଚାରିଛକ ଥାନାଧିକାରିଣୀ ମମତାରାଣୀ ବିଶ୍ୱାଳଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିବା ବେଳେ ଯାନ୍ତ୍ରିକ ତ୍ରୁଟି କାରଣରୁ ଯୋଗଯୋଗ ହୋଇପାରି ନାହିଁ।

# ବାଲି ମାଫିଆ ଲୁଟୁଛନ୍ତି ଲଘୁ ଖଣିଜ ସମ୍ପଦ: ପ୍ରଶାସନ ନିରବ



ବାରିପଦା (ଭାସ୍କର ନ୍ୟୁଜ): ପ୍ରାକୃତିକ ସମ୍ପଦର ଗନ୍ତାଘର ମୟୂରଭଞ୍ଜ ଜିଲ୍ଲା, ମାଫିଆଙ୍କ ଲୁଟ୍‌ତରାଜର ଶିକାର। ପ୍ରଶାସନର ନାକ ତଳେ ଚାଲିଛି ମହାଲୁଟ୍, ବେଖବର ଜିଲ୍ଲାପ୍ରଶାସନ। ବାରିପଦା ତହସିଲ ଅଧିନ ବୁଢାବଳଙ୍ଗ ନଦୀର ବିଭିନ୍ନ ଘାଟରୁ ଦିନରାତି ବେଧଡକ ବେଆଇନ୍ ବାଲି ଚୋରି କରୁଛନ୍ତି ବାଲି ମାଫିଆ। ପ୍ରଶାସନର ଦୃଷ୍ଟି ଆଢୁଆଳରେ ପ୍ରତିଦିନ ହଜାର ହଜାର ଟ୍ରାକ୍ଟର ବାଲି ଚୋରି କରୁଛନ୍ତି ବାଲି ମାଫିଆ । କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି ଆଦିବାସୀ ଅଧ୍ୟୁସିତ ଜିଲ୍ଲା ମୟୂରଭଞ୍ଜ। ଏପଟେ ସାଧାରଣ ଖଟିଖିଆ ଲୋକଟା ହଠାତ୍ କୋଟିପତିରେ ପରିଣତ ହେଉଛନ୍ତି ବାଲିମାଫିଆ ବାଲିତସ୍କର ସାଜି। ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଚର୍ଚ୍ଚା କରୁଛନ୍ତି ଯେ ପ୍ରଶାସନିକ ଅଧିକାରୀଙ୍କ ସହ ଭିତିରି ବୁଝାମଣାରେ କାଳେ ଚାଲିଛି ଏଇ ଧନ୍ଦା। ବୁଢ଼ାବଳଙ୍ଗ ନଦୀରେ ବେଆଇନ୍ ଘାଟ ସୃଷ୍ଟି କରିବା ଏବଂ ବିଧିବଦ୍ଧ କୌଣସି ଅନୁମତି ନଥାଇ ବାହୁବଳ ଓ ଲୋକବଳ ଲଗାଇ ହଜାର ହଜାର ଟ୍ରାକ୍ଟର ଓ ହାଇୱାଆ ଲଗାଇ ବାଲି ଉତ୍ତୋଳନ କରିବା ଏବଂ ସେସବୁ ବାଲିକୁ ସ୍ପଷ୍ଟ ଦିବାଲୋକରେ ଚୋରି କରି ଚଢ଼ା ଦରରେ ଜିଲ୍ଲା ବାହାରେ ଏବଂ ରାଜ୍ୟସୀମା ପାରକରି ଅନ୍ୟ ରାଜ୍ୟକୁ ଚୋରି ଚାଲାଣ କରି ଚଢ଼ା ଦରରେ ଖୋଲା ଖୋଲି ବିକ୍ରି କରି ମାଲାମାଲ୍ ହେଉଛନ୍ତି ବାଲିତସ୍କର ବାଲି ମାଫିଆ। ଏମାନଙ୍କର ଏଇ ବେପରୁଆ ମନୋଭାବ ଓ ଦୁଃସାହସିକ କାର୍ଯ୍ୟକଳାପ ପାଇଁ ଦାୟୀ କିଏ ? ଏହା ବର୍ତ୍ତମାନ ସମଗ୍ର ଜିଲ୍ଲାରେ ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକୃତି ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ନିମନ୍ତେ ସ୍ଥାନୀୟ ଜନପ୍ରତିନିଧି ଠାରୁ ଆରମ୍ଭ କରି, ରାଜସ୍ୱ ବିଭାଗର ଆର.ଆଇ, ତହସିଲଦାର, ବନବିଭାଗ, ଖଣି ବିଭାଗ, ପୋଲିସ୍ ପ୍ରଶାସନ, ବୁଦ୍ଧିଜୀବୀ, ସାମାଜିକ ସଂଘ,ସଂଗଠନ, ଅନୁଷ୍ଠାନ ସମସ୍ତେ ଅଛନ୍ତି,ତଥାପି ପ୍ରକୃତି ଅସୁରକ୍ଷିତ ଓ ବାଲି ଭଳି ପ୍ରାକୃତିକ ଲଘୁ ଖଣିଜ ଲୁଟ୍‌ର ଶିକାର ।ଏହା ଖୁବ୍ ଦୁଃଖ ଓ ପରିତାପର ବିଷୟ ବୋଲି ମତ ପ୍ରକାଶ ପାଉଛି ।

# ପୁସ୍ତକ 'ସାଡ଼ୋ ଅଫ୍ ଡ଼ାର୍କନେସ୍' ଲୋକାର୍ପିତ




ଧର୍ମଶାଳା (ଭାସ୍କର ନ୍ୟୁଜ): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଜାରକାସ୍ଥିତ ଧର୍ମଶାଳା ପ୍ରେସ୍ କ୍ଲବ୍ ପରିସରରେ ଶନିବାର ଦିନ 'ସାଡ଼ୋ ଅଫ୍ ଡ଼ାର୍କନେସ୍' ଇଂରାଜୀ ପୁସ୍ତକର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. କୁଶଧ୍ୱଜ ପ୍ରଧାନ, ଅତିଥି ଭାବେ ପ୍ରଫେସର୍ ଡ଼. ଯତୀନ୍ଦ୍ର କୁମାର ରାଉତ, ପ୍ରଫେସର ବିକ୍ରମ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଉନ୍ମୋଚିତ ପୁସ୍ତକର ଅନୁବାଦକ ପ୍ରଧାପକ ସନ୍ତୋଷ କୁମାର ବେହେରା ସୂଚନା ଦେଇ କହିଲେ ଯେ, ଡ଼. ରବିନ୍ଦ୍ର ବିହାରୀଙ୍କ ମୂଳ ଓଡ଼ିଆ ଲେଖା 'ଛାଇ ଛାଇ ଅନ୍ଧାର'ର ଇଂରାଜୀ ଅନୁବାଦ। ଡ଼. ରାଜ କିଶୋର ପାଢ଼ୀ, ଡ଼. ଗୌତମ ଜେନା, କାହ୍ନୁ ଚରଣ ଦାଶ, ଡ଼. ପ୍ରଶାନ୍ତ କୁମାର ସ୍ୱାଇଁ, ଡ଼. ତୁହିନାଂଶୁ ରଥ, ଡ଼. ଇନ୍ଦୁପ୍ରଭା ସାମଲ, ସୁନାକର ସାହୁ, ପ୍ରହ୍ଲାଦ ପଣ୍ଡା, ସଂଗ୍ରାମ ଜେନା ପ୍ରମୁଖ ପୁସ୍ତକ ଉନ୍ମୋଚିତ ଉପରେ ଆଲୋକପାତ କରିଥିଲେ ।

## ନାତିର କାଠ ଫାଳିଆ ମାଡରେ ଜେଜେମା'ର ମୃତ୍ୟୁ

ଛତ୍ରପୁର (ଭାସ୍କର ନ୍ୟୁଜ): ନାତିର କାଠ ଫାଳିଆ ମାଡ଼ରେ ତାଙ୍କ ଜେଜେ ମା'ଙ୍କର ମୃତ୍ୟୁ ହୋଇଯାଇଛି । ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ । ମୃତକ ଜଣଙ୍କ ହେଲେ ଚନ୍ଦ୍ରମା ନାହାକ ( ୮୦ ) । ଘଟଣାରୁ ଜଣାପଡିଛି ଯେ, ସକାଳେ ମୃତ ବୃଦ୍ଧା ଜଣଙ୍କ ଶୌଚ ହେଇ ଫେରିବା ବେଳେ ନାତି କେଦାର ନାହାକଙ୍କ ସହ କୌଣସି ଏକ କାରଣକୁ ନେଇ ବଚସା ହୋଇଥିଲା । ଏଥିରେ ରାଗିଯାଇ ନାତି କେଦାର ନାହାକ ଏକ କାଠ ଫାଳିଆରେ ନିଜ ଜେଜେ ମା'ଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ଜେଜେ ମାଙ୍କର ମୃତ୍ୟୁ ଘଟିଥିବା ବେଳେ ଛତ୍ରପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ନାତି କେଦାର ନାହାକଙ୍କୁ ଗିରଫ କରିଛି ।

### ମୌଳିକ ସୁବିଧାରୁ ବଞ୍ଚିତ ଗାଁ

# ସମସ୍ତ ସୁବିଧା ପହଞ୍ଚାଇବାକୁ ବିଧାୟକଙ୍କ ପ୍ରତିଶ୍ରୁତି



ଭଞ୍ଜନଗର (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ଦୋମୁହାଁଣି ପଞ୍ଚାୟତର ଗଅପଦର ଗାଁ ଲୋକଙ୍କ ପାଖରେ ଆଜି ବି ପହଞ୍ଚିନାହିଁ ସର୍ବନିମ୍ନ ମୌଳିକ ସୁବିଧା । ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ବିଜୁଳି ଭଳି ମୌଳିକ ସୁବିଧା ଠୁ ଦୁରରେ ଅଛନ୍ତି ଗ୍ରାମବାସୀ। ଗ୍ରାମର ୨୦ ପରିବାର ବିଭିନ୍ନ ସମସ୍ୟା ଦେଇ ଦୀର୍ଘ ବର୍ଷ ହେବ ଘାଣ୍ଟି ହେଉଥିବା ବେଳେ ଭଞ୍ଜନଗର ବିଧାୟକଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ । ଶୁକ୍ରବାର ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ପ୍ରଶାସନିକ ଅଧିକାରୀ ତିନି ପାହାଡ ଡେଇଁ ଦିର୍ଘ ୮ କିମି ଆବଡାଖାବଡା, ପଥୁରିଆ ରାସ୍ତା ଚାଲିଚାଲି ଗାଁ ରେ ପହଞ୍ଚିଥିଲେ । ଗାଁ ଲୋକଙ୍କ ବିଭିନ୍ନ ଅଭାବ ଅସୁବିଧା ବୁଝିବା ସହ ସମାଧାନର ପ୍ରତିଶ୍ରୁତି ଦେଇଥିଲେ । ସରକାରଙ୍କ ସମସ୍ତ ଯୋଜନା ସହ ରାସ୍ତା, ପାନୀୟଜଳ,ଆଲୁଅ,ବାସଗୃହ ଭଳି ସବୁ ସବୁଧା ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ନାୟକ କହିଛନ୍ତି । ଦୋମୁହାଁଣି ପଞ୍ଚାୟତରେ ଅବସ୍ଥିତ ଏହି ଗାଁ ସଦର ମହକୁମାରୁ ୪୦ କି.ମି. ଦୂରରେ । ଦେଶ ସ୍ୱାଧୀନ ହେବା ପରଠୁ ଗାଁକୁ ଆଜି ଯାଏ ସବୁଦିନିଆ ରାସ୍ତାଟିଏ ବି ନିର୍ମାଣ ହୋଇପାରିନି । ଫଳରେ ଲୋକଙ୍କୁ କୌଣସି କାମରେ ହେଉ ଅବା କାହାର ଦେହ ଖରାପ ହେଲେ ଜଙ୍ଗଲ ମଧ୍ୟରେ ଅଣଓସାରିଆ ଆବଡ଼ା ଖାବଡା ପଥୁରିଆ ରାସ୍ତାରେ ଯିବାକୁ ପଡେ । ସରକାରଙ୍କ ଆବାସ ଯୋଜନା ଆଜି ଯାଏଁ ଏଠି ପହଞ୍ଚି ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ,ପାନୀୟ ଜଳ ସବୁ ଏଠି ଅପହଞ୍ଚ । ଗ୍ରାମର କୌଣସି ଲୋକଙ୍କ ସାସ୍ଥ୍ୟ ଖରାପ ହେଲେ ଦୋଳା ସାହାଯ୍ୟ ରେ ଖମଣସାହି ଓ ଟୁଇଁପଦର କୁ ଅଣା ଯାଉଛି । ପରେ ଗାଡି ଯୋଗେ ଗାଲେରୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ଛୋଟ ପିଲାଙ୍କ ଭବିଷ୍ୟତ ଗଢିବା ପାଇଁ ଏଠି ଅଙ୍ଗନୱାଡ଼ି କିମ୍ବା ବିଦ୍ୟାଳୟଟିଏ ବି ନାହିଁ । ଖାଉଟି ସାମଗ୍ରୀ ଓ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଗ୍ରାମବାସୀଙ୍କୁ ୧୦ କି.ମି ରାସ୍ତା ଦେଇ ପଞ୍ଚାୟତ ମୁଖ୍ୟାଳୟ କୁ ଯିବାକୁ ପଡେ । ବର୍ଷା ଦିନେ ତ ଗ୍ରାମବାସୀଙ୍କ ସମସ୍ୟା କହିଲେ ନସରେ । ସେହିଭଳି ପିଇବା ପାଣିର ସୁବିଧା ନଥିବାରୁ ଗାଁ ଲୋକେ ଏକ ପଥର କୂଅରେ ନିର୍ଭର କରୁଛନ୍ତି । ଶୁକ୍ରବାର ବିଧାୟକ ଶ୍ରୀ ନାୟକଙ୍କ ସହ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢୀ, ପାନୀୟଜଳ ଯୋଗାଣ ବିଭାଗ ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଗ୍ରାମବାସୀ ଙ୍କ ସହ ଆଲୋଚନା କରିଛନ୍ତି ।

# ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ



ପାରାଦୀପ (ଭାସ୍କର ନ୍ୟୁଜ): ଜାନୁଆରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ପାରାଦୀପ ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ଆନୁକୂଲ୍ୟରେ ଦୁଇଦିନ ବ୍ୟାପି ଉତ୍ସବ ଉଦଘାଟିତ ହୋଇଛି । ଜୟଦେବ ସଦନ ପରିସରରେ ଆୟୋଜିତ ଉଦଘାଟନୀ ଉତ୍ସବରେରେ ମୁଖ୍ୟ ଅତିଥି ଭାବେ ପାରାଦ୍ୱୀପ ବନ୍ଦରର ମୁଖ୍ୟ ଯନ୍ତ୍ରୀ ସୁଶିଲ ଚନ୍ଦ୍ର ନାହକ ଦୀପ ପ୍ରଜଳନ କରି ସଭା କୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ମନୋଜ ମହାନ୍ତି, ଯୋଗ ଶିକ୍ଷକ ତାପସ ପତି, କଳ୍ପତରୁ ମନ୍ତ୍ରୀ, ଗୀତାଞ୍ଜଳି ମହାନ୍ତି ଯୋଗଦେଇ ଯୁବକ ଯୁବତୀ ଓ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ପ୍ରାଣାୟମ ଶିଖାଇଥିଲେ ଏବଂ ତା ପରେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଯୋଗ ପ୍ରାଣାୟମ ପ୍ରତିଯୋଗିତା କରାଯାଇଥିଲା । ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟର ସଭାପତି ବିଭୁ ପ୍ରସାଦ ନାୟକ, ସାଧାରଣ ସଂପାଦକ ପ୍ରତାପ ଚନ୍ଦ୍ର ନାୟକ, ବିଧାନ ଚନ୍ଦ୍ର ପରିଡା ଏନ.ଜେ. ରାଓ, ରଶ୍ମି ହରିଚନ୍ଦନ, ଶଶିକାନ୍ତ ନାୟକ, ଦେବବ୍ରତ ସାହୁ, ସାରଦା ପ୍ରସନ୍ନ ବେହେରା, ବୈଦ୍ୟ ନାଥ ବେହେରା, ସମୀର ବର୍ମନ୍, ଜିତେନ୍ ସାମଲ,ଶୁଭେନ୍ଦୁ ମଣ୍ଡଳ, ସୁମିତ ସାହା, ତାପସ ଛୋଟରାୟ, ସରୋଜ ବଳିଆରସିଂ ପ୍ରମୁଖ ଉପସ୍ଥିତି ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ



ଭୁବନ (ଭାସ୍କର ନ୍ୟୁଜ): ଭୁବନ ଏନ୍‌ଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ନୂଆ ଭୁବନ ବାସିନ୍ଦା ଗଙ୍ଗାଧର ରଣାଙ୍କର ୮ ବର୍ଷ ବୟଷରେ ଶନିବାର ପରଲୋକ ହୋଇଯାଇଛି । ଗଙ୍ଗାଧରଙ୍କ ପରଲୋକ ଖବର ପାଇ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ସମେତ ଏନ୍‌ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ, ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ସାହୁ, ଚୈତନ୍ୟ ପୃଷ୍ଟିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ୧୯୯୧ ବ୍ୟାଚ୍‌ର ସାଥି ମାନେ ତାଙ୍କ ଘରେ ପହଞ୍ଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ବଡ଼ ପୁଅ କମଳ ଲୋଚନ ରଣା ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ରଣା ଜଣେ ଧର୍ମ ପରାୟଣ, ମେଳାପି, ପରୋପକାରୀ, ସ୍ନେହୀ, ଦୟାଳୁ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

### ପୋଲିସ ଏଏସଆଇଙ୍କ ଭିଡ଼ିଓ ଭାଇରାଲ

# ୫ ହଜାର ଦିଅ, କେସ ହେବ ରଫାଦଫା

ଧାମନଗର (ଭାସ୍କର ନ୍ୟୁଜ): ଧାମନଗର ଥାନାର ଜଣେ ଏଏସଆଇ ଜଣେ ମୁଦାଲାଙ୍କ ଠାରୁ ୫ ହଜାର ଟଙ୍କା ମାଗିବା ଘଟଣା ଏବେ ଧାମନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏବେ ବିଭିନ୍ନ ସାମାଜିକ ଗଣମାଧମରେ ଭିଡିଓ ଭାଇରାଲ ହେବାରେ ଲାଗିଛି । କେସ କ୍ଲୋଜ କରିଦେବି, କୋର୍ଟ କଚେରୀ ଚକର ଲଗାଇବାକୁ ପଡ଼ିବ ନାହିଁ, ମୋତେ ୫ ହଜାର ଦିଅ । ସବୁ ସଟ ଆଉଟ କରିଦେବି । ଏଭଳି କହି ଜଣେ ଅଭିଯୋକାରୀଙ୍କୁ ୫ ହଜାର ଟଙ୍କା ଦେବାକୁ କହିଛନ୍ତି ଧାମନଗର ଥାନାର ଏଏସଆଇ ଏଲକେ ପଟ୍ଟନାୟକ । ଯାହାର ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି । ପ୍ରକାଶଥାଉକି, ଧାମନଗର ଥାନା ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ବାଘୁଆରି ଗ୍ରାମର ଭବାନୀ ଦାସ ଓ ପ୍ରଶାନ୍ତ ବେହେରାଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା । ଏନେଇ ଉଭୟଙ୍କୁ ପକ୍ଷରୁ ଥାନାରେ ଏତଲା ହୋଇଥିଲା । ପରେ ଉଭୟଙ୍କ ଭିତରେ ବୁଝାମଣା ହୋଇ ସମାଧାନପରେ ଚଳିତ ମାସ ୩ ତାରିଖରେ ଥାନାରେ ଏକ ବୁଝାମଣା ପତ୍ର ଉଭୟଙ୍କ ଦସ୍ତଖତ ଓ ଟିପ ଚିହ୍ନ ଥିବା ଦରଖାସ୍ତ ଥାନାରେ ଦିଆଯାଇଥିଲା । କେସ ନେଇଥିବା ଧାମନଗର ଥାନାର ଏଏସଆଇ ଏଲକେ ପଟ୍ଟନାୟକ ଏହାର ଫାଇଦା ନେବାପାଇଁ ପର ଦିନ ଧାମନଗର ଅଞ୍ଚଳର ଜଣେ ଗ୍ରାମରକ୍ଷୀକୁ ସାଥିରେ ନେଇ ବାଘୁଆରୀ ଗ୍ରାମରେ ପହଞ୍ଚି ଗ୍ରାମର ଘର ଓ ଜମିବାଡ଼ି କାହାର ଓ କେଉଁ ପଟେ କିଏ ରହୁଛି ପଚାରି ବୁଝିଥିଲେ ।



ଶେଷରେ ପ୍ରଶାନ୍ତ ବେହେରାଙ୍କୁ ୫ ହଜାର ଟଙ୍କା ଦେଲେ ତାଙ୍କ ନାମରେ କୌଣସି କେସ ହେବ ନାହିଁ କି ତାଙ୍କୁ କୋର୍ଟ କଚେରୀ ଚକର ଲଗାଇବାକୁ ପଡ଼ିବ ନାହିଁ ବୋଲି ଥାନା ବାବୁ ଜଣଙ୍କ କହିଥିଲେ । ଏହି ସୁଯୋଗରେ ସ୍ଥାନୀୟ ଯୁବକ ମୋବାଇଲରେ ଥାନାବାବୁଙ୍କ କଥାକୁ ନିଜ ମୋବାଇଲରେ କୟଦ କରିନେଇ ଥିଲେ । ପରେ ଏହି ଘଟଣା ସାମାଜିକ ଗଣ ମାଧମ ରେ ଭାଇରାଲ ହୋଇଥିଲା । ଏ ନେଇ ଥାନା ବାବୁ ଜଣଙ୍କ କୌଣସି ପ୍ରତିକ୍ରିୟା ଦେଇ ନଥିବା ବେଳେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀଙ୍କ ପଚାରିବାରୁ ସେ କହିଥିଲେ ଏପରି ଏକ ଭାଇରାଲ ଭିଜୁଆଲ ଦେଖିଛି ତେବେ ଏସପିଙ୍କ ସହ ଯୋଗା ଯୋଗ କରିବା ପାଇଁ ଶ୍ରୀ ସେଠୀ କହିଥିଲେ ।

# ଅବସରପ୍ରାପ୍ତ ଅଧିକାରୀଙ୍କ ବିୟୋଗରେ ଶୋକ



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦରର ଅବସରପ୍ରାପ୍ତ ଅର୍ଥ ବିଭାଗ ଅଧିକାରୀ (ଆକାଉଣ୍ଟ ଅଫିସର) ବିଷ୍ଣୁ ଚରଣ ପାଣିଙ୍କର ୮୬ ବର୍ଷ ବୟସରେ ତାଙ୍କ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ସନ୍ତରା ଗ୍ରାମରେ ଗତ ଗୁରୁବାର ଦିନ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମ ପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ । ସ୍ୱର୍ଗତ ପାଣି ୧୯୬୦ ମସିହାରେ ପାରାଦୀପ ପ୍ରକଳ୍ପ କାର୍ଯ୍ୟରେ ଯୋଗ ଦେଇଥିଲେ । ସେହିପରି ପାରାଦୀପ ବନ୍ଦରର ଅବସରପ୍ରାପ୍ତ ଯନ୍ତ୍ରୀ ପଦରାବିନ୍ଦ ସାହୁଙ୍କର ଦେହାନ୍ତ ହୋଇଯାଇଛି । ଉଭୟଙ୍କ ବିୟୋଗରେ ପାରାଦୀପ ବନ୍ଦର ଅଫିସର୍ସ ପେନସନ ଆସୋସିଏସନର ସମ୍ପାଦକ ଶେଷଦେବ ସାହୁ, ପୋର୍ଟ ପେନସନର୍ସ ଆସୋସିଏସନର ପୂର୍ବତନ ସଭାପତି ପ୍ରସନ୍ନ କୁମାର ଆଚାର୍ଯ୍ୟ, ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ଅବସରପ୍ରାପ୍ତ ହେଡ଼ମାଷ୍ଟର ବୈଦ୍ୟନାଥ ମହାନ୍ତି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# ଜବରଦଖଲ ଉଚ୍ଛେଦକୁ ନେଇ ବିବାଦ, ଥଇଥାନକୁ ନେଇ ପ୍ରଶ୍ନ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ପ୍ରଶାସନ ପକ୍ଷରୁ ଦୋଳବେଦୀ ଛକରୁ ତଳଅଣ୍ଡିଆ ଛକ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କରାଯାଇଥିବା ବେଳେ ଏହାକୁ ଅନେକ ବ୍ୟକ୍ତି ସ୍ୱାଗତ କରିଛନ୍ତି । ଆଉ ସେପରି ଗହଳି ରାସ୍ତା ଉପରେ ଲାଗୁ ନାହିଁ । ଗହଳି କମିବା କାରଣରୁ ଗାଡ଼ି ମୋଟର ଯାତାୟତ ସ୍ୱାଭାବିକ ହୋଇଥିବା ବେଳେ ଦୀର୍ଘ ୫୦ ବର୍ଷ ଧରି ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଥଇଥାନ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉ ନାହିଁ । ଦୁଇଜଣ ପ୍ରଭାବଶାଳୀ ବ୍ୟକ୍ତି ରାସ୍ତା କଡ଼ରେ ଦୁଇଟି ବିରାଟକାୟ ଜେନେରେଟର ମେସିନ୍ ରଖିଥିବା ହେତୁ ଯାତାୟାତରେ ମଧ୍ୟରେ ପ୍ରତିବନ୍ଧକ ଦେଖା ଦେଇଛି । କ'ଣ ପାଇଁ ବିଜ୍ଞାପିତ ପରିଷଦ ଅଞ୍ଚଳର ସେମାନଙ୍କ ପ୍ରତି ଏତେ ଅନୁକମ୍ପା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ବ୍ଲକ୍ ଛକରେ ମଧ ଅନେକ ଦୋକାନୀ ଠେଲା ଗାଡ଼ି ଧରି ସଂଧ୍ୟା ସମୟରେ ବେପାର କରୁଥିବା ବେଳେ ପୌର ପରିଷଦ ଦବଙ୍ଗଗିରି ଦେଖାଇ ସେମାନଙ୍କୁ ଉଠାଇ ଦେଇଥିବା ବେଳେ ବ୍ଲକ୍ ସମ୍ମୁଖରେ ଏକ ଫଳ ଦୋକାନୀ ରାସ୍ତା ଅବରୋଧ କରି ଫଳ ବ୍ୟବସାୟ କରୁଥିବା ବେଳେ କେତେକ କର୍ମଚାରୀ ଫଳ ଖାଇ ସେମାନଙ୍କୁ ଉଠାଉ ନଥିବା ଚର୍ଚ୍ଚା ଏବେ ବିଜ୍ଞାପିତ ପରିଷଦ ଅଞ୍ଚଳରେ ଆଲୋଚନାର ଖୋରାକ ଯୋଗାଇଛି । ପୌର ପରିଷଦ ଅଞ୍ଚଳରେ ବ୍ୟାପକ ସରକାରୀ ଜାଗାକୁ ମାଡ଼ି ଦୋକାନ ଗୃହ ଠାରୁ ଆରମ୍ଭ କରି ଗୃହ ନିର୍ମାଣ କରିଥିବା ବେଳେ ପୌର ପରିଷଦଦ ସେମାନଙ୍କୁ ଅନୁକମ୍ପା ଦେଖାଇ ଉଚ୍ଛେଦ କରୁନାହିଁ । ସଂଧ୍ୟା ସମୟରେ କେତେଜଣ ବ୍ୟକ୍ତି ଠେଲା ଗାଡ଼ିରେ ରାତ୍ରି ୯ଟା ପର୍ଯ୍ୟନ୍ତ ବିଭିନ୍ନ ତେଲ ଛଣା ଜିନିଷ ବ୍ୟବସାୟ କରୁଥିବା ବେଳେ ସେମାନଙ୍କୁ ପୌର ପରିଷଦ ନାଲି ଆଖି ଦେଖାଉଛି । ମାତ୍ର ହାଟ ବଜାର ଜବର ଦଖଲକାରୀଙ୍କ କବ୍‌ଜାରେ ରହିଥିବା ବେଳେ ସେମାନଙ୍କ ପ୍ରତି କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ପ୍ରତ୍ୟେକ ସମୟରେ ହାଟ ବଜାର ଜାମ୍ ହେତୁ ଗୁରୁତର ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇପାରୁ ନାହାନ୍ତି । ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏପରି ଘଟୁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆ ନଯିବା ପଛରେ କ'ଣ କାରଣ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନେକ ବ୍ୟକ୍ତି ସହର ମଧ୍ୟରେ ବାଲି ଗୋଡ଼ି ଜମାଉ ଥିଲେ ମଧ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ନିମାପଡ଼ା ସାହାର ହୋଟେଲ ପଛପଟ ପୋଖରୀ ପାଲଟିଛି ଅଳିଆ କୁଣ୍ଡ । ବିରାଟକାୟ ପୋଖରୀ ଏବେ ଦୁର୍ଗନ୍ଧରେ ଫାଟି ପଡୁଛି । ପୋଖରୀ ହୁଡ଼ାରେ ରହୁଥିବା କେତେଜଣ ବ୍ୟକ୍ତି ଲାଟିନ୍ ପାଣି ପୋଖରୀକୁ ଛାଡୁଛନ୍ତି । ପୋଖରୀ ହୁଡ଼ାକୁ ମଡ଼ାଇ ଦୋକାନ ଗୃହ ନିର୍ମାଣ କରାଯାଇଛି । ଏଥିପ୍ରତି ପୌର ପରିଷଦର ଦୃଷ୍ଟି ପଡୁଛି ନା ନାହିଁ ତାହା ଏବେ ଆଲୋଚନା ଖୋରାକ ଯୋଗାଇଛି । ମୁସଲିମ୍ ବସ୍ତି ନିକଟସ୍ଥ ପୋଲ ନିକଟରେ ରାସ୍ତା ଉପରେ ଖିଲପାନ ଦୋକାନ ହୋଇଥିବା ବେଳେ ଏହା କ'ଣ ପରିଷଦ ଆଖିକୁ ଦେଖାଯାଉ ନାହିଁ । ପାତର ଅନ୍ତର କାର୍ଯ୍ୟ ପରିଷଦ କରିବା ଦ୍ୱାରା ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଡ଼େଲଟା ଛକ ଠାରୁ ବ୍ଲକ୍ ଛକ ପର୍ଯ୍ୟନ୍ତ ସରକାରୀ ପ୍ଲଟ୍ ରାସ୍ତା କଡ଼ରେ ମଧ ଦୋକାନ ରହିଥିବା ବେଳେ କ'ଣ ପାଇଁ ପରିଷଦ ପଦକ୍ଷେପ ନେଉ ନାହିଁ । ଗରିବ ଗୁରୁବାଙ୍କ ତଂଟି ଚିପୁଛି । କାହା ନିର୍ଦ୍ଦେଶରେ ଏପରି କରାଯାଉଛି ବୋଲି ପ୍ରଶାସନକୁ କ୍ଷୁଦ୍ର ବ୍ୟବସାୟୀ ପ୍ରଶ୍ନ କରିଛନ୍ତି ।

# ସିଲେଇ ମେସିନ ଓ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ମହିଳା ମାନଙ୍କୁ ସିଲେଇ ମେସିନ ଓ ଶୀତବସ୍ତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଶନିବାର ଅପରାହ୍ନରେ ପାରାଦୀପ ବଡ଼ପଡ଼ିଆ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଳିଙ୍ଗ ମହିଳା ଶକ୍ତିର ସଭାନେତ୍ରୀ ସୁଶ୍ରୀ ମନୋରମା ଖଟୁଆଙ୍କ ସଭାପତିତ୍ୱରେ ପାରାଦୀପ ପୌରପାଳିକାର ୧୯ ଗୋଟି ୱାର୍ଡରେ ବସବାସ କରୁଥିବା ଅତ୍ୟନ୍ତ ଦରିଦ୍ର ଶ୍ରେଣୀର ମହିଳା ମାନଙ୍କୁ ୨୫ ଗୋଟି ସିଲେଇ ମେସିନ ପ୍ରଦାନ କରାଯିବା ସହ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି ମହତ କାର୍ଯ୍ୟରେ ପାରାଦୀପ ବନ୍ଦରର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ଏବଂ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକସ୍ମୃତି ରଞ୍ଜନ କର ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କୁ ଉପରୋକ୍ତ ସିଲେଇ ମେସିନ ଓ ଶୀତବସ୍ତ୍ର ପ୍ରଦାନ କରି କଳିଙ୍ଗ ମହିଳା ଶକ୍ତି ର ଏପରି ମହତ କାର୍ଯ୍ୟକୁ ସାଧୁବାଦ ଜଣାଇ ଆଗାମୀ ଦିନରେ ସମାଜ ମଙ୍ଗଳ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ବିଜୟ କୁମାର ପରିଡ଼ା, ରବୀନ୍ଦ୍ର ମଲ୍ଲିକ, ନବଘନ ସ୍ୱାଇଁ, ସାଧାରଣ ସମ୍ପାଦିକା କମଳା ଓଝା, ଉପସଭାନେତ୍ରୀ ବିଜୟାଲକ୍ଷ୍ମୀ ଦାସ, କୋଷଧକ୍ଷା ବାସୁକା ମଲ୍ଲିକ, ସହ ସମ୍ପାଦିକା ଉର୍ମିଳା ମହାନ୍ତି ସମେତ ସଦସ୍ୟା ଉର୍ମିଳା ସାହୁ, ଜ୍ୟୋତ୍ସ୍ନା ବାହାଦୁର, ସରୋଜିନୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଲ ପ୍ରମୁଖ ଉପସ୍ଥିତ ଥିଲେ ।



ବୋଲଗଡ଼ (ଭାସ୍କର ନ୍ୟୁଜ): 'ଭଏସ ଅଫ ମିଡିଆ' ଖୋର୍ଦ୍ଧା ଜିଲ୍ଲାର ସାଂଗଠନିକ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ପ୍ରଭାତ ମିଶ୍ର ସଭାପତିତ୍ୱ କରିଥିଲେ। ଜାତୀୟ ସମ୍ପାଦକ ବରିଷ୍ଠ ସାମ୍ବାଦିକ ଇଫତାର ଅଲ୍ଲୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଂଗଠନିକ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜିଲା ନୂତନ କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯାଇଛି। ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଧନେଶ୍ୱର ବିଧାର ଏବଂ ଯୁବ ସାମ୍ବାଦିକ ନିରଂଜନ ନାୟକଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ଜିଲା ସଭାପତି ସୁକାନ୍ତ ପରିଡାଙ୍କୁ ରାଜ୍ୟ ଉପ ସଭାପତି ଭାବେ ମନୋନୀତ କରାଯାଇଛି। ନୂତନ ସଭାପତି, ସମ୍ପାଦକ ଓ ରାଜ୍ୟ ଉପ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ



କୋଇଡ଼ା, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଶ୍ରୀ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସ୍‌ପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ଚୋର୍ଧରା ଉନ୍ନୀତ ହାଇସ୍କୁଲରେ ଏକ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତକୁ ଅଧିକ ବୋଧଗମ୍ୟ କରିବା ଓ ଏଥିପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି କରିବା ଏହି ସେଣ୍ଟରର ଲକ୍ଷ୍ୟ। ଏହି ସାଇନ୍ସ ସେଣ୍ଟରକୁ ଉଦ୍‌ଘାଟନ କରିବା ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ପ୍ରେସିଡେଣ୍ଟ ଓ ଗ୍ରୁପ୍ ମୁଖ୍ୟ (ସିଏସଆର) ଶ୍ରୀ ପ୍ରଶାନ୍ତ ହୋତା ମାନବ ସଭ୍ୟତାର ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ସହିତ ସେ ଛାତ୍ରଛାତ୍ରୀମାନଙ୍କୁ ଗବେଷଣାମନସ୍କ ହେବା ପାଇଁ ପରାମର୍ଶ ଦେଇଥିଲେ। ପୁରାତନ ଯୁଗରୁ ବର୍ତ୍ତମାନର ଅତ୍ୟାଧୁନିକ କମ୍ପ୍ୟୁଟର ଯୁଗ ଯାଏ ମାନବ ସଭ୍ୟତାର ବିକାଶ ପଛରେ ବିଜ୍ଞାନର ବଳିଷ୍ଠ ଭୂମିକା ରହିଛି। ଛାତ୍ରଛାତ୍ରୀ ଗବେଷଣାତ୍ମକ କାର୍ଯ୍ୟରେ ଲିପ୍ତ ରହିବା ଜରୁରୀ, କାରଣ ବିଶେଷ ଜ୍ଞାନ ଆହରଣ କରିବା ପାଇଁ ଆଉ କୌଣସି ବିକଳ୍ପ ହିଁ ନାହିଁ। ଅପହଞ୍ଚ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବା ପାଇଁ ଅସରନ୍ତି ପ୍ରେରଣା ଯୋଗାଉଥିବାରୁ ଏହି ଅବସରରେ ଶ୍ରୀ ହୋତା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଥିଲେ। ଏହା ସହିତ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନଙ୍କ ମନରେ ବିଜ୍ଞାନ ପ୍ରତି ଅନୁସନ୍ଧିତ୍ସା ସୃଷ୍ଟି କରିବା, ଶିକ୍ଷକଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। କୋଇଡ଼ା ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ଅଭିମନ୍ୟୁ ବେହେରା, ଟେନସା ମାଇନ୍ସ ୟୁନିଟ ହେଡ ଶ୍ରୀ ଆର.ଏସ. ରଘୁବଂଶୀ, ଟେନସା କ୍ଲଷ୍ଟର ସିଆରସିସି ଶ୍ରୀ ପ୍ରଶାନ୍ତ କୁମାର ପରିଡ଼ା, ଚୋର୍ଧରା କ୍ଲଷ୍ଟର ସିଆରସିସି ଶ୍ରୀ ଭାରତ ରଞ୍ଜନ ମହାନ୍ତି, ପ୍ରଧାନଶିକ୍ଷକ ଗାନ୍ଧାରୀ ଟପ୍ପୋ, ଜେଏସ୍‌ପି ବଡବିଲ ୟୁନିଟର ସିଏସ୍‌ଆର ମୁଖ୍ୟ ଶ୍ରୀ ଉର୍ଜିଲ ଲାକ୍ରା ଏହି ଅବସରରେ ଉପସ୍ଥିତ ଥିଲେ। ଏହି ମିନି ସାଇନ୍ସ ସେଣ୍ଟର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇଥିବାରୁ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ଜିନ୍ଦଲ ଫାଉଣ୍ଡେସନକୁ ପ୍ରଶଂସା କରିଥିଲେ। ଏବଂ ଜିନ୍ଦଲ ଫାଉଣ୍ଡେସନର ଏଭଳି ଅଭିନବ ପଦକ୍ଷେପ ପାଇଁ ସେ ଧନ୍ୟବାଦ ଦେଇଥିଲେ। ଏହି ସାଇନ୍ସ ସେଣ୍ଟର ସ୍କୁଲଗୁଡ଼ିକରେ ବିଜ୍ଞାନ ଶିକ୍ଷାର ବିକାଶ କରିବ ବୋଲି ସେ ତାଙ୍କ ଅଭିଭାଷଣରେ କହିଥିଲେ। ଏହି ମିନି ସାଇନ୍ସ ସେଣ୍ଟରରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ୮୦ଟି ଲାଇଭ ମଡେଲ ରହିଛି। ଏହି କେନ୍ଦ୍ରରେ ଛାତ୍ରଛାତ୍ରୀ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନର ଅନେକ କଷ୍ଟକର ଥିଓରି ସହଜରେ ବୁଝି ପାରିବେ। ଜିନ୍ଦଲ ଫାଉଣ୍ଡେସନର ଏହି ପଦକ୍ଷେପ ପାଇଁ ପିଲାମାନେ ବେଶ ଖୁସି ପ୍ରକାଶ କରିଥିବା ବେଳେ ଏଠାରେ ଲାଇଭ ମଡେଲ ଦ୍ୱାରା ବିଜ୍ଞାନ ପଢ଼ିବା ପାଇଁ ବେଶ ଉତ୍ସାହିତ ଅଛନ୍ତି।

# ୧୩ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲା ପୋଲିସ୍ ନିକଟରେ ମୋଟ ୧୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନେ ହେଲେ, ୫ଲକ୍ଷ ଇନାମୀ ମୁନ୍ନା କକେମ ଓ ସୁଖରାମ ହେମଲା, ଏକଲକ୍ଷ ଇନାମୀ ମଡକମ୍ ଓରଫ୍ ଚାନ୍ଦିନୀ, ଏକଲକ୍ଷ ଇନାମୀ ନନ୍ଦୁ ଅବଲମ ଓରଫ୍ ଦୁର୍ଗେଶ ଓ ଭିମା ବେକୋଙ୍କ ସହ ଅନ୍ୟ ୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ପୋଲିସ ଦ୍ୱାରା ଚାଲିଥିବା ମାଓ ଦମନ ନୀତି ଓ ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ସେମାନେ କହିଛନ୍ତି ଯେ ବର୍ତ୍ତମାନ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା କରିବା ସହ କମ୍ବିଙ୍ଗ ଅପସରେସନ୍‌ରେ ବହୁ ମାଓବାଦୀ ପ୍ରାଣ ହରାଇଛନ୍ତି। ଅପରପକ୍ଷେ ବର୍ତ୍ତମାନ ମାଓବାଦୀଙ୍କ ଦ୍ୱାରା କୌଣସି ଉନ୍ନତିମୂଳକ କାର୍ଯ୍ୟ ହେଉ ନଥିବା ବେଳେ ପୋଲିସ ଓ ପ୍ରଶାସନ ଛତିଶଗଡ଼ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ତେଣୁ ଏଥିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମ ସମର୍ପଣ କରିଥିବା କହିଛନ୍ତି ଓ ଆତ୍ମସମର୍ପଣ କରିଥିବା ସମସ୍ତଙ୍କୁ ୨୫ ହଜାର ଲେଖାଏଁ ଇନାମ ରାଶି ମଧ୍ୟ ପ୍ରଦାନ କରାଯାଇଛି।

## ଅସହାୟ ମହିଳାଙ୍କ ଶବଦାହ କଲେ ସହିଦ ଭଗତ ସିଂ ଯୁବକ ସଂଘ

ବ୍ୟାସନଗର, (ଭାସ୍କର ନ୍ୟୁଜ) : ବ୍ୟାସନଗରର ବହୁଚର୍ଚ୍ଚିତ ସମାଜସେବୀ ଅନୁଷ୍ଠାନ ସହିଦ ଭଗତ ସିଂ ଯୁବକ ସଂଘ ଜଣେ ଅସହାୟ ମହିଳାଙ୍କ ଶବଦାହ କଲେ। ମଣି ସାହି(ସପଗାଡ଼ିଆ)ରେ ରହୁଥିବା ଜଣେ ଅସହାୟ ଆଦିବାସୀ ମହିଳାଙ୍କର ମୃତ୍ୟୁ ହୋଇଥିବାବେଳେ ସମାଜସେବୀ ଅଭିଷେକ ପହି ଯୁବକ ସଂଘର ସଭାପତି ସମାଜସେବୀ ରାଜେନ୍ଦ୍ର ବିଶ୍ୱାଳଙ୍କୁ ଖବର ଦେଇଥିଲେ। ଖବର ପାଇ ରାଜେନ୍ଦ୍ର ତାଙ୍କ ସାଙ୍ଗସାଥୀଙ୍କୁ ନେଇ ହିନ୍ଦୁ ରୀତିନୀତିରେ ସ୍ଥାନୀୟ ବ୍ୟାସ ସରୋବର ଠାରେ ଥିବା ଶ୍ମଶାନରେ ଶବ ଦାହ କରିଥିଲେ। ଏହି ମହାନ କାର୍ଯ୍ୟରେ ସାମିଲ ହୋଇଥିବା ପ୍ରତ୍ୟେକ ସହୃଦୟ ବ୍ୟକ୍ତି ଆତ୍ମାର ସଦ୍‌ଗତି କାମନା କରିବା ସହିତ ସହରରେ ଥିବା ଶ୍ମଶାନ ଅବହେଳିତ ଅବସ୍ଥାରେ ପଡିରହିଥିବା ଜଣାଇବା ସହିତ ଶ୍ମଶାନର ଉନ୍ନତି କେମିତି ହେବ ସେ ବାବଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରଧ କରିଛନ୍ତି।

## ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ କଲେ ଉପଜିଲ୍ଲାପାଳ

# ଜିଲ୍ଲାରେ ୫୫ ହଜାର କ୍ୱିଣ୍ଟାଲ କ୍ରୟ ଲକ୍ଷ୍ୟ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ଦୁର୍ଗମ ନାକାମାମୁଡି ଠାରେ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ତଥା ପିଏ ଆଇଟିଡିଏ ଦୁର୍ଯ୍ୟୋଧନ ଭୋଇ, ନିୟନ୍ତ୍ରୀତ ବଜାର କମିଟି ସଂପାଦକ ଦେବୀନା ତ୍ରିପାଠୀ, ସିଡିଏଓ ଦିଲ ରଂଜନ ମହାଲିକଙ୍କ ସମେତ ନାକାମାମୁଡି ପଂଚାୟତ ସରପଞ୍ଚ, ସମିତିସଭ୍ୟ ଓ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ଚଳିତବର୍ଷ ୫୫ ହଜାର କ୍ୱିଣ୍ଟାଲ ମାଣ୍ଡିଆ କିଣାଯିବାର ଲକ୍ଷ୍ୟ ରଖାଯାଇଛି। ୭ଟି ବ୍ଲକର ୪ଟି ଲ୍ୟାମ୍ପସ୍ ଏବଂ ୩ଟି ଗ୍ରୁପ୍ ମଣ୍ଡିରେ ମାଣ୍ଡିଆ କିଣିବା ନେଇ ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ମାଣ୍ଡିଆ କୁଇଣ୍ଟାଲ ପିଛା ୪୨୯୦ ଟଙ୍କା ଏମ୍‌ଏସ୍‌ପି ରହିଥିବା ବେଳେ ୨୧୦ ଟଙ୍କା ବୋନସ ମିଳିବ ବୋଲି କୁହାଯାଇଛି। ଖଇରପୁଟ ବ୍ଲକରେ ୩୪୦ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ଏହି ବ୍ଲକରେ ୮୫୦୦ କ୍ୱିଣ୍ଟାଲ ମାଣ୍ଡିଆ କିଣିବା ନେଇ ଟାର୍ଗେଟ ରହିଛି। ସେହିପରି ମାଥିଲି ବ୍ଲକରେ ୨୦୦ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ୧୪ ହଜାର କ୍ୱିଣ୍ଟାଲ, ଚିତ୍ରକୋଣ୍ଡା ବ୍ଲକରେ ୩୦୦ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ୧୩,୨୪୦ କ୍ୱିଣ୍ଟାଲ , କୋରୁକୋଣ୍ଡା ବ୍ଲକରେ ୫୦୦ ଚାଷୀଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ୧୧,୫୦୦ କ୍ୱିଣ୍ଟାଲ, ମାଲକାନଗିରି ବ୍ଲକରେ ୨୮୫ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ୬ ହଜାର କ୍ୱିଣ୍ଟାଲ, କାଲିମେଲା ବ୍ଲକରେ ୩୦୦ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ୧୨୬୦ କ୍ୱିଣ୍ଟାଲ ଏବଂ ପଡିଆ ବ୍ଲକରେ ୬୦୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୫୦୦ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯିବା ନେଇ ଟାର୍ଗେଟ ରହିଛି। ମାଲକାନଗିରି ଲ୍ୟାମ୍ପସ ସେରପାଲୀ, ପୋଡଭାଟା, ସିନ୍ଧିମାଳ, ପେଦାୱାଡା ଏବଂ ପଦ୍ମଗିରିରେ ମଣ୍ଡି କରି ମାଣ୍ଡିଆ କିଣିବାକୁ ଯାଉଥିବା ବେଳେ ମାଥିଲି ବ୍ଲକରେ ସାବେରୀ ସେତୁ ଫାର୍ମସ ପ୍ରଡ୍ୟୁସର ଗ୍ରୁପ୍ ତରଫରୁ ଭେଜାଗୁଡ଼ା, ନାୟକଗୁଡ଼ା, ଚେଡେଙ୍ଗା, ସାଲିମି, କିଆଙ୍ଗ, ଧୁଙ୍ଗିଆପୁଟ, ଚାଉଳମେନ୍ଦି ରାମାଗୁଡ଼ାରେ ମଣ୍ଡି ଖୋଲାଯିବ। ଖଇରପୁଟ ବ୍ଲକର ନାରୀଶକ୍ତ ଗ୍ରୁପ୍ ତରଫରୁ ମାଡ଼କା ପଦର, ପୋଡ଼ାଘାଟ, ରାସବେଡ଼ା, ମୁଦୁଲିପଡ଼ା, ଗୋବିନ୍ଦପାଲ୍ଲୀ ଏବଂ ଖଇରପୁଟରେ ମଣ୍ଡି ଖୋଲାଯିବ। କୁଡୁମୁଲୁଗୁମ୍ମା ଲ୍ୟାମ୍ପ ତରଫରୁ ସୋମନାଥପୁର, କୁଡୁମୁଲୁଗୁମ୍ମା ଏବଂ ନାକାମାମୁଡ଼ିରେ, କୋରୁକୋଣ୍ଡା ବ୍ଲକରେ ଫାର୍ମର୍ସ ପ୍ରଡ୍ୟୁସର ଗ୍ରୁପ୍ ତରଫରୁ ତାର୍ଲାକୋଟା, ପୁରୁଣା ଚିମଟାପାଲୀ, ତାର୍ଲାକୋଟା ଏବଂ ତୁଡାମେଟା, ଚିତ୍ରକୋଣ୍ଡା ବ୍ଲକରେ ଗୁରୁପ୍ରିୟା ଫାର୍ମର୍ସ ପ୍ରଡ୍ୟୁସର ଗ୍ରୁପ୍ ତରଫରୁ ଯୋଡାମ୍ବ, ସାରକୁ ବନ୍ଧ, କପାତୁଟି, ବଡ଼ ପଦର, ଦୋରା ଗୁଡ଼ା ଏବଂ ଯନ୍ତାପାଇ ରେ ମାଣ୍ଡିଆ ମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ମାଣ୍ଡିଆ କିଣାଯିବା ନେଇ ସୂଚନା ମିଳିଛି।

# ଜଗଦଲପୁର ପଞ୍ଚାୟତରେ ଧାନ ମଣ୍ଡି ଶୁଭାରମ୍ଭ



କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍) : ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅଧୀନ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଲପୁର ପଞ୍ଚାୟତରେ ଚାଷୀମାନଙ୍କ ଧାନ କ୍ରୟ କରିବା ନିମନ୍ତେ ଧାନମଣ୍ଡିର ଶୁଭାରମ୍ଭ ହୋଇଯାଇଛି । ଏହି ଧାନମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ସଂଗ୍ରାମ ଏସ୍‌ଏସ୍‌ଜି ଗ୍ରୁପ ପକ୍ଷରୁ ଆୟୋଜିତ କରାଯାଇଥିବା ବେଳେ ଏଥିରେ କୁକୁଡ଼ାଖଣ୍ଡି ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରିବନ୍ କାଟି ଶୁଭାରମ୍ଭ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ଜଗଦଲପୁର ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ସମିତି ସଭ୍ୟ ବି ରବିନ୍ଦ୍ର ପାତ୍ର, ପୂର୍ବତନ ସରପଞ୍ଚ ଏଲ୍ ପୁରୁଷୋତ୍ତମ ପାତ୍ର, ମିଲର୍ ଦେବରାଜ ପାତ୍ର, ହାଡୁବ ବନ୍ଧୁ ବେହେରା, ବି ବାପ ପାତ୍ର, ପି ବାସୁଦେବ, କେ ବିଜୟ କୁମାର, କେ ଗଣେଶ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ନଡ଼ିଆ ବାଡ଼େଇବା ସହ ଧାନ ମଣ୍ଡି ଉଦ୍‌ଘାଟନର ଶୁଭାରମ୍ଭ କରିଥିଲେ । ଚଳିତବର୍ଷ ସରକାରଙ୍କ ପକ୍ଷରୁ ଧାନ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଧାର୍ଯ୍ୟ ମୂଲ୍ୟ ରହିଥିବା ବେଳେ ଚାଷୀ ମାନଙ୍କୁ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ରାଶି ମିଶାଇ ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି । ଏହି ମଣ୍ଡିରେ ପଞ୍ଜିକୃତ ହୋଇଥିବା ଚାଷୀମାନେ ବର୍ତ୍ତମାନ ଧାନ ବିକ୍ରି କରିପାରିବେ । ଚାଷୀମାନେ ଏସ୍‌ଏମ୍‌ଏସ୍ ଜରିଆରେ ପାଇଥିବା ସୂଚନା ଅନୁଯାୟୀ ନିର୍ଦ୍ଧାରିତ ମଣ୍ଡି ଓ ନିର୍ଦ୍ଧାରିତ ମାନର ଧାନ ବିକ୍ରି କରିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତର ବହୁ ଚାଷୀ ଉପସ୍ଥିତ ରହିଥିବା ବେଳେ ସଂଗ୍ରାମ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ସୁଜତା ପାତ୍ର, ସମ୍ପାଦିକା ସୁନିତା ଦାସଙ୍କ ସମେତ ସଂଘର ଅନ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବିପୁଳ ପରିମାଣର ଚୋରା ମଦ ଜବତ



ଚିକିଟୀ, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମପୁର ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନ ଓ ଚିକିଟି ଉପଅରକ୍ଷୀ ଅଧିକ୍ଷକ ଶ୍ରୀ ବିଶ୍ୱମିତ୍ର ହର୍ପାଲ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତଥା ତହସିଲଦାର ପାତ୍ରପୁର ଅତିରିକ୍ତ ତସିଲଦାର ଶ୍ରୀ ଦିଲ୍ଲୀପ କୁମାର ଦେହୁରୀଙ୍କ ଉପସ୍ଥିତିରେ ଜରଡା ଥାନା ଅନ୍ତର୍ଗତ ମଶାଣିବାଡ, ତାଡକାସାହି, ହରିପୁର, ଠଣଗାଁ, ଆଦି ଗ୍ରାମର ପାହାଡିଆ ଜଙ୍ଗଲ ଅଞ୍ଚଳ ଓ ନାଳ ନିକଟରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଭାଟି ଗୁଡିକୁ ନଷ୍ଟ କରିବା ଶହ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ୨୭୦୦୦ ଲିଟର ଗୁଡ଼, ପିଡ଼ିଆ ପୋଚ ଓ ୧୪୦୦ ଲିଟର ଚୋରା ଅପମିଶ୍ରିତ ଦେଶୀ ମଦ, ଡ୍ରମ, ଡେକ୍ଚି ଇତ୍ୟାଦି ଜବତ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଗଲା, ଯାହାର ଆନୁମାନିକ ମୂଲ୍ୟ ୧୭,୦୦,୦୦୦ ଟଙ୍କା ହେବ। ଏହି ଚଢ଼ାଉରେ ଚିକିଟି ଅବକାରୀ ଉପ -ଅଧିକ୍ଷକ କୁମୁଦ ରଞ୍ଜନ କୁଅଁର, ଜରଡା ଥାନା ଅଧିକାରୀ ଟୁନା ସାସମଲ, ବ୍ରହ୍ମପୁର ସଦର ରେଞ୍ଜ ଅବକାରୀ ନିରୀକ୍ଷକ ଅର୍ଜୁନ କୁମାର ମଲ୍ଲିକ, ବ୍ରହ୍ମପୁର ଡି ଏସ୍‌ଏଫ ଅବକାରୀ ନିରୀକ୍ଷିକା ମନୀଷା ଭୋଳ, ଚିକିଟି ଅବକାରୀ ଥାନା ଉପ-ନିରୀକ୍ଷକ ସଞ୍ଜୟ କୁମାର ଭୁକ୍ତା, ଗୋଳନ୍ଥରା ଅବକାରୀ ଥାନା ଉପ-ନିରୀକ୍ଷକ ବିଶ୍ୱମ୍ଭର ବିଶ୍ୱାଳ, ବ୍ରହ୍ମପୁର ଅବକାରୀ ଥାନା-୨ ଉପ -ନିରୀକ୍ଷିକା ସଂଗୀତା ମହାପାତ୍ର, ଗୋପାଳପୁର ଅବକାରୀ ଥାନା ଉପ ନିରୀକ୍ଷିକା ସସ୍ମିତା ମଲ୍ଲିକଙ୍କ ସହ, ଅବକାରୀ କର୍ମଚାରି ଓ ପୋଲିସ୍ କର୍ମଚାରି ମାନେ ସାମିଲ ଥିଲେ।

## କବି ବାସୁଦେବ ସ୍ୱାଇଁଙ୍କ କବିତା ସଙ୍କଳନ 'ଭାବ ତରଂଗ' ଲୋକାର୍ପିତ

ଫୁଲନଖରା, (ଭାସ୍କର ନ୍ୟୁଜ୍) : ସାଂସ୍କୃତିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ରାଜ୍ୟ ସ୍ତରୀୟ ପ୍ରତିଭା ମହୋତ୍ସବ ଓ ସାହିତ୍ୟ ସଭାରେ ବୟାଳିଶମୌଜା କୂଳସରିଚୁଆଁ ଗ୍ରାମ ନିବାସୀ ଅବସର ପ୍ରାପ୍ତ ଅଧ୍ୟାପକ କବି ବାସୁଦେବ ସ୍ୱାଇଁଙ୍କ କବିତା ସଙ୍କଳନ 'ଭାବତରଂଗ' ଉନ୍ମୋଚିତ ହୋଇ ଖୁବ୍ ପାଠକୀୟ ସ୍ୱିକୃତି ଲାଭ କରିଛି । ଏହି ସଂକଳନରେ ଆଧ୍ୟାତ୍ମିକତା, ଶିକ୍ଷା, ସଂସ୍କୃତି, ଦର୍ଶନ, ସମାଜ ସଂସ୍କାର, ଦେଶାତ୍ମକ ବୋଧ ଉଚ୍ଚାଙ୍ଗ ଭାବନା, ଅତି ମାନନୀୟ ଚିନ୍ତା ଚେତନା, ଜୀବର ଆବେଗ, ଶାଶ୍ୱତ ଅନାବିଳ ବଂଧୁତ୍ୱ ପ୍ରେମର ମନ୍ତ୍ରମୁଗ୍ଧ ନିଦର୍ଶନ ପରିପ୍ରକାଶ, ପୂଜ୍ୟପୂଜା ଓ ପ୍ରକୃତି ପରିବେଶ ଆଦି ଅନେକ ଦିଗ ଗୁଡ଼ିକ ଉପରେ ବିଭିନ୍ନ ଉନ୍ନତ ମାନର କବିତା ପ୍ରକାଶ ପାଇଛି । ଅଭିମତ ବା ଶୁଭେଚ୍ଛା ବାର୍ତ୍ତା ପୃଷ୍ଠାରେ ମାନ୍ୟବର କଟକ ଜିଲ୍ଲା ସାଂସଦ ତଥା ପ୍ରଜାତନ୍ତ୍ର ସଂପାଦକ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ସାହିତ୍ୟିକ ପ୍ରଫେସର୍ ବୈଷ୍ଣବ ସାମଲ, ଅବସର ପ୍ରାପ୍ତ ଶିକ୍ଷାବିତ୍ ପ୍ରଫେସର ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଉତ୍କଳ ସାହିତ୍ୟ ସମାଜର ସଭାପତି ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ରକ୍ତଦାତା ତଥା ସାହିତ୍ୟିକ ପ୍ରଧାପକ ପ୍ରଫୁଲ୍ଲ ଦାସ ପ୍ରମୁଖ ମହାନ୍ ବ୍ୟକ୍ତି ବିଶେଷ ନିଜର ବାର୍ତ୍ତା ପ୍ରକାଶ କରିବା ସହ କବିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସୂଚନାଯୋଗ୍ୟ କବି ବାସୁଦେବ ସ୍ୱାଇଁ ଜଣେ ଉଦାହରଣୀୟ ପ୍ରତିଭା, କ୍ରୀଡାବିତ୍, ପରିବେଶବିତ୍, ଆଧ୍ୟାତ୍ମିକବାଦୀ, ଆଦର୍ଶ ଶିକ୍ଷାବିତ୍, ସୁବକ୍ତା ତଥା ସୁସାହିତ୍ୟିକ ଭାବେ ସର୍ବ ଜନ ବିଦିତ ବ୍ୟକ୍ତିତ୍ୱ ଅଟନ୍ତି ।

# ଟ୍ରକ୍ ଧକ୍କାରେ ବ୍ୟକ୍ତିଙ୍କ ମୃତ୍ୟୁ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ମୋଟର ସାଇକେଲ ଆରୋହୀଙ୍କ ଉପରେ ପଛପଟୁ ମାଡି ଗଲା ଟ୍ରକ୍ । ଘଟଣା ସ୍ଥଳରେ ମୋଟର ସାଇକେଲ ଆରୋହୀଙ୍କ ମୃତ୍ୟୁ। ମୃତକ ଢେଙ୍କାପୁର ଶାସନର ରାଜେଶ୍ ଦ୍ୱିବେଦୀ ବୋଲି ଜଣାପଡ଼ିଛି । କେନ୍ଦୁଝର ଜିଲ୍ଲା ଷଠିଘର ସାହି ନିକଟରେ ଏଭଳି ଘଟଣା ଘଟିଥିବାର ଖବର ସାମ୍ନାକୁ ଆସିଛି । ସୂଚନା ମୁତାବକ, ଶନିବାର ସକାଳ ପ୍ରାୟ ୯ ଟା ସମୟରେ ରାଜେଶ୍ ଦ୍ୱିବେଦୀ ତାଙ୍କ ମୋଟର ସାଇକେଲରେ ୨୦ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିଲେ । ଏହି ସମୟରେ ଷଠିଘର ସାହି ନିକଟରେ ପଛ ପଟୁ ଏକ ଟ୍ରକ୍ ଆସି ତାଙ୍କ ଉପରେ ମାଡି ଯାଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହା ସହ ଘଟଣାର ତଦନ୍ତ ଚଳାଇଛି ପୋଲିସ ।

# ଆଳି ରାଜମାତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ

ଆଳି, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଗିରିବଂଧ ପଡିଆ ଠାରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଧାୟିକା ରାଜମାତା ସୁଶ୍ରୀଦେବୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଓ ଜଗଦାନନ୍ଦ ବଳଙ୍କ ସଂଚାଳନରେ ଆୟୋଜିତ ସ୍ମୃତି ଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରାଜନଗର ବିଧାୟକ ଧ୍ରୁବ ସାହୁ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଓ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗଦେଇ ରାଜମାତା ସୁଶ୍ରୀଦେବୀଙ୍କ ଜୀବନ ଦର୍ଶନୀ ଉପରେ ମତବ୍ୟକ୍ତ କରିଥିଲେ। ଶ୍ରାଦ୍ଧବାର୍ଷିକ ଅବସରରେ ସୁଶ୍ରୀଦେବୀ ମହିଳା କଲେଜରେ ସୁଶ୍ରୀଦେବୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯିବା ସହିତ ସ୍ମରଣିକା 'ରାଜମାତା ସୁଶ୍ରୀଦେବୀ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜମାତା ସୁଶ୍ରୀ ଦେବୀଙ୍କ ବଡ଼ପୁଅ ବ୍ରଜକେଶରୀ ଦେବଙ୍କ ସମେତ ଆଳି ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତରୁ ସୁଶ୍ରୀଦେବୀଙ୍କ ଅନୁଗାମୀ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ସାନପୁଅ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ସୁବ୍ରତ ଦାସ ମନୋଜ ମହାନ୍ତି, ନିରଞ୍ଜନ ସେନାପତି ପ୍ରମୁଖ ଉକ୍ତ ସଭାକୁ ପରିଚାଳନା କରିଥିଲେ।

# ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଦକ୍ଷତା ବୃଦ୍ଧି ତାଲିମ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲାର ଅଗ୍ରଣୀ ଅନୁଷ୍ଠାନ କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ମଇଦାନକେଲ ଓ ମା ଭବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ହରିହରପୁର ମିଳିତ ସହଯୋଗରେ ମଇଦାନକେଲ ଠାରେ ଜାନୁଆରୀ ୮ ଓ ୯ ଦୁଇଦିନ ଧରି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ତାଲିମ ଶିବିରକୁ ମଇଦାନକେଲର ନାଏବ ସରପଞ୍ଚ ତଥା ଆଞ୍ଚଳିକ ମଞ୍ଚର ସଭାପତି କଳ୍ପନା ମହାନ୍ତ ଉଦଘାଟନ କରିଥିଲେ। ସି ଆର ପି ରଞ୍ଜୁଲତା ମହାନ୍ତ ଓ ବ୍ୟାଙ୍କ ମିତ୍ର କାଞ୍ଚନବାଳା ମହାନ୍ତ ତାଲିମ ପରିଚାଳନା ଓ ଆୟୋଜନରେ ସହଯୋଗ କରିଥିଲେ। ମଇଦାନକେଲ, ହରିହରପୁର, ବାସୁଦେବପୁର, ବାଳିଆ ବେଡା ଗ୍ରାମର ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୬୦ଜଣ ଅଗ୍ରଣୀ ମହିଳାମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଦୁଇଦିନ ତାଲିମ କାଳ ମଧ୍ୟରେ ବନଧନ ଯୋଜନା, ନାବାର୍ଡ ସହଯୋଗରେ ଆଣୁ ଶିଳ୍ପ ଯୋଜନା, କୃଷି ଉଦ୍ୟାନ, ମତ୍ସ୍ୟ ଓ ପ୍ରାଣୀ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକାର ଗ୍ରାମାଭିମୁଖି ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରା ଗତ କୃଷି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜଙ୍ଗଲ ଓ ଜୈବ ବିବିଧତାର ସୁରକ୍ଷା ବିଷୟରେ ଅନେକ ତଥ୍ୟ ଭିତ୍ତିକ ତାଲିମ ପ୍ରଦାନ କରାଯାଇଥିଲା । ତାଲିମର ଶେଷ ଭାଗରେ ମହିଳାମାନେ ଏକାଠି ହୋଇ ଗୋଷ୍ଠୀ ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଙ୍ଗଲ ସୁରକ୍ଷା କରିବେ ବୋଲି ପ୍ରତିଶ୍ରୁତି ଦେଲେ। ଆମ୍ବ, ପଣସ, ପିଜୁଳି, ଜାମୁ, ଅଁଳା, ବର, ଓସ୍ତ ଓ ବାଉଁଶ ଇତ୍ୟାଦି ଗଛ ରୋପଣ କରିବାକୁ ତାଲିମ ଦାତାମାନେ ବୁଝାଇଥିଲେ । ମହିଳାମାନଙ୍କୁ ସୁରକ୍ଷା ପାଇଁ ଘରୋଇ ହିଂସା ସୁରକ୍ଷା ଆଇନ ୨୦୦୫, ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ବିଷୟରେ ତାଲିମ ଦିଆଯାଇଥିଲା। ଅଧିବକ୍ତା ଆଇନଜୀବୀ ଜଗତଜିତା ଦାସ, ବରିଷ୍ଠ ସମାଜସେବୀ ଭକ୍ତବତ୍ସଳ ମହାନ୍ତି, ସିନ୍ଦୂର ଗୌରୀ ଜନଧନ ବିକାଶ କେନ୍ଦ୍ରର ସଭାପତି ସବିତା ନାୟକ, ସଂଯୋଗ ସଭାପତି କଳ୍ପନା ସାମଲ, ସ୍ୱସ୍ତି ଫାଉଣ୍ଡେସନର ସମ୍ପାଦକ ଶ୍ରୀ ମାନସ ରଞ୍ଜନ ପଣ୍ଡା, ତାଲିମ ଦାତ୍ରି ସୁଶ୍ରୀ ମୁର୍ଗାବତି ବେହେରା, ଅଭିଜ୍ଞ ଚାଷୀ ଶ୍ରୀମତୀ କମଳା ମହାନ୍ତ, କୃଷକ ସାଥୀ ଅନନ୍ତ ମହାନ୍ତ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରକୁ ସୁପରିଚାଳନା କରିବାରେ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ମନୋଜ କୁମାର ମହାନ୍ତ ନିଜର କଠିନ ପରିଶ୍ରମ ଦେଇଥିଲେ।

## ସିୟୁଓ ପକ୍ଷରୁ ୩ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

# 'ଶ୍ରୀଅନ୍ନକୁ ମୁଖ୍ୟ ଖାଦ୍ୟ ଭାବେ ପ୍ରୋତ୍ସାହିତ କରାଯାଉ'




କୋରାପୁଟ, (ଭାସ୍କର ନ୍ୟୁଜ) ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ପକ୍ଷରୁ ସୁନାବେଡା କ୍ୟାମ୍ପସରେ ଆୟୋଜିତ ଏକ ମୁଖ୍ୟ ଓ ପୁଷ୍ଟିକର ଖାଦ୍ୟ ଭାବରେ ମିଲେଟ୍‌ର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଶ୍ରୀଅନ୍ନ: ଭବିଷ୍ୟ ପୃଥିବୀର ପୋଷକ ଖାଦ୍ୟ ଶୀର୍ଷକ ନେଇ ୩ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାରତୀୟ କୃଷି ଗବେଷଣା ପରିଷଦ ପୂର୍ବତନ ଡିଜି ଡ.ତ୍ରିଲୋଚନ ମହାପାତ୍ର, ମୁଖ୍ୟବକ୍ତା ଅନ୍ତର୍ଜାତୀୟ 'ସଲ ଗବେଷଣା ପ୍ରତିଷ୍ଠାନ 'ର ଦି ସେମି- ଏରିଡ୍ ଟ୍ରପିକ୍ସ, ଭାରତର ଜିନ୍ନାଙ୍କର ମୁଖ୍ୟ ଡ. କୁଳଦୀପ ସିଂହ, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ପ୍ରଫେସର ତଥା ଡିନ୍ ତଥା ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ପଳିତା, ସମ୍ମିଳନୀର ଆବାହକ ତଥା ସହକାରୀ ପ୍ରଫେସର ଡ. ଦେବବ୍ରତ ପଣ୍ଡା ଓ ସହ ଆବାହକ ତଥା ସହକାରୀ ପ୍ରଫେସର ଡ. କାକୋଲି ବାନାର୍ଜି ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀଅନ୍ନକୁ ଭାରତର ମୁଖ୍ୟ ଖାଦ୍ୟ ଭାବେ ପ୍ରୋତ୍ସାହିତ କରିବା ନେଇ ପ୍ରଫେସର ତ୍ରିପାଠୀ ଗୁରୁତ୍ୱ ଦେଇଥିଲେ । ଉନ୍ନବିଂଶ ଶତାବ୍ଦୀରେ ଏବଂ ଏହା ପୂର୍ବରୁ ଶ୍ରୀଅନ୍ନ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ଥିଲା । କିନ୍ତୁ ପାଶ୍ଚତ୍ୟ ପ୍ରଭାବ ଯୋଗୁଁ ଆମେ ଅନ୍ୟ ଚାଷକୁ ଅନସରଣ କରିଥିଲୁ । ଫଳରେ ଏହି ଚାଷ ଉପେକ୍ଷିତ ହୋଇଯାଇଥିଲା। ମିଲେଟ୍‌ର କେନ୍ଦ୍ରୀୟ ଟିମ୍ ସଦସ୍ୟ ଭାବେ ସେ ଭବିଷ୍ୟତର ଖାଦ୍ୟ ପାଇଁ ଶ୍ରୀଅନ୍ନର ଲୋକପ୍ରିୟତା ଉପରେ କାର୍ଯ୍ୟ କରୁଛନ୍ତି ବୋଲି ଡ. ମହାପାତ୍ର କହିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରୀଅନ୍ନ ଉତ୍ପାଦନକୁ ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଭାବେ ପୁନରୁଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି। ସମ୍ମିଳନୀର ଆବାହକ ଡ. ଦେବବ୍ରତ ପଣ୍ଡା, ସହ ଆବାହକ ଡ. କାକୋଲି ବାନାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଶ୍ରୀଲଙ୍କାର ୱାୟାମ୍ବା ବିଶ୍ୱ ବିଦ୍ୟାଳୟର ଡ. କେ ମୁଦିଥ ମେୱାନ, ଜର୍ଜିଆ ବିଶ୍ୱ ବିଦ୍ୟାଳୟ (ଯୁକ୍ତରାଷ୍ଟ୍ର ଆମେରିକା)ର ଡ. ଅଜୟ ବିଶ୍ୱାଳ, ଭର୍ଜିନିଆ ବିଶ୍ୱବିଦ୍ୟାଳୟର ସ୍କୁଲ ଅ' ମେଡିସିନ ଡ. ରଣଜିତ କେ ସାହୁ ପ୍ରମୁଖ ଯୋଗଦେଇଥିଲେ ।



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ । ବୈତରଣୀ ନଦୀ ଶଯ୍ୟାରେ ଏହି କ୍ଷେତ୍ରଟି ଦେଖିବାକୁ ଯେତେ ମନୋରମ ସେତେ ଭୟଙ୍କର ମଧ୍ୟ । ପ୍ରଖର ଗତିରେ ପାଣି ଗର୍ଜନ କରି ଏଠାରେ ଗଡି ଚାଲିଛି । ରାଜ୍ୟରେ ପର୍ଯ୍ୟଟକମାନଙ୍କ ପାଇଁ ଭୀମକୁଣ୍ଡ କିଛି ବର୍ଷ ହେଲା ମୁଖ୍ୟ ପସନ୍ଦର ସ୍ଥାନ ହୋଇଆସିଛି । ବ୍ଲକ ପ୍ରଶାସନ ପକ୍ଷରୁ ଏହି ପର୍ଯ୍ୟଟନ ସ୍ଥଳକୁ ପରିଚାଳନା କରିବାକୁ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଅର୍ପଣ କରାଯାଇଛି । ତେବେ ପର୍ଯ୍ୟଟକମାନେ ଏଠାରେ ଶୌଚ ହେବାକୁ ବ୍ୟବସ୍ଥା ନଥିବାରୁ ଘୋର ବିରକ୍ତି ପ୍ରକାଶ କରିଛନ୍ତି । ପ୍ରଶାସନ ତରଫରୁ କୌଣସି ଶୌଚାଳୟ ବ୍ୟବସ୍ଥା ନକରି ପର୍ଯ୍ୟଟନସ୍ଥଳୀର ବିକାଶ ଲାଗି ପାର୍କ ନିର୍ମାଣ କରାଯାଉଛି । ତେବେ ଏହି ସବୁ ନିର୍ମାଣ କାମ କେତେ ଭାଗ ବାଲି ସିମେଣ୍ଟରେ ହେଉଛି ଯାଞ୍ଚ କରିବାକୁ ଏହାର ସାମ୍ପଲିଂ ଟେଷ୍ଟିଂ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି । ଏଠାରେ ୬ ବାଲିରେ ଗୋଟେ ବସ୍ତା ସିମେଣ୍ଟ ବଦଳରେ ୨୦ଭାଗ ବାଲିରେ ଗୋଟିଏ ବସ୍ତା ସିମେଣ୍ଟରେ କାମ କରାଯାଉଥିବା ସ୍ଥାନୀୟ ଅଧିବାସୀ ଭକ୍ତବନ୍ଧୁ ମହାନ୍ତ ଅଭିଯୋଗ କରିଛନ୍ତି । ପର୍ଯ୍ୟଟନସ୍ଥଳୀ ବୋଲି ମନଇଚ୍ଛା କାମକୁ ଲୋକେ ବିରୋଧ କରିଛନ୍ତି । ତେଣୁ ଏହାର ବିଧିବଦ୍ଧ ଭାବେ ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ଓ ପର୍ଯ୍ୟଟକମାନେ ମତ ରଖିଛନ୍ତି । କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ଦିଲୀପ କୁମାର ସାହୁ ଏଠାରେ ସଠିକ ଭାବେ ନିର୍ମାଣ କାମ କରିବାକୁ ଦାବି କରିଛନ୍ତି ।



## ଜଳିଗଲା ଦୁଇ ଏକର ଜମିର ଧାନ



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ନିଆଁ ଲାଗି ଜଳିଗଲା, ପ୍ରାୟ ଦୁଇ ଏକର ଜମିର ଧାନ ଫସଲ । ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ, ନେଟଙ୍ଗା ଗାଁ ନିକଟରେ ଘଟିଛି ଏଭଳି ଘଟଣା । ସୂଚନା ପ୍ରକାରେ, ଏହି ଗାଁର ମଙ୍ଗଲୁ ଲେଙ୍କାଙ୍କ ଜମିରେ ଜମା ହୋଇ ରହିଥିବା ଧାନଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି । ଖବରପାଇ ଭଞ୍ଜନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇ ଥିଲେ । ଗତ ଦିନରେ ବର୍ଷାରେ ଧାନଫସଲ ସବୁ ଭିଜି ଯାଇଥିବାରୁ ଖଳାକୁ ନନେଇ, ଚାଷୀ ଜଣକ ନିଜ କ୍ଷେତରେ ହିଁ ଜମା କରି ରଖିଥିଲେ । ଏହି ଘଟଣା ପରେ, କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ, ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି ।

## ପଛିକୋଟ ପ୍ୟାକ୍ସରେ ଖୋଲିଲା ଧାନମଣ୍ଡି

ରଗଡି (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପ୍ରାଥମିକ କୃଷି ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସଭାପତି ରାଜେନ୍ଦ୍ର କୁମାର ରାଉତରାୟ କଣ୍ଟାପୂଜା କରି ଏହାର ଉଦ୍‌ଘାଟନ କରିଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ପଲାର ଏହାକୁ ପରିଚାଳନା କରିଥିଲେ । ନୋଡାଲ ଅଫିସର ମନମୋହନ ସାହୁ, ପଛିକୋଟ ସରପଞ୍ଚ ଗୀତାଞ୍ଜଳି ସେଠୀ, ଅସନଝର ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ, ପ୍ୟାକ୍ସ ଉପସଭାପତି ଉଷାମଣୀ ସ୍ୱାଇଁ, ଧାନକିଣା କମିଟି ସଭ୍ୟ ନିରଞ୍ଜନ ବାରିକ, ଗୟାଧର ପରିଡା ଓ ମଳୟ କୁମାର ମଲ୍ଲିକଙ୍କ ସମେତ ସଭ୍ୟ/ସଭ୍ୟା ଓ ଚାଷୀ ଉପସ୍ଥିତ ଥିଲେ । ସହ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ଡିଇଓ ମୋନାଲିସା ମଲ୍ଲିକ ଓ ପିଅନ ବଳରାମ ବାରିକ ପରିଚାଳନାରେ ସହଯୋଗ କରିଥିଲେ ।

### ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଷାନ କଂଗ୍ରେସର ବିକ୍ଷୋଭ

ଛତ୍ରପୁର (ଭାସ୍କର ନ୍ୟୁଜ୍): ଗତ ଡିସେମ୍ବର ମାସରେ ଅଦିନିଆ ବର୍ଷାଦ୍ୱାରା ଗଞ୍ଜାମ ଜିଲ୍ଲାର ସବୁ ଅଞ୍ଚଳରେ ବ୍ୟାପକ ଭାବରେ ଫସଲ ପ୍ରଭାବିତ ହୋଇଥିଲା । କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ବୋଲି ସରକାର ଘୋଷଣା କରିଥିଲେ, କିନ୍ତୁ ଦୁର୍ଭାଗ୍ୟର କଥା ପ୍ରଶାସନ ପକ୍ଷରୁ ଯେଉଁ କ୍ଷୟକ୍ଷତିର ଆକଳନ କରାଯାଇଛି ତାହା ବାସ୍ତବତା ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଯାହା ବା କିଛି ସହାୟତା ଦେବା ପାଇଁ ନିଷ୍ପତ୍ତି କରାଯାଇଛି ତାହା ସମୁଦ୍ରକୁ ଶଙ୍ଖେ । ଏଥିରେ ଚାଷୀଙ୍କ କ୍ଷୟକ୍ଷତିର ଭରଣା ହୋଇପାରିବ ନାହିଁ । ଏତଦ୍‌ବ୍ୟତୀତ ଠିକଣା ଢ଼ଙ୍ଗରେ ଜିଲ୍ଲାରେ ମଣ୍ଡି ଖୋଲାଯାଇ ଧାନ ସଂଗ୍ରହ କରାଯାଉନାହିଁ । ଫଳରେ ଚାଷୀ ଘୋର ଦୁର୍ଦ୍ଦଶା ମଧ୍ୟରେ ଅଛନ୍ତି । ଏହାର ଆଶୁ ପ୍ରତିକାର ପାଇଁ ଗଞ୍ଜାମ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଛତ୍ରପୁର ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିଗୁଡ଼ିକ ମଧ୍ୟରେ ଫସଲ କ୍ଷୟକ୍ଷତିର ପୁନଃ



ଆକଳନ, ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ, ଏଫଏକ୍ୟୁ ମାନ କୋହଳ କରି କ୍ୱିଣ୍ଟାଲ ପିଛା ୩ ଟଙ୍କାରେ ଧାନ କ୍ରୟ, ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା, ପ୍ରଚଳିତ ରିଲିଫ୍ କୋଡ଼ର ସଂଶୋଧନ, କୃଷିଋଣ ଛାଡ଼, ଛତ୍ରପୁର ଅଞ୍ଚଳର ମୃତ ଚାଷୀ ବନମାଳୀ ପେଣ୍ଡେଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ରବିଚାଷ ପାଇଁ ମାଗଣାରେ ବିହନ, ସାର, ଔଷଧ ଯୋଗାଇ ଦେବାକୁ ଉଲ୍ଲେଖ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ସରକାର ଓ ଜିଲ୍ଲା ପ୍ରଶାସନର ଚାଷୀମାନଙ୍କ ପ୍ରତି ଅଣଦେଖାକୁ ଘୋର ନିନ୍ଦା କରିବା ସହିତ ପ୍ରତିଶ୍ରୁତି ମୁତାବକ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସରକାରଙ୍କୁ ଚେତାବନୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର ସାହୁ, କଂଗ୍ରେସ ନେତା ଭାଗିରଥୀ ବେହେରା, ଭୋକାଲି ସେଠୀ, ଅଶୋକ କୁମାର ପଟ୍ଟନାୟକ, ମହେଶ୍ୱର ଗୌଡ଼ଙ୍କ ସମେତ ବହୁ ଚାଷୀ ବିକ୍ଷୋଭ ପ୍ରଦର୍ଶନରେ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ।

## 'ଆମ ପୁସ୍ତକ ମେଳା' ପାଇଁ ପ୍ରସ୍ତୁତି ବୈଠକ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଅଗ୍ରଣୀ ଅନୁଷ୍ଠାନ 'ଆମ ପୁସ୍ତକ ମେଳା'ର ଷଷ୍ଠ ବାର୍ଷିକ ପ୍ରାରମ୍ଭିକ ବୈଠକ ସଭାପତି ଦେବରାଜ ଜେନାଙ୍କ ଅଧକ୍ଷତାରେ ମାଲୁଦ ଚବିଶ ମୌଜା ସଦର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ବାର୍ଷିକ ଆୟ ବ୍ୟୟ ଓ ମୁଖପତ୍ର ଜ୍ଞାନ ପ୍ରଭା ଆସନ୍ତା ମାର୍ଚ୍ଚ ଉଣେଇଶ ତାରିଖରେ କିପରି ଉନ୍ମୋଚନ ହେବ ପ୍ରସ୍ତାବ ରଖିଥିଲେ । ଆଜିର ସଭାରେ ମୁଖପତ୍ର ସମ୍ପାଦକୀୟ ସଦାନନ୍ଦ ଗୌଡ଼ କୋଷାଧକ୍ଷ ବିଦ୍ୟାଧର ପ୍ରଧାନ ସାହିତ୍ୟକ ବ୍ରଜକିଶୋର ଗୌଡ଼ ଆମ ପରିବାରର ସଦସ୍ୟ ପ୍ରେମଚାନ୍ଦ ପାତ୍ର, ରାଧାଶ୍ୟାମ ବିଶ୍ୱାଳ, ଶରତ ଜେନା, ଦୈତାରି ବିଶ୍ୱାଳ, ଦାଶରଥୀ ପଢିଆରୀ, ସୁରେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ପୁସ୍ତକ ମେଳା କିପରି ସରସ ସୁନ୍ଦର ହୋଇପାରିବ ସେସମ୍ପର୍କରେ ଶୃଙ୍ଖଳା ସହ ଆଲୋଚନା କରାଯାଇ ଥିଲା । ସଭାପତିଙ୍କୁ ଦୈତାରି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ସାଦେଇପୁର-ରେଢୁଆ ରାସ୍ତାକାମ



**ତଦନ୍ତରେ ସନ୍ତୋଷ ପ୍ରକାଶ କଲେ ଯନ୍ତ୍ରୀ**

ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ସାଦେଇପୁର ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି । ଏହି କେନାଲ ବନ୍ଧ ରାସ୍ତାଟି ରଘୁନାଥପୁର ଜଗତସିଂହପୁର ରାସ୍ତାର ରଜନୀଛକ ନିକଟରୁ ବାହାରି ରେଢୁଆ ପର୍ଯ୍ୟନ୍ତ ଲମ୍ବିଛି । ଏହା କିଛିଦିନ ହେବ ଜଗତସିଂହପୁର ଜଳସେଚନ ଅଧିନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ଏହି କେନାଲ ବନ୍ଧରାସ୍ତା ଦେଇ ଦୈନନ୍ଦିନ ହଜାର ହଜାର ଲୋକେ ରେଢୁଆ କଲେଜ, ରେଢୁଆ ମେଡିକାଲ ଓ ଜଗତସିଂହପୁର ସଦର ମହକୁମାକୁ ଯାତାୟାତ କରିଥାନ୍ତି । ରାସ୍ତାଟି ଦିର୍ଘଦିନ ହେବ ଅତି ଦୟନୀୟ ଅବସ୍ଥାରେ ପଡି ରହିଥିବା ଯୋଗୁ ପଥଚାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଯାହାକୁ ନେଇ ପୂର୍ତ୍ତବିଭାଗ ମାଧ୍ୟମରେ ଏହାକୁ ଟେଣ୍ଡର କରାଯାଇଥିଲା । ଏବେ ଏହିରାସ୍ତା କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଥିବାର ଦେଖିବାକୁ ମିଳିଛି । ତେବେ ରାସ୍ତାକାର୍ଯ୍ୟ ଦେଖି ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ସନ୍ତୋଷ ପ୍ରକାଶ କରିବା ସହ ସେ କହିଛନ୍ତି ଭଲକାମ ହେଉଛି । ଦିର୍ଘଦିନ ହେବ ଏହିରାସ୍ତାଟି ଅବହେଳିତ ଅବସ୍ଥାରେ ପଡି ରହିଥିଲା ଏହାର ପୁନରୁଦ୍ଧାର କରାଯାଇଥିବାରୁ ସେ ସରକାର ଓ ପୂର୍ତ୍ତ ବିଭାଗକୁ ସାଧୁବାଦ ଜଣାଇଛନ୍ତି । ଅପରପକ୍ଷରେ ରାସ୍ତାକାର୍ଯ୍ୟ ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗ ଯନ୍ତ୍ରୀ ବିଶ୍ୱଜିତ ସାହୁଙ୍କୁ ପଚାରିବାରେ ସେ କୁହନ୍ତି ଏହି ରାସ୍ତାର ଅବସ୍ଥା ବହୁତ ଖରାପ କଣ୍ଡିସନଥିଲା ଲୋକମାନଙ୍କ ସୁବିଧା ପାଇଁ ଏହା ଉପରୁ ପୁରୁଣା ପିଚୁକୁ ତାଡି ସମତଳ କରାଯିବା ସହ ଡବ୍ଲୁପିସିଏମ୍ ପକାଯାଇ ରାସ୍ତାକୁ ପ୍ରଶସ୍ତ ଓ ହାଇଟ କରାଯାଉଛି । ଯାହାଫଳରେ ରାସ୍ତାଟି ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ ।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ଏଚଏନଏସ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିରକୁ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ଉଦ୍‌ଘାଟନ କରିବା ସହିତ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମର ଯୋଜନା ଅଧିକାରୀ ଅଧାପିକା ସ୍ମୃତି ଶ୍ରାବଣୀ ମଞ୍ଚ ସଂଯୋଜନା କରିଥିଲେ । ବରିଷ୍ଠ ଅଧାପିକା ସୁକନ୍ୟା ମହାନ୍ତି, ମିନାକ୍ଷୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅସାମାଜିକ ବ୍ୟକ୍ତିଙ୍କ ଠାରୁ ନାରୀମାନେ ସୁରକ୍ଷିତ ରହିବା ପାଇଁ ଆତ୍ମରକ୍ଷା କୌଶଳରେ ପ୍ରଶିକ୍ଷିତ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ତାଲିମ ଶିବିର ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ବିଦ୍ୟାଳୟର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିବେ । ପ୍ରଶିକ୍ଷିକା ଭାବେ ଆଦ୍ୟାଶା ଲେଙ୍କା ଓ ଅପର୍ଣ୍ଣା ସାମନ୍ତରାୟ କାର୍ଯ୍ୟନିର୍ବାହ କରିବେ । ଏହି ସଭାକୁ ଅଧାପକ ପ୍ରଦୀପ ରାଉତ, ଶଶିଭୂଷଣ ଜେନା ପରିଚାଳନା କରିଥିବା ବେଳେ ଅଧାପିକା ମନିଷା ମହାରଣା, ଅପର୍ଣ୍ଣା ନାୟକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅଧାପିକା ମନିଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଣ୍ଡମୋଳା ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

କଣିହାଁ (ଭାସ୍କର ନ୍ୟୁଜ୍): ଆଜି କଣିହାଁ ବ୍ଲକର ଗଣ୍ଡମୋଳା ସମବାୟ ସମିତିକୁ ବିଧାୟକ ଅଶୋକ ମହାନ୍ତି ଗସ୍ତ କରି ଧାନମଣ୍ଡିର ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ରୂପେ ଯୋଗ ଦେଇ ବିଧାୟକ ଶ୍ରୀ ମହାନ୍ତି ବହୁ ପ୍ରତିକ୍ଷିତ ଧାନର ସର୍ବନିମ୍ନ ସହାୟକ ରାଶିକୁ ୩୧୦୦ ଟଙ୍କା ମୂଲ୍ୟରେ ଚାଷୀଙ୍କୁ ମିଳିବାର ଗ୍ୟାରେଣ୍ଟି ଦେବା ସହ ଅଞ୍ଚଳବାସୀଙ୍କ ତରଫରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ଏ ସରକାର ଚାଷୀ ଉପକାରୀ ସରକାର ବୋଲି କହିବା ସହ କଟନୀ ଛଟନି ବନ୍ଦ କରିବା ସହ ଏଫଏକ୍ୟୁ ମାଧ୍ୟମରେ ଧାନ କ୍ରୟ କରିବା ପାଇଁ ଅଧିକାରୀମାନଙ୍କୁ ତାଗିଦ କରିଥିଲେ । ନଦୀ କୂଳରେ ଥିବା ଉଠା ଜଳସେଚନ ପ୍ରକଳ୍ପକୁ ପୁନରୁଦ୍ଧାର କରି ଚାଷକୁ ଗୁରୁତ୍ୱ ଦେବାକୁ ଚାଷୀଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ ସ୍ଥାନୀୟ ସମବାୟ ସମିତିର ସଭାପତି ରଞ୍ଜନ ସାମଲଙ୍କ ସମବାୟର ସମସ୍ତ ନିର୍ଦ୍ଦେଶକ, ସରପଞ୍ଚ ତପସ୍ୱିନୀ ପାତ୍ର, ମୀରା ପ୍ରଧାନ ସମିତି ସଭ୍ୟା ଭାରତୀ ସାହୁ, ଆଇଏମ୍‌ସିର ସମ୍ପାଦକ ଯଦୁମଣି ନାୟକ, ଯୋଗାଣ ଅଧିକାରୀ, ଏଆରସିଏସ୍ ଅନିଲ ରଥ, ମଣ୍ଡଳ ସଭାପତି ମନୋଜ ବିଶ୍ୱାଳ, ଜିଲ୍ଲାର ବରିଷ୍ଠ ନେତା ପ୍ରହଲ୍ଲାଦ ସାମଲ, ପୂର୍ବତନ ସମବାୟ ସମିତି ସଭାପତି ବିନୟ ନନ୍ଦ, ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ହରେକୃଷ୍ଣ ପ୍ରଧାନ, ଜିଲ୍ଲା କମିଟି ସଦସ୍ୟ ସୁମନ୍ତ ପ୍ରଧାନ, ବସନ୍ତମଞ୍ଜରୀ ପ୍ରଧାନ, ରବି ପାତ୍ର, ମୋନାଜ ପ୍ରଧାନ, ମନୋଜ ବିଶ୍ୱାଳ, ହିମାଂଶୁ ପାତ୍ର, ପଞ୍ଚାନନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଧକ୍କାଦେଲା ବସ୍, ବାଇକ୍ ଚାଳକ ମୃତ

ରଗଡି (ଭାସ୍କର ନ୍ୟୁଜ୍): କୋରାଇ ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥ ଅନ୍ଧାରୀ ନିକଟରେ ଶୁକ୍ରବାର ଅପରାହ୍ନ ୨ଟା ସମୟରେ ଏକ ଘରୋଇ ବସ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଏହି ଥାନା ଅନ୍ତର୍ଗତ କାଚରା ସାହି ପଞ୍ଚାୟତ କୟାଁ ଗ୍ରାମର ଅକ୍ଷୟ ମୁଦୁଲିଙ୍କ ପୁଅ ଦୀପୁ ମୁଦୁଲି (୩୪) ବୋଲି ଜଣାପଡିଛି । ଦୀପୁ ଏକ ବାଜାଜ୍ ପଲସର ଗାଡ଼ିରେ ଘରକୁ ଫେରୁଥିବା ବେଳେ କେନ୍ଦୁଝରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଓ ଡି୧୧ଏମ ୯୮୨୧ ନମ୍ବର ବିଶିଷ୍ଟ ଅମ୍ବିକା ବସ୍ ତାଙ୍କୁ ଧକ୍କା ଦେଇଥିଲା । ଯାହାଫଳରେ ସେ ବାଇକ ସହ ବସ୍‌ର ସମ୍ମୁଖ ପଟରେ ପଶି ଯାଇଥିଲେ । ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ରୋଡ ଡାକ୍ତରଖାନାକୁ ନିଆ ଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଛି । ଖବର ପାଇ କୋରାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଜବତ କରି ହେପାଜତକୁ ନେଇଥିବା ବେଳେ ଶବ ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ପଠାଇ ୦୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ରାସ୍ତା କାମ ଚାଲୁଥିବାରୁ ଗୋଟିଏ ପଟେ ଗାଡି ଚଳପ୍ରଚଳ କରୁଛି । ଦୁର୍ଘଟଣା ଘଟିବାର ଏହା ଏକ କାରଣ ହୋଇ ଥାଇପାରେ ବୋଲି ଅନୁମାନ କରାଯାଇଛି । ମୃତକଙ୍କ ଗୋଟିଏ ଝିଅ ଓ ୭ ମାସର ପୁଅ ରହିଛି ।



## ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଦେବାକୁ ଦାବି

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ଚାଷୀମାନଙ୍କର ଫସଲ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଚଳନ କରାଯାଇଛି । ଚାଷୀମାନେ ଏକର ପିଛା ଏକ ଟଙ୍କା ଦେଉଥିବା ବେଳେ ସରକାର ଅବଶିଷ୍ଟ ଟଙ୍କା ଦେଉଛନ୍ତି । ବର୍ଷକୁ କମ୍ପାନୀ ୬ଶହ କୋଟିରୁ ଅଧିକ ଟଙ୍କା ପାଉଛି । ହେଲେ ବୀମା କରିଥିବା କମ୍ପାନୀ ଆଜି ସୁଦ୍ଧା କ୍ଷୟକ୍ଷତି ବାବଦକୁ ଗୋଟିଏ ଟଙ୍କା ଦେଇନାହିଁ । ଦୈବୀ ଦୁର୍ବିପାକର ସମ୍ମୁଖୀନ ହେଉଥିବା ଚାଷୀଙ୍କୁ ସରକାର କ୍ଷତିପୂରଣ ରାଶି ଦେଉଥିବା ବେଳେ ବୀମା କମ୍ପାନୀ ନିରବଦ୍ରଷ୍ଟା ସାଜିଛି । ଚଳିତ ଅଦିନିଆ ଲଘୁଚାପ ବର୍ଷାରେ ଚାଷୀମାନଙ୍କର ଅମଳ ଧାନ ସାଙ୍ଗକୁ ରବି ଋତୁର ଚିନାବାଦାମ ମୁଗ ବିରି ଓ ପନିପରିବା କ୍ଷତି ହୋଇଛି ଏଥିପାଇଁ ବୀମା କମ୍ପାନୀ ମାସକ ପୂର୍ବରୁ କ୍ରପ୍ କଟିଂ କରିସାରିଛି ବୋଲି ବ୍ୟାଙ୍କ ଓ ସମବାୟ ସମିତି ପକ୍ଷରୁ କୁହାଯାଇଛି । ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ବିଳମ୍ବରେ ଧାନ କଟାଯାଇଥାଏ । ଧାନ ଅମଳ ସମୟରେ କମ୍ପାନୀର ଦେଖାନାହିଁ । ସରକାରୀ ପୋର୍ଟାଲରେ ଚାଷୀଙ୍କ କ୍ଷୟକ୍ଷତି ବିବରଣୀ ଜଣାଇବାକୁ ସରକାରଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ବିବରଣୀ ନଦେବାରୁ ସରକାରୀ କ୍ଷତିପୂରଣ ପାଇବାରୁ ଚାଷୀ ବଞ୍ଚିତ ହେଉଛନ୍ତି । ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ କରିଥିବା କ୍ଷୟକ୍ଷତି ଚାଷୀଙ୍କୁ ବୀମା କମ୍ପାନୀ ତୁରନ୍ତ କ୍ଷୟକ୍ଷତି ପ୍ରଦାନ କରିବାକୁ କୃଷକ ନେତା ଦୀପକ କୁମାର ଜେନା ସମେତ ସାଧାରଣରେ ଦାବିହେଉଛି ପୁନଃରାୟ ବୀମା କମ୍ପାନୀ ପକ୍ଷରୁ ତଦନ୍ତ କରାଯାଇ କ୍ଷତିପୂରଣ ନିମନ୍ତେ କୃଷ୍ଣପ୍ରସାଦ ବ୍ଲକ ଚାଷୀମାନେ ଦାବି କରିଛନ୍ତି ।

### ସ୍କାଉଟ ଓ ଗାଇଡ଼ମାନଙ୍କ ସଡ଼କ ସୁରକ୍ଷା ସଚେତନତା ରାଲି

## ବିନା ହେଲମେଟ୍‌ଧାରୀଙ୍କୁ ଗୋଲାପ ଫୁଲ ପ୍ରଦାନ

ଆସିକା (ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ ସଡ଼କ ପରିବହନ ଦ୍ୱାରା ଜାନୁଆରୀ ୧୦ରୁ ୩୧ପର୍ଯ୍ୟନ୍ତ ସାରା ରାଜ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆଜି ଆସିକା ଗାୟତ୍ରୀ ନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ରାମକୃଷ୍ଣ ସ୍କାଉଟ ଓ ଶାରଦା ଗାଇଡ଼ କମ୍ପାନୀ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଆଚାର୍ଯ୍ୟଙ୍କ ସଂଯୋଜନାରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥିଭାବେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ସମ୍ପାଦକ କମଳେନ୍ଦୁ ହୋତା, ସହ ସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ବୁଲୁ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଅତିଥିମାନେ ସ୍କାଉଟ ଓ ଗାଇଡ଼ ମାନଙ୍କୁ ସଡ଼କ ସୁରକ୍ଷା ଉପରେ ବିଭିନ୍ନ ପ୍ରକାର ନିୟମ ଓ ରାସ୍ତାରେ କିପରି ଆମେ ଚଳପ୍ରଚଳ ହେବା ସେ ଉପରେ ଆଲୋକପାତ କରିଥିଲେ । ଏହାପରେ ବିଦ୍ୟାଳୟର ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା, ଲୀନାକୁମାରୀ ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ ସଡକ ସୁରକ୍ଷା ରାଲିକୁ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ସ୍କାଉଟ ଓ ଗାଇଡ଼ମାନେ ସଡ଼କ ସୁରକ୍ଷା ସ୍ଲୋଗାନ, ଡ୍ରମ, ପ୍ଲାକକାର୍ଡ ଧରି ଏହି ରାଲି ଆସିକା ଗାୟତ୍ରୀ ନଗରରୁ ଆରମ୍ଭ ହୋଇ ବଜାର ସାହି, କୋର୍ଟ, ହରିହର ହାଇସ୍କୁଲ ଦେଇ ବିଜୁପଟ୍ଟନାୟକ ଛକରେ ପହଞ୍ଚି ଥିଲା । ବିଜୁପଟ୍ଟନାୟକ ଛକଠାରେ ରାମକୃଷ୍ଣ ସ୍କାଉଟ୍ ଟ୍ରୁପ୍ ଓ ସାରଦା ଗାଇଡ୍ କମ୍ପାନୀ ଦ୍ୱାରା ଲୋକମାନଙ୍କୁ ସଡ଼କ ସୁରକ୍ଷାକୁ ନେଇ ସଚେତନ କରାଯାଇଥିଲା । ହେଲମେଟ ପିନ୍ଧିଥିବା ଲୋକଙ୍କୁ ପିଲାମାନେ ଚକଲେଟ ଦେଇଥିଲେ ଓ ସିଟ୍ ବେଲଟ, ହେଲମେଟ ପିନ୍ଧି ନଥିବା ଲୋକମାନଙ୍କୁ ଗୋଲାପ ଫୁଲ ଦେଇ ସେମାନଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରାଯାଇଥିଲେ । ଏହା ପରେ ସ୍କାଉଟ୍ ଗାଇଡ୍ ମାନେ ବିଜୁ ପଟ୍ଟନାୟକ ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ, ଲକ୍ଷ୍ମୀ ବଜାର, ହାଟପଦା ଛକ ଦେଇ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ରାଲିରେ ବିଦ୍ୟାଳୟର ଗୁରୁଜୀ, ଅଜୟ କୁମାର ପଟ୍ଟନାୟକ, ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର, କେ ମାଧବି ଆଚାରୀ, କେ କମଳା କୁମାରୀ ଆଚାରୀ, ସନ୍ତୋଷୀ କୁମାରୀ ସାହୁ, ବାଳକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ ।




## କୋଣାର୍କରେ ଚନ୍ଦ୍ରଭାଗା କବିତା ଉତ୍ସବ ଉଦ୍‌ଘାଟିତ




କୋଣାର୍କ (ଭାସ୍କର ନ୍ୟୁଜ୍) : ଶନିବାର ପୂର୍ବାହ୍ନରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଇନିଷ୍ଟିଚ୍ୟୁଟ ଅଫ୍ ନଲେଜ ସୋସାଇଟ, ଇଣ୍ଡିଆନ ନଭେଲ କଲେକ୍ଟିଭ ପକ୍ଷରୁ ଏକାଦଶ ଚନ୍ଦ୍ରଭାଗା କବିତା ଉତ୍ସବ ଉଦଘାଟିତ ହୋଇଛି । ଏହି ଉତ୍ସବରେ ଅତିଥିଭାବେ ବିଶିଷ୍ଟ ଚିତ୍ରକର ଯତୀନ ଦାଶ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଅରୁଣ କମଲ, ପ୍ରଖ୍ୟାତ ତେଲୁଗୁ କବି ଯାକୁବ, ମାଲୟଲାମ ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଇ ଭି ରାମକୃଷ୍ଣନ, ଉର୍ଦ୍ଦୁ କବି ଓ ଚିତ୍ରକର ଜୟନ୍ତ ପରାମାର, ନେପାଳର ବିଶିଷ୍ଟ କବି ଯୁୟୁଥ ଶର୍ମା, ତେଲୁଗୁ ଆଦିବାସୀ ଯୁବ କବି ରମେଶ କାର୍ତ୍ତିକ ନାୟକ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଭିସି ସୁପ୍ରିୟା ପଟ୍ଟନାୟକ, ପଶ୍ଚିମବଙ୍ଗର ବିଶିଷ୍ଟ କବି ପ୍ରବାଳ ବାସୁ,ତାମିଲ କବି ସଲମା, ବିଶିଷ୍ଟ ଇଂରାଜୀ କବି ଅଶ୍ୱିନୀ କୁମାର ପ୍ରମୁଖ ଯୋଗଦେଇଥିଲେ । ଜର୍ମାନୀ, ଆମେରିକା, କାମେରୁନ ଦେଶ ସମେତ ଭାରତର ବିଶିଷ୍ଟ କବି ଓ କବୟତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଇଂରାଜୀ, ଓଡ଼ିଆ କବିତା, ଭାରତୀୟ କବିତା, ଦଳିତ ଆଦିବାସୀ କବିତା, ପ୍ରେମ କବିତା, ସମସାମୟିକ, ମହିଳା କବିତା ଓ ଓଡ଼ିଆ କବିତା ଆଦି ସ୍ଥାନ ପାଇଥିଲା । ପ୍ରଥମ ପର୍ଯ୍ୟାୟରେ କବିତା ପାଠ ଓ ଭାରତୀୟ କବିତାର ଧାରା, ମହିଳା କବିତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ଓ ଇଂରାଜୀ କବିତା ପଠନ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଚନ୍ଦ୍ରଭାନୁ ପଟ୍ଟନାୟକ, ଅଶ୍ୱିନୀ କୁମାର,ସରୋଜ ମହାନ୍ତି, ସଞ୍ଜୋଗିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ରାଶିଫଳ

**ରବିବାର, ୧୨ ଜାନୁଆରୀ ୨୦୨୫**



**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ । କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ । ଦୀର୍ଘ ସମୟ ମଧ୍ୟରେ, କାର୍ଯ୍ୟ ସହିତ ଯାତ୍ରା ଲାଭଦାୟକ ହେବ ।



**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ । ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ । ମନ୍ଦିରରେ ଘିଅ ଦୀପ ଜାଳନ୍ତୁ, ପତି-ପତ୍ନୀଙ୍କ ସମ୍ପର୍କ ମଜବୁତ ହେବ ।



**ମିଥୁନ:** ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ । ଘରେ କୌଣସି ପରିବର୍ତ୍ତନ କରିବା ପୂର୍ବରୁ,ଆପଣଙ୍କର ବରିଷ୍ଠମାନଙ୍କ ମତାମତ ନିଅନ୍ତୁ, ନଚେତ୍ ସେମାନେ ଆପଣଙ୍କ ଉପରେ ଅସନ୍ତୁଷ୍ଟ ଏବଂ କ୍ରୋଧିତ ହୋଇପାରନ୍ତି ।



**କର୍କଟ:** ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ । ବୈବାହିକ ଜୀବନରେ ସ୍ନେହ ଅନୁଭବ କରିବେ । ଗାଡି ଚଳାଇବା ସମୟରେ ଆପଣ ସାବଧାନ ହେବା ଆବଶ୍ୟକ । ମା ଦୁର୍ଗାଙ୍କୁ ମିଶ୍ରି ଭୋଗ ଅର୍ପଣ କରନ୍ତୁ, ଆପଣଙ୍କର ଆର୍ଥିକ ଅବସ୍ଥା ଭଲ ହେବ ।



**ସିଂହ:** ଘରର ପରିବେଶ ସୁଖଦ ହେବ । ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ । ବ୍ୟବସାୟ ସହିତ ଆପଣଙ୍କୁ ଭ୍ରମଣ କରିବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ରହିବ । ମନ୍ଦିରରେ କର୍ପୁର ଆଳତି ଲାଗି କରନ୍ତୁ, ବ୍ୟବସାୟରେ ଲାଭ ହେବ ।



**କନ୍ୟା:** ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ । ଭ୍ରମଣରୁ ଆପଣ ଉପକୃତ ହେବେ । ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ । ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ । ଗଣେଶ ଭଗବାନଙ୍କୁ ଲଡ୍ଡୁ ଭୋଗ ପ୍ରଦାନ କରନ୍ତୁ, ଆପଣ ଲାଭର ସୁଯୋଗ ପାଇବେ ।



**ତୁଳା:** ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ । ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ । ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ । ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ ।



**ବିଛା:** ଆଜି ଆପଣ ଚାପରୁ ମୁକ୍ତି ପାଇପାରିବେ । ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ । ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ । ପ୍ରେମ-ସମ୍ପର୍କ ଦୃଢହୋଇପାରେ । ଛାତ୍ରମାନେ ସେମାନଙ୍କ ଅଧ୍ୟୟନରେ ଆଗ୍ରହ ବଢାଇ ପାରିବେ ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ । ଅଳସୁଆ ଏବଂ ନିରୁତ୍ସାହିତ ମନୋଭାବ ହେତୁ ଆପଣ ଅଫିସରେ ବିବାଦର କେନ୍ଦ୍ର ହେବେ । ଯଦି ଆପଣ ସପିଂ କରିବାକୁ ଯାଆନ୍ତି, ଅତ୍ୟଧିକ ପକେଟ ଖୋଲିବାକୁ ଏଡ଼ାନ୍ତୁ ।



**ମକର:** ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ । ଅନେକ ଲୋକଙ୍କ ପାଇଁ ଆଜିର ରୋମାଣ୍ଟିକ୍ ସନ୍ଧ୍ୟା ସୁନ୍ଦର ଉପହାର ଏବଂ ଫୁଲରେ ପରିପୂର୍ଣ୍ଣ ହେବ ।



**କୁମ୍ଭ:** ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ । ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ । ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ । ପରିବାର ସମ୍ବନ୍ଧରେ କୌଣସି ବଡ଼ ନିଷ୍ପତ୍ତି ନେବା ପୂର୍ବରୁ ଆପଣ ଜଣେ ବନ୍ଧୁଙ୍କ ସହିତ ପରାମର୍ଶ କରିପାରିବେ ।



**ମୀନ:** ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ । ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ । ଆପଣଙ୍କ ଜୀବନସାଥୀ ସହିତ ଆପଣଙ୍କର ଭାବପ୍ରବଣତା ଦୁର୍ବଳ ହେବାକୁ ଲାଗିବ ।



ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ଧୂଳିପଦା ଦାସସାହିରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୬ବଖରା ଘର ଭସ୍ମୀଭୂତ ହୋଇ ଯାଇଥିଲା। ଏଥିସହ ତାଙ୍କର ସବୁ ଆସବାବପତ୍ର ଜଳିଯାଇଛି। ତାଙ୍କୁ ସରକାର ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।ଏହି ଖବର ପାଇବା ପରେ ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରି ତିହିଡ଼ିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବା ସଂଘ ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିବା ସହିତ ସମବେଦନା ଜଣାଇଛନ୍ତି। ସଂଘ ପକ୍ଷରୁ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ, ଘରୋଇ ଉପକରଣ, ଶୀତବସ୍ତ୍ର, ପିନ୍ଧାବସ୍ତ୍ର ଇତ୍ୟାଦି ପ୍ରଦାନ କରିବା ସହିତ ସରକାରଙ୍କ ପକ୍ଷରୁ ବିପନ୍ନଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇ ଦେବାକୁ ନିବେଦନ କରିଥିଲେ। ସଂଘର ସଭାପତି ରାଜୀବ କୁମାର ନାୟକ, ରାମଚନ୍ଦ୍ର ନାୟକ, ରବିଶଙ୍କର ଦାସ, ବସନ୍ତ କୁମାର ଦାସ, ଅଭିରାମ ଦାସ, ଦେବବ୍ରତ ସାହୁ, ସେକ ଲିୟାକତ, ପ୍ରଫୁଲ୍ଲ କୁମାର ସେନାପତି, ଅଶୋକ ନାୟକ, ବିଶ୍ୱଜିତ୍ ନାୟକ, ଆଶିଷ ପଣ୍ଡା, ରଶ୍ମିରଂଜନ ନାୟକ, ଭରତ କୁମାର ସାହୁ, ବୈକୁଣ୍ଠ ମଲିକ, ଗୌରାଙ୍ଗ ନାୟକ ପ୍ରମୁଖ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରିଥିଲେ।

# ଢେଙ୍କାନାଳରେ 'କପିଳାସ ହାଫ୍ ମାରାଥନ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ




ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ କପିଳାସ ଅଭୟାରଣ୍ୟର ସବୁଜ ସୁନ୍ଦର ପରିବେଶରେ ଶନିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ' ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି । ହାତୀ ସୁରକ୍ଷା ଓ ପରିବେଶ ସୁରକ୍ଷାର ସଚେତନତା ସୃଷ୍ଟି କରାଇବାରେ ଏହାକୁ ସାଧୁ ଉଦ୍ୟମ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ'ର ଦ୍ୱିତୀୟ ସଂସ୍କରଣକୁ ଶୁଭାରମ୍ଭ କରିବା ସହ ମାରାଥନରେ ସାମିଲ ହୋଇ ଆନନ୍ଦିତ । ଜୈବ ବିବିଧତାରେ ପରିପୂର୍ଣ୍ଣ କପିଳାସର ସଂରକ୍ଷଣ ଏବଂ ଗଜରାଜଙ୍କ ସୁରକ୍ଷା ଦିଗରେ ସାମାଜିକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ସ୍ୱାଗତଯୋଗ୍ୟ । ଏହି ହାଫ୍ ମାରାଥନରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ଓ ବରିଷ୍ଠ ଲୋକମାନେ ଭାଗ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫିଟ୍ ଇଣ୍ଡିଆର ଆହ୍ୱାନ କ୍ରମେ ଏହି ମାରାଥନ ସମାଜରେ କେବଳ ସୁସ୍ଥ ଜୀବନଶୈଳୀ ଓ ଫିଟନେସକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ସମାଜରେ ପରିବେଶ ସୁରକ୍ଷା ଓ ପର୍ଯ୍ୟଟନର ବିକାଶରେ ମଧ୍ୟ ସଚେତନ କରାଇବ । ଏହି ମାରାଥନ, କପିଳାସକୁ ବିଶ୍ୱ ପର୍ଯ୍ୟଟନ ତଥା ମାରାଥନ ଦୌଡ଼ର ଏକ ପ୍ରମୁଖ ସ୍ଥଳ ଭାବରେ ପ୍ରତିଷ୍ଠିତ କରାଇବାରେ ସହାୟକ ହେବ । ଆମର ପ୍ରାଚୀନ ପରମ୍ପରା, ସଂସ୍କୃତି ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଐରାବତ ବା ହାତୀର ସ୍ଥାନ ସ୍ୱତନ୍ତ୍ର । ହାତୀ ହେଉଛି ଆମର ଐତିହ୍ୟ ପ୍ରାଣୀ । ଗଜରାଜଙ୍କ ସୁରକ୍ଷା ତଥା ମନୁଷ୍ୟ ଓ ହାତୀ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଢେଙ୍କାନାଳରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି ମାରାଥନ ପ୍ରଶଂସନୀୟ । କପିଳାସ ଏକ ପର୍ଯ୍ୟଟନ ଭିତ୍ତିକ ସ୍ଥାନ । ଏଠାରେ କିପରି ପର୍ଯ୍ୟଟନ ଭିତ୍ତିଭୂମି ଏବଂ ପର୍ଯ୍ୟଟକଙ୍କ ପାଇଁ ସୁବିଧା ତ୍ୱରାନ୍ୱିତ ହେବ, ସେଥିପ୍ରତି ଆମେ ସମସ୍ତେ ଦାୟିତ୍ୱ ନେବା ଦରକାର । ଆକାଂକ୍ଷୀ ଜିଲ୍ଲା ଢେଙ୍କାନାଳର ସଂସ୍କୃତି, ଐତିହ୍ୟର ସଂରକ୍ଷଣ ସହ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଦୁର୍ଘଟଣାରେ ଦୁଇ ଗୁରୁତର

ଉମରକୋଟ (ଭାସ୍କର ନ୍ୟୁଜ): ବାଇକ ଦୁର୍ଘଟଣାରେ ଦୁଇ ଜଣ ଯୁବକ ଆହତ ହୋଇଛନ୍ତି। ଆହତ ଦୁଇ ଜଣ ଯୁବକ ଜଣକ ହେଲେ ରାଇଘର ବ୍ଲକ ସୋନପୁର ଗ୍ରାମର ମଳୟ ଚକ୍ରବର୍ତ୍ତୀ (୨୨) ଓ ପଲାସ ରାୟ (୨୨)। ମିଳିଥିବା ସୂଚନା ଅନୁସାରେ ମଳୟ ଓ ପଲାସ ଦୁହେଁ ମିଶି ଏକ ବାଇକ୍ ଯୋଗେ କୌଣସି କାମରେ ଉମରକୋଟ ଆସି ସୋନପୁର ଫେରୁଥିଲେ। ଏହି ସମୟରେ ଉମରକୋଟ ଠାରୁ ରାଇଘର ଯିବା ରାସ୍ତାର ୟୁଭି ୫ ନଂ ବୁର୍ଜା ଛକ ନିକଟରେ ବାଇକ୍ ଟି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଫଳରେ ଦୁହେଁ ରାସ୍ତା ଉପରେ ଛିଟିକି ପଡି ଗୁରୁତର ଆହାତ ହୋଇଥିଲେ। ଖବର ପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁହେଁଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଉତ୍ତମ ଚିକିତ୍ସା ଲାଗି ଜିଲ୍ଲା ବାହାରକୁ ସ୍ଥାନାନ୍ତରିତ କରାଯାଇଥିଲା।

# ଦେଶୀ ମଦ ଜବତ, ୩ ଗିରଫ



ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାର ମୋରଡା ଅବକାରୀ ବିଭାଗ ୬୦ ଲିଟର ତୋରା ଦେଶୀ ମଦ ଜବତ କରିବା ସହିତ ତିନି ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ତଥ୍ୟ ଅନୁସାରେ, ଅଭିଯାନରେ ପ୍ରଥମେ ବଳଦିଆ ଗ୍ରାମରୁ ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଚନ୍ଦନ କୁମାର ପାତ୍ରଙ୍କୁ ୨୦ ଲିଟର ଏବଂ ଜଗଦିଶ ହାଁସଦାଙ୍କୁ ୨୫ ଲିଟର ତୋରା ଦେଶୀ ମଦ ସହିତ ଧରା ଯାଇଛି। ପରବର୍ତ୍ତୀ ଅଭିଯାନରେ ଭୁରୁଙ୍ଗଶୋଳ ଗ୍ରାମରୁ ବ୍ରହ୍ମାନନ୍ଦ ଧଳଙ୍କୁ ଗିରଫ କରାଯାଇଥିବା ସମୟରେ ତାଙ୍କ ନିକଟରୁ ୧୫ ଲିଟର ତୋରା ଦେଶୀ ମଦ ଜବତ କରାଯାଇଛି। ଉପରୋକ୍ତ ତିନିଜଣଙ୍କ ବିରୁଦ୍ଧରେ ଆଇନନୁସାରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ କୃତଜ୍ଞତା ଜ୍ଞାପନ

ପୁରୀ (ଭାସ୍କର ନ୍ୟୁଜ): ପୁରୀ ବେଳାଭୂମି ଠାରେ ଚାଲିଥିବା ୪ ଦିନିଆ ପୁରୀ ବେଳାଭୂମି ମହୋତ୍ସବ ବା ପୁରୀ ବିଚ ଫେଷ୍ଟିଭାଲ ଉଦଯାପିତ ହୋଇଯାଇଛି। ଶାନ୍ତି ଶୃଙ୍ଖଳାର ସହ ଏହା ପରିଚାଳିତ ହୋଇଥିବାରୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ବିନୀତ ଅଗ୍ରୱାଲ ପୁରୀବାସୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି ।ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଏହି ବିଚ ଫେଷ୍ଟିଭାଲ କରିବାକୁ ଚିନ୍ତା କରାଯାଇଥିଲା ଓ ଖୁବ କମ ସମୟରେ ଏହାକୁ ଆୟୋଜନ କରାଯାଇଥିଲା। ସମସ୍ତଙ୍କ ସହଯୋଗରେ ଏହି ମହୋତ୍ସବ ସୁନ୍ଦର ଭାବେ ସମ୍ପର୍ଣ୍ଣ ହୋଇଥିବାରୁ ଏହାର ଶ୍ରେୟ ମହାପ୍ରଭୁଙ୍କ ଆଶୀର୍ବାଦ ଓ ସମସ୍ତଙ୍କ ଭରପୁର ସହଯୋଗ ବୋଲି ଜିଲ୍ଲାପାଳ ଓ ଏସପି କହିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ରାଜ୍ୟରେ ଚାରିଆଡ଼େ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପରିବହନ ବିଭାଗ, ପୋଲିସ ବିଭାଗ, ଟ୍ରାଫିକ୍ ପୋଲିସ ବିଭାଗ ଦ୍ୱାରା ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଚାଲୁରହିଛି। ଏହି କ୍ରମରେ ବାଲିଚନ୍ଦ୍ରପୁରସ୍ଥିତ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲ ପକ୍ଷରୁ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଛାତ୍ର ମାନଙ୍କୁ ନେଇ ଏକ ଶୋଭାଯାତ୍ରାରେ ବିଭିନ୍ନ ସଚେତନାତ୍ମକ ପ୍ଲକ କାର୍ଡ଼ ଧରି ସ୍ଲୋଗାନ ଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ପରିକ୍ରମା ପୂର୍ବକ ସଚେତନ ବାର୍ତ୍ତା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଶିକ୍ଷକ ନାରାୟଣ ଚନ୍ଦ୍ର ବାରିକ, ପ୍ରକାଶ କୁମାର ରାଉତରାୟ ଓ ଶିକ୍ଷୟତ୍ରୀ ତୃପ୍ତିମୟୀ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ସାଂସ୍କୃତିକ ମେଳା ଅନୁଷ୍ଠିତ

ବାଲୁଗାଁ (ଭାସ୍କର ନ୍ୟୁଜ): ଶୁକ୍ରବାର ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଆଇଏନଏସ ଚିଲିକାରେ କ୍ଲଷ୍ଟର ସ୍ତରୀୟ ସାଂସ୍କୃତିକ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର କ୍ଲଷ୍ଟର ଅନ୍ତର୍ଗତ ଆଠଟି କେନ୍ଦ୍ରୀୟ ବିଦ୍ୟାଳୟ (ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ଆସ୍କା, ହିଞ୍ଜିଳିକାଟୁ, ଭଞ୍ଜନଗର, ଦିଗପହଣ୍ଡି ଏବଂ ଆଇଏନଏସ ଚିଲିକା)ର ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ଦକ୍ଷତା ଏବଂ ପ୍ରତିଭା ଦେଖାଇଛନ୍ତି। ସେମାନଙ୍କ ସହ ୪୦ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ଦିନବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମରେ ୧୨ଟି ବ୍ୟକ୍ତିଗତ ପ୍ରତିଯୋଗିତା ଯଥା ଭାଷଣ, ଗଳ୍ପ କଥନ, କବିତା ଆବୃତ୍ତି, ରଚନା ଲେଖନ, ଚିତ୍ରାଙ୍କନ ଓ ଅଭିନୟ ଆଦି ଏବଂ ୪ଟି ଗ୍ରୁପ୍ ପ୍ରତିଯୋଗିତା, ଯଥା ନୃତ୍ୟ,ଗୀତ, ନାଟକ ଏବଂ କୁଇଜ ଆୟୋଜିତ ହୋଇଥିଲା। ଚାମ୍ପିଅନ ଭାବରେ କେନ୍ଦ୍ରୀୟ ବିଦ୍ୟାଳୟ ଆଇଏନଏସ ଚିଲିକା ପ୍ରଥମ ସ୍ଥାନ ଏବଂ ରନର୍ସ-ଅପ୍ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁର ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଆଇଏନଏସ ଚିଲିକାର କମାଣ୍ଡିଂ ଅଫିସର କମୋଡର ବି. ଦୀପକ ଅନିଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶେଷ ଅତିଥି ଏସବିଆଇ ଚିଫ୍ ମ୍ୟାନେଜର ସତ୍ୟଶୀଷ ପଟ୍ଟନାୟକ୍ ଛାତ୍ରଛାତ୍ରୀଙ୍କୁ ଏହିଭଳି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରି ନିଜ ପ୍ରତିଭା ର ବିକାଶ କରିବା ପାଇଁ ପ୍ରେରିତ କରିଥିଲେ।

### ଢେଙ୍କାନାଳ କପିଳାସ ମନ୍ଦିର ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

# କପିଳାସ ମନ୍ଦିର ଆସ୍ଥା, ଶ୍ରଦ୍ଧା ଓ ସମର୍ପଣର କେନ୍ଦ୍ର: ଧର୍ମେନ୍ଦ୍ର ପ୍ରଧାନ



ଢେଙ୍କାନାଳ(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିରରେ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଦର୍ଶନ କରିବା ସହ ମନ୍ଦିରର ଉନ୍ନତି ଓ ସଂରକ୍ଷଣ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ କପିଳାସ ମନ୍ଦିରରେ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଆଶୀର୍ବାଦ ନେବା ମୋର ସୌଭାଗ୍ୟ । ଏହି ମନ୍ଦିର ଆସ୍ଥା, ଶ୍ରଦ୍ଧା ଓ ସମର୍ପଣର କେନ୍ଦ୍ର । ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିରର ଉନ୍ନତି, ସଂରକ୍ଷଣ ଏବଂ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା ଉପରେ ଜିଲ୍ଲା ପ୍ରଶାସନ, କପିଳାସ ସୁରକ୍ଷା ପରିଷଦ ଓ ମନ୍ଦିର ପ୍ରଶାସନ ସହ ଆଲୋଚନା କଲି । ମନ୍ଦିର, ପର୍ବତ ଓ ଜଙ୍ଗଲ ଆମର ପୁଞ୍ଜି । ଏହାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରି । ମହାଦେବଙ୍କ ପାଖରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରୁଛି ।

# 'ଦେବାରେ ଆନନ୍ଦ' କାର୍ଯ୍ୟକ୍ରମ

ବାଣପୁର (ଭାସ୍କର ନ୍ୟୁଜ): ବାଣପୁର ଏଡୁ କେୟାର ବିଦ୍ୟାଳୟ ପରିସରରେ ବାଣପୁର ବାଲୁଗାଁ ରୋଟାରୀ କ୍ଲବର ଏକ କାର୍ଯ୍ୟକ୍ରମ 'ଦେବାରେ ଆନନ୍ଦ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦାଶରଥି ପୁର, ବଡହନ୍ତୁଆଡ ଓ ଯୋଗୀ ପୋଖରୀ ହରିଜନ ସାହି ତଥା ବାଣପୁର ବିଜ୍ଞାପିତ ଅଞ୍ଚଳର ବିଭିନ୍ନ ୱାର୍ଡର ଗରିବ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ କମ୍ବଳ ଓ ମଶାରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି, ସଂପାଦକ ଅଶୋକ କୁମାର ନାୟକ, ବରିଷ୍ଠ ସଭ୍ୟ ସରୋଜିନୀ ଦାଶ, ଓମପ୍ରକାଶ ଅଗ୍ରୱାଲ, ବିଜୟ କୁମାର ନନ୍ଦ, ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକଙ୍କ ସମେତ ବିପ୍ଲବ କୁମାର ମୁଦୁଲି, ରବିନାରାୟଣ ପାଲ, ରବୀନ୍ଦ୍ରନାଥ ପ୍ରଧାନ, ଚିନ୍ତାମଣୀ ମିଶ୍ର, ମନୋରଞ୍ଜନ ବାରିକି, ସୁନୀଲ ପାତ୍ର, ସୂର୍ଯ୍ୟ ସେନାପତି, ଅଶୋକ ପାତ୍ର, ସଚ୍ଚିଦାନନ୍ଦ ସେଠୀ, ହିମାଂଶୁ ପାତ୍ର ଓ ନୂତନ ସଭ୍ୟ ସତୀଶ ସୁବୁଦ୍ଧି ପ୍ରମୂଖ ସହଯୋଗ କରିଥିବା ବେଳେ ନନ୍ଦକିଶୋର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବୈରାଗୀ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

ଧର୍ମଶାଳା (ଭାସ୍କର ନ୍ୟୁଜ): ଧର୍ମଶାଳା ବ୍ଲକ ଜାରକା ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଦିନ ବୈରାଗୀ ଚରଣ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ପ୍ରତିଯୋଗୀତାକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ୍ ପଣ୍ଡା ଫିତା କାଟି ଉନ୍ମୋଚନ କରିଥିଲେ। ବିଚାରକ ଭାବେ ଡ଼. ପ୍ରଶାନ୍ତ କୁମାର ସ୍ୱାଇଁ, ଏବିଓ ମମିତା ମହାନ୍ତି, କାହ୍ନୁ ଚରଣ ଦାଶ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ସମାଜସେବୀ ବୈରାଗୀ ଚରଣ ବିଶ୍ୱାଳ ଶୀର୍ଷକ ପ୍ରତିଯୋଗୀତାରେ ବରିଷ୍ଠ ବିଭାଗର କୀର୍ତ୍ତିପ୍ରଭା ଗୁଇଁ ପ୍ରଥମ, ସସ୍ମିତା ମଣ୍ଡଳ ୨. ରାଜଲକ୍ଷ୍ମୀ ପରିଡ଼ା ଓ ଅଙ୍କିତା ମଲ୍ଲିକ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ ଶିକ୍ଷାପ୍ରେମୀ ବୈରାଗୀ ଚରଣ ବିଶ୍ୱାଳ ଶୀର୍ଷକ ପ୍ରତିଯୋଗୀତାରେ ସ୍ମୃତିମୟୀ ନାଥ ୧ମ, ଜାଗୃତି ଶତପଥୀ ୨ୟ, ତେଜସ୍ୱିନୀ ସାମଲ ୩ୟ ସ୍ଥାନ ଅଧିକାର କରିଛନ୍ତି ।

## ମାମୁ-ଭଣଜା ଜୀବନ୍ତ ଦଗ୍ଧ

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାର ବାଉଁଶୁଣି ଥାନା ଅନ୍ତର୍ଗତ ବଲାକିରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟି ଦୁଇଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ ଏକ ପାଳଗଦାରେ ନିଆଁ ଲାଗିଯିବାରୁ ବଲାକିରା ଗ୍ରାମର କ୍ରିଷ୍ଣା ଭୋଇ ଓ ବସନ୍ତବାହାଲ ଗ୍ରାମର ସଞ୍ଜିତ ଉର୍ମାଙ୍କ ପୁଅ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଉଭୟ ସମ୍ପର୍କରେ ମାମୁ-ଭଣଜା ବୋଲି ଜଣାପଡ଼ିଛି। ତେବେ ନିଆଁ ଲାଗିଯିବା ପରେ ଉଭୟଙ୍କୁ ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ତେବେ ପାଳଗଦାରେ କିପରି ନିଆଁ ଲାଗିଲା ସେ ନେଇ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି।

## ୱାରେଣ୍ଟ ଧରପଗଡ ଅଭିଯାନ: ୪ ଗିରଫ

ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ମାମଲାରେ ଜାରି ଥିବା ୱାରେଣ୍ଟ ଧରିବାକୁ ଜୋରଦାର ଅଭିଯାନ ଚାଲିଛି। ଏହି ଅଭିଯାନରେ ମୋରଡା ପୋଲିସ ଚାରିଜଣ ବ୍ୟକ୍ତିଙ୍କୁ ଗିରଫ କରିବାରେ ସଫଳତା ଲାଭ କରିଛି। ମୋରଡା ଥାନାର ଖୁରୁଣ୍ଟିଆ ଗ୍ରାମରୁ ରାମ କାଳନ୍ଦୀଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଛି। ସେହିପରି, କୋହି ଗ୍ରାମରୁ ମତିଲାଲା ପାତ୍ର, ହାଣ୍ଡିଭଙ୍ଗା ଗ୍ରାମରୁ ସପନ ମଲ୍ଲିକ ଏବଂ ହଳଦିପାଳ ଗ୍ରାମରୁ ଏସ. ଶିବଶଙ୍କର ବେହେରାଙ୍କୁ ଗିରଫ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଓ.ଆଇ.ସି ସତ୍ୟନାରାୟଣ ବଳ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାରେ ଚାଲିଥିବା ୱାରେଣ୍ଟ ଧରପକଡ ଅଭିଯାନ ଆସନ୍ତା ଦିନରେ ଆହୁରି ତୀବ୍ର ହେବ। ଆଇନ ଓ ଶୃଙ୍ଖଳାକୁ ଅସ୍ଥିର କରିବାକୁ ଚେଷ୍ଟା କରୁଥିବା ଯେକୌଣସି ବ୍ୟକ୍ତି କିମ୍ବା ଗୁଣ୍ଡା ଦଳଙ୍କୁ ଖୋଜି ବାହାର କରାଯିବ ।ପୋଲିସର ଏହି କାର୍ଯ୍ୟକଳାପ ଜିଲ୍ଲାବାସୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇଛି। ଆସନ୍ତା ଦିନରେ ମାଫିଆ ଓ ଅସମାଜିକ ତତ୍ତ୍ୱଙ୍କୁ ନିର୍ମୂଳ କରିବା ପାଇଁ ଏହି ଅଭିଯାନ ଆଉ ତୀବ୍ର ହେବ ବୋଲି ପୋଲିସ କହିଛି।

## ଓଡ଼ିଶାର ବିକାଶ କ୍ଷେତ୍ରରେ ଟର୍ଣ୍ଣିଂ ପଏଣ୍ଟ ପ୍ରବାସୀ ଭାରତୀୟ ସମ୍ମିଳନୀ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ବିକାଶ କ୍ଷେତ୍ରରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଟର୍ଣ୍ଣିଂ ପଏଣ୍ଟ ହେବାକୁ ଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ୧୮ ତମ ପ୍ରବାସୀ ଭାରତୀୟ ଦିବସ ଓଡ଼ିଶାରେ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶାକୁ ସୌଭାଗ୍ୟ ମିଳିଲା, ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ପ୍ରବାସୀ ଭାରତୀୟ ଓ ଓଡ଼ିଆ ମାନେ ଆସିଲେ । ଓଡ଼ିଶାର ଅର୍ଥନୀତିରେ ସେମାନଙ୍କର କଣ ଭୂମିକା ହୋଇପାରିବ, ସେ ବାବଦରେ ସେମାନେ ବି ଜାଣିଲେ, ଓଡ଼ିଶା ସରକାର ମଧ୍ୟ ସୁଯୋଗ ପାଇଲେ । ପୁଞ୍ଜିନିବେଶ ଓ ସୁବିଧା ନେଇ ସେମାନଙ୍କୁ ସରକାର ଲମ୍ବା ସୂଚୀ ଦେଇଛନ୍ତି । ଓଡ଼ିଶାରେ ଖଣିଜ, ଜଳ, ଜଙ୍ଗଲ ସମ୍ପଦ ଭରପୁର ଅଛି, ଯୋଗାଯୋଗ ପାଇଁ ଭୁବନେଶ୍ୱରରେ ବଡ଼ ଏୟାରପୋର୍ଟ ସମେତ ବିଭିନ୍ନ ଅଂଚଳରେ ଛୋଟ ଛୋଟ ଏୟାରପୋର୍ଟ ଅଛି । ଗତ ୧୦ ବର୍ଷ ଭିତରେ ରେଳ କ୍ଷେତ୍ରରେ ମଧ୍ୟ ବିକାଶ ହୋଇଛି । ଶକ୍ତି କ୍ଷେତ୍ରରେ ମଧ୍ୟ ଓଡ଼ିଆରେ ଆତ୍ମନିର୍ଭରଶୀଳ ହୋଇଛି ଓଡ଼ିଶା । ଶିଳ୍ପ ପାଇଁ ଓଡ଼ିଶାରେ ସବୁ ଉପାଦାନ ମହଜୁଦ ଅଛି । ବିକଶିତ ରାଜ୍ୟ ଗଠନରେ ପ୍ରବାସୀ ସେମାନଙ୍କ ଭୂମିକା କଣ ହେବ, ସେ ବାବଦରେ ମଧ୍ୟ ଆଲୋଚନା ହୋଇଛି । ଆମେ ସେମାନଙ୍କ ପାଇଁ ଓଡ଼ିଶାରେ ସୁଯୋଗ ସୃଷ୍ଟି କଲେ ଓଡ଼ିଶା ମଧ୍ୟ ବିକଶିତ ହେବ ବୋଲି ସୁରେଶ ପୂଜାରୀ କହିଛନ୍ତି ।

# ରାଜସ୍ୱ ଅଧିକାରୀ କରିପାରିବେନି ଅଣରାଜସ୍ୱ କାମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜସ୍ୱ ଅଧିକାରୀ ଆଉ କରିପାରିବେନି ଅଣ ରାଜସ୍ୱ କାମ । ସବୁ ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖି ଅବଗତ କଲା ରାଜସ୍ୱ ବିଭାଗ । ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ଅନେକ ସଂସ୍କାର କରିବାର ଆବଶ୍ୟକତା ଅଛି । ରାଜସ୍ୱ ବିଭାଗର କାମକୁ ଆହୁରି ଶାଣିତ କରିବା ଅନେକ ପଦକ୍ଷେପ ନିଆଯାଉଛି । ଯାହାଦ୍ୱାରା ରାଜସ୍ୱ ବିଭାଗର ଦାୟିତ୍ୱରେ ଥିବା ରାଜସ୍ୱ ଅଧିକାରୀ ମାନେ ବିଭାଗ ପ୍ରତି କେମିତି ସଂପୂର୍ଣ୍ଣ ନ୍ୟାୟ କରିପାରିବେ । ରାଜସ୍ୱ ସେବା ଲୋକଙ୍କ ପାଖରେ ପହଂଚାଇବା ଲାଗି ରାଜସ୍ୱ ଅଧିକାରୀ ମାନେ କେମିତି ଆହୁରି ପ୍ରତିବଦ୍ଧତା ସହ କାମ କରିବେ ସେଥିପାଇଁ ଅନେକ ସଂସ୍କାର ଅଣାଯାଉଛି । ରାଜସ୍ୱ ବିଭାଗର ମୂଳ ରାଜସ୍ୱ ଅଧିକାରୀ ମାନେ ରାଜସ୍ୱ ବିଭାଗରେ କାମ କରି ଥାଆନ୍ତି । ଏହାସହ ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କୁ ଅନ୍ୟ ବିଭାଗକୁ କାମ କରିବା ପାଇଁ ପଠାଯାଇଥାଏ । ତେଣୁ ଏହାଦ୍ୱାରା ସୃଷ୍ଟି ହେଉଥିବା ଦ୍ୱନ୍ଦରେ ସ୍ୱଷ୍ଟତା ଆଣିବା ପାଇଁ ଚାହୁଁଛି ରାଜସ୍ୱ ବିଭାଗ । ଯେଉଁ ଅଧିକାରୀ ମାନେ ରାଜସ୍ୱ ବିଭାଗର ଓଆରଏସ ଭାବେ ପଦୋନ୍ନତି ପାଉଥିଲେ, ସେମାନଙ୍କର ରାଜସ୍ୱ କାମ ବିଷୟରେ ଅନୁଭବ ନଥିଲା । ସେହିପରି ଅନେକ ପୁରୁଣା ଆଇନ ଗୁଡ଼ିକୁ ସଂଶୋଧନ କରାଯିବ, ଯେଉଁ ଆଇନର ଆବଶ୍ୟକ ନାହିଁ, ରଦ୍ଦ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ହଂସିତା, ଅନିଲଙ୍କୁ ମାରାଥନ ଜେରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହଂସିତା, ଅନିଲଙ୍କୁ ମାରାଥନ ଜେରା । ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଉଭୟଙ୍କୁ ଦିନିକିଆ ରିମାଣ୍ଡରେ ଆଣି ଅନେକ ଦିଗରେ ଜେରା କରାଯାଇଛି । ରିମାଣ୍ଡ ସମୟରେ ଅନେକ ତଥ୍ୟ ପାଇଛୁ । ଆର୍ଥିକ କାରବାର ନେଇ ପଚରାଉଚୁରା ହୋଇଛି। ଏବେ ଖୋଳତାଡ ଚାଲିଛି। ଆବଶ୍ୟକ ପଡିଲେ ପୁଣି ରିମାଣ୍ଡରେ ଆଣି ପଚରା ଉଚୁରା କରାଯିବ ବୋଲି ସିପି କହିଛନ୍ତି ।

## ଜବରଦଖଲ ଉଚ୍ଛେଦକୁ ବିରୋଧ, ଲାଗୁ ହେଲା କର୍ଫ୍ୟୁ

ବାଲେଶ୍ୱର (ଭାସ୍କର ନ୍ୟୁଜ): ଜବରଦଖଲ ଉଚ୍ଛେଦ ପାଇଁ ବାଲେଶ୍ୱରରେ କର୍ଫ୍ୟୁ । ବାଲେଶ୍ୱରର ଯାଦପୁର, ଅକ୍ତିଆରପୁର ଓ ଭାସ୍କରଗଞ୍ଜ ମୌଜାରେ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ କଠୋର ପଦକ୍ଷେପ ନେଇଛି । ସେହି ସ୍ଥାନରେ ତୃତୀୟ ଲାଇନ କାମରେ ବାଧକ ସାଜିଛନ୍ତି ଜବରଦଖଲକାରୀ । ଜବରଦଖଲକୁ ଉଚ୍ଛେଦ କରିବାକୁ ପ୍ରଶାସନ ଜରୁରୀକାଳୀନ କର୍ଫ୍ୟୁ ଜାରି କରିଛି । ଆଜି ଓ କାଲି ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ । ଅରଡ ବଜାରଠାରୁ ପରିବା ମାର୍କେଟ, ହରିପୁରଠାରୁ ଦର୍ଜି ପୋଖରୀ ଛକ, କଷ୍ଟିଳା ପୋଲଠାରୁ ଫୁଲାଡି ଛକ, ନୂଆବଜାର ରେଳ ଫାଟକ ଓ ଗଳା ପୋଲଠାରୁ ନୂଆବଜାର ପରିବା ମାର୍କେଟର ଉଭୟେ ପାର୍ଶ୍ୱ ରାସ୍ତାରେ ବିଏନଏସର ଧାରା ୧୬୩ ଓ କର୍ଫ୍ୟୁ ଜାରି କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଭୋର ୪ଟାରୁ ରାତି ୧୦ଟା ଓ ଆସନ୍ତା କାଲି ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି କଟକଣା ଜାରୀ କରିଥିବା ସୂଚନା ଦେଇଛନ୍ତି ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ। ଉଚ୍ଛେଦ ବେଳେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆ ଯାଇଥିବା କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ। ସେଥିପାଇଁ ସକାଳୁ ସକାଳୁ ରେଳ ଲାଇନ କଡ଼ରେ ରହୁଥିବା ଲୋକମାନେ ଘରୁ ସେମାନଙ୍କ ଆସବାବପତ୍ର ଅନ୍ୟତ୍ର ନେବାରେ ଲାଗିପଡିଛନ୍ତି।

## ଧାନମଣ୍ଡି ଉଦ୍‌ଘାଟିତ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍ ଅନ୍ତର୍ଗତ ମାଧବ ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ଏସଆରସିଏସ୍ ଅନୁସୟା ମଲ୍ଲ ଉଦ୍‌ଘାଟନ କରିଥିବା ବେଳେ ସମିତିର ସଭାପତି ଶ୍ରୀକାନ୍ତ ଖୁଣ୍ଟିଆ, ଚାଷୀ ଭରତ କୁମାର ପାଣି, ପ୍ରଭାକର ସେଠୀ, ଲିଙ୍ଗରାଜ ଲେଙ୍କା, ସୁରେନ୍ଦ୍ର ଦାସପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସରୋଜ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୧୫ ଜଣ ଚାଷୀଙ୍କ ଠାରୁ ୪ ଶହ ୮୪ କ୍ୱିଣ୍ଟାଲ୍ ଧାନ କ୍ରୟ କରାଯାଇଥିଲା।

## ଶାସ୍ତ୍ରୀଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତରତ୍ନ ଲାଲ ବାହାଦୁର ଶାସ୍ତ୍ରୀଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଦେଶରେ ଡ଼ଶ୍ୱେତ ବିପ୍ଲବ' ଓ 'ସବୁଜ ବିପ୍ଳବ' ତାଙ୍କରି ନେତୃତ୍ୱରେ ହିଁ ଆରମ୍ଭ ହୋଇଥିଲା। ସେହିପରି ଭାରତରତ୍ନ ଲାଲ ବାହାଦୁର ଶାସ୍ତ୍ରୀଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପୁଣ୍ୟତିଥି ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ । ଲାଲ ବାହାଦୁର ଶାସ୍ତ୍ରୀଙ୍କ ଅଦ୍ୱିତୀୟ ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଅଟେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଭିଲେଖାଗାର...

କରୁଥିବା କହିଥିଲେ। ନ୍ୟାୟ ବ୍ୟବସ୍ଥାରେ ବୈଷୟିକ ସଂସ୍କାର ଆଣିବା ସହ ଏହାକୁ ଅଧୁନାତନ କରି ସରକାର ନ୍ୟାୟ ବ୍ୟବସ୍ଥାକୁ ଦକ୍ଷ, ସ୍ୱଚ୍ଛ ଏବଂ ସମସ୍ତଙ୍କ ନିକଟରେ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରୁଛନ୍ତି। ନ୍ୟାୟିକ ଅଭିଲେଖାଗାର ଏ ଦିଗରେ ଆଉ ଏକ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତିଗଣ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ସଦସ୍ୟଗଣ, ଆଇନଜୀବୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### କଟକ ସହରରେ ବଢୁଛି ଅପରାଧ

# କଂଗ୍ରେସ ପକ୍ଷରୁ ଡିସିପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଟକ(ଭାସ୍କର ନ୍ୟୁଜ୍): କଟକ ସହରରେ ଦିନକୁ ଦିନ ଚୋରି, ଛିନ୍ତାଇ, ସାଇବର ଅପରାଧ ଅପମିଶ୍ରଣ, ଜମି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ବଢି ଚାଲିଥିବାବେଳେ କମିଶନରେଟ୍ ପୁଲିସ୍ ଅପରାଧ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଦର୍ଶାଯାଇଛି ଯେ ଗତ ୨୦୦୮ମସିହା ଜାନୁଆରୀ ମାସରୁ କଟକ ସହରରେ କମିଶନରେଟ ବ୍ୟବସ୍ଥା ଲାଗୁ କରାଗଲା । ସାଧାରଣ ଲୋକଙ୍କ ଧାରଣା ଥିଲା କମିଶନରେଟ ବ୍ୟବସ୍ଥା ଲାଗୁ ହେଲେ ଆଇନ୍ କାନୁନ୍ ଶକ୍ତ ହେବ ଲୋକେ ଅଧିକ ସୁଫଳ ପାଇବେ । ମାତ୍ର କମିଶନରେଟ ବ୍ୟବସ୍ଥା ଲାଗୁ ହେବାର ୧୬ବର୍ଷ ବିତି ଯାଇଥିଲେ ମଧ୍ୟ ଯଥା ପୂର୍ବମ୍ ତଥା ପରମ୍ ଢଙ୍ଗରେ ଚାଲିଛି କମିଶନରେଟ ପୋଲିସ ବ୍ୟବସ୍ଥା । ଏହି ମର୍ମରେ ଦଳ ପକ୍ଷରୁ ଡିସିପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । କୁହାଯାଇଛି ଯେ କଟକ ସହରରେ ୨୦ଥାନା ଗାଡ଼ି, ୨୫ ପିସିଆର୍ ଭ୍ୟାନ୍,ଏସିପି ଏଡିସିପିଙ୍କୁ ମିଶେଇ ଆହୁରି ୧୦ରୁ ଉର୍ଦ୍ଧ୍ୱ ନାଲିବତୀ ଗାଡ଼ି ବୁଲୁଥିଲେ ମଧ୍ୟ ଅସାମାଜିକ ବ୍ୟକ୍ତିଙ୍କ ଭୟ ରହୁନାହିଁ । ବରଂ ସହରରେ ଦିନକୁ ଦିନ ଚୋରି, ଛିନ୍ତାଇ, ସାଇବର ଅପରାଧ, ଅପମିଶ୍ରଣ, ଜମି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି । ନିକଟରେ ସହରର ପ୍ରସିଦ୍ଧ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଗତ ଆଠ ଦିନ ତଳେ ଠାକୁରଙ୍କ ଆୟ ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ଯାଇଥିବାବେଳେ ଏପର୍ଯ୍ୟନ୍ତ ମଧୁପାଟଣା ପୋଲିସ ଚୋରକୁ ଧରିବାରେ ସକ୍ଷମ ହୋଇନାହିଁ । ଥାନା ଠାରୁ ମାତ୍ର ୪୦୦ ମିଟର ଦୁରତାରେ ଥିବା ମନ୍ଦିରରୁ ଯଦି ଚୋରି ହୁଏ ତେବେ ଅସାମାଜିକ ବ୍ୟକ୍ତିଙ୍କର ପୋଲିସ ପ୍ରତି ଭୟ ରହୁନଥିବା ଜଣାପଡୁଛି । ତେଣୁ ତୁରନ୍ତ ଚୋରକୁ ଧରିବା ସହ ଚୋରିଯାଇଥିବା ଜିନିଷ ଜବତ କରିବାକୁ କଟକ ଶକ୍ତିନଗର କଂଗ୍ରେସ ଦାବୀ କରିଛି । ଏହି ପ୍ରସଙ୍ଗରେ କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମଧୁପାଟଣା ଥାନାରେ ପହଁଚି ଥାନା ଅଧିକାରୀଙ୍କୁ ସାକ୍ଷାତ୍ କରି ଆଲୋଚନା କରିବା ସହ ଡିସିପିଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ୍ ସ୍ୱାଇଁ, ପିସିସିର ପ୍ରାକ୍ତନ ସମ୍ପାଦକ ପ୍ରୀୟଜିତ୍ ରାୟ, କଟକ ନଗର(ଜିଲ୍ଲା)କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

# ଜାତୀୟ ଓ ଅନ୍ତର୍ଜାତୀୟ





ଅଯୋଧ: ଅଯୋଧ୍ୟା ରାମ ମନ୍ଦିରରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ପୂରିଲା ବର୍ଷେ। ରାମନଗରୀରେ ଉତ୍ସବର ମାହୋଲ। ସକାଳୁ ସକାଳୁ ଅଯୋଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ନଜର ଆସିଛି। ଜାନୁଆରୀ ୧୧ର ୧୩ ପର୍ଯ୍ୟନ୍ତ ୩ଦିନ ଧରି ଉତ୍ସବର ଶୁଭ ଅବସର ସ୍ଥିର କରାଯାଇଛି। ମନ୍ଦିର ଟ୍ରଷ୍ଟ ଅନୁଯାୟୀ, କାର୍ଯ୍ୟକ୍ରମରେ ସାଧାରଣ ଲୋକ ଏବଂ ପ୍ରାୟ ୧୧୦ ନିମନ୍ତ୍ରିତ ଅତିଥି ଉପସ୍ଥିତ ରହିବେ। ଏଥିରେ ମଣ୍ଡପ ଏବଂ ଯଜ୍ଞଶାଳାରେ ଶାସ୍ତ୍ରୀୟ ସାଂସ୍କୃତିକ ପ୍ରଦର୍ଶନ, ରୀତିନୀତି ଏବଂ ପ୍ରତିଦିନ ରାମ କଥା ପ୍ରବଚନ ପ୍ରଦର୍ଶିତ ହେବ। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ କହିଛନ୍ତି, ଗତବର୍ଷ ପ୍ରାରମ୍ଭିକ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇପାରିନଥିବା ସାଧାରଣ ଲୋକଙ୍କୁ ଟ୍ରଷ୍ଟ ନିମନ୍ତ୍ରଣ କରିବାକୁ ନିଷ୍ପତ୍ତି ନେଇଛି। ସେମାନଙ୍କୁ ଅଙ୍ଗଦ ଟିଲାର ୩ଦିନର ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁମତି ଦିଆଯିବ। ଗତ ବର୍ଷ ଜାନୁଆରି ୨୨ ତାରିଖରେ ଭବ୍ୟ ଆୟୋଜନରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ତିଥି ଅନୁଯାୟୀ ପ୍ରାଣ ପ୍ରତିଷ୍ଠାକୁ ଶନିବାର ଗୋଟିଏ ବର୍ଷ ପୂରଣ ହୋଇଛି। ଏହି ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ରାମଲାଲାଙ୍କ ସ୍ୱତନ୍ତ୍ର ପୂଜାବିଧି ପାଇଁ ଭବ୍ୟ ଆୟୋଜନ କରାଯାଇଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି।

## ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ପ୍ରଯୁକ୍ତି ବିଦ୍ୟାର ବିକାଶ ପ୍ରମୁଖ ଆଧାର: ଅଶ୍ୱିନୀ



ନୂଆଦିଲ୍ଲୀ: କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ପୁଣେର ସି-ଡ୍ୟାକ୍ କ୍ୟାମ୍ପସରେ ସି-ଡ୍ୟାକ୍ ଦ୍ୱାରା ଡିଜାଇନ ଏବଂ ବିକଶିତ ହୋଇଥିବା ଗୋଟିଏ ଭିଇଜିଏ ଆଧାରିତ ଏସଓସି ଏଏସ୍ଆଇସି. ଏବଂ ଦୁଇ ଡିଆଇଆରଭିଭିଇଜିଏ ପ୍ରୋସେସର ଆଧାରିତ ଡେଭଲପମେଣ୍ଟ ବୋର୍ଡର ଶୁଭାରମ୍ଭ କରିଛନ୍ତି। ଏରିଜ୍ ଇକୋ ଏବଂ ଏରିଜ୍ ନୋଭା ବିକାଶ ବୋର୍ଡ ଏବଂ ସ୍ୱଦେଶୀ ୬୪-ବିଟ ଏସସି ତେଜସ୬୪କୁ ଉନ୍ମୋଚନ କରାଯାଇଛି। ଏରିଜ୍ ଇକୋ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ, ଯାହା ସେନ୍ସର୍ ଫ୍ୟୁଜନ୍, ସ୍ମାର୍ଟ ମିଟର ଏବଂ ପରିଧାନଯୋଗ୍ୟ ଉପକରଣ ଭଳି ପ୍ରୟୋଗ ସହ ପରୀକ୍ଷା କରିବା ପାଇଁ ଏକ ହ୍ୟାଣ୍ଡ-ଅନ୍ ପ୍ଲାଟଫର୍ମ ପ୍ରଦାନ କରିଥାଏ। ଏରିଜ୍ ନୋଭା ଶିକ୍ଷା, ଗବେଷଣା ଏବଂ ବିକାଶ ପାଇଁ ଦ୍ରୁତ ଗତିରେ ବିକଶିତ ହେଉଥିବା ସମନ୍ୱିତ ବ୍ୟବସ୍ଥା କ୍ଷେତ୍ରରେ ଏକ ସହଜରେ ଉପଲବ୍ଧ ପ୍ଲାଟଫର୍ମ ପ୍ରଦାନ କରିଥାଏ। ତେଜସ୍୬୪ ହେଉଛି ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ୬୪-ବିଟ୍ ଭିଇଜିଏ ଆଧାରିତ ସିଷ୍ଟମ୍-ଅନ୍-ଚିପ୍ ଯାହା ଶକ୍ତିଶାଳୀ ଏବଂ ସୁରକ୍ଷିତ ଏମବେଡେଡ୍ ଆପ୍ଲିକେସନ୍ ପାଇଁ ଡିଜାଇନ୍ ହୋଇଛି। ଫଳସ୍ୱରୂପ, ଗବେଷଣା କାର୍ଯ୍ୟକ୍ରମ ସହ ଜଡିତ ଛାତ୍ରମାନେ ଯେଉଁମାନେ ପୂର୍ବରୁ କେବଳ ପାଠ୍ୟପୁସ୍ତକରୁ ସେମି-କଣ୍ଡକ୍ଟର ବିଷୟରେ ଶିଖୁଥିଲେ, ବର୍ତ୍ତମାନ ଉନ୍ନତ ଉପକରଣକୁ ପାଇପାରୁଛନ୍ତି। ଏହାଦ୍ୱାରା ସେମାନଙ୍କ ଚିନ୍ତାଧାରାକୁ ନେଇ ପ୍ରୟୋଗ କରୁଛନ୍ତି ଏବଂ ଉତ୍ପାଦ ଧାରଣା ବିକଶିତ କରୁଛନ୍ତି। ଛାତ୍ରଛାତ୍ରୀ ସେମି କଣ୍ଡକ୍ଟର ଉଦ୍ୟୋଗରେ ସାମିଲ ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଷ୍ଟାର୍ଟଅପ୍ ଏବଂ ବାସ୍ତବରେ କମ୍ପ୍ୟୁଟର ଚିପ୍ ଡିଜାଇନ୍ କରିବାର କ୍ଷମତା ବିକଶିତ କରିବା ପାଇଁ ଆଭ୍ୟନ୍ତରୀଣ ଶକ୍ତି ମଧ୍ୟ ସଂଗ୍ରହ କରୁଛନ୍ତି। ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ସେମି-କଣ୍ଡକ୍ଟର ଡିଜାଇନ୍ ଉପକରଣ ବ୍ୟବହାର କରିବା ଶିଖୁଥିବା ଛାତ୍ରମାନଙ୍କ ମଧ୍ୟରେ ସି-ଡ୍ୟାକ୍ ଏକ ଚ୍ୟାଲେଞ୍ଜ ପ୍ରତିଯୋଗିତା ଆୟୋଜନ କରିବ, ଯାହାପରେ ସେମାନଙ୍କୁ ଶିଳ୍ପ କ୍ଷେତ୍ରରେ ସର୍ବୋତ୍ତମ ସୁଯୋଗ ଦେବ। ସି-ଡ୍ୟାକ ଏହି ଛାତ୍ରଛାତ୍ରୀଙ୍କ ପାଇଁ ଏକ ସାର୍ଟିଫିକେଟ୍ ପାଠ୍ୟକ୍ରମ ମଧ୍ୟ ଆରମ୍ଭ କରିବ। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ସଚିବ ଏସ୍. କ୍ରିଷ୍ଣନ, ମନ୍ତ୍ରଣାଳୟର ଗ୍ରୁପ୍ ସଂଯୋଜକ ସୁନୀତା ବର୍ମା, ସି-ଡ୍ୟାକର ମହାନିର୍ଦ୍ଦେଶକ ଇ. ମଗେଶ ଏବଂ ସି-ଡ୍ୟାକ ପୁଣେର କେନ୍ଦ୍ର ମୁଖ୍ୟ ସଞ୍ଜୟ ୱାଣ୍ଡେକର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ବିଗ୍ ଡାଟା ଓ ଡାଟା ସାଇନ୍ସ ସଂପର୍କିତ ଜାତିସଂଘ ବିଶେଷଜ୍ଞ କମିଟିରେ ଭାରତ ସାମିଲ୍

ନୂଆଦିଲ୍ଲୀ: ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧିସ୍ୱରୂପ ଭାରତ ସରକାରୀ ପରିସଂଖ୍ୟାନ ପାଇଁ ବିଗ୍ ଡାଟା ଏବଂ ଡାଟା ସାଇନ୍ସ ସଂପର୍କିତ ଜାତିସଂଘ ବିଶେଷଜ୍ଞ କମିଟିରେ ସାମିଲ ହୋଇଛି । ସରକାରୀ ପରିସଂଖ୍ୟାନ ପାଇଁ ବିଗ୍ ଡାଟା ଏବଂ ଡାଟା ସାଇନ୍ସ ସଂପର୍କିତ ଜାତିସଂଘ ବିଶେଷଜ୍ଞ କମିଟି (ୟୁଏନ୍-ସିଇବିଡି)ର ଗଠନ ସ୍ଥାୟୀ ବିକାଶ ଲକ୍ଷ୍ୟ ତଦାରଖ ଏବଂ ରିପୋର୍ଟିଂର ସମ୍ଭାବନା ସମେତ ବିଗ୍ ଡାଟାର ଲାଭ ଏବଂ ଆହ୍ୱାନର ଅଧିକ ଅନୁସନ୍ଧାନ କରିବା ପାଇଁ କରାଯାଇଥିଲା । କମିଟିରେ ଭାରତ ଅନ୍ତର୍ଭୁକ୍ତ ହେବା ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି, କାରଣ ଭାରତ ନିକଟରେ ଏକ ଲମ୍ବା ବ୍ୟବଧାନ ପରେ ଜାତିସଂଘ ପରିସଂଖ୍ୟାନ ପରିଷଦର ସଦସ୍ୟତା ଗ୍ରହଣ କରିଛି। ବିଶେଷଜ୍ଞ କମିଟିରେ ଭାରତର ଅନ୍ତର୍ଭୁକ୍ତି ଦେଶର ପରିସଂଖ୍ୟାନ ଇକୋସିଷ୍ଟମ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ବିଶ୍ୱ ପରିସଂଖ୍ୟାନ ସମୁଦାୟରେ ଭାରତର ବଢୁଥିବା ପ୍ରତିଷ୍ଠା ଏବଂ ତଥ୍ୟ ଏବଂ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରି ସୁଚିନ୍ତିତ ନିଷ୍ପତ୍ତି ନେବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି । କମିଟିରେ ଭାରତର ସକ୍ରିୟ ଅଂଶଗ୍ରହଣ ଡାଟା ଇନୋଭେସନ ଲ୍ୟାବ୍ ସ୍ଥାପନ ଏବଂ ନୀତି ନିର୍ଦ୍ଧାରଣ ଲାଗି ସାଟେଲାଇଟ୍ ଇମେଜରୀ ଓ ମେସିନ୍ ଲର୍ଣ୍ଣିଂ ଭଳି ବିକଳ୍ପ ଡାଟା ଉତ୍ସ ଆବିଷ୍କାର ପ୍ରଭୃତି ଭାରତର ଅଭିନବ ପଦକ୍ଷେପିକୁ ରେଖାଙ୍କିତ କରିବ। ଅନ୍ତର୍ଜାତୀୟ ଫୋରମରେ ଯୋଗଦାନ କରିବାର ସୁଯୋଗ ଭାରତକୁ ଏହି କ୍ଷେତ୍ରରେ ଏକ ପ୍ରମୁଖ ଅଂଶୀଦାର ଭାବରେ ଅବସ୍ଥାପିତ କରିଛି । ବିଗ୍‌ଡାଟା ଏବଂ ଉନ୍ନତ ଡାଟା ସାଇନ୍ସ କୌଶଳ ସରକାରୀ ପରିସଂଖ୍ୟାନ ପ୍ରସ୍ତୁତି ଏବଂ ପ୍ରସାରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର କ୍ଷମତା ରଖୁଛି । ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ, ସାଟେଲାଇଟ୍ ଇମେଜରି ଏବଂ ଘରୋଇ କ୍ଷେତ୍ରର ଡାଟା ପ୍ରବାହ ଭଳି ଅଣ-ପାରମ୍ପରିକ ଡାଟା ଉତ୍ସଗୁଡ଼ିକୁ ସମନ୍ୱିତ କରି ଭାରତ ନୀତି ନିର୍ଦ୍ଧାରଣ ଓ ପ୍ରଶାସନ ପାଇଁ ନିଜର ପରିସଂଖ୍ୟାନ ପ୍ରକ୍ରିୟାର ଆଧୁନିକୀକରଣ, ଆକଳନର ସଠିକତା ବୃଦ୍ଧି ଓ ଠିକ ସମୟରେ ଗୁରୁତ୍ୱପୂର୍ଣ୍ଣ ଡାଟା ଉପଲବ୍ଧତାକୁ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି । ସରକାରୀ ପରିସଂଖ୍ୟାନ ପାଇଁ ବିଗ୍ ଡାଟା ଏବଂ ଡାଟା ବିଜ୍ଞାନ ସଂପର୍କିତ ବିଶେଷଜ୍ଞ କମିଟିରେ ଭାରତର ଯୋଗଦାନ ପରିସଂଖ୍ୟାନ ସୃଷ୍ଟି ଏବଂ ପ୍ରସାରରେ ବିପ୍ଳବ ଆଣିବା ଦିଗରେ ଏକ ପଦକ୍ଷେପ, ଯାହା ଏକ ଅଧିକ ଦୃଢ ଏବଂ ଡାଟା-ସଚେତନ ବିଶ୍ୱ ଦିଗରେ ଯୋଗଦାନ କରିବ ।

### ସୁପ୍ରିମ୍‌କୋର୍ଟଙ୍କୁ ବି ଛାଡୁନାହାନ୍ତି ସାଇବର ଠକ

## ୧୫ ଫିସିଂ ସାଇଟ୍ ତାଲିକା ଜାରି

ନୂଆଦିଲ୍ଲୀ: ଦେଶରେ ସାଇବର ଅପରାଧୀଙ୍କ ପ୍ରାଦୁର୍ଭାବ ସୀମା ଟପିଛି ଏବଂ ସେମାନେ ସୁପ୍ରିମ୍‌କୋର୍ଟଙ୍କୁ ମଧ୍ୟ ଛାଡୁନାହାନ୍ତି। ସୁପ୍ରିମ୍‌କୋର୍ଟ ଉପରେ ମଧ୍ୟ ସାଇବର ଅପରାଧୀମାନେ ଯୋଜନାବଦ୍ଧ ଆକ୍ରମଣ କରିଛନ୍ତି ବୋଲି ସାର୍ବଜନୀନ ବିଜ୍ଞପ୍ତି ଜାରି କରି କୁହାଯାଇଛି । ଏହା ସହ ନକଲି ୱେବ୍‌ସାଇଟ ନେଇ ଲୋକଙ୍କୁ ସତର୍କ କରାଇବା ନିମନ୍ତେ ସୁପ୍ରିମକୋର୍ଟ ରେଜିଷ୍ଟ୍ରି ପକ୍ଷରୁ କେତେକ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟର ଅଫିସିଆଲ ୱେବ୍‌ସାଇଟକୁ ନକଲ କରି ସାଇବର ଅପରାଧୀମାନେ ଲୋକଙ୍କୁ ଠକିବା ପାଇଁ ପ୍ରୟାସ କରୁଛନ୍ତି ବୋଲି ଏକ ନୋଟିସରେ କୁହାଯାଇଛି। ରେଜିଷ୍ଟ୍ରିରେ ଏଭଳି ୧୫ଟି ୱେବସାଇଟ ତାଲିକାଭୁକ୍ତ କରାଯାଇଛି, ଯେଉଁମାନେ ସୁପ୍ରିମ୍‌କୋର୍ଟ ୱେବ୍‌ସାଇଟ୍ ଭଳି ୟୁଆରଏଲ୍ ତିଆରି କରି ଲୋକଙ୍କୁ ଠକୁଛନ୍ତି ଏବଂ ସର୍ବୋଚ୍ଚ ନ୍ୟାୟାଳୟର ୱେବ୍‌ସାଇଟ୍‌ରୁ ବିଚାରପତିଙ୍କ ବ୍ୟକ୍ତିଗତ ଏବଂ ଗୋପନୀୟ ସୂଚନା ହ୍ୟାକ୍ କରିବାକୁ ଚେଷ୍ଟା କରୁଛନ୍ତି। ନକଲି ୱେବ୍‌ସାଇଟଠାରୁ ଦୂରେଇ ରହିବାକୁ ସୁପ୍ରିମକୋର୍ଟ ଜନତାଙ୍କୁ ପରାମର୍ଶ ଦେଇଛନ୍ତି। ସରକାରୀ ୱେବ୍‌ସାଇଟ୍ ଭଳି ଦେଖାଯାଉଥିବା ଫିସିଂ ୱେବ୍‌ସାଇଟ୍ ଆପଣଙ୍କ ବ୍ୟକ୍ତିଗତ ଡାଟା ଚୋରି କରି ସାଇବର ଠକେଇ କରିପାରେ ବୋଲି ରେଜିଷ୍ଟ୍ରି ପକ୍ଷରୁ ଜାରି ନୋଟିସ୍‌ରେ କୁହାଯାଇଛି। ଏଭଳି ନକଲି ୱେବ୍‌ସାଇଟ ଉପରେ କ୍ଲିକ୍ ନ କରିବାକୁ ପରାମର୍ଶ ଦିଆଯାଇଛି। ସୁପ୍ରିମ୍‌କୋର୍ଟ ତାଙ୍କ ପରାମର୍ଶାବଳିରେ କହିଛନ୍ତି ଯେ 'ସର୍ବୋଚ୍ଚ ନ୍ୟାୟାଳୟ କେବେ ବି କୌଣସି ଉପଭୋକ୍ତାଙ୍କ ଠାରୁ ବ୍ୟକ୍ତିଗତ ସୂଚନା, ଆର୍ଥିକ ସୂଚନା ଇତ୍ୟାଦି ପଚାରନ୍ତି ନାହିଁ। ଏଭଳି ପରିସ୍ଥିତିରେ ଯଦି କୌଣସି ୱେବ୍‌ସାଇଟ୍ ଏଭଳି ତଥ୍ୟ ମାଗିବ, ତେବେ ସତର୍କ ରହିବାକୁ ହେବ।' ସୂଚନାଯୋଗ୍ୟ, ସୁପ୍ରିମ୍‌କୋର୍ଟ ଅଫିସିଆଲ ୱେବ୍‌ସାଇଟ ନାମରେ ସାଇବର ଅପରାଧୀମାନେ ନକଲି ୱେବ୍‌ସାଇଟ୍ ତିଆରି କରିଛନ୍ତି। ଗତବର୍ଷ ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ମଧ୍ୟ ସୁପ୍ରିମ୍‌କୋର୍ଟ ନାଁରେ ଚାଲୁଥିବା ନକଲି ୱେବ୍‌ସାଇଟ୍‌ରୁ ଦୂରେଇ ରହିବାକୁ ଲୋକଙ୍କୁ କହିଥିଲେ।

### ଭାରତ ଅନ୍ତର୍ଜାତୀୟ ଧାନ ସମ୍ମିଳନୀ

## ଭାତ ପାତ୍ରକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଦିଆଯିବ: ବିଷ୍ଣୁଦେବ



ରାୟପୁର: ଶନିବାର ରାୟପୁରର ଏକ ଘରୋଇ ହୋଟେଲରେ ଭାରତ ଅନ୍ତର୍ଜାତୀୟ ଚାଉଳ ସମ୍ମିଳନୀ ୨୦୨୫ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ଯୋଗ ଦେଇଥିଲେ। କେନ୍ଦ୍ର ଖାଦ୍ୟ ଏବଂ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ମଧ୍ୟ ଭିଡିଓ କନଫରେନ୍ସି ମାଧ୍ୟମରେ କାର୍ଯ୍ୟକ୍ରମ ସହ ସଂଯୁକ୍ତ ହୋଇଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଗୋୟଲ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଦେଶର କୃଷକଙ୍କ ସମ୍ମାନ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରିଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ମଧ୍ୟ ସେମାନଙ୍କ ହିତରେ ନିଷ୍ପତ୍ତି ନିଆଯାଉଛି। ସେ କହିଥିଲେ ଯେ ଛତିଶଗଡ଼କୁ ଭାତହାଣ୍ଡି କୁହାଯାଏ। ଛତିଶଗଡ଼ରେ ପ୍ରଚୁର ପରିମାଣରେ ଧାନ ଚାଷ ହୁଏ। ତେଣୁ ବିଶ୍ୱ ବଜାରରେ ଚାଉଳ ଉପଲବ୍ଧ କରାଇବା ପାଇଁ ଏଠାରେ ମୂଲ୍ୟ ଯୋଡିବା ଏବଂ ବ୍ରାଣ୍ଡିଂ କରିବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ଯୋଗଦାନ କରି କହିଥିଲେ ଯେ ଏହିଦିନ ଭଗବାନ ଶ୍ରୀରାମଲାଲା ଅଯୋଧ୍ୟା ଧାମ ମନ୍ଦିରରେ ସିଂହାସନ ସ୍ଥାପନ କରିଥିଲେ। ଛତିଶଗଡ଼ ହେଉଛି ମାତା କୌଶଲ୍ୟାଙ୍କ ମାତୃଭୂମି ଏବଂ ପ୍ରଭୁ ଶ୍ରୀରାମଙ୍କ ମାତୃଭୂମି। ରାମଲଲ୍ଲାଙ୍କ ସିଂହାସନ ଆରୋହଣର ପ୍ରଥମ ବାର୍ଷିକୀରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଏବଂ ଦେଶର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୁଁ ଜଣେ ଚାଷୀଙ୍କ ପୁଅ। ମୁଁ ନିଜ ହାତରେ କ୍ଷେତ ହଳ କରିଛି। ମୋର ଚାଷ କାମରେ ଭଲ ଅଭିଜ୍ଞତା ଅଛି। ତେଣୁ ମୁଁ କହିପାରିବି ଯେ ଆମ ରାଜ୍ୟର ଗାଁଗୁଡ଼ିକରେ ଏତେ ପରିମାଣର ଧାନ ଅଛି, ଯାହାର ନାମ ହୁଏତ ସମସ୍ତେ

**ଛତିଶଗଡ଼ ଚାଉଳରେ ମୂଲ୍ୟ ଯୋଡିବା ଓ ବିଶ୍ୱ ବଜାରରେ ବ୍ରାଣ୍ଡିଂ କରିବାର ଆବଶ୍ୟକତା ଅଛି: ପୀୟୁଷ ଗୋୟଲ**

ଜାଣି ନଥିବେ। ଛତିଶଗଡ଼ କୃଷିମନ୍ତ୍ରୀ ରାମବିଚାର ନେତାମ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇଙ୍କ ନେତୃତ୍ୱରେ ସରକାର ଚାଷୀଙ୍କ ହିତରେ କାର୍ଯ୍ୟ କରୁଛି। ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟର ଉପ-ଚାନସେଲର ଗିରିଶ ଚାଣ୍ଡେଲ, ଏପିଡ଼ା ଅଧ୍ୟକ୍ଷ ଅଭିଷେକ ଦେବ, ଆଲୋକ ବିସାରିଆ, ଛତିଶଗଡ଼ ଚାଉଳ ମିଲର୍ସ ପ୍ରମୋଟର୍ସ ଆସୋସିଏସନ ସଭାପତି ମୁକେଶ ଜୈନଙ୍କ ସହ ମିଲର୍ସ ଏବଂ ଦେଶର ବିଶିଷ୍ଟ ଅଂଶୀଦାର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଲସ୍ ଆଞ୍ଜେଲସ ନିଆଁ

## ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି, ଲିଭାଇବାକୁ ପାଣି ଅଭାବ

ନୂଆଦିଲ୍ଲୀ: ଲସ୍ ଆଞ୍ଜେଲସରେ ଲାଗିଥିବା ଭୟଙ୍କର ନିଆଁରେ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ଏଲଏ କାଉଣ୍ଟି ମେଡିକାଲ ଏକଜାମିନର ଅଫିସ୍ ଏସବୁ ମୃତ୍ୟୁକୁ ନିଶ୍ଚିତ କରିଛି। ଦିନ ବିତିବା ସହିତ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଅଫିସ ପକ୍ଷରୁ ଆଶଙ୍କା କରାଯାଉଛି। ସେପଟେ ନିଆଁ ଲିଭାଇବା ପାଇଁ ଚାଲିଥିବା ପ୍ରୟାସ ମଧ୍ୟରେ ପାଣି ଅଭାବ ଏକ ବଡ଼ ପ୍ରସଙ୍ଗ ପାଲଟିଛି । ଜଳ ଅଭାବକୁ ନେଇ କାଲିଫର୍ଣ୍ଣିଆର ଗଭର୍ଣ୍ଣର ଗାଭିନ୍ ନ୍ୟୁସମ୍ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜଳ ଅଭାବ ଯୋଗୁଁ କିପରି ନିଆଁ ଲିଭାଇବା କାମ ପ୍ରଭାବିତ ହେଉଛି ସେ ତାହାର ତଦନ୍ତ ଦାବି କରିଛନ୍ତି । ଗଭର୍ଣ୍ଣର କହିଛନ୍ତି ଯେ କେତେକ ଅଗ୍ନି ହାଇଡ୍ରେଣ୍ଟରେ ଜଳ ଯୋଗାଣ ଅଭାବ ଏବଂ ସାନ୍ତା ୟାନେଜ୍ ଜଳଭଣ୍ଡାରରୁ ଜଳ ଯୋଗାଣ ଅନୁପଲବ୍ଧତା ଅଭିଯୋଗର ନିରପେକ୍ଷ ତଦନ୍ତ ହେବା ଉଚିତ । ଲସ୍ ଆଞ୍ଜେଲସ ସହରର ଉତ୍ତରରେ ଥିବା ୨୫ ମାଇଲ (୪୦ କିଲୋମିଟର) ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୧୨,୦୦୦ରୁ ଅଧିକ ଘର ଓ କୋଠା ପୋଡ଼ି ଯାଇଛି। ପାଖାପାଖି ଦେଢ଼ ଲକ୍ଷ ବାସିନ୍ଦାଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୮ ମାସରୁ ଅଧିକ ସମୟ ଧରି ଏହି ଅଞ୍ଚଳରେ ବର୍ଷା ହୋଇନଥିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଭୟଙ୍କର ଅଗ୍ନିକାଣ୍ଡ ହଲିଉଡ ହିଲ୍ସରେ ପହଞ୍ଚିଥିବା ବେଳେ ଅନେକ ଆମେରିକୀୟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଘରେ ମଧ୍ୟ ନିଆଁ ଲାଗିଯାଇଛି।



## ରହସ୍ୟଘେରରେ ଆପ୍ ବିଧାୟକ ଗୁରପ୍ରୀତ ବସ୍ସି ଗୋଗିଙ୍କ ମୃତ୍ୟୁ

ଲୁଧିଆନା: ରହସ୍ୟମୟ ପରିସ୍ଥିତିରେ ପଞ୍ଜାବର ଆପ୍ ବିଧାୟକ ଗୁରପ୍ରୀତ ବସ୍ସି ଗୋଗିଙ୍କ ମୃତ୍ୟୁ । ଶୁକ୍ରବାର ରାତିରେ ତାଙ୍କ ମୁଣ୍ଡରେ ଗୁଳିମାଡ଼ ଯୋଗୁ ତାଙ୍କର ମୃତ୍ୟୁ ହୋଇଛି । ବିଳମ୍ବିତ ରାତିରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଛି । ରାତି ପ୍ରାୟ ୧୨ଟା ବେଳେ ପରିବାର ଲୋକଙ୍କ ଦ୍ୱାରା ତାଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ସୂଚନା ଦେଇଛନ୍ତି ଡିସିପି ଜଶକରନ ସିଂହ । କେଉଁ ପରିସ୍ଥିତିରେ ଓ କିପରି ତାଙ୍କର ମୃତ୍ୟୁ ହେଲା ତାକୁ ନେଇ ସନ୍ଦେହ ଲାଗିରହିଛି । ନିଜର ଦିନସାରାର କାର୍ଯ୍ୟକ୍ରମ ସାରିବା ପରେ ରାତିରେ ଘୁମର ମଣ୍ଡି ଅଞ୍ଚଳରେ ଥିବା ତାଙ୍କ ଘରକୁ ଫେରିଥିଲେ । ସୂଚନା ଅନୁସାରେ, ଗୁଳି ଶବ୍ଦ ଶୁଣିବା ପରେ ତାଙ୍କ ପତ୍ନୀ ସୁଖଚୈନ କୌର ଗୋଗି ଧାଇଁ ଯାଇ ଦେଖିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରପ୍ରୀତ ସିଂହ ଟଳିପଡ଼ିଥିଲେ । ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇସାରିଥିଲା। ସୂଚନା ଅନୁସାରେ, ନିଜ ବନ୍ଧୁକ ସଫା କରିବା ବେଳେ ଦୁର୍ଘଟଣାବଶତଃ ତାଙ୍କ ମୁଣ୍ଡରେ ଗୁଳି ବାଜିବାରୁ ତାଙ୍କର ମୃତ୍ୟୁ ହୋଇଛି । ୫୮ ବର୍ଷୀୟ ଗୁରପ୍ରୀତ ବସ୍ସି ଗୋଗି ଲୁଧିଆନା ପଶ୍ଚିମରୁ ବିଧାୟକ ଥିଲେ ।

# ବାଣିଜ୍ୟ




ନୂଆଦିଲ୍ଲୀ: ଭୋଡାଫୋନ୍ ଆଇଡିଆ (ଭିଆଇ) ଉପଭୋକ୍ତାମାନଙ୍କ ପାଇଁ ଅଣିଛି ଏକ ଖୁସି ଖବର। କମ୍ପାନୀ ଏହାର ପ୍ରିପେଡ୍ ପ୍ଲାନରେ ଅସୀମିତ ଡାଟା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଏହାର ଅର୍ଥ ହେଉଛି ଯେ ଏବେ ଭିଆଇ ଉପଭୋକ୍ତାମାନେ କୌଣସି ଚିନ୍ତା ବିନା ଡାଟା ବ୍ୟବହାର କରିପାରିବେ। କମ୍ପାନୀ ଡାଟା ବ୍ୟବହାର ଉପରେ କୌଣସି ସୀମା ଧାର୍ଯ୍ୟ କରିନାହିଁ। କୁହାଯାଉଛି ଯେ କମ୍ପାନୀ ବର୍ତ୍ତମାନ ଏହି ଡାଟା ପ୍ୟାକ୍ ପରୀକ୍ଷାମୂଳକ ଭାବରେ ଆଣିଛି। ଏହା ବିଶ୍ୱାସ କରାଯାଉଛି ଯେ ଏହି ସୁବିଧା ଭବିଷ୍ୟତରେ ସମସ୍ତ ଉପଭୋକ୍ତାଙ୍କ ପାଇଁ କାର୍ଯ୍ୟକାରୀ କରାଯାଇପାରିବ। କମ୍ପାନୀର ଏହି ଅଫର ବିଷୟରେ କହିବାକୁ ଗଲେ ଭିଆଇ ଏବେ ୩୬୫ ଟଙ୍କାରୁ ଅଧିକ ରିଚାର୍ଜ କରୁଥିବା ଉପଭୋକ୍ତାମାନଙ୍କୁ ଅସୀମିତ ଡାଟା ପ୍ରଦାନ କରିବ। ଅର୍ଥାତ୍ କମ୍ପାନୀ ଏହି ଅଫର ୩୬୫, ୩୭୯, ୪୦୭, ୪୪୯, ୪୦୮, ୪୬୯, ୬୪୯, ୯୭୯, ୯୯୪, ୯୯୬, ୯୯୭, ୯୯୮ ଏବଂ ୧୧୯୮ ଟଙ୍କାର ପ୍ଲାନରେ ପ୍ରଦାନ କରୁଛି। ଉଲ୍ଲେଖ ଥାଉକି ଏହି ପ୍ଲାନଗୁଡ଼ିକ ପୂର୍ବରୁ କାର୍ଯ୍ୟକାରୀ ହୋଇସାରିଛି। ଏଗୁଡ଼ିକ ଉପରେ ନୂତନ ସୁବିଧା ଘୋଷଣା କରାଯାଇଛି। ବର୍ତ୍ତମାନ ଏହି ଅଫର ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଆନ୍ଧ୍ର ପ୍ରଦେଶରେ ଚାଲୁଛି। ଆଶା କରାଯାଉଛି କମ୍ପାନୀ ଭବିଷ୍ୟତରେ ଏହାକୁ ସାରା ଦେଶରେ କାର୍ଯ୍ୟକାରୀ କରିପାରିବ। ଭିଆଇ ଦେଶର ତୃତୀୟ ବୃହତ୍ତମ ଟେଲିକମ୍ କମ୍ପାନୀ ଏବଂ ଏପର୍ଯ୍ୟନ୍ତ ଏହାର ବ୍ୟବହାରକାରୀଙ୍କୁ କେବଳ ୪ଜି ସଂଯୋଗ ପ୍ରଦାନ କରୁଛି। କମ୍ପାନୀ ମାର୍ଚ୍ଚ ମାସରୁ ଦେଶର ୭୫ ସହରରେ ୫ଜି ସେବା ଆରମ୍ଭ କରିବାକୁ ଯାଉଛି।

## ସିପେଟ୍‌ରେ କେମିକାଲ୍ ଏବଂ ପେଟ୍ରୋକେମିକାଲ୍ ଶିଳ୍ପ ସୁରକ୍ଷା ସଂକ୍ରାନ୍ତ ଶିକ୍ଷଣ କାର୍ଯ୍ୟକ୍ରମ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ରାସାୟନ ଏବଂ ଷ୍ଟାର୍ଟଅପ୍ ମନ୍ତ୍ରାଳୟ, କେମିକାଲ ଏବଂ ପେଟ୍ରୋ କେମିକାଲ୍ ବିଭାଗ ପକ୍ଷରୁ ଶିଳ୍ପ ଏବଂ ପେଟ୍ରୋ କେମିକାଲ କ୍ଷେତ୍ରରେ ସୁରକ୍ଷାସ୍ତରକୁ ଶକ୍ତିଶାଳୀ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ବିକଶିତ ଭାରତ ୨୦୪୭ ସଂକଳ୍ପର ୧୦୦ ଦିନିଆ କାର୍ଯ୍ୟଯୋଜନାର ଅଂଶ ହିସାବରେ ହେଉଛି। କେମିକାଲ ଏବଂ ପେଟ୍ରୋ କେମିକାଲ ଶିଳ୍ପ ଦେଶର ଆର୍ଥିକ ବୃଦ୍ଧିରେ ଅତି ପ୍ରମୁଖ ଭୂମିକା ନିଭାଏ। କିନ୍ତୁ ଏହି କ୍ଷେତ୍ର ବିଶେଷକରି ଯେଉଁଠାରେ ଜଟିଳ ଦ୍ରବ୍ୟ ବ୍ୟବହାର କରାଯାଉଛି, ସେଠାରେ ସ୍ୱାଭାବିକ ଭାବରେ କିଛି ସଂକଟ ସମ୍ଭାବନା ରହିଥାଏ। ମାନବ ଜୀବନ ଓ ପରିସର ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଶକ୍ତିଶାଳୀ ସୁରକ୍ଷା ପ୍ରୋଟୋକଲ ଏବଂ ଭଲ ପ୍ରଶିକ୍ଷିତ ପ୍ରଶାସନିକ ବ୍ୟକ୍ତିବର୍ଗ ଅତି ଆବଶ୍ୟକ। ଭାରତ ସରକାରଙ୍କ କେମିକାଲ ଏବଂ ପେଟ୍ରୋ କେମିକାଲ ବିଭାଗ ପ୍ରବଣ ୟୁନିଟ୍‌ରେ କାମ କରୁଥିବା ପ୍ରଫେସନାଲମାନେ କ୍ଷମତା ବୃଦ୍ଧି ପାଇଁ ପ୍ରତିବଦ୍ଧ ଅଛି। ଏହି କ୍ଷେତ୍ରରେ ସୁରକ୍ଷା ଏବଂ ଝୁଟ୍ ସମ୍ଭାଳ ପ୍ରତିକ୍ରିୟା ପ୍ରବନ୍ଧନକୁ ବଳ ଦେବା ନିମିତ୍ତେ ଦୁଇଦିନିଆ ଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। କାର୍ଯ୍ୟକ୍ରମ ୨,୩୯୩ ମେଜର ଆକ୍ସିଡେଣ୍ଟ ହାଜାର ୟୁନିଟ୍‌ରେ ପ୍ରାପ୍ତ ପାଇଁ ୪୮ ସେସନ୍ସ ବ୍ୟାପି କରିବା ପାଇଁ ପ୍ରତିଷ୍ଠିତ କରାଯାଇଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କେବଳ ପ୍ରଯୁକ୍ତିକ ବିଦ୍ୟା ଦେବା ନୁହେଁ, ଏହା ଏକ ସୁରକ୍ଷା ସଂସ୍କୃତିକୁ ପ୍ରଚାର କରିବା ଯାହା ସୁରକ୍ଷା ପ୍ରୋଟୋକଲଗୁଡିକୁ ପ୍ରତି ଚଳାଚଳରେ ଏବଂ ପ୍ରତି ଯୋଜନାରେ ସାମିଲ କରିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ କରେ। ଏହା ଶିଳ୍ପରେ ସୁରକ୍ଷା ପ୍ରବନ୍ଧନ ପ୍ରଥାଗୁଡିକୁ ସୁଦୃଢ଼ କରିବ ଏବଂ ମଧ୍ୟମ ମାନବ ସମ୍ପଦ କର୍ମଚାରୀ ସେଗୁଡିକୁ ଏକ୍ସିକ୍ୟୁଟ କରିବା ପାଇଁ ପ୍ରୟୋଗ ଦେବେ। କାର୍ଯ୍ୟକ୍ରମର ତୃତୀୟ ସେସନ୍ ଶନିବାର ସିପେଟ୍: ଆଇପିଟି ଭୁବନେଶ୍ୱରରେ ଆୟୋଜିତ ହୋଇଛି। ପ୍ରଫେସର (ଡ଼.) ଶିଶିର ସିହ୍ନା, ଡାଇରେକ୍ଟର ଜେନେରାଲ, ସିପେଟ୍ କାର୍ଯ୍ୟକ୍ରମ ଆରମ୍ଭ କରିବା ସମୟରେ ସୁରକ୍ଷା ମାପଗୁଡିକର ଗୁରୁତ୍ୱ ବିଷୟରେ କଥା କହି ଏବଂ ସମସ୍ତ ସଭାଗତ ଅତିଥିଗଣଙ୍କୁ ସକ୍ରିୟ ଭାଗ ନେବାକୁ ପ୍ରେରିତ କରିଥିଲେ। ଇନାଗୁରାଲ୍ ସେସନରେ ପି.କେ.ସାହୁ, ପ୍ରିନ୍ସିପାଲ ଡାଇରେକ୍ଟର, ସିପେଟ:ଆଇପିଟି, ଡା.ସ୍ମିତା ମହାନ୍ତୀ, ସିନିଅର ପ୍ରିନ୍ସିପାଲ, ଭଞ୍ଜପ୍ରସାଦ ପାତ୍ର, ଡାଇରେକ୍ଟର ଏବଂ ହେଡ୍, ପାରିତୋଷ୍ ଦ୍ୱିୱାସାଳୀ, ଡାଇରେକ୍ଟର ଏବଂ ହେଡ୍, ଆହମ୍ମଦାବାଦ, ଡା.ଅଶ୍ୱିନୀ କୁମାର ମହାପାତ୍ର, ଡାଇରେକ୍ଟର, ମୁଖ୍ୟ କାର୍ଯ୍ୟାଳୟ, ଚେନ୍ନାଇ ଏବଂ ବିଜୟ କୁମାର ମହାରଣା, କେମିକାଲ ଏବଂ ପେଟ୍ରୋ କେମିକାଲ୍ ବିଭାଗ ଅଂଶ ନେଇଥିଲେ। ୧୦୩ ପ୍ରତିନିଧି ୭୬ କେମିକାଲ ଶିଳ୍ପରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ନେଇଛନ୍ତି। ଏଥିସହ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ରାଜ୍ୟ ଅଗ୍ନିସେବା ବିଭାଗ ସହ ମକ୍‌ଡ୍ରିଲ୍ କରାଯାଇଛି।

## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଚତୁର୍ଥ ସଂସ୍ଥାଗତ ସ୍ୱର୍ଣ୍ଣ ଶାଳକା ପ୍ରତିଯୋଗିତା ଉଦ୍‌ଘାଟିତ




ହରିଦ୍ୱାର, (ଭାସ୍କର ନ୍ୟୁଜ୍): ମାନବିକତା ଏବଂ ପ୍ରାଚ୍ୟ ଅଧ୍ୟୟନ ବିଭାଗର ଦର୍ଶନ ଏବଂ ସଂସ୍କୃତ ବିଭାଗର ମିଳିତ ଆନୁକୂଲ୍ୟରେ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଚତୁର୍ଥ ଅନୁଷ୍ଠାନିକ ସ୍ୱର୍ଣ୍ଣ ଶାଳକ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ସ୍ୱାମୀ ରାମଦେବ କହିଥିଲେ ଯେ, ଶାସ୍ତ୍ରର ପରମ୍ପରାକୁ ଆତ୍ମସାତ ଦ୍ୱାରା ଯୋଗ, ବେଦ ଏବଂ ଋଷିଙ୍କ ପଥ ଅନୁସରଣ କରିବା ପାଇଁ ପ୍ରେରଣା ମିଳିଥାଏ। ଜ୍ଞାନ ଏବଂ ନିଷ୍ଠାର ସହ ପ୍ରୟାସ କରାଯିବା ଉଚିତ। ବିଶ୍ୱବିଦ୍ୟାଳୟ କୁଳପତି ଆଚାର୍ଯ୍ୟ ବାଳକୃଷ୍ଣ ମତବ୍ୟକ୍ତ କରିଥିଲେ ଯଦି ଆମେ ଶାସ୍ତ୍ରିକୁ ଅନୁସରଣ କରିବା, ତେବେ ଶାସ୍ତ୍ର ଆମକୁ ସୁରକ୍ଷା ଏବଂ ପ୍ରୋତ୍ସାହିତ କରିବ। ପତଞ୍ଜଳି ବିଶ୍ୱବିଦ୍ୟାଳୟ ଶାସ୍ତ୍ର ମୁଖସ୍ତିକରଣ ମାଧ୍ୟମରେ ସନାତନ ପରମ୍ପରାକୁ ସଂରକ୍ଷଣ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଧର୍ମଗ୍ରନ୍ଥର ପରମ୍ପରା ଚରିତ୍ର ଗଠନ ମାଧ୍ୟମରେ ରାଷ୍ଟ୍ର ନିର୍ମାଣ, ବିଶ୍ୱ ଭ୍ରାତୃତ୍ୱ ଏବଂ ବିଶ୍ୱ ଶାନ୍ତି ପାଇଁ ବହୁତ ଲାଭଦାୟକ। ପତଞ୍ଜଳି ବିଶ୍ୱବିଦ୍ୟାଳୟ ପୂର୍ଣ୍ଣ ନିଷ୍ଠା ଏବଂ ସମର୍ପଣ ସହ କାର୍ଯ୍ୟ କରୁଛି। ସ୍ୱର୍ଣ୍ଣଶାଳକା ପ୍ରତିଯୋଗିତାର ମୁଖ୍ୟ ସଂଯୋଜକ ପ୍ରଫେସର ସାଧ୍ୱୀ ଦେବପ୍ରିୟା କହିଛନ୍ତି ପ୍ରତିଯୋଗିତାରେ ୪୭୫ ଛାତ୍ରଛାତ୍ରୀ ଭଗବଦ୍ ଗୀତା, ଶତଦର୍ଶନ, ଉପନିଷଦ, ପଞ୍ଚୋପଦେଶ ଏବଂ ନୀତିଶକ୍ମ୍, ଘେରାଣ୍ଡ ସଂହିତା, ହଠଯୋଗ ପ୍ରଦୀପିକା ଇତ୍ୟାଦି ଶାସ୍ତ୍ରଗୁଡ଼ିକୁ ମୁଖସ୍ତ କରି ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାରେ ବିଜେତାଙ୍କୁ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଭାଇସ୍ ଚାନସେଲର ଡକ୍ଟର ମୟଙ୍କ ଅଗ୍ରୱାଲ, ଡକ୍ଟର ସତ୍ୟେନ୍ଦ୍ର ମିତ୍ତଲ, ଡକ୍ଟର କେ.ଏନ.ଏସ. ଯାଦବ, କବିରାଜ ଡକ୍ଟର ମନୋହର ଲାଲ ଆର୍ଯ୍ୟ, ଡକ୍ଟର ବିଜୟପାଲ ଶାସ୍ତ୍ରୀ, ଡିନ୍ ସ୍ୱାମୀ ଅର୍ଶଦେବ, ଭାରତ ସ୍ୱାଭିମାନ ଟ୍ରଷ୍ଟର ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ପରମାର୍ଥଦେବ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗ ଫ୍ୟାକଲ୍ଟିର ଡିନ୍ ପ୍ରଫେସର ଓମନାରାୟଣ ତିୱାରୀ, ଛାତ୍ର କଲ୍ୟାଣ ଡିନ୍ ଡକ୍ଟର ବିପିନ ଦୁବେ, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଏ.କେ. ସିଂହ, ଡେପୁଟି ରେଜିଷ୍ଟ୍ରାର ଡକ୍ଟର ନିର୍ବିକାର, ଦର୍ଶନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସନୱ୍ର ସିଂହ, ଆଚାର୍ଯ୍ୟ ବଦ୍ରିନାଥ ବଲ୍ଲାରୀ, ପ୍ରଫେସର ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂସ୍କୃତ ବିଭାଗ ସହକାରୀ ଆଚାର୍ଯ୍ୟ ଡକ୍ଟର ଗୌତମଙ୍କ ଦ୍ୱାରା ପରିଚାଳିତ ଏବଂ ସ୍ୱାମୀ ଈଶଦେବଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା।

### ବିଏସ୍ଏନ୍ଏଲ୍‌ର ଶସ୍ତା ପ୍ଲାନ୍

## ଫାଇଦା ନେଉଛନ୍ତି ଲକ୍ଷ ଲକ୍ଷ ଉପଭୋକ୍ତା

BSNL
Connecting India Faster

ନୂଆଦିଲ୍ଲୀ: ବିଏସ୍ଏନ୍ଏଲ୍ ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ଗୋଟିଏ ପରେ ଗୋଟିଏ ନୂତନ ଏବଂ ଶସ୍ତା ରିଚାର୍ଜ ପ୍ଲାନ ପ୍ରଚଳନ କରିଛି। ଯଦିଓ ବିଏସ୍ଏନ୍ଏଲ୍‌ର ସକ୍ରିୟ ଉପଭୋକ୍ତା ଏବେ ବି ଜିଓ, ଏୟାରଟେଲ ଏବଂ ଭିଆଇ ତୁଳନାରେ ବହୁତ କମ୍, କିନ୍ତୁ ଏହାର ସୁଲଭ ଯୋଜନାଗୁଡ଼ିକ ଘରୋଇ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ବିଏସ୍ଏନ୍ଏଲ୍‌ର ଏହି ଶସ୍ତା ପ୍ଲାନ ଯୋଗୁଁ, ପ୍ରତି ମାସରେ ଲକ୍ଷ ଲକ୍ଷ ଉପଭୋକ୍ତା ଜିଓ ଏବଂ ଏୟାରଟେଲ ଛାଡି ବିଏସ୍ଏନ୍ଏଲ୍‌କୁ ସିଫ୍ଟ ହେଉଛନ୍ତି। ଆଜି ଆମେ ଆପଣଙ୍କୁ ୨୦୦ ଟଙ୍କାରୁ କମ୍ ମୂଲ୍ୟର କିଛି ଭଲ ପ୍ଲାନ ବିଷୟରେ କହିବୁ । ଯେଉଁମାନେ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ଚାହୁଁନାହାଁନ୍ତି, ସେମାନଙ୍କ ପାଇଁ ବିଏସ୍ଏନ୍ଏଲ୍‌ର ୧୦୭ ଟଙ୍କାର ପ୍ଲାନ ସର୍ବୋତ୍ତମ। ଏହି ପ୍ଲାନରେ ଆପଣଙ୍କୁ ୨୦୦ ଲୋକାଲ୍ ଏବଂ ଏସଟିଡି ମାଗଣା କଲିଂ ମିନିଟ୍ ମିଳିବ। ଏହା ବ୍ୟତୀତ ପ୍ଲାନରେ ୩ଜିବି ଡାଟା ମଧ୍ୟ ଉପଲବ୍ଧ। ତଥାପି, ଏଥିରେ ଆପଣଙ୍କୁ କୌଣସି ଅସୀମିତ କଲିଂ କିମ୍ବା ଡାଟା ସୁବିଧା ମିଳିବ ନାହିଁ। ଏହି ପ୍ଲାନ ସେମାନଙ୍କ ପାଇଁ ଭଲ ଯେଉଁମାନଙ୍କୁ ବେଳେବେଳେ କଲ୍ ଆବଶ୍ୟକ ହୁଏ। ଏହି ଯୋଜନାରେ ଆପଣଙ୍କୁ ୩୫ ଦିନର ବୈଧତା ମିଳୁଛି। ଯଦି ଆପଣ କେବଳ କଲ୍ କରୁଛନ୍ତି ତେବେ ଆପଣ ୧୫୩ ଟଙ୍କାର ପ୍ରିପେଡ୍ ପ୍ଲାନ୍ ନେଇପାରିବେ । ଯେଉଁଥିରେ ବିଏସଏନଏଲ ତାର ଗ୍ରାହକମାନଙ୍କୁ ସମସ୍ତ ନେଟୱାର୍କରେ ଅସୀମିତ କଲ୍ ସୁବିଧା ପ୍ରଦାନ କରୁଛି। ଏହା ସହିତ ଏହି ସ୍ୱତନ୍ତ୍ର ଯୋଜନାରେ ଆପଣଙ୍କୁ ୧ଜିବି ଡାଟା ମିଳୁଛି, ଯାହାର ବୈଧତା ୨୬ ଦିନ। ଡାଟା ସୀମା ଶେଷ ହେବା ପରେ, ସ୍ପିଡ୍ ୪୦କେବିପିଏସ୍‌କୁ ହ୍ରାସ ପାଇଥାଏ। ଏହି ପ୍ଲାନ ଅଧିକ କଲିଂ ପସନ୍ଦ କରୁଥିବା ଉପଭୋକ୍ତାଙ୍କ ପାଇଁ ଏକ ଉତ୍ତମ ଯୋଜନା। ଯଦି ଆପଣ ଗୋଟିଏ ପ୍ଲାନରେ ଡାଟା ଏବଂ କଲିଂ ଉଭୟର ମଜା ନେବାକୁ ଚାହୁଁଛନ୍ତି, ତେବେ ୧୯୯ ଟଙ୍କାର ପ୍ଲାନ ଆପଣଙ୍କ ପାଇଁ। କେବଳ ଏତିକି ନୁହେଁ, ଏହି ପ୍ଲାନରେ ଅସୀମିତ କଲିଂ ସହିତ ପ୍ରତିଦିନ ୨ଜିବି ଡାଟା ଏବଂ ୧୦୦ ମାଗଣା ଏସ୍ଏମ୍ଏସ୍ ମଧ୍ୟ ପ୍ରଦାନ କରାଯାଉଛି। ଏହି ପ୍ଲାନ ସେମାନଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ଯେଉଁମାନେ ଶସ୍ତା ମୂଲ୍ୟରେ କଲିଂ ଏବଂ ଡାଟା ଉଭୟର ମଜା ନେବାକୁ ଚାହୁଁଛନ୍ତି।

### ମହାକୁମ୍ଭ ମେଳାର ଅଂଶଗ୍ରହଣକାରୀଙ୍କ ପାଇଁ ଫୋନ୍‌ପେ' ପକ୍ଷରୁ ବୀମାର ଶୁଭାରମ୍ଭ

PhonePe

ନୂଆଦିଲ୍ଲୀ: ଫୋନପେ ପକ୍ଷରୁ ଚଳିତବର୍ଷ ଜାନୁୟାରୀ ୧୩ରୁ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମହାକୁମ୍ଭ ମେଳାରେ ଯୋଗ ଦେଉଥିବା ଯାତ୍ରୀଙ୍କ ପାଇଁ ଏକ ପ୍ରଥମ ଧରଣର ବୀମା କଭରେଜର ଶୁଭାରମ୍ଭ କରାଯାଇଛି। ବିଭିନ୍ନ ପ୍ରକାରର ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଏହି ସାମଗ୍ରିକ କିନ୍ତୁ ସୁଲଭ ବୀମା ଯୋଜନାର ୨ଟି ବିକଳ୍ପ ଉପଲବ୍ଧ ହେଉଛି ଯଥା ଟ୍ରେନ କିମ୍ବା ବସରେ ଯାତ୍ରା କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରତି ଯାତ୍ରୀ ପିଛା ୫୯ ଟଙ୍କା ଏବଂ ଦେଶୀୟ ବିମାନରେ ଯାତ୍ରା କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରତି ଯାତ୍ରୀ ପିଛା ୯୯ ଟଙ୍କା। ଉପଭୋକ୍ତାମାନେ ୨୫ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ଫୋନପେ ପ୍ଲାଟଫର୍ମରେ ଯୋଜନାର ଲାଭ ଉଠାଇପାରିବେ । ମେଳାରେ ଯାତ୍ରା ଏବଂ ରହଣିର ସମ୍ପୂର୍ଣ୍ଣ ଅବଧି ପାଇଁ ସାମଗ୍ରିକ କଭରେଜ ପାଇପାରିବେ। ଶୁଭାରମ୍ଭ ସମ୍ପର୍କରେ ମତବ୍ୟକ୍ତ କରି ଫୋନପେ ଇନସ୍ୟୁରାନ୍ସ ବ୍ରୋକିଂ ସର୍ଭିସେସର ସିଇଓ ବିଶାଳ ଗୁପ୍ତା କହିଛନ୍ତି, ମହାକୁମ୍ଭ ମେଳା ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ବୀମାକ୍ଷେତ୍ରରେ ଏହି ପ୍ରଥମ ଧରଣର ବୀମା ଅଫର ପ୍ରଦାନ କରି ଆମେ ଆନନ୍ଦିତ। ଫୋନପେ'ରେ ଆମେ ନିରନ୍ତର ଭାବରେ ଅଭିନବ ସମାଧାନ ପ୍ରଦାନ କରିବାକୁ ଚେଷ୍ଟା କରୁ ଯେଉଁ ପ୍ଲାନଗୁଡ଼ିକ କେବଳ ସୁଲଭ ନୁହେଁ ବରଂ ସାମଗ୍ରିକ କଭରେଜ ମଧ୍ୟ ପ୍ରଦାନ କରେ ଯାହା ଆମର ଗ୍ରାହକଙ୍କ ପାଇଁ ଏକ ଚାପମୁକ୍ତ ଅନୁଭୂତିକୁ ସୁନିଶ୍ଚିତ କରେ। ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନସ୍ୟୁରାନ୍ସ, ଚିଫ-ରିଟେଲ ଏବଂ ଗଭର୍ଣ୍ଣମେଣ୍ଟ ଆନନ୍ଦ ସିଂଘି କହିଛନ୍ତି, ଗ୍ରାହକଙ୍କ ଆବଶ୍ୟକତା ବିଷୟରେ ସେମାନଙ୍କ ଗଭୀର ବୁଝାମଣା ଏବଂ ଉପଭୋକ୍ତାଙ୍କ ମଧ୍ୟରେ ଅତୁଳନୀୟ ପ୍ରସାର ଯୋଗୁଁ ଆମେ ବୀମା ଶିଳ୍ପରେ ସର୍ବପ୍ରଥମେ ଏହି ବୀମା ଅଫର ପାଇଁ ଫୋନପେ ସହିତ ସହଭାଗୀତା କରିଛୁ।

## ବିଶାଖାପାଟଣା ପୋର୍ଟ ଅଥରିଟି ଏବଂ ଡ୍ରେଜିଂ କର୍ପୋରେସନ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କ ଆରଏସ୍‌ପି ପରିଦର୍ଶନ



ରାଉରକେଲା(ଭାସ୍କର ନ୍ୟୁଜ): ବିଶାଖାପାଟଣା ପୋର୍ଟ ଅଥରିଟି ଏବଂ ଡ୍ରେଜିଂ କର୍ପୋରେସନ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଡକ୍ଟର ମାଧାୟାନ୍ ଅଙ୍ଗାମୁଥୁ, ଶନିବାର ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ କରିଥିଲେ। ରାଉରକେଲ୍ ହାଉସରେ ପହଞ୍ଚିବା ପରେ ଆରଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ଡକ୍ଟର ମାଧାୟାନ୍ ଅଙ୍ଗାମୁଥୁ ବିଶାଖାପାଟଣା ପୋର୍ଟ ଅଥରିଟି ଏବଂ ଡ୍ରେଜିଂ କର୍ପୋରେସନ୍ ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀଙ୍କ ସହିତ ବ୍ଲାଷ୍ଟ ଫର୍ଣ୍ଣେସ୍ -୫ ଏବଂ ନୂତନ ପ୍ଲେଟ୍ ମିଲ୍ ପରିଦର୍ଶନ କରିଥିଲେ। ତାଙ୍କ ସହିତ ତରୁଣ ମିଶ୍ର ମଧ୍ୟ ଗସ୍ତରେ ସାମିଲ ଥିଲେ। ସିଜିଏମ ଓ ବିଭାଗ ମୁଖ୍ୟମାନେ ସଂପୃକ୍ତ ବିଭାଗରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ କରିଥିଲେ ଏବଂ ୟୁନିଟ୍‌ର ସ୍ଥିତି ଏବଂ ବିଶେଷ ବୈଶିଷ୍ଟ୍ୟ ସହ ଇସ୍ପାତ ତିଆରି ପ୍ରକ୍ରିୟା ବିଷୟରେ ସେମାନଙ୍କୁ ସୂଚନା ଦେଇଥିଲେ।



ବାଲିମେଲା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଲା ଠାରେ ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଲିଜେଣ୍ଡ କ୍ରିକେଟ ମ୍ୟାଚ କରାଯାଇଥିଲା । ବିଶେଷ କରି ଜିଲ୍ଲାରେ ଥିବା ସମସ୍ତ ପୂର୍ବତନ ଖେଳାଳି ମାନଙ୍କୁ ନେଇ ଏହି ମ୍ୟାଚ କରାଯାଇଥିଲା । ମୁଖ୍ୟତଃ ଏହିମ୍ୟାଚ ଜିଲ୍ଲା ର ସମସ୍ତ ସ୍ଥାନରୁ ଆସିଥିବା ଖେଳାଳିଙ୍କୁ ନେଇ ଦୁଇଟି ଦଳରେ ବିଭକ୍ତ କରାଯାଇ ଲିଜେଣ୍ଡ ସଭାପତି ଇଲେଭେନ ଓ ସମ୍ପାଦକ ଇଲେଭେନ୍ ନାମରେ ଖେଳ ଆରମ୍ଭ ହୋଇଥିଲା । ସଭାପତି ଇଲେଭେନର ଅଧିନାୟକ ପୂର୍ବତନ ଭାରତୀୟ ଦଳର ମ୍ୟାନେଜର ସତବୀର ସିଂ ଓ ସମ୍ପାଦକ ଦଳର ଅଧିନାୟକ ରଞ୍ଜନ ମୋହିତ । ଖେଳ ଆରମ୍ଭରେ ଦିବଙ୍ଗତ ଖେଳାଳି ପ୍ରତାପ ରାଜଙ୍କ ଉଦ୍ଦେଶ୍ୟରେ ନିରବ ପାର୍ଥନା କରାଯାଇଥିଲା । ଜିଲା କ୍ରିକେଟ ସଭାପତି ଏମ ଡି ଫାରୁକ କହିଥିଲେ ଯେ ଜିଲ୍ଲା ମଧ୍ୟରେ ଥିବା ସମସ୍ତ ପୂର୍ବତନ ଖେଳାଳିଙ୍କୁ ନେଇ ଏହି ଖେଳ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କି ବର୍ତ୍ତମାନ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ଏଥିସହିତ ଜିଲ୍ଲା ମଧ୍ୟରେ ଥିବା ସବୁ ଖେଳାଳିଙ୍କ ମନରେ ଭାଇଚାରା ସୃଷ୍ଟି କରିବା । ଏବଂ ଆଗାମୀ ଦିନରେ ଏହିଭଳି ଜିଲ୍ଲା ରେ ଥିବା ୭ବ୍ଲକ ରେ ମଧ ଖେଳ ହେବ ବୋଲି ଜିଲା ସମ୍ପାଦକ ହୃଦାନନ୍ଦ ସାହୁ ମତବ୍ୟକ୍ତ କରିଥିଲେ। ସଭାପତି ଟିମ ବିଜୟ ହୋଇଥିବା ବେଳେ ଟିମ ର ଅଜୟ ୧୦୦ ଶତକ ହାସଲ କରି ଟିମ କୁ ବିଜେତା କରିଥିବା ବେଳେ ବୋଲିଂ ରେ ଅଧିକ ଉଇକେଟ (୪) ଆଲୋକ ମହାପାତ୍ର ନେଇଥିଲେ ।

## ଇଂଲଣ୍ଡ ବିପକ୍ଷ ଟି-୨୦ ପାଇଁ ଭାରତୀୟ ଦଳ ଘୋଷଣା

# ଅକ୍ଷର ଉପ ଅଧିନାୟକ, ଫେରିଲେ ଶାମି



ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟି-୨୦ ସିରିଜ ପାଇଁ ଆଜି ୧୫ ଜଣିଆ ସ୍କ୍ୱାଡ ଘୋଷଣା କରିଛି ବିସିସିଆଇ। ଦୀର୍ଘ ଦେଢ଼ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଛନ୍ତି ମହମ୍ମଦ ଶାମି। ଆହତ ସମସ୍ୟାରୁ ମୁକୁଳିବାରେ ପରେ ଶାମି ପ୍ରଥମଥର ପାଇଁ ଭାରତୀୟ ଟିମରେ ସ୍ଥାନ ପାଇଛନ୍ତି। ଶେଷଥର ପାଇଁ ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲରେ ଶାମି ନଜର ଆସିଥିଲେ। ଘରୋଇ କ୍ରିକେଟରେ କ୍ରମାଗତ ଭଲ ପ୍ରଦର୍ଶନ କରିବାରୁ ଶାମିଙ୍କୁ ଭାରତୀୟ ଟିମରୁ ଡକରା ମିଳିଛି। ଦଳର କମାଣ ପୂର୍ବଭଳି ସୂର୍ଯ୍ୟ କୁମାର ଯାଦବଙ୍କ ହାତରେ ରହିଛି। ତେବେ ତାଙ୍କ ଡେପୁଟି ଭାବେ ପ୍ରଥମଥର ପାଇଁ ଅକ୍ଷର ପଟେଲଙ୍କୁ ଦାୟିତ୍ୱ ଦିଆଯାଇଛି। ରବୀନ୍ଦ୍ର ଜାଡେଜା ଟି-୨୦ରୁ ଅବସର ନେବା ପରେ ଅକ୍ଷର ଦଳର ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ତେଣୁ ତାଙ୍କୁ ବିସିସିଆଇ ଉପ ଅଧିନାୟକ କରିଛି। ବାଂଲାଦେଶ ବିପକ୍ଷରେ ଡେବ୍ୟୁ କରିଥିବା ନୀତୀଶ କୁମାର ରେଡ୍ଡି ମଧ ଦଳରେ ରହିଛନ୍ତି। ଶାମିଙ୍କ ସହ ଦ୍ରୁତ ବୋଲିଂର ଦାୟିତ୍ୱ ଅର୍ଶଦୀପ ସିଂହଙ୍କ ସହ ହର୍ଷିତ ରାଣା ସ୍କ୍ୱାଡରେ ଅଛନ୍ତି। ଏମାନଙ୍କ ସହ ମିଡିୟମ ପେସର ଅଲରାଉଣ୍ଡର ଭାବେ ନୀତୀଶ କୁମାରଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା ରହିଛନ୍ତି। ସ୍ପିନ ବୋଲର ଭାବେ ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ ଓ ୱାଶିଂଟନ ସୁନ୍ଦର ଅଛନ୍ତି। ଦଳରେ ସଞ୍ଜୁ ସାମସନ ଓ ଧ୍ରୁବ ଜୁରେଲ ୱିକେଟ କିପର ଭାବେ ସ୍ଥାନ ପାଇଛନ୍ତି। ନିଜର ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ଋଷଭ ପନ୍ତଙ୍କୁ ଟି-୨୦ରେ ସାମିଲ କରା ନଯିବାକୁ ସମସ୍ତଙ୍କୁ ଚକିତ କରିଛି। ସେ ଟିମରେ ସାମିଲ ହୋଇଥିଲେ ଉପ ଅଧିନାୟକ ପଦ ପାଇଥାଆନ୍ତେ ବୋଲି କୁହାଯାଇଛି। କିନ୍ତୁ ବିସିସିଆଇ ତାଙ୍କୁ ଚାମ୍ପିୟନ୍ସ ଟ୍ରଫି ପାଇଁ ସମ୍ଭବତଃ ଫିଟ ରଖିବାକୁ ଚାହୁଁଛି। ଏହି କାରଣରୁ ତାଙ୍କୁ ଟି-୨୦ ସ୍କ୍ୱାଡରେ ସ୍ଥାନ ଦିଆଯାଇନାହିଁ। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ପନ୍ତ ମଧ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ବେଳକୁ ଦଳକୁ ଫେରିବେ ବୋଲି ଜଣାପଡ଼ିଛି। **ଭାରତୀୟ ଦଳ:** ସୂର୍ଯ୍ୟ କୁମାର ଯାଦବ(ଅଧିନାୟକ), ସଞ୍ଜୁ ସାମସନ, ଅଭିଷେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂହ, ନୀତୀଶ କୁମାର ରେଡ୍ଡି, ଅକ୍ଷର ପଟେଲ(ଉପ ଅଧିନାୟକ), ହର୍ଷିତ ରାଣା, ଅର୍ଶଦୀପ ସିଂହ, ମହମ୍ମଦ ଶାମି, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର ଓ ଧ୍ରୁବ ଜୁରେଲ। ଆଜି ବିସିସିଆଇ ୨୨ ଜାନୁଆରୀରୁ କୋଲକାତାରେ ଆରମ୍ଭ ହେବାକୁ ୫ ଟିକିଆ ଟି-୨୦ ସିରିଜ ପାଇଁ ସ୍କ୍ୱାଡ ଘୋଷଣା କରିଛି। କିନ୍ତୁ ଚାମ୍ପିୟନ୍ସ ଟ୍ରଫି ଓ ଫେବୃଆରୀ ୬ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ ପାଇଁ ଖେଳାଳିଙ୍କ ନାଁ ଘୋଷଣା କରିନାହିଁ।

## ଖେଳିବେନି ବୁମ୍ରା, ସିରାଜ, ଶାମି ଓ ମୟଙ୍କ ଯାଦବ




ନୂଆଦିଲ୍ଲୀ (ଭାସ୍କର ନ୍ୟୁଜ୍): ଜାନୁଆରୀ ୨୨ରୁ ଇଂଲଣ୍ଡ ବିପକ୍ଷ ୫ଟିକିଆ ଟି-୨୦ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ନଜର ଆସିବେ ନାହିଁ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଯୁବ ତାରକା ମୟଙ୍କ ଯାଦବ। ବର୍ଡ଼ର-ଗାଭାସ୍କର ଟ୍ରଫିର ପରାଜୟ ପରେ ଭାରତ କୌଣସି ସିରିଜ ଖେଳିବାକୁ ମୈଦାନକୁ ଓହ୍ଲାଇବ। ପ୍ରଥମ ଦୁଇ ଦେଶ ପରସ୍ପର ମଧ୍ୟରେ ୫ଟି ଟି-୨୦ ମ୍ୟାଚ୍ ଖେଳିବେ। ଏହାପରେ ୩ଟିକିଆ ଦିନିକିଆ ସିରିଜ ଅନୁଷ୍ଠିତ ହେବ। ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଭାରତ ପାଇଁ ଉପଯୁକ୍ତ ଅଭ୍ୟାସ ମ୍ୟାଚ୍ ସଦୃଶ ହେବ। ଇଂଲଣ୍ଡ ସିରିଜ ପରେ ଫେବୃଆରୀ ୧୯ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବ। ଚାମ୍ପିୟନ୍ସ ଟ୍ରଫି ଓ ଫେବୃଆରୀ ୬ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ ପାଇଁ ପରବର୍ତ୍ତୀ ସମୟରେ ଖେଳାଳିଙ୍କ ନାଁ ଘୋଷଣା ହେବ ବୋଲି ଜଣାପଡ଼ିଛି। ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କ ଭଳି ଖେଳାଳି ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ ନାହିଁ। ଏମାନେ ଅଷ୍ଟ୍ରେଲିଆରେ ଲମ୍ବା ସିରିଜ ଖେଳିଥିବାରୁ ଉଭୟଙ୍କୁ ବିଶ୍ରାମ ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ବାଂଲାଦେଶ ବିପକ୍ଷରେ ଭାରତ ପାଇଁ ଟି-୨୦ରେ ଡେବ୍ୟୁ କରିଥିବା ମୟଙ୍କ ଯାଦବ ମଧ ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ ନାହିଁ। କ୍ରମାଗତ ୧୫୦ରୁ ଅଧିକ ସ୍ପିଡରେ ବୋଲିଂ କରି ସମସ୍ତଙ୍କୁ ଚକିତ କରିଥିବା ମୟଙ୍କ ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ଆହତ ଯୋଗୁଁ ସେ ଦକ୍ଷିଣଆଫ୍ରିକା ବିପକ୍ଷ ସିରିଜ ମଧ ଖେଳି ପାରି ନଥିଲେ। ଏବେ ସେ ଇଂଲଣ୍ଡ ବିପକ୍ଷ ସିରିଜରୁ ମଧ ବାଦ ପଡ଼ିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ସେହିପରି ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲ ପରେ ଟିମ ଇଣ୍ଡିଆରୁ ଆହତ ସମସ୍ୟା ପାଇଁ ବାହାରେ ରହିଥିବା ମହମ୍ମଦ ଶାମିଙ୍କୁ ଟି-୨୦ରେ କୌଣସି ସୁଯୋଗ ମିଳିବ ନାହିଁ। କିନ୍ତୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆ ଓ ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡ଼ରେ ସାମିଲ କରାଯିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଅର୍ଶଦୀପ ସିଂହ ଭାରତୀୟ ଟିମର ଦ୍ରୁତ ବୋଲିଂ ବାହିନୀର କମାଣ ସମ୍ଭାଳିବେ। ତାଙ୍କ ସହ ଆବେଶ ଖାନ, ମୁକେଶ କୁମାର ଓ ଖଲୀଲ ଅହମଦଙ୍କ ଭଳି ଖେଳାଳିଙ୍କୁ ସୁଯୋଗ ମିଳିପାରେ। ନୀତୀଶ କୁମାର ରେଡ୍ଡିଙ୍କୁ ମଧ ଟି-୨୦ ସ୍କ୍ୱାଡ଼ରେ ରଖାଯାଇପାରେ। ସୂଚନାଯୋଗ୍ୟ ଯେ ନିକଟରେ ଭାରତ- ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫିର ୫ଟିକିଆ ସିରିଜ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ପରାଜିତ ହୋଇଥିଲା।

## ସିନିଅର ପୁରୁଷ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଉଦ୍‌ଯାପିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଷ୍ଟାଡ଼ିଅମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ପ୍ରାୟୋଜିତ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ସିନିଅର ଇଣ୍ଟ୍ରା କ୍ଲବ୍ କ୍ରିକେଟ ଲିଗ୍ ୨୦୨୪-୨୫ ଫାଇନାଲ ମ୍ୟାଚ ଆଜି ସମାପ୍ତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଶଙ୍କର ସ୍ପୋର୍ଟିଂ କେନ୍ଦୁଝର ୟୁନିକ କ୍ରିକେଟ ଏକାଡ଼େମୀ କ୍ଲବ୍କୁ ୪ ଉଇକେଟରେ ପରାସ୍ତ କରି ଚମ୍ପିୟାନ ଟ୍ରଫି ହାସଲ କରିଛି। ଟସ ଜିତି ୟୁନିକ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୩୨.୩ଓଭରରେ ୧ ଉଇକେଟ ବିନିମୟରେ ୧୩୧ ରନ କରିଥିବା ବେଳେ ଶଙ୍କର ସ୍ପୋର୍ଟିଂ ୩୨ ଓଭରରେ ୬ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଋତୁରାଜ ମହାନ୍ତି, ଚନ୍ଦ୍ରଶେଖର ସାହୁ ଶ୍ରେଷ୍ଠ ବୋଲର ଭାବେ, ଶ୍ରେୟାନସୁ ପଟ୍ଟନାୟକ, ମ୍ୟାନ ଅଫ ସିରିଜ, ବିପୁଳ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ ବେଷ୍ଟ ଫିଲ୍ଡର ଆଶୁତୋଷ ଶାହା ଉଦୀୟମାନ ଖେଳାଳି ସୂର୍ଯ୍ୟାଂଶୁ ତିବାରି, ଟ୍ରଫି ହାସଲ କରିଥିଲେ। ଉଦଯାପନୀ ସମାରୋହରେ ଜିଲ୍ଲା କ୍ରୀଡ଼ା ସଂସ୍ଥାର ଉପସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି, ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏଆରଖାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ ବିବରଣୀ ପ୍ରଦାନ ସହିତ ଖେଳାଳୀମାନଙ୍କ ଉନ୍ନତି କାମନା କରିଥିଲେ। କୋଚ ଗିରିଶ ଚନ୍ଦ୍ର ହୋତା ଲିଗ ଟୁର୍ନାମେଣ୍ଟ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅମ୍ପାୟାର ଚଣ୍ଡୀ ପ୍ରସନ୍ନ ମହାପାତ୍ର ଓ ଯଶୋବନ୍ତ ମହାପାତ୍ର ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଦେବାଶିଷ ମାହାକୁଡ଼, ବିଶାଳ ପରିଡ଼ା, ଭାଷ୍ୟକାର ଶାନ୍ତନୁ ସାହୁ ଲାଇଭ ବିବରଣୀ ପ୍ରଦାନ କରିଥିଲେ।


**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE CHIEF ENGINEER**
**MAHANADI GODAWARI BASIN**
**RAIPUR (C.G.)**

e-PROCUREMENT TENDER NOTICE
eProcurement Portal: https://eproc.cgstate.gov.in

( 2nd Call )

System Tender No. :163954/NIT No. : 14/SAC/2024-25, Mahasamund, Dated : 09.01.2025

Online Tenders are Invited for The Following Works up to 27.01.2025 at 17:30 Hour (IST) :-

Name of Work : RENOVATION & UPGRADATION OF DIVISION OFFICE AND ALL SUB DIVISION OFFICE BUILDING AND RESIDENTIAL BUILDING OF WATER RESOURCES DIVISION MAHASAMUND UNDER KODAR RESERVOIR PROJECT ON MAHSAMUND BLOCK IN MAHASAMUND DISTRICT

Probable Amount of Contract : Rs. 281.23 Lakhs

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in)from Date 16.01.2025, at 17:31 Hours (IST) onwards.

NOTE :- All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

G-242505247/ 8

Sd/- EXECUTIVE ENGINEER
Water Resources Division, Mahasamund
for, Chief Engineer, Mahanadi Godawari Basin
Water Resources Department, Raipur (C.G.)


## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍

# ଫାଇନାଲରେ ବକ୍ସାର ଦଳ

ଟାଙ୍ଗୀ (ଭାସ୍କର ନ୍ୟୁଜ): ଟାଙ୍ଗୀ ଚିଲିକା ଷ୍ଟାଡିୟମ ଠାରେ ଚାଲିଥିବା ସର୍ବ ଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ମା କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସାର, ବିହାର ଓ ୱେଲଫେୟାର ୟୁଥ୍ କ୍ଲବ୍ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଟି ଖୁବ୍ ସଂଘର୍ଷପୂର୍ଣ ପୂର୍ଣ ରହିଥିଲା।ଦର୍ଶକ ମାନଙ୍କ ଉତ୍ସାହିତ ରେ ଉଭୟ ଦଳ ଗୋଲ୍ ପୋଷ୍ଟ ଉପରେ ଘନଘନ ଆକ୍ରମଣ ଜାରି ରଖିଥିଲେ। ବକ୍ସାର ଦଳ ୨-୧ ଗୋଲରେ ରାଉରକେଲା ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଚନ୍ଦ୍ରକାନ୍ତ ପାଇକରାୟ, ପ୍ରାକ୍ତନ ବିଚାରପତି ନାରାୟଣ ମହାପାତ୍ର, ସମାଜସେବୀ ବିଜୟ କୁମାର ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ପୂର୍ବତନ ସମିତି ସଭ୍ୟ ନବ କିଶୋର ଚହଟରାୟ, ବିନାୟକ ବେହେରା,ଡାକ୍ତର ନଗେନ ରାୟ ପଟ୍ଟନାୟକ, ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ କମିଟି ସଭାପତି କିଶୋର କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ବିଜୟ କୁମାର ରାଉତ ପ୍ରମୁଖ କାର୍ଯ୍ୟ କ୍ରମ କୁ ପରିଚାଳନା କରିଥିଲେ। ଖେଳ ପରିଚାଳନା କରିଥିଲେ ଜ୍ୟୋତି ରଂଜନ ସ୍ୱାଇଁ। ତାଙ୍କୁ ସହାୟତା କରିଥିଲେ ପ୍ରିୟବ୍ରତ ବାହିନୀପତି, ଜିତେନ୍ଦ୍ର ପାତ୍ର ଓ ନନ୍ଦ କିଶୋର ସ୍ୱାଇଁ। ବକ୍ସାର ଦଳ ର ଗୋଲକିପର ପାର୍ଥମ କୁ ଡାକ୍ତର କରୁଣାକର ଶ୍ରୀ ଚନ୍ଦନ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ପ୍ରଦାନ କରାଯାଇଥିଲା। ସଦସ୍ୟ ସୁନୀଲ ମହାନ୍ତି, ନରେନ୍ଦ୍ର ମହାପାତ୍ର, ମନୋଜ କୁମାର ମାଝି, କୃଷ୍ଣ ଚନ୍ଦ୍ର ରାଉତ, କୃଷ୍ଣ ଚନ୍ଦ୍ର ସାହୁ,ପ୍ରଣୟ ପାଇକରାୟ, ଉପେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଖୋ ଖୋ ବିଶ୍ୱକପ୍ ୨୦୨୫ ପାଇଁ ୩ ଜଣ ଆଥଲେଟ୍ ମନୋନୀତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଜାନୁଆରୀ ୧୩ରୁ ୧୯ ତାରିଖ ମଧ୍ୟରେ ନୂଆଦିଲ୍ଲୀରେ ହେବାକୁ ଥିବା ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ଭାରତୀୟ ଦଳରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ଦୁଇ ଜଣ ମହିଳାଙ୍କ ସମେତ ୩ ଜଣ ଆଥଲେଟ୍ ସ୍ଥାନ ପାଇଛନ୍ତି । ଶୁଭଶ୍ରୀ ସିଂହ ଓ ମଗାଇ ମାଝୀ ଭାରତୀୟ ମହିଳା ଦଳର ପ୍ରତିନିଧିତ୍ୱ କରୁଥିବା ବେଳେ ପବନୀ ଶବର ପୁରୁଷ ଦଳର ପ୍ରତିନିଧିତ୍ୱ କରୁଛନ୍ତି। ଏହି କ୍ରୀଡ଼ାବିତ୍ ମାନେ ନିଜର ପ୍ରତିଭା, ନିଷ୍ଠା ଓ ଉତ୍ସର୍ଗିକୃତ ମନୋଭାବ ପ୍ରଦର୍ଶନ କରି ଜାତୀୟ ଦଳରେ ସ୍ଥାନ ଅର୍ଜନ କରିଛନ୍ତି। ଏହି ସଫଳତା ଏଚ୍‌ପିସି ଦ୍ୱାରା ପ୍ରଦାନ କରାଯାଉଥିବା ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ କୋଚିଙ୍ଗର ଏକ ଜ୍ୱଳନ୍ତ ଉଦାହରଣ, ଯାହା ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ ଏହି ଖେଳର ଅନୁସାଙ୍ଗିକ ଉନ୍ନତି କରି ଭାରତରେ ଖୋ ଖୋର ଭବିଷ୍ୟତକୁ ପୁନଃପରିଭାସିତ କରୁଛି । ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା କହିଛନ୍ତି, ଟିମ୍ ଇଣ୍ଡିଆ ପାଇଁ ୩ ଜଣ ଖେଳାଳି ମନୋନୀତ ହେବ ଆମ ଏଚ୍ପିସି ପାଇଁ ଏକ ଐତିହାସିକ ସଫଳତା। ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ୍ କହିଛନ୍ତି, ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନଙ୍କୁ ପ୍ରଶିକ୍ଷିତ ଓ ବିକଶିତ କରିବା ଦିଗରେ କ୍ରୀଡ଼ାର ଏକ ସକାରାତ୍ମକ ଭୂମିକା ରହିଛି ବୋଲି ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବିଶ୍ୱାସ ରହିଛି ।


**कार्यपालक अभियंता का कार्यालय,**
**ग्रामीण विकास विशेष प्रमंडल, जमशेदपुर**

अल्पकालीन ई0–निविदा आमंत्रण सूचना

अल्पकालीन ई0–निविदा सूचना संख्या– **E-RDSD/JSR/13/24-25/3rd Call**

1. कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (रू0) | अग्रधन की राशि (रू0) | परिमाण विपत्र का मूल्य (रू0) | कार्य पूर्ण करने की अवधि | निविदा Call सं0 |
|---|---|---|---|---|---|---|
| 1 | पूर्वी सिंहभूम जिला के धालभूमगढ़ प्रखण्ड अंतर्गत रावताड़ा पंचायत के मौजा हाथीबारी में हाथीबारी नाला पर उच्चस्तरीय पुल निर्माण।(Gr.-05) | 2,31,43,500.00 | 4,63,000.00 | 10,000.00 | 15 माह | 3rd Call |
| 2 | पूर्वी सिंहभूम (जमशेदपुर) जिला के जमशेदपुर प्रखण्ड अंतर्गत पंचायत हूरलुंग के ग्राम नूतनडीह से गरूड़बासा के बीच पुल का निर्माण। (Gr.-06) | 1,58,57,500.00 | 3,18,000.00 | 10,000.00 | 15 माह | 3rd Call |

2. वेबसाइट में निविदा प्रकाशन की तिथि – 18.01.2025
3. ई–निविदा प्राप्ति की तिथि एवं समय – दिनांक 18.01.2025 से दिनांक 27.01.2025 को अपराह्न 05:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमंडल, जमशेदपुर।
5. ई–निविदा खोलने की तिथि एवं समय – 28.01.2025 अपराह्न 05:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
7. ई–निविदा प्रकोष्ठ का दूरभाष सं0 – 09431990319
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, जमशेदपुर।

PR.NO.344052 Rural Development(24-25):D


# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ରଘୁନାଥପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଶିକ୍ଷାମଣ୍ଡଳ ଅଧିନସ୍ଥ ଗୁଆଳିପୁର ମହେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଉଦ୍‌ଯାପନି ଉତ୍ସବରେ ମହେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୋ ସ୍କୁଲ୍ ସଭାପତି ଅଲେଖ ବିହାରୀ ସାହୁ ଯୋଗଦାନ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ଆଶୁତୋଷ ବାନାର୍ଜୀ, ସମ୍ମାନୀତ ଅତିଥି ଭାବରେ ସାଧାରଣ ସମ୍ପାଦକ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଓଡ଼ିଶାର ଅଶୋକ ମୁଦୁଲି, ବରିଷ୍ଠ ସମାଜସେବୀ ତଥା ମୋସ୍କୁଲ୍ ଅଭିଯାନର ଉପଦେଷ୍ଟା ଜ୍ଞାନରଞ୍ଜନ ପଟ୍ଟନାୟକ, ପୂର୍ବତନ ଏନସିସି ଶିକ୍ଷକ ରାଜକିଶୋର ସାହୁ, ସୂଲ୍‌ଆଲମୁନି ସଦସ୍ୟ ଇଲ୍ଲୀବନ୍ତ ନାୟକ, ଏସ୍ଏମସି ସଭାପତି ସୀମା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲରେ ପାଠ ପଢ଼ା ସହିତ ଶାରୀରିକ ତଥା ମାନସିକ ବିକାଶ ନିମନ୍ତେ କ୍ରୀଡ଼ାର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆମ ଗ୍ରାମାଞ୍ଚଳର ପିଲାମାନଙ୍କୁ ତୃଣମୂଳ ସ୍ତରରେ ସରକାରଙ୍କ ତରଫରୁ ଉଚିତ ପ୍ରୋତ୍ସାହନ ଯୋଗାଇ ଦିଆଯିବ ତେବେ ଏହି ପିଲାମାନେ ମଧ ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ଅନେକ ସୁନାମ ଅର୍ଜନ କରିପାରିବେ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥଲେ। ଶେଷରେ ଶିକ୍ଷୟତ୍ରୀ ମୋନାଲିସା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରିତା ଦାଶ, ସୀମା କାନୁନଗୋ, ଅମିଶା ସ୍ୱାଇଁ, ଲିପା ଚୌଧୁରୀ, ଅମୂଲ୍ୟ କୁମାର ନାୟକ, ବେନୁଗୋପାଳ ମିଶ୍ର, ପରେଶ କୁମାର ମହାପାତ୍ର, ଦେବଯାନୀ ମହାପାତ୍ର, ଜ୍ଞାନରଞ୍ଜନ ଖଟୁଆ , ରାଜଲକ୍ଷ୍ମୀ ପାତ୍ର, ଗୀତ ରାଉତ ଭାରତୀ ନାୟକ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ। ପରିଶେଷରେ କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, साहेबगंज**

शुद्धि–पत्र

इस कार्यालय के द्वारा आमंत्रित अल्पकालीन ई0 निविदा संख्या **RDSpl/SAHIBGANJ/15/2024-25,** जिसका P.R. No. 343556 (Rural Development) (24-25) है, की तिथियों को अपरिहार्य कारणवश निम्नवत् संशोधित की जाती है :–

| क्र0 | | पूर्व में प्रकाशित तिथि एवं समय | संशोधित तिथि एवं समय |
|---|---|---|---|
| 01 | वेबसाईट पर निविदा प्रकाशन की तिथि : | दिनांक 07.01.2025 | दिनांक 09.01.2025 |
| 02 | ई0–निविदा प्राप्ति की अंतिम तिथि एवं समय : | दिनांक 16.01.2025 को 5.00 PM बजे तक। | दिनांक 27.01.2025 को 5.00 PM बजे तक। |
| 04 | निविदा खोलने की तिथि एवं समय : | दिनांक 18.01.2025 को 2.00 PM बजे तक। | दिनांक 29.01.2025 को 2.00 PM बजे तक। |

शेष सभी शर्तें यथावत् रहेंगी।

PR 344114 Rural Development(24-25).D

कार्यपालक अभियंता
ग्रामीण विकास विशेष प्रमंडल,साहेबगंज



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, गोड्डा**

अल्पकालीन ई-पुनर्निविदा आमंत्रण सूचना

अल्पकालीन ई0–पुनर्निविदा संख्या:– 22/2024-25/RI/RWD/EE/GODDA दिनांक: 09-01-2025

कार्य का विवरणः मुख्यमंत्री ग्राम सड़क योजना अन्तर्गत कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेन्डर कॉल |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/GODDA/ 28/2024-25 | चनायचक से सनौर तक पथ निर्माण कार्य (लं0–4.650 कि0मी0) | 4,94,63,900.00 | चार करोड़ चौरानबे लाख तिरेसठ हजार नौ सौ रू0 मात्र | 15(पन्द्रह) माह | द्वितीय |
| 2 | RWD/EE/GODDA/ 16/2023-24 | बांझी से नावाडीह तक पथ निर्माण कार्य (लं0–1.600 कि0मी0) | 1,75,26,900.00 | एक करोड़ पचहत्तर लाख छबीस हजार नौ सौ रू0 मात्र | 09(नौ) माह | द्वितीय |

1. वेबसाईट में निविदा प्रकाशन की तिथिः– 13.01.2025
2. ई–निविदा प्राप्ति की अंतिम तिथि एवं समयः– 29.01.2025 अपराह्न 5.00 बजे तक।
3. निविदा खोलने की तिथि एवं समयः–31.01..2025 अपराह्न 11.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,
कार्य प्रमण्डल, गोड्डा

PR 344055 Rural Work Department (24-25)_D



## ନୂଆ ସକାଳ
**ସୁହଂସ ଭୋଇ**

ଶୀତ ଗାଲିଚାରେ ବିଛେଇ ଦେଇଛି
ତପନ କିରଣ କଅଁଳ
ଅଭିମାନ ଛାଡ଼ି ଅନୁରାଗ ଧରି
ଆସିଛିରେ ନୂଆ ସକାଳ

ଜୀବନ ଗଛରେ ଏଣିକି ଆହୁରି
ଆଶାର କଳିକା ଧରିବ
ସରସ ସୁନ୍ଦର ଭାବନା ଭିତରେ
ସପନ ଶିଖର ଛୁଇଁବ।
ଭରସା ରୂପକ ବିହନ ବୁଣିବ
ପ୍ରତିଟି ହୃଦୟେ ଅନେକ
ଦୀପଟିଏ ହୋଇ ବାଟ ଦେଖେଇବ
ଅନ୍ଧାର ରାତିରେ ଆଲୋକ।

ବିଫଳ ନିଷ୍ଫଳ ସବୁତକ ଭୁଲି
ମନରେ ଭରିବ ଉଲ୍ଲାସ
ଲେଖି ଦେବ ପୁଣି ନୂଆ ଇତିହାସ
ରଖିବ ହିସାବ ନିକାଶ।
ସମୟର ଚକ ଆଗକୁ ବଢ଼ିବ
ଆସିବ ବୈଶାଖ ବସନ୍ତ
ଆଷାଢ଼ ଶ୍ରାବଣେ ବରଷା ଝରିବ
ପାର୍ବଣର ଋତୁ ଶରତ।

ନ ରହୁ ବିରସ ଦୁଃଖ ଅବଶୋଷ
ବିତି ଯାଉ ଏଇ ବରଷ
ନବୀନ ସକାଳ ହେଉ ମଧୁମୟ
ଢାଳି ଦିଅ ପ୍ରଭୁ ଆଶିଷ।

*ପହଣ୍ଡି, ବିଜେପୁର ବରଗଡ଼*
*ମୋ- ୯୪୩୭୫୨୨୪୫୫*

# ସଧବା



**ରାକେଶ ପଣ୍ଡା**

ବିଳମ୍ବିତ ସନ୍ଧ୍ୟାର ଅନ୍ଧାରୀ ପରିବେଶକୁ ଜାତୀୟ ରାଜପଥରେ ଯାଉଥିବା ଯାନଗୁଡ଼ିକର ଆଲୋକ କିଛି କ୍ଷଣ ପାଇଁ ଝାପସା ଆଲୋକରେ ଆଲୋକିତ କରୁଥାଏ। ଝିପ୍ ଝିପ୍ ବର୍ଷାର ପାଣି ଟୋପାଗୁଡ଼ିକରେ ଆଘାତ ପାଇ ମନୋଜ ମିଞ୍ଜିମିଞ୍ଜି ଆଖି ପତା ସହ ରାସ୍ତା ଅତିକ୍ରମ କଲେ । ପାରହୋଇ ଦେଖିଲେ ନିକଟସ୍ଥ ବସ୍ ରହଣି ସ୍ଥାନରେ ଜଣେ ମହିଳା ଛିଡ଼ା ହୋଇଛନ୍ତି । ସାମାନ୍ୟ ନିକଟସ୍ଥ ହେବା କ୍ଷଣି, ମୁହଁଟି ତାଙ୍କୁ ଚିହ୍ନା ଚିହ୍ନା ଲାଗିଲା । ଆରେ, ମ୍ୟାଡାମ ତ ପଟିଆ ରେଳ ଷ୍ଟେସନରୁ ସବୁଦିନ ଉଠନ୍ତି ଏବଂ ଗୋପାଳପୁର ରହଣି ସ୍ଥାନରେ ଓହ୍ଲାନ୍ତି । କିନ୍ତୁ, ଆଜି ସେ ଜଗତପୁର ଠାରେ କ'ଣ କରୁଛନ୍ତି ? ଏମିତି ଏକ ସନ୍ଦେହ ମଧ୍ୟରେ, ମନୋଜ ଉକ୍ତ ମହିଳାଙ୍କ ନିକଟରେ ପହଞ୍ଚି ତାଙ୍କୁ ପଚାରିଲେ, ଆଜ୍ଞା କିଛି ଅସୁବିଧା ହୋଇଛି କି ? ମହିଳା ଜଣଙ୍କ ମନୋଜଙ୍କୁ ଦେଖି ଏକ କୋହ ଭରା ଗଳାରେ କହି ଉଠିଲେ, ସାର୍ ଆପଣ ସବୁଦିନ ରେଳରେ ଆସନ୍ତି ନା' ? ମୁଁ ଆପଣଙ୍କୁ ଦେଖିଛି । ଆଜି କାର୍ଯ୍ୟାଳୟରୁ ଫେରିଲା ବେଳେ ସାମାନ୍ୟ ନିଦ ଲାଗିଗଲା। ଉଠି ଦେଖେ ତ ଟ୍ରେନ ଜଗତପୁରରେ ପହଞ୍ଚିଗଲାଣି । ଏହି ସ୍ଥାନରୁ ଗୋପାଳପୁରକୁ କିଛି ଗାଡ଼ିମିଳୁ ନାହିଁ । ମୁଁ ଘରକୁ କେମିତି ଫେରିବି ? କିଛି ବୁଦ୍ଧି ବାଟ ଦିଶୁନି ।

ତାହାଶୁଣି, ମନୋଜ କହିଲେ ଆପଣ ଚିନ୍ତା କରନ୍ତୁ ନାହିଁ । ଗାଡ଼ି ମିଳିବା ପର୍ଯ୍ୟନ୍ତ ମୁଁ ଏହିଠାରେ ଆପଣଙ୍କ ସହ ଅଛି । ଏମିତି ଗୋଟିଏ ଘଣ୍ଟା ବିତିଗଲା । କୌଣସି ଗାଡ଼ିର ବ୍ୟବସ୍ଥା ହୋଇ ନ'ପାରିବାରୁ, ମନୋଜ କହିଲେ ମ୍ୟାଡାମ ଆପଣ ଆପଣଙ୍କ ସ୍ୱାମୀଙ୍କୁ ଫୋନ କରି ଡାକନ୍ତୁ ସେ ଆସି ଆପଣଙ୍କୁ ଏହିଠାରୁ ନେଇଯିବେ । ତାହା ଶୁଣି, ମହିଳା ଜଣଙ୍କ କହିଲେ, ନା' ସେ ଦୂରରେ ରୁହନ୍ତି । ପ୍ରତିଉତ୍ତରରେ, ମନୋଜ କହିଲେ, ଘରେ ଯଦି ଆଉ କିଏ ପୁରୁଷ ବ୍ୟକ୍ତି ଥାନ୍ତି ତେବେ ତାଙ୍କୁ ଏଠାକୁ ଆସିବାକୁ କୁହନ୍ତୁ । ସେ କହିଲେ ଘରେ ଶ୍ୱଶୁରଙ୍କ ଛଡ଼ା ଆଉ କେହି ପୁରୁଷ ବ୍ୟକ୍ତି ନାହାଁନ୍ତି । ତାଙ୍କର ବୟସ ୭୦ ରୁ ଊର୍ଦ୍ଧ୍ୱରେ । ସେ ଏଠାକୁ ରାତ୍ର ସମୟରେ ଆସିବା ଅସମ୍ଭବ । ସାର ଆପଣଙ୍କର ଘରକୁ ଫେରିବା ବିଳମ୍ବ ହୋଇଗଲାଣି । ଏତେ ସମୟ ଧରି ଏହିଠାରେ ରହି ମୋତେ ସାହାଯ୍ୟ କରିଥିବାରୁ ଆପଣଙ୍କୁ ଧନ୍ୟବାଦ । ଏବେ ଆପଣ ଯାଆନ୍ତୁ । ମୁଁ କେମିତି ଏକ ବ୍ୟବସ୍ଥା କରି ଘରକୁ ଫେରିଯିବି । ଏହା କହି, ମହିଳା ଜଣଙ୍କ ପୁନଃ କାନ୍ଦିବାକୁ ଲାଗିଲେ । ତାହା ଦେଖି, ମନୋଜ କହିଲେ, ଆପଣ ମନ ଦୁଃଖ କରନ୍ତୁ ନାହିଁ । ମୁଁ ମୋ ଯାନ ସାହାଯ୍ୟରେ ଆପଣଙ୍କୁ ଘରେ ଛାଡ଼ିଦେବି ।

ଏହାକହି, ମନୋଜ ନିକଟସ୍ଥ ଗାଡ଼ି ଷ୍ଟାଣ୍ଡ ନିକଟକୁ ଚାଲିଗଲେ ଏବଂ କିଛି କ୍ଷଣ ଅନ୍ତରରେ ନିଜର ବାଇକ ଆଣି ସେଠାରେ ପହଞ୍ଚିଲେ । ଏହାପରେ, ମହିଳା ଜଣଙ୍କୁ ସାଙ୍ଗରେ ଧରି ଗୋପାଳପୁର ଅଭିମୁଖେ ବାହାରିଗଲେ । ପ୍ରାୟ ତିରିଶ ମିନିଟର ଯାତ୍ରା ପରେ, ଦୁହେଁ ମହିଳାଙ୍କ ଘରେ ପହଞ୍ଚିଲେ । ସେଠାରେ ତାଙ୍କୁ ଛାଡ଼ି, ପ୍ରତ୍ୟାବର୍ତ୍ତନ ସମୟରେ ମହିଳା ଜଣଙ୍କ ମନୋଜଙ୍କୁ ତାଙ୍କ ଘର ମଧ୍ୟକୁ ଆସିବା ନିମନ୍ତେ ଅନୁରୋଧ କଲେ । ତାଙ୍କର ଅନୁରୋଧ ରକ୍ଷା କରି ମନୋଜ ଘର ଭିତରକୁ ପ୍ରବେଶ କଲେ । ତାଙ୍କୁ ସୋଫାରେ ବସିବାକୁ କହି, ମହିଳା ଜଣଙ୍କ ସଙ୍ଗେ ସଙ୍ଗେ ରୋଷେଇ ଘରକୁ ଯାଇ ଚାହା କପଟିଏ ଧରି ଆସିଲେ ଏବଂ ମନୋଜଙ୍କ ହାତକୁ ବଢ଼େଇ ଦେଲେ । କହିଲେ, ସାର୍ ବାହାରେ ଝିପ୍ ଝିପ୍ ବର୍ଷା ହେଉଛି, ଭାରି ଥଣ୍ଡା ମଧ୍ୟ ଲାଗୁଛି । ଚାହା ଟିକେ ପିଇ ଦିଅନ୍ତୁ । କପଟିକୁ ମୁହଁରେ ଦେବା ଭିତରେ, ମନୋଜ କହିଲେ ମ୍ୟାଡାମ ଆପଣଙ୍କ ସ୍ୱାମୀ କେଉଁଠାରେ କାମ କରନ୍ତି ? ତାହାଶୁଣି, ସେ ଚୁପ୍ ରହିଲେ । ମନୋଜ ଆଉ ଥରେ ପଚାରିଲେ, ଆଜ୍ଞା ଆପଣଙ୍କ ସ୍ୱାମୀ କେଉଁଠାରେ ରହନ୍ତି ? ତାହାଶୁଣି, ମହିଳା ଜଣଙ୍କ କାନ୍ଦିବାକୁ ଲାଗିଲେ । ମନୋଜ କହିଲେ, ଏଥିରେ କାନ୍ଦିବାର କ'ଣ ଅଛି ? ଆପଣ ଯଦି କିଛି କହିବାକୁ ଚାହାଁନ୍ତି ନାହିଁ କିମ୍ବା ବିଷୟକୁ ଗୁପ୍ତ ରଖିବାକୁ ଚାହାଁନ୍ତି, ତେବେ ମୁଁ ମୋ'ର କଥାକୁ ଫେରେଇ ନେଉଛି ! କିନ୍ତୁ ଆପଣ ଏମିତି ମନଦୁଃଖ କରନ୍ତୁ ନାହିଁ । ଏହାଶୁଣି, ମହିଳା ଜଣଙ୍କ କହିଲେ, ନା' ଆଜ୍ଞା ସେମିତି କିଛି ନୁହେଁ । କଥା ହେଉଛି, ସେ ଆଉ ଏ ଦୁନିଆଁରେ ନାହାଁନ୍ତି । ତାଙ୍କର କଥା ଶୁଣି, ମନୋଜ ହତବାକ ହୋଇଗଲେ ! କିଛି ସମୟର ନୀରବତାକୁ ଭଙ୍ଗ କରି, ସେ ଧୀର ଗଳାରେ କହିଲେ 'ଏହା ଶୁଣି ମୁଁ ଦୁଃଖିତ' । କିନ୍ତୁ, ଆପଣ ନିଜକୁ ଏମିତି ସଧବା ବେଶରେ କିପରି ସଜେଇ ରଖିଛନ୍ତି ? ଏକ କୋହ ଭରା ଗଳାରେ ମହିଳା ଜଣଙ୍କ କହି ଉଠିଲେ, ଆଜ୍ଞା ସେ ଚାଲିଯିବା ପରଠାରୁ ଆମ ପରିବାର କେମିତି ଚଳିବ ଭାବି ମୁଣ୍ଡ ଜମା କାମ କରୁନଥାଏ । ବୃଦ୍ଧ ଶାଶୁ, ଶ୍ୱଶୁର ଏବଂ ମୋର ଛୋଟ ଝିଅର ପ୍ରତିପୋଷଣର ଦାୟିତ୍ୱ । ଘରର ଉକ୍ତ ପରିସ୍ଥିତିକୁ ଦେଖି ମୁଁ ଗୋଟିଏ ପ୍ରାଇଭେଟ କମ୍ପାନୀରେ ଯୋଗଦେଲି । ହେଲେ, ଆଜିର ସମାଜରେ ସଭ୍ୟ ପୋଷାକଧାରୀ ପୁରୁଷମାନଙ୍କର ଲୋଲୁପ ଦୃଷ୍ଟି ଓ ଖରାପ ଇଙ୍ଗିତ ମୋତେ ବ୍ୟତିବ୍ୟସ୍ତ କରୁଥିଲା । ଯାହାକି' ପ୍ରତ୍ୟହ ମୋ'ସହ ଘଟିଥିଲା । ତେଣୁ, ନିଜର ସୁରକ୍ଷା ତଥା ଏକ ସୁରକ୍ଷିତ ଯାତ୍ରା ନିମନ୍ତେ ମୁଁ ନିଜକୁ ସଧବା ବେଶରେ ସଜେଇ ରଖିଛି । ତା'ଛଡ଼ା, ସେ ସିନା ଭୌତିକ ସ୍ତରରେ ଏ ଦୁନିଆଁରେ ନାହାଁନ୍ତି, କିନ୍ତୁ ତାଙ୍କର ସ୍ମୃତି ଓ ଆଧ୍ୟାତ୍ମିକ ସତ୍ତା ଆଜି ବି ମୋ' ସହ ରହିଅଛି । ସେ ଆଜି ମଧ୍ୟ ମୋ ଅନ୍ତର ମଧ୍ୟରେ ଜୀବିତ ଓ ସତେଜ । ତାଙ୍କର ସତ୍ତାକୁ ମୁଁ ପ୍ରତିଟି ମୁହୂର୍ତ୍ତ ଓ ପରିସ୍ଥିତିରେ ଅନୁଭବ କରୁଛି । ତାଙ୍କୁ ଅନୁଭବ କରି ଜୀବନର ସବୁ ଦୁଃଖ ଓ ଲୁହକୁ ହସି ହସି ପିଇଦେଇ, ନିଜର କର୍ମ ପଥରେ ଆଗେଇ ଚାଲିଛି ଏବଂ ଚେଷ୍ଟା କରୁଛି ସେ ଛାଡ଼ିଦେଇ ଯାଇଥିବା ଦାୟିତ୍ୱ ଓ କର୍ତ୍ତବ୍ୟ ସବୁକୁ ସଠିକ ନିର୍ବାହ କରିବାକୁ । ଯାହାକି' ମୋର ଏ ସଧବା ବେଶର ଅନ୍ୟ ଏକ କାରଣ । ମହିଳାଙ୍କର କେଇ ଧାଡ଼ି ଭାବନାତ୍ମକ କଥା, ଗରମ ଲୁହ ହୋଇ ମନୋଜଙ୍କ ବକ୍ଷ ଭିଜେଇ ଦେଉଥାଏ । ଘରକୁ ଫେରିବା ରାସ୍ତାରେ ସେ ଭାବୁଥାନ୍ତି ଯେ ଆଜିର ସମୟରେ ସମାଜରେ ଏହିପରି ଅନେକ ମହିଳା ଅଛନ୍ତି ଯେଉଁମାନେ କି' ପୁରାଣ ବର୍ଣ୍ଣିତ ସାବିତ୍ରୀ ଚରିତ୍ର ଠାରୁ କମ୍ ନୁହଁନ୍ତି ।

*ବନ୍ଦାଳୋ, ଟାଙ୍ଗୀ, କଟକ*
*ମୋ: ୯୩୩୭୮୯୭୬୫୦*

## କବିତା ଗୁଚ୍ଛ

### ମକର
**ସୁଜିତ କୁମାର ମିଶ୍ର**



ମାଘର ମହକ ଛୁଆଁରେ
ଝରଇ ଭିଜା ଭିଜା ମିଠାଗୀତ,
ମନ ଅଗଣାରେ ମକର ସରାଗ
ମୋହର ସାଗର ସ୍ରୋତ ।

ସଚରାଚରଙ୍କ ସିକ୍ତ ହୃଦୟ ଯେ
ସ୍ନେହର ଶ୍ରାବଣ ମେଳା,
ନୂଆ ଚାଉଳର ଅର୍ଘ୍ୟ ଆରାଧନା
ନାନ୍ଦନିକ ଭାବ ବୋଳା ।

ଗୁଡ଼ି ଉଡୁଥାଏ ଗଗନେ ପବନେ
ଗଭୀର ପ୍ରେମକୁ ଛୁଇଁ,
ଭାବନା ରାଇଜ ଆନନ୍ଦ ମୁଖର
ବିଶ୍ୱାସର ତୀର୍ଥ ଭୂଇଁ ।

ମକର ଆରମ୍ଭେ ବକର ହୁଅଇ
ଶୀତ ଭରା ଥଣ୍ଡା ଦିନ,
ପୂଜନ୍ତି ସରବେ ସୂର୍ଯ୍ୟ ଦେବତାଙ୍କୁ
କରି ଶ୍ରଦ୍ଧା ନିବେଦନ ।

ମକର ଚାଉଳ ଘରେ ଘରେ ଶୋଭେ
ମହା ଦିବ୍ୟ ଉପହାର,
ନୀଳ ନୀଳିମାର ପୀରତି ଗନ୍ଧରେ
ନିର୍ଝରିଣୀ ପ୍ରୀତି ସ୍ୱର ।

ରହିଯାଏ ସବୁ ବିବାଦର କଥା
ରଙ୍ଗ ରୋଷଣୀରେ ଲୁଚି,
ସରାଗପ୍ରାଣରେ ପୀୟୂଷ ଭରା ଯେ
ସମ୍ବେଦନଲୁହ ପୋଛି ।

ବରଷକେ ଥରେ ମକର ବିରାଜେ
କାଳଚକ୍ର କରୁଣାରେ,
ବାରମାସୀ ହେଲେ ଜୀବନ ମକର
ଆପଣାରପଣ ଝରେ ।

*ଜନାର୍ଦ୍ଦନପୁର ଶାସନ*
*କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

### ହଁ, ମୁଁ ତୁମକୁ ପଢ଼େ
**ଡ. ଦୀପକ କୁମାର ମିଶ୍ର**

ତୁମ କବିତାରେ ଗୁରୁତ୍ୱବହନ କରୁଥିବା
ପ୍ରତିଟି ଖଞ୍ଜ ଶବ୍ଦଗୁଡ଼ିକୁ
ଯଦିଓ ରେଖାଙ୍କିତ କରିନି କେବେ
ଦେଇନି ବାହାରି ଦେଖାଣିଆରେ
ଉପରଠାଉରିଆ ଟୀକା ଟିପ୍ପଣୀଟିଏ
ତଥାପି କହିରଖେ
ମୁଁ ତୁମକୁ ଭାରି ନିଠେଇ ପଢ଼େ ।
ଦେଖେ ତୁମେ କେମିତି ଦୃଶ୍ୟାୟନ କରିପାର
ଜୀବନକୁ, ଜୀବନଚର୍ଯ୍ୟାକୁ
ପ୍ରେମକୁ, ପ୍ରେମର ଖୋଳପା ପିନ୍ଧିଥିବା
ଆବିଳତାର ଦୁର୍ବଳ ଛବିକୁ ।
ଭାବେ, ଜୀବନ ଦର୍ଶନକୁ
କେମିତି ନିଛକ ଉତାରିପାର
ଭାବରେ, ଶବ୍ଦରେ,ଉପମାରେ, ଗାରିମାରେ
ଗ୍ରହଣରେ, ଖଣ୍ଡନରେ
ଆଉ ସର୍ବୋପରି କବିପଣିଆ ମାଧୁର୍ଯ୍ୟତାର
ଈଶ୍ୱରୀୟ ଚାରୁ ସ୍ୱୀକାର୍ଯ୍ୟରେ ।
ତୁମ ଭାବ ତଳେ ଭାବ
ଶବ୍ଦ ତଳେ ଶବ୍ଦ
କଥା ତଳେ ଲଥା
କମା, ପୂର୍ଣ୍ଣଚ୍ଛେଦଗୁଡ଼ିକର ବ୍ୟଥା
ଯେମିତି କି ଛାତିରେ ବହୁଚି ତୃଷାର୍ତ୍ତ ନଈଟିଏ
ମନରେ ଲହଡ଼ି ମାରୁଚି ସମୁଦ୍ରିଏ ପ୍ରଶ୍ନ
ଦେହ ଭିତରେ ଖସିପଡୁଚି
ଭାଙ୍ଗିରୁଜି ଯାଇଥିବା ଗୋଟେ ସମ୍ପୂର୍ଣ୍ଣ ଆକାଶ ।
ତୁମେ ତ ବିନ୍ଦୁ ପରି ନିରବତାରେ ବି
ଲେଖିଥାଅ ସମ୍ପୂର୍ଣ୍ଣ କାବ୍ୟଟିଏ
ଯାହା ହୃଦୟକୁ ଠେଲିଦିଏ
ମୌନତାର ଅତଳ ଗହ୍ୱରକୁ ।
ତୁମ ଅଲକ୍ଷ୍ୟରେ ମୁଁ ତୁମକୁ ଖୁବ୍ ପଢ଼େ
ମଧ୍ୟରାତ୍ରିର ନିବିଡ଼ତାରେ
ଯେତେବେଳେ ଶରୀର ଖୋଜୁନଥାଏ
ଲୁଚିବାକୁ ଛାଇଟିଏ
କାନ୍ଦିବାକୁ ଆଖି ହଳେ
ଧୃଷ୍ଟତାର ଓଠଟିଏ
ହାରିବାକୁ ହୃଦୟଟିଏ,
ଅନ୍ଧାରରେ ନିବିଷ୍ଟ ହୋଇ ଖୋଜେ
ତୁମ ଲେଖାରେ
ବଞ୍ଚିବାର ବତୀଘରଟିଏ ।

ମୁଁ ତୁମକୁ ପଢ଼େ
ପ୍ରେମିକାର ଆଖିହଳକୁ ଯେମିତି ପଢୁଥିଲି ଦିନେ
ବସି ବୟସର ଅଳସୀ ବେଳାରେ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*

### ଡରେଇ ପାରୁନି
**ଜଗଦୀଶ ସାହୁ**

ରାତି ଚାରିଟାରୁ ଶେଯ ଛାଡ଼ି ସାଇ
ଗାଉଛି ପ୍ରାର୍ଥନା ଗୀତ
ଡରେଇ ପାରୁନି ଶୀତ ।

ଖୋଲା ପଡ଼ିଆରେ ସକାଳୁ ସାଇନା
କରେ କୁସ୍ତି କସରତ
ଡରେଇ ପାରୁନି ଶୀତ ।

ସକାଳ ଗାଧୁଆ ସାରି ଜେଜେମା'
ପଢ଼େ ଗୀତା ଭାଗବତ
ଡରେଇ ପାରୁନି ଶୀତ ।

ଧାନ କାଟିଯିବ ରାଘବ କକେଇ
ଖାଉଛି ପଖାଳ ଭାତ
ଡରେଇ ପାରୁନି ଶୀତ ।

ନଈରେ ଛାତିରେ ନାଆ ମେଲିଦେଇ
ନାଉରୀ ମାରୁଛି କାତ
ଡରେଇ ପାରୁନି ଶୀତ ।

ପଡ଼ିଆ ଜମିରେ ପିଜୁଳି ଲାଗିବ
ସନା ଖୋଳିଲାଣି ଗାତ
ଡରେଇ ପାରୁନି ଶୀତ ।

ଗଛ ଆମ ପ୍ରିୟ ମିତ
ଗଛ ଦିଏ ଜାଳ ପତ୍ର ଫୁଲ ଫଳ
ସାଧଇ ସମାଜ ହିତ ।

*ସଞ୍ଜପଡ଼ା, ହିନ୍ଦୋଳ , ଢେଙ୍କାନାଳ*
*ମୋ -୯୦୭୮୧୮୫୬୧୬*

### ତୁମ ପ୍ରୀତିଛୁଆଁ
**ରମାକାନ୍ତ ଦାସ**



ମୋ ନଗ୍ନ ହୃଦୟ
ମୋ ବ୍ୟାକୁଳ ଅନ୍ତର
ତୁମ ପ୍ରୀତିଛୁଆଁ ଲାଗି
ହୁଅନ୍ତି ଅଧିର ।।

ଅଜଣା ରାଇଜେ
ମନକୁ ହଜେଇ
କ୍ଷଣ କ୍ଷଣ କଳ୍ପନାରେ
ଜୀଉଁ ଥାଏ ତୁମ ପାଇଁ ।।

ମୋ ସ୍ୱପ୍ନ ସବୁ
ଆତାତାୟୀ ସାଜନ୍ତି
ମୋ ଜୁଡୁବୁଡୁ ମନକୁ
ଲୁହରେ ଭିଜାନ୍ତି ।।

ଗଦାଏ ସ୍ମୃତିକୁ
ଆଞ୍ଜୁଳାରେ ଧରି
ତୁମ ବାଟ ଚାହିଁ ଜିଏଁ
ଆବେଗରେ ମରି ।।

ପ୍ରାଣ ଭିଜେ ମୋର
ଆଖିର ଲୁହରେ
ତୁମ ପ୍ରୀତି ଛୁଆଁ ପାଇଁ
ମୁଁ ଜଳେ ଅମା ଅନ୍ଧକାରେ ।।

*ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*

### ଉତ୍ତରାୟଣରେ ଏତିକି ଅଳି.....
**ରାମଚନ୍ଦ୍ର ବେହେରା**

ପ୍ରଭୁ ପ୍ରଭାକର ଦକ୍ଷିଣ ଛାଡ଼ି
ଉତ୍ତର ଦିଶାକୁ ଆସିବେ ମାଡ଼ି
ଧନୁରୁ ବିଦାୟ ନେଇ
ମକର ଆତିଥ୍ୟ ସ୍ୱୀକାରିବେ ରବି
ହସିବ ପବିତ୍ର ମହୀ।

ଦିନର ଅବଧି ଧୀରେ ବଢ଼ିବ
ଦୀପ୍ତିର ତପତ ଧରା ଛୁଇଁବ
କମିବ ହିମ ପ୍ରଭାବ
ନାନା ଜାତି ପୁଷ୍ପେ ହୋଇ ବିମଣ୍ଡିତା
ପ୍ରକୃତି ଗୀତ ଗାଇବ।

ଦକ୍ଷିଣ ଭାରତେ ପୋଂଗଲ ନାମେ
ଲୋହଡ଼ି ପାଳିବେ ପଂଜାବ ଜନେ
ପବିତ୍ର ଭାରତ ବର୍ଷେ
ନୀଳ ଅମ୍ବରରେ ଗୁଡ଼ି ଚମକିବ
ନାନା ରଂଗେ ନାନା ବେଶେ।

ଶ୍ରଦ୍ଧାଳୁ କରିବେ ଗଂଗାରେ ସ୍ନାନ
ସେବନ କରିବେ ଖେଚୁଡ଼ି ଅନ୍ନ
ଆମ ଉତ୍କଳ ଭୂଇଁରେ
ମକର ଚାଉଳ ରାଶିଲଡୁ ଭୋଗ
ଖାଇବେ ଜନେ ଶ୍ରଦ୍ଧାରେ।

ପୁଣ୍ୟ ମକରରେ ରାଇଜେ ଜନେ
ପୂଜିବେ ଭାସ୍କର ହରଷ ମନେ
ବିନମ୍ର ପ୍ରଣତି ଢାଳି
ବ୍ୟାଧିମୁକ୍ତ ରହୁ ଏ ଧର୍ମ ସଂସାର
କରିବେ ପ୍ରଭୁଂକୁ ଅଳି।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

### ଫେରିଯିବା ବେଳେ...
**ରତ୍ନକାନ୍ତି ମିଶ୍ର**

ଫୁଟି ସାରିଥିବା ଫୁଲଟିଏ ପାଇଁ
ଲେଖିବାକୁ ବାକି ଅଛି
ଜୀବନର ଶ୍ରେଷ୍ଠ କବିତା
ଫେରିଯିବା ବେଳେ...।

ପଦ୍ମ କୋରକରୁ
ଆହରଣ କରିବାକୁ ହେବ
ଚିନ୍ମୟ ଚିନ୍ତନର ଭାବ
ପଳାଶ ବନରୁ ସାଉଁଟିବାକୁ ହେବ
ସ୍ୱର୍ଗୀୟ ଆନନ୍ଦ।

ବାକି ଥାଉ ଥାଉ ପହରେ ଆୟୁଷ
ଲେଖିବାକୁ ହେବ
କୃଷ୍ଣଚୂଡ଼ା କେମିତି ଓଠରେ ଫୁଟାଏ
ଧୁ ଧୁ ନିଦାଘରେ ହସ।

ଗଙ୍ଗଶିଉଳିର ହୃଦୟକୁ
ପଢ଼ିବାକୁ ହେବ ସବିଶେଷ
କାହିଁକି ସେ ଆଲୁଅକୁ ଡରେ
ରାତିସାରା ବିତରେ ସୁବାସ ।

ସବୁ ଫୁଲ କିନ୍ତୁ ଜାଣନ୍ତି
କବିତା ବୋଲି କାଛି ନାହିଁ
ସବୁ ଶବ୍ଦ ତ କେଉଁକାଳୁ
ତା'ଠେଇଁ ସାଇତା
ସେ ଖାଲି ଲୋଡ଼େ ଦରଦୀ ବନ୍ଧୁଟେ
କହିବାକୁ ବାକି ଥିବା
ଯେତେ ଅବଶୋଷ ।

ତେବେ ତ'
ଭରିବାକୁ ଭାବ ଓ ଭାଷାର
ସମ୍ମିଳିତ ଝଙ୍କାର
କାଲି କୁ ଫୁଟିବାକୁ ଥିବା ଫୁଲଙ୍କ ଠୁ
ଶବ୍ଦ କିଛି ଯୋଗାଡ଼ିବାକୁ ହେବ
ଲେଖିବାକୁ ବାକିଥିବା
ଜୀବନର ଶେଷତମ ଶ୍ରେଷ୍ଠତମ କବିତା
ଏ ସଂସାର ବଗିଚାରୁ
ଫେରିଯିବା ବେଳେ।

*ଆଳି, କେନ୍ଦ୍ରାପଡ଼ା*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଯୁବକ ମାନେ ସଂଗଠିତ ହେଲେ ରାଜ୍ୟର ବିକାଶ ହେବ । ଆଉ ଓଡ଼ିଶାର ବିକାଶ ହେଲେ ମାନ୍ୟବର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ସାକାର ହୋଇ ଆଗାମୀ ୨୦୪୭ ସୁଧା ଭାରତବର୍ଷ ଏକ ବିକଶିତ ଭାରତ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜି ଢେଙ୍କାନାଳ ଗସ୍ତ କରି ଢେଙ୍କାନାଳ ମିନି ଷ୍ଟାଡିୟମ ଠାରେ ଅଗ୍ରଣୀ ଯୁବ ସାଂସ୍କୃତିକ ତଥା ସମାଜିକ ଅନୁଷ୍ଠାନ ବଜରଙ୍ଗ କ୍ଲବ ର ବାର୍ଷିକ ଉତ୍ସବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗ୍ନେୟ -୨୦୨୫ ଉଦ୍ଘାଟନ କରି ଏହା ପ୍ରକାଶ କରିଛନ୍ତି । ଏହି ଜିଲ୍ଲାର ପୂର୍ବ ସୁରୀ ମାନଙ୍କ ଅବଦାନ ସମ୍ପର୍କ ରେ କହିବା ସହ ବାଜିରାଉତ, ବୀର ବୈଷ୍ଣବ ପଟ୍ଟନାୟକ ଆଉ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଗୁଣ ଗାନ କରି ଏ ଢେଙ୍କାନାଳ ମାଟିରେ ପୁଅ ହିସାବରେ ନିଜକୁ ଗୌରବ ମନେ କରେ ବୋଲି ଶ୍ରୀ ପ୍ରଧାନ କହିଥିଲେ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡା ଓ ଯୁବ ବିକାଶ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ବିଭୁତି ପ୍ରଧାନ, ସୀମାରାଣୀ ନାୟକ,ଶତ୍ରୁଘ୍ନ ଜେନା, ଅନୁଗୁଳ ବିଧାୟକ ନିଲୁ ପ୍ରଧାନ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନ୍ନ ସୋନକର ପ୍ରମୁଖ ଯୋଗ ଦେଇଥିଲେ ।

# ବଣମଲ୍ଲିଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହୋଇଛି 'ଡ୍ରିମ୍ସ'




ଟାଙ୍ଗୀ (ଭାସ୍କର ନ୍ୟୁଜ): ଡ୍ରିମ୍ସ କ୍ରମାଗତଃ ଭାବରେ ବିଶ୍ୱ ସ୍ତରର ଛାତ୍ରଛାତ୍ରୀଙ୍କୁ ତିଆରି କରିବାର ପରମ୍ପରା ଆରମ୍ଭ କଲାଣି । ଗ୍ରାମାଞ୍ଚଳର ବଣମଲ୍ଲିଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ଏହି ବିଶ୍ୱବିଦ୍ୟାଳୟ ଯେଉଁ ଉଦ୍ୟମ ଜାରି ରଖିଛି, ତାହା ବେଶ୍ ପ୍ରଶଂସନୀୟ ବୋଲି ଶନିବାର କଟକ ଜିଲ୍ଲା ଟାଙ୍ଗୀ ସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ସମାବର୍ତ୍ତନ ସମାରୋହରେ ସମ୍ମାନସୂଚକ ଉପାଧି ଏବଂ ପିଏଚଡି ଉପାଧି ଗ୍ରହଣ କରିଥିବା ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଓଡ଼ିଶାର ସାରସ୍ୱତ ଭୂମି ତଥା ବୌଦ୍ଧିକ ବିଚାରର ଏନ୍ତୁଡ଼ିଶାଳର ପରିପାର୍ଶ୍ୱରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅବସ୍ଥାପିତ । ଡ୍ରିମ୍ସର ଅନତି ଦୂରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ଏବଂ ଗଣକବି ବୈଷ୍ଣବ ପାଣିଙ୍କ କର୍ମଭୂମି ଅଛି । ସାରଳା ଦାସଙ୍କ ଦ୍ୱାରା ଓଡ଼ିଆ ମହାଭାରତ ଏହି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରଚନା କରାଯାଇଛି । ଏହି ଶିକ୍ଷାନୁଷ୍ଠାନର ଅନତି ଦୂରରେ ଥିବା ଯାଜପୁରର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଦିନେ ଜ୍ଞାନର ପୀଠ ଥିଲା । ଡ୍ରିମ୍ସ କ୍ୟାମ୍ପସରେ ଏକ ବିଚାରଧାରା ଅଛି, ଯେଉଁ ବିଚାରଧାରା ମୂଳ ମନ୍ତ୍ର ହେଲା ଭାରତକୁ ଭଲ ପାଇବା । ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠିତ ସୁଭାଷ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ ଏବଂ ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ରାଷ୍ଟ୍ର ପ୍ରତି ଥିବା ଆନୁଗତ୍ୟକୁ ଦର୍ଶାଉଛି । ଡ୍ରିମ୍ସରୁ ପାଠ ପଢି ଅନେକ ଛାତ୍ରଛାତ୍ରୀମାନେ କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ପ୍ରତିଷ୍ଠିତ ହୋଇଛନ୍ତି । ଏହି ଶିକ୍ଷା ରୂପକ ମନ୍ଦିରରୁ ପାଠ ପଢି ଛାତ୍ରଛାତ୍ରୀ ବ୍ରିଟିଶ ପେଟ୍ରୋଲିୟମ ଭଳି କମ୍ପାନୀରେ ଚାକିରି କରି ଆମକୁ ଗୌରବାନ୍ୱିତ କରିଛନ୍ତି । ବୌଦ୍ଧିକ ବିଚାର ଉତ୍ପନ୍ନ ମାଟିରେ ଅବସ୍ଥାପିତ ଡ୍ରିମ୍ସ ଶତାବ୍ଦୀ ଶତାବ୍ଦୀ ଧରି ମାନବ ସମସ୍ୟାର ସମାଧାନ ବାହାର କରିବା ସହ ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ପୂରଣ କରିବ । ଓଡ଼ିଶାର ଅର୍ଥନୀତିର ମୂଳ ପେଣ୍ଠସ୍ଥଳୀ ଡ୍ରିମ୍ସର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ହେବ । ଏହି ଅବସରରେ ଶ୍ରୀ ପ୍ରଧାନ ମାତୃଭାଷାର ପ୍ରୋତ୍ସାହନ ସହ ଓଡ଼ିଶାର ଶତାବ୍ଦୀ ଶତାବ୍ଦୀ ପୂର୍ବର ଐତିହ୍ୟ କୀର୍ତ୍ତିରାଜି ଏବଂ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଗବେଷଣାରୁ ନବସୃଜନକୁ ଆଗକୁ ବଢିବା ଉପରେ ଆଲୋକପାତ କରିଥିଲେ ।

# ଦିବ୍ୟାଙ୍ଗଙ୍କୁ 'କଳିଙ୍ଗ ନବଦିଗନ୍ତ' ସଂଗଠନର ସହାୟତା



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମର କିରଣ ସ୍ୱାଇଁ ଜଣେ ଦାଦନ ଶ୍ରମିକ ଭାବେ ସୁଦୁର ବାଙ୍ଗାଲୋରରେ ପାଣି ପାଇପ ମିସ୍ତ୍ରୀ ଭାବେ କାମ କରନ୍ତି । କାମ କରିବା ସମୟରେ ଅସାବଧାନତା ବଶତଃ ତାଙ୍କର ଡାହାଣ ଗୋଡର କାଣୀ ଆଙ୍ଗୁଠିରେ ଆଘାତ ଲାଗି ଏକ କ୍ଷତ ସୃଷ୍ଟି ହୋଇଥିଲା । ସେହି କ୍ଷତ ଧିରେ ଧିରେ ସଂକ୍ରମିତ ହୋଇ ପ୍ରଥମେ କାଣି ଆଙ୍ଗୁଠି ପରେ କ୍ରମାନ୍ୱୟରେ ସମସ୍ତ ଆଙ୍ଗୁଠି କଟାଯିବା ପରେ ମଧ୍ୟ ନଶୁଖିବାରୁ ଏବେ ତାଙ୍କର ଗୋଟିଏ ଗୋଡର ଆଣ୍ଠୁ ପର୍ଯ୍ୟନ୍ତ କଟା ଯାଇଛି । ଏଭଳି ଏକ ସମ୍ବାଦ ପ୍ରଥମେ ସୋସିଆଲ ମିଡ଼ିଆରୁ ଖବର ପାଇଲା ପରେ କଳିଙ୍ଗ ନବଦିଗନ୍ତ ସଂଗଠନର ସଭାପତି ବିଜୟ ଦାସଙ୍କ ନେତୃତ୍ୱରେ ସଂଗଠନର କିଛି ସଦସ୍ୟ କିରଣ ସ୍ୱାଇଁଙ୍କ ମହୁ ବାସଭବନରେ ପହଞ୍ଚି ସଂପୂର୍ଣ୍ଣ ଘଟଣା ବିଷୟରେ ଆଲୋଚନା କରିଥିଲେ । ପରିବାରକୁ ସମବେଦନା ଜଣାଇବା ସହ ୫୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । କିପରି ଭାବେ ସେ ସମ୍ପୂର୍ଣ୍ଣ ସୁସ୍ଥହେବେ ଏବଂ ତାଙ୍କ ପରିବାର କିପରି ଭାବରେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବ ସେନେଇ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇବା ପାଇଁ ସଂଗଠନର ସଭାପତି ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ ପ୍ରକାଶ ମହାନ୍ତି, କୋଷାଧ୍ୟକ୍ଷ ଦାଶରଥି ସାହୁ, ଗୟାଧର ଧଳ, ଶିଶିର ଓଝା, ରଶ୍ମିରଞ୍ଜନ ସାମଲ, ସନ୍ତୋଷ କୁମାର ତରାଇ, ବାବାଜୀ ଦାସ, ଅନ୍ତର୍ଯ୍ୟାମୀ କୁଣ୍ଡ, ପ୍ରବିର କୁମାର ରଥ, ଅଖିଳ ସୁତାର, କାଳିପ୍ରସାଦ ନାୟକ, କିଶୋର ସାହୁ, ସୋନାଲି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜମି ରେକର୍ଡ ନ କରିବା ପାଇଁ ଦାବି



ନିଆଳି (ଭାସ୍କର ନ୍ୟୁଜ): ନିଆଳିରେ ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ନାମରେ ସରକାରୀ ଜମିକୁ ରେକର୍ଡଭୁକ୍ତ ନ କରିବା ପାଇଁ ତହସିଲ୍‌ଦାରଙ୍କ ନିକଟରେ ଅଭିଯୋଗ ହୋଇଛି । ବ୍ଲକ୍ ଅନ୍ତର୍ଗତ ପୂର୍ବଖଣ୍ଡ ଖାତା ନଂ ୧୨୦୦, ପ୍ଲଟ୍ ନଂ ୩୪୧୭ର ୮ ଡିସିମିଲି ସରକାରୀ ଜମିକୁ ନିଆଳି ଶାଖା ପରିଚାଳକ ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ନାମରେ ରେକର୍ଡ ନ କରିବାକୁ ତହସିଲ୍‌ଦାରଙ୍କ ନିକଟରେ ଅଭିଯୋଗ ହୋଇଛି । ସଂରକ୍ଷଣ ମିସ୍ କେସ୍ ନଂ ୨/୨୦୧୮ ଆଧାରରେ ଏହି ଜମିକୁ ଉକ୍ତ ପ୍ରତିଷ୍ଠାନ ନାମରେ କରିବା ପାଇଁ ଜିଲ୍ଲାପାଳ କଟକ ମହୋଦୟଙ୍କ ଅନୁମୋଦନ କ୍ରମେ ଗୋଚର କିସମ ଜମିକୁ ପତିତ କିସମ କରାଯାଇ ଆବାଦ ଯୋଗ୍ୟ ଅନାବାଦୀ ଖାତା ଭୁକ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏ ନେଇ ପ୍ରଶାସନ ପକ୍ଷରୁ ଅଭିଯୋଗ ଗ୍ରହଣ କରାଯାଇଥିଲା । ନିଆଳି ସରପଞ୍ଚ ବବିତାରାଣୀ ବେହେରାଙ୍କ ସମେତ ଅନ୍ୟ କେତେକ ଗ୍ରାମବାସୀ ପୃଥକ ପୃଥକ ଭାବେ ତହସିଲ୍‌ଦାରଙ୍କୁ ଦାବିପତ୍ର ଦେଇ ଏହି ଜମିକୁ ଉକ୍ତ ପ୍ରତିଷ୍ଠାନ ନାମରେ ନ କରିବା ପାଇଁ ଅଭିଯୋଗ କରିଛନ୍ତି । ଏହି ଜମି ନିକଟରେ ଏକ ଶ୍ମଶାନ ଓ ଜଳାଶୟ ରହିଥିବାରୁ ଉକ୍ତ ଜଳାଶୟରେ ସ୍ନାନ ଓ ଶୌଚ ଇତ୍ୟାଦି ପାଇଁ ଲୋକେ ଏହାକୁ ବ୍ୟବହାର କରିଥାନ୍ତି । ଉକ୍ତ ଜମିରେ ବନ୍ୟା ସମୟରେ ଗାଈ ଗୋରୁ ମଇଁଷି ଇତ୍ୟାଦି ଆଶ୍ରୟ ନେଇଥାନ୍ତି । ନିଆଳିରେ ସରକାରୀ ପ୍ରତିଷ୍ଠାନ ହେବାକୁ ଜାଗା ନ ଥିବାରୁ ଏହି ଜାଗାରେ ଭବିଷ୍ୟତରେ ସରକାରୀ ପ୍ରତିଷ୍ଠାନ ହୋଇପାରେ, ସେହିପରି ଜଳସେଚନ କାର୍ଯ୍ୟାଳୟ ଓ ଥାନା ସମ୍ମୁଖରେ ମାଛହାଟ ଥିବାରୁ ଉକ୍ତ ଜମିରେ ମାଛ ହାଟ ବସାଇବାର ଯୋଜନା କରାଯାଇପାରେ । ଏହିପରି ନିଆଳି ମହୋତ୍ସବ ସମୟରେ ଏହି ସ୍ଥାନରେ ଗାଡି ଗୁଡ଼ିକ ପାର୍କ କରେ । ଏହି ପରି ବିଭିନ୍ନ କାରଣ ଦର୍ଶାଇ ସରପଞ୍ଚ ଏହି ଜମିକୁ ଉକ୍ତ ପ୍ରତିଷ୍ଠାନ ନାମରେ ନ କରିବା ପାଇଁ ସରପଞ୍ଚ ବବିତାରାଣୀ ବେହେରା ଓ ଗ୍ରାମବାସୀ ମାନେ ତହସିଲଦାର ଲିଲନ୍ ପ୍ରସାଦ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି ।

# ଏସୀୟ କାନୋ ପ୍ରତିଯୋଗିତାରେ 'ସାଇ ଏନସିଓଇ' ଆଥଲେଟଙ୍କ ସଫଳତା




ଭୁବନେଶ୍ୱର (ଭାସ୍କର ନ୍ୟୁଜ): କୋଲକାତା ଆଞ୍ଚଳିକ କେନ୍ଦ୍ର ଅଧୀନରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଜାତୀୟ ଉତ୍କର୍ଷ କେନ୍ଦ୍ର ଜଗତପୁରରୁ ଦୁଇଜଣ କାୟାକିଂ ଏବଂ କାନୋଇଂ ଆଥଲେଟ୍ ଖ୍ୱାଇରକପାମ୍ ଧନମଞ୍ଜୁରୀ ଦେବୀ ଏବଂସଲାମ୍ ସୁନିଲ ସିଂହ ୯ ରୁ ୧୨ ଜାନୁଆରୀ ୨୦୨୫ ମଧ୍ୟରେ ଅନୁଷ୍ଠିତ ହେଉଥିବା ଏସୀୟ କାନୋ ପ୍ରତିଯୋଗିତା ହଂକଂ ୨୦୨୪-୨୫ (ସ୍ପ୍ରିଣ୍ଟ ଏବଂ ମାରାଥନ)ରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି । ସୁଶ୍ରୀ ଖ୍ୱାଇରକପାମ୍ ଧନମଞ୍ଜୁରୀ ଦେବୀ ୨୩ ବର୍ଷରୁ କମ୍ ମହିଳା ବର୍ଗରେ କ୧-୧୦୦୦ ମିଟର ଏବଂ କ୧- ୫୦୦ମିଟରରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଏବଂ ସଲାମ୍ ସୁନିଲ ସିଂହ ପୁରୁଷ ବରିଷ୍ଠ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସତ୍ୟଜିତ ସଂକୃତ, ସାଇ ଆଞ୍ଚଳିକ କେନ୍ଦ୍ର କୋଲକାତାର ଉପ-ମହାନିର୍ଦ୍ଦେଶକ ଏବଂ ତୈଲୋକ୍ୟନାଥ ସାହୁ, ସାଇ ଇନଚାର୍ଜ ଓଡ଼ିଶା ଉପନିର୍ଦ୍ଦେଶକ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଆଥଲେଟ ଏବଂ ଜାତୀୟ ଉତ୍କର୍ଷ କେନ୍ଦ୍ର ଜଗତପୁରକୁ ଅଭିନନ୍ଦନ ଜଣାଇଛନ୍ତି ।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜର ରାଜନୀତି ବିଜ୍ଞାନ ବିଭାଗର ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଭୋଟ ବ୍ୟାଙ୍କ ସୃଷ୍ଟି କରିବା ସାମାଜିକ ଗଣମାଧ୍ୟମ ଏକ ମାଧ୍ୟମ ସାଜିଛି ଶୀର୍ଷକ ଆଲୋଚନା ଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସରୋଜ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମୂଲ୍ୟ ପରିଡ଼ା ମୁଖ୍ୟ ଅତିଥି ଭାବେ, ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରାଜଶ୍ରୀ ଦତ୍ତ ବିଷୟ ବିଶାରଦ ଭାବେ ଯୋଗଦାନ କରି ସାମ୍ପ୍ରତିକ ରାଜନୀତିରେ କିପରି ସାମାଜିକ ଗଣମାଧ୍ୟମ ଏକ ମାଧ୍ୟମ ପାଲଟିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଲୋକପ୍ରଶାସନର ବିଭାଗୀୟ ମୁଖ୍ୟ ମୃତ୍ୟୁଞ୍ଜୟ ନାରାୟଣ ଦାସ, ରାଜନୀତି ବିଜ୍ଞାନ ଅଧ୍ୟାପିକା ଅନିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଶୀର୍ଷକ ଉପରେ ଆଲୋଚନା କରିଥିଲେ ।




# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ଉତ୍ସବ

ଭଞ୍ଜନଗର (ଭାସ୍କର ନ୍ୟୁଜ): ନିକଟସ୍ଥ ଜିଲୁଣ୍ଡି ସତ୍‌ସଙ୍ଗ ବିହାର ପରିସରରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜନ୍ମୋତ୍ସବ ପାଳନ ସହ ଶ୍ରୀମନ୍ଦିର ଓ ଶ୍ରୀବିଗ୍ରହ ପ୍ରତିଷ୍ଠା ତଥା ପୂଜ୍ୟପାଦ ଶ୍ରୀଶ୍ରୀ ଦାଦାଙ୍କ ଶୁଭ ଆଗମନୀର ଅଷ୍ଟମ ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଥିଲା । ସଭାପତି ତଥା ସହ ପ୍ରତିରତ୍ୱିକ ଭଗବାନ ବଢ଼େଇଙ୍କ ପରିଚାଳନାରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ପବିତ୍ର ଭାଇ ସତ୍ୟାନୁସରଣ ପାଠ କରିଥିବା ବେଳେ ଦିବାକର ଭାଇ ନାରୀର ନୀତି ପାଠ କରିଥିଲେ । ପ୍ରମୋଦ ମହାପାତ୍ର, ରିଙ୍କିଭାରତୀ, ନୃସିଂହ ଭାଇ, ଟୁଟୁ ଭାଇଙ୍କ ସମେତ ବହୁ ଶ୍ରଦ୍ଧାଳୁ ଭକ୍ତ ଠାକୁରାନୁରାଗୀ ଭଜନକୀର୍ତ୍ତନ ଆଦି ପରିବେଷଣ କରିଥିଲେ । ସତ୍‌ସଙ୍ଗ ଅଧିବେଶନରେ ସୁଦୂର ଜଳେଶ୍ୱରରୁ ଆସିଥିବା ସହପ୍ରତିରତ୍ୱିକ କେଦାରନାଥ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀଶ୍ରୀ ଠାକୁରଙ୍କ ଦିବ୍ୟ ଅମୃତବାଣୀ ପ୍ରଦାନ କରି ଶ୍ରୀଶ୍ରୀ ଠାକୁରଙ୍କର ମହତ୍ ବାଣୀ ମଣିଷ ଜୀବନ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ବର୍ତ୍ତମାନ ଯୁଗ ପାଇଁ ଶ୍ରୀଶ୍ରୀ ଠାକୁର ସମସ୍ତଙ୍କ ଜୀବନରେ ଏକାନ୍ତ ଆବଶ୍ୟକବୋଲି ଅତି ସୁନ୍ଦରଭାବେ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁରରୁ ସହପ୍ରତି ରିତ୍ୱିକ୍ ବିଜୟ ଚନ୍ଦ୍ର ପଣ୍ଡା, ଶରତ ଜେନା, ଅରକ୍ଷିତ ରଣା ଓ ବିଜୟ କୁମାର ନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହିଥିଲେ ।

# ଅଗ୍ନିକାଣ୍ଡରେ ଜଳିଗଲା ୧୫ ବଖରା ଘର

ପୁରୀ (ଭାସ୍କର ନ୍ୟୁଜ): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପୁରୀ ସଦର ବ୍ଲକ କନ୍ହେଇ ବିଦ୍ୟାଧରପୁର ପଞ୍ଚାୟତ ସୁଜନପୁର ଗ୍ରାମରେ ସର୍ଟସର୍କିଟ ଯୋଗୁଁ ଭୟାବହ ଅଗ୍ନିକାଣ୍ଡ ଘଟି ୧୫ ବଖରା ଘର ସଂପୂର୍ଣ୍ଣ ଧ୍ୱଂସ ହୋଇ ଯିବା ସହିତ ୩୦ ଗୋଟି ଛେଳି ଜିଅନ୍ତା ଦଗ୍ଧ ହୋଇଯାଇଛନ୍ତି । ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ସୁଜନପୁର ଗ୍ରାମର ଅଗ୍ନିବିପନ୍ନ ପରିବାର କୁମର ସେଠୀ, ଭ୍ରମର ସେଠୀ, ଜୁଗଳ ସେଠୀ, ସୁବଳ ସେଠୀ, ତ୍ରିନାଥ ସେଠୀ, ସୁଦାମ ସେଠୀ, ପ୍ରଭାତ ସେଠୀ, ମାଧେଇ ସେଠୀ, ଚରଣ ସେଠୀ, ନାରାୟଣ ସେଠୀ, କୈଳାସ ସେଠୀ, ଫୁଲ ସେଠୀ, ରବିନ୍ଦ୍ର ନାୟକ, ଛବି ନାୟକ ଓ ସନ୍ତୋଷ ନାୟକଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି । ଏହା ସହିତ ନିତ୍ୟବ୍ୟବହାର୍ଯ୍ୟ ଜିନିଷ, ଚୁଡ଼ା, ବିସ୍କୁଟ, ଚାଉଳ, ଡାଲି, ପାଲ ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇବା ସହିତ ସମସ୍ତ ପ୍ରକାର ସାହାଯ୍ୟ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

# ବୋମା ବିସ୍ଫୋରଣରେ ଜଣେ ଯବାନ ଆହତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ମାଓବାଦୀ ଖଞ୍ଜିଥିବା ଏକ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାରେ ମାଓ ଦମନ ନିମନ୍ତେ ସିଆରପିଏଫ ର ୧୯୬ ବାଟାଲିୟନର ଯବାନ ମାନେ ମହାଦେବ ଘାଟ ଜଙ୍ଗଲରେ ତଲାସି ଅଭିଯାନ କରୁଥିଲେ । ଅଞ୍ଚଳରେ ତଲାସି ଅଭିଯାନ କରିବା ବେଳେ ପୂର୍ବରୁ ସେଠାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣରେ ରାକେଶ କୁଲୁର ନାମକ ସିଆରପିଏଫ ହେଡ୍ କନଷ୍ଟେବଲ ଯବାନ ଆହତ ହୋଇଥିଲେ । ଆହତ ଯବାନଙ୍କୁ ଚିକିତ୍ସା ପାଇଁ ବିଜାପୁର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

# ବାଳିକା ଆତ୍ମରକ୍ଷା କୌଶଳ ଶିବିର

କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ବିଭାଗରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦିଲ୍ଲୀପ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି । ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଚିନ୍ମୟୀ ଚାରୁଲକ୍ଷ୍ମୀ ଯୋଗ ଦେଇଥିବା ବେଳେ ଶିବିରର ସଂଯୋଜକ ଅଧ୍ୟାପକ ସୁକାନ୍ତ କୁମାର ପୃଷ୍ଟି ଶିବିରର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତର୍କ ଶାସ୍ତ୍ର ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ଉମାଶଙ୍କର ନାୟକ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

# ସେଣ୍ଟ ଜାଭିଅର ହାଇସ୍କୁଲର ବାର୍ଷିକ ଉତ୍ସବ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ସହରର ଗୋପସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ହାଇସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମେରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସେ ଆଜକୁ ୫୨ବର୍ଷ ତଳେ ଆଇଆଇଟିରୁ ଇଞ୍ଜିନିଅରିଂରେ ଡିଗ୍ରୀ ହାସଲ କରିବା ପରେ ଭାରତରେ ସେତେବେଳେ ତାଙ୍କ ପାଇଁ କୌଣସି ସୁଯୋଗ ନଥିବାରୁ ସେ ଆମେରିକା ଯାଇ ସେଠାରେ ପିଏଚଡି କରି ବା ପରେ ଜଣେ ଅଧ୍ୟାପକ ଭାବରେ ମାତ୍ର ୭ଦିନ ମଧ୍ୟରେ ଚାକିରି ପାଇଥିଲେ । ଡ. ଦାସ ବଳଦେବ ହାଇସ୍କୁଲ ଓ କେନ୍ଦ୍ରାପଡା ହାଇସ୍କୁଲ ଭଳି ସରକାରୀ ବିଦ୍ୟାଳୟରେ ପାଠପଢି ଥିଲେ । ଜାଭିଅର ହାଇସ୍କୁଲ ଭଳି ସୁବିଧା ସୁଯୋଗ ସେ ପାଇନଥିଲେ । ପିଲାମାନଙ୍କୁ ମନଦେଇ ପାଠପଢିବା ସହ ପିତାମାତା ଓ ଶିକ୍ଷକଙ୍କୁ ଭକ୍ତି ଏବଂ ସମ୍ମାନ ଦେବା ସହ ମା' ଓ ମାଟିକୁ ନଭୁଲିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ ଯୋଗଦେଇ କହିଲେ ପିଲାମାନେ ଉଚ୍ଚାଭିଳାଷି ହେବା ଉଚିତ । ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇ ନିଜେ କିପରି କ□କମୟ ପଥ ଅତିକ୍ରମ କରି ଭାରତୀୟ ପୋଲିସ ସେବା ଅଧିକାରୀ ହୋଇପାରିଲେ ତାହାର କାହାଣୀ ବର୍ଣ୍ଣନା କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଧଳ, ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପିକା ପ୍ରତିଜ୍ଞା ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅଧ୍ୟକ୍ଷ ଶ୍ରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ ।

# ଆରସା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହ

ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ସମାରୋହରେ ଆଇନଜୀବୀ ଗୌରହରି ମହାନ୍ତି ସଂଯୋଜନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ମହାମେଘବାହନ ଐର ଖାରବେଳ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ବୀରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ଶିକ୍ଷାନୁଷ୍ଠାନ ଏକ ମଣିଷ ତିଆରି କାରଖାନା ବୋଲି କହିଥିଲେ । ସଭାରେ ପୂର୍ବତନ ଛାତ୍ର ଗଣେଶ ପ୍ରସାଦ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜୟନ୍ତୀ କମିଟି ମିଡିଆ ସଂଯୋଜକ ତ୍ରିଲୋଚନ ଗୌତମ ଓ ଉମାକାନ୍ତ ଦାସ, ପୁରାତନ ଛାତ୍ର ସୁଧାଂଶୁ ନାୟକ, ଧୀରେନ୍ଦ୍ର ସାହୁ, ହେମନ୍ତ ମହାନ୍ତି, ସୁମନ୍ତ ମହାନ୍ତି, ଜ୍ୟୋତିର୍ମୟ ପାଣ୍ଡବ, ରତିକାନ୍ତ ଦାସ, ଅଜୟ ରାଉତ, ସୁରେନ୍ଦ୍ର ନାୟକ, ରାଜେନ୍ଦ୍ର ପଣ୍ଡା, ଲକ୍ଷ୍ମୀକାନ୍ତ ମହାନ୍ତି, ସୁରେଶ ମହାପାତ୍ର, ମଳୟ ନାୟକ, ମିନକେତନ ମହଲା, ରାଜେଶ ସ୍ୱାଇଁ, ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ ।

# ବେଆଇନ୍ କାଠ ସହିତ ଦୁଇ ଟ୍ରକ୍ ଜବତ



କରଞ୍ଜିଆ (ଭାସ୍କର ନ୍ୟୁଜ): ଶୁକ୍ରବାର ଦିନ ରାତ୍ର ପାଟ୍ରାଲିଂ କରୁଥିବା ସମୟରେ ପୋଲିସ୍ ବେଆଇନ୍ କାଠ ବୋଝେଇ ଦୁଇଟି ଟ୍ରକ୍ ଜବତ କରିଥିବା ବେଳେ ଟ୍ରକ୍ ଡ୍ରାଇଭର ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ଚଢେଇଭଳ ଠାରେ ପଟାସ କାଠ ଗଛିତ ରଖି ବାହାର ରାଜ୍ୟକୁ ଚାଲାଣ ହେଉଥିବା କୌଣସି ବିଶେଷ ସୂତ୍ରରୁ କରଞ୍ଜିଆ ପୋଲିସ୍ ଖବର ପାଇବା ପରେ ଉପଖଣ୍ଡ ପୋଲିସ୍ ଅଧିକାରୀ ସୁବ୍ରତ କୁମାରଙ୍କ ନିର୍ଦ୍ଦେଶ କ୍ରମେ କରଞ୍ଜିଆ ଥାନା ଅଧିକାରୀ ନୀରଦ୍ କୁମାର୍ ମଲ୍ଲିକଙ୍କ ନେତୃତ୍ୱରେ ଏସ୍ ଆଇ ବଳରାମ ମହାରଣା ଏବଂ ଏଏସ୍ଆଇ ସାଲ୍ ଖାନ ହେମ୍ବ୍ରମ୍, ଓ ଟିମ୍ ଶୁକ୍ରବାର ପ୍ରାୟ ରାତ୍ର ୧୦ ଘଟିକା ସମୟରେ ଚଢେଇଭାଳ ରାସ୍ତାରେ ପେଟ୍ରୋଲିଂ କରୁଥିବା ସମୟରେ କାଠ ଗୋଣ୍ଡି ଭର୍ତ୍ତି ଗୋଟିଏ ୧୬ଚକିଆ ଟ୍ରକ ଜବତ କରିଥିବା ବେଳେ ଆଉ ଗୋଟିଏ କାଠ ଗୋଣ୍ଡୀ ଭର୍ତ୍ତି ଦଶ ଚକିଆ ଟ୍ରକ୍ ଜବତ୍ କରିଥିଲେ । ଉଭୟ ଟ୍ରକ୍ ଚାଳକ ଦୁଇଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି ।

## ///////////////////// ଓଲାଶୁଣୀ ପାହାଡ଼ ବୁଲି ଦେଖିଲେ ବିଧାୟକ /////////////////////

# ବିଭିନ୍ନ ସମସ୍ୟା ଓ ଉନ୍ନତିକରଣ ନେଇ କଲେ ଆଲୋଚନା



ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତରେ ଅବସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଲାଶୁଣୀ ପୀଠର ମହାନ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଚଳିତ ମାସ ୨୫ ତାରିଖ ଦିନ ପଡୁଥିବାରୁ ଏଥିପୂର୍ବରୁ ବଡ଼ଚଣା ବିଧାୟକ ଅମର କୁମାର ନାୟକ ପ୍ରଶାସନିକ ଅଧିକାରୀ ମାନଙ୍କୁ ସାଙ୍ଗରେ ନେଇ ପାହାଡ଼ର ଚତୁପାର୍ଶ୍ୱ ବୁଲି ଦେଖିଛନ୍ତି । ପାହାଡ଼ର ପୂର୍ବପଟର ପାଦଦେଶରେ ମା'ଓଲାଶୁଣୀ ଦଣ୍ଡାୟମାନ । ପୂର୍ବପଟ କିପରି ଉନ୍ନତିକରଣ ହୋଇପାରିବ ସେଥିନେଇ ସ୍ଥାନୀୟ ପଞ୍ଚାୟତବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଶ୍ରୀ ନାୟକ ମା'ଙ୍କ ନିକଟରେ ମେଳା ସମୟରେ ହଜାର ହଜାର ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସେଠାରେ ଭୋଜନ ମଣ୍ଡପ, କମ୍ୟୁନାଲ ଶୌଚାଳୟ, ମା'ଙ୍କ ନିକଟରୁ ତଳ ରାସ୍ତାଟି କିପରି ପଶ୍ଚିମ ପଟ ମୁଖ୍ୟ ରାସ୍ତାରେ ସଂଯୋଗ ହେବ ତାହାର ଉନ୍ନତିକରଣ, ପୁଷ୍କରଣୀ ନିର୍ମାଣ ଓ ତାହାର ସୌନ୍ଦର୍ଯ୍ୟକରଣ ଏବଂ ମା'ଙ୍କ ପ୍ରବେଶ ପଥରେ ଖୁବ ଶୀଘ୍ର ଏକ ତୋରଣ ଗେଟ କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି । ପରେ ପାହାଡ଼ର ମଧ୍ୟ ଭାଗରେ ଥିବା ପର୍ଯ୍ୟଟନ ଡାକବଙ୍ଗଳା ନିକଟକୁ ଯାଇ ସେଠାରେ ନିର୍ମାଣାଧିନ ପାନୀୟ ଜଳ ବୋରିଂ ଦେଖିବା ସହ ପାହାଡ଼ର ଶୀର୍ଷଦେଶକୁ କିପରି ମେଳା ପୂର୍ବରୁ ପାନୀୟ ଜଳ ଯୋଗାଇଦିଆଯିବ ସେଥିନେଇ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାହାଡ଼ର ଶୀର୍ଷଦେଶରେ ସନ୍ଥ ଅରକ୍ଷିତ ଦାସଙ୍କର ସମାଧି ମନ୍ଦିରରେ ପହଞ୍ଚି ଆର୍ଶିବାଦ ନେବା ପରେ ପୀଠ ପୀଠାଧିସ ମହନ୍ତ ଡ଼ଃ.ନାମାନନ୍ଦ ଦାସ ବିଧାୟକଙ୍କୁ ପୀଠ ଚାରିପଟ ବୁଲାଇ ବିଭିନ୍ନ ସମସ୍ୟା ସମ୍ପର୍କିତ ଦୃଷ୍ଟି ଆକର୍ଷଣ କରିଥିଲେ । ସେଠାରେ ଥିବା ଇକୋଟୁରିଜିମ୍ ଉନ୍ନତିକରଣ, ମେଳା ପଡ଼ିଆରେ ଟ୍ରାଫିକ ନିୟନ୍ତ୍ରଣ ଏବଂ ପାହାଡ଼ର ଶୀର୍ଷଦେଶରୁ ମେଳା ପଡ଼ିଆକୁ ପାନୀୟ ଜଳ ଯୋଗାଇବା ପାଇଁ ଉପସ୍ଥିତ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ସହ ଆଲୋଚନା ପରେ ଶ୍ରୀ ସାମଲ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଓ ବଡ଼ଚଣା ବିଡ଼ିଓଙ୍କୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକଙ୍କୁ କହିଛନ୍ତି ।

# ବୁଲା ବିକାଳିଙ୍କ କବ୍‌ଜାରେ ଗ୍ରାମାଞ୍ଚଳ



ଖଇରପୁଟ (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ, ଖଇରପୁଟ, ମାଥିଲି ଅଞ୍ଚଳରେ ବୁଲା ବିକାଳିଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି । କମ୍ବଳ ଠୁ ଆରମ୍ଭ କରି ଚେୟାର, ଟେବୁଲ, କୁରକୁରେ ବ୍ୟବସାୟ ଏମାନଙ୍କ କବଜାରେ । ବିଭିନ୍ନ ରାଜ୍ୟରୁ ଆସି ଦଳ ଦଳ ହୋଇ ଘର ଭଡା ନେଇ ରହି ମୋଟରସାଇକେଲ ଯୋଗେ ଗାଁ ଗାଁ ବୁଲି ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି । କିନ୍ତୁ ଏହି ବେପାରୀଙ୍କ ଠିକଣା ସମ୍ପର୍କରେ ପ୍ରଶାସନ ପାଖରେ କୌଣସି ତଥ୍ୟ ନାହିଁ । ସବୁଠୁ ବଡ଼କଥା ଏହି ବୁଲା ବିକାଳି ବ୍ୟବହାର କରୁଥିବା ମୋଟର ସାଇକେଲ ଗୁଡିକ ନମ୍ବର ବିହୀନ, ଭଙ୍ଗା ଦଦରା ହୋଇଥିବା ସତ୍ତ୍ୱେ ସେଥିରେ ଆବଶ୍ୟକ ଠାରୁ ଅଧିକ ଜିନିଷ ଲଦି ଅସୁରକ୍ଷିତ ଭାବେ ଚାରିଆଡେ ଘୁରି ବୁଲୁଥିବା ବେଳେ ପ୍ରତ୍ୟକ ଦିନ ସ୍ଥାନୀୟ ଲୋକଙ୍କ ଗାଡି ଯାଞ୍ଚ କରୁଥିବା ଆରଟିଓ, ଏମଭିଆଇ କିମ୍ବା ପୋଲିସର କିପରି ନଜର ପଡୁନାହିଁ ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟିକରୁଛି । ଏମାନଙ୍କ ଭାଷା ଏବଂ ଚାଲି ଚଳଣିରୁ ଏମାନେ ବାଙ୍ଗଲାଦେଶୀ ବୋଲି ଅନୁମାନ କରାଯାଉଛି । ଯେହେତୁ ଏମାନଙ୍କ ପରିଚୟ ଓ ଚାଲିଚଳନ ସନ୍ଦେହ ଜନକ, ଉଚିତ ସମୟ ମଧ୍ୟରେ ଏମାନଙ୍କୁ ଚିହ୍ନଟ କରାଯାଇ ତାଙ୍କ ଦେଶ କୁ କିମ୍ବା ରାଜ୍ୟ କୁ ବିସ୍ଥାପିତ କରା ନଯାଏ ତେବେ ଏ ଅଞ୍ଚଳରେ ଚୋରି, ଡକାୟତି, ଅପହରଣ ଭଳି ଅପରାଧ ବଢ଼ିବାର ଆଶଙ୍କା ଜନସାଧାରଣ କଲେଣି । ଏଦିଗରେ ତଦନ୍ତ କରି ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି ।



# ଆମ କଳାହାଣ୍ଡି







## ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ବୁଢ଼ାରଜା ମଞ୍ଚ

କେସିଙ୍ଗା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲାର ଲୋକ ସଂସ୍କୃତି ଓ ଆଦ୍ୟକଳାର ପ୍ରତିବିମ୍ବ ତଥା ଜିଲ୍ଲାର ବିଲୁପ୍ତ ହୋଇଯାଉଥିବା କଳା ସଂସ୍କୃତିକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟ ନେଇ ପାଳନ ହେଉଛି ୨୭ ତମ କଳାହାଣ୍ଡି ଉତ୍ସବ ଘୁମୁରା। ଇତି ମଧ୍ୟରେ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ବିଦ୍ୟାପୀଠ ଖେଳ ପଡିଆ ପରିସରରେ ନିର୍ମିତ ବୁଢ଼ାରଜା ମଞ୍ଚରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ ଘଣ୍ଟାରୁ ଆରମ୍ଭ ହୋଇଥିବା ଉକ୍ତ ଉତ୍ସବଟି ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କେସିଙ୍ଗାର ଅଧିଷ୍ଠାତ୍ରୀ ମା ବୁଢ଼ା ଡଙ୍ଗର ମନ୍ଦିରରୁ ଏକ ବିଶାଳ ମଶାଲ ଶୋଭାଯାତ୍ରାରେ ଘୁମୁରା, ଆଦିବାସୀ ନୃତ୍ୟ, ସମ୍ବଲପୁରୀ ବାଦ୍ୟ ସହିତ ସହର ପରିକ୍ରମା କରି ବୁଢ଼ାରଜା ମଞ୍ଚରେ ମଶାଲ ସ୍ଥାପନ କରି ଉଦ୍ଘାଟନ ହୋଇଥିଲା ବୁଢ଼ାରଜା ମଞ୍ଚରେ ଉତ୍ସବ। ସକାଳ ୧୦ଟାରେ ଅନୁଷ୍ଠିତ ହୋଇଥିଲା ଅଞ୍ଚଳର ଲୁକ୍କାୟିତ ପ୍ରତିଭା ମାନଙ୍କର ଖୋଜ। ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ ରହିଥିଲା ଲୋକନୃତ୍ୟ, ଲୋକଗୀତ, ଝୋଟି, ଶଙ୍ଖଫୁଙ୍କା, ହୁଳୁହୁଳି, କବିତା ପାଠୋତ୍ସବ, ଭଲିବଲ ଓ ବ୍ୟାଡମିଣ୍ଟନ ଭଳି ପ୍ରତିଯୋଗିତା। ଶେଷରେ ସନ୍ଧ୍ୟା ୬ ଘଣ୍ଟା ସମୟରେ ନଗରପାଳ ନୃପରାଜ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ସାରସ୍ୱତ ସମାରୋହ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଭୂପେନ୍ଦ୍ର ସିଂ, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୀନ୍ଦ୍ର ହୋନନାଗା ଏବଂ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି। ଶେଷ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ସରକାରୀ ବେସରକାରୀ ଶିକ୍ଷା ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ପରିବେଷିତ ନାଚ ଗୀତରେ ବୁଢ଼ାରଜା ମଞ୍ଚ ଦୁଲୁକିବା ସହିତ ଜନସାଧାରଣଙ୍କୁ ପ୍ରବଳ ଶୀତ ସତ୍ତ୍ୱେ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ବାନ୍ଧିକି ରଖିଥିଲା। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ କେସିଙ୍ଗା ଉପ ନଗରପାଳ ସରସ୍ୱତୀ ସାହା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ ଚାନ୍ଦ, ମୋହନ ସାହୁ, ଶ୍ରୀନିବାସ ପଟ୍ଟନାୟକ, ନାରାୟଣ ମହାରଣା, ଆକୁଳ ନାଏକ, ନୃସିଂହ ବେହେରା, ଗଦାଧର ସିଂଦେଓ, କାଉନସିଲର ରମାକାନ୍ତ ଜେନା, ରୋହିତ ଜୈନ, ଶମ୍ଭୁ ବଗର୍ତ୍ତି ଓ ଅନ୍ୟ ସମସ୍ତ କାଉସିଲାର।




# ଜାତୀୟ ମତଦାତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ୧୫ ତମ ଜାତୀୟ ମତଦାତା ଦିବସକୁ ଉତ୍ତମ ରୂପେ ପାଳନ କରିବା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ, କଳାହାଣ୍ଡି ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଗତ ୨୦୧୧ ମସିହାଠାରୁ ପ୍ରତି ବର୍ଷ ଜାନୁୟାରୀ ୨୫ ତାରିଖ ( ନିର୍ବାଚନ କମିଶନ ପ୍ରତିଷ୍ଠା ଦିବସ)କୁ ଜାତୀୟ ମତଦାତା ଦିବସ ରୂପେ ପାଳନ କରିବା ପାଇଁ ଭାରତର ନିର୍ବାଚନ କମିଶନ ସ୍ଥିର କରିଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାମ ପଞ୍ଜିକରଣ ବୃଦ୍ଧି କରିବା ଏବଂ ସାବାଳକ ମତଦାନ ଅଧିକାରକୁ ଏହି ଉତ୍ସବ ମାଧ୍ୟମରେ ବାସ୍ତବ ରୂପରେଖ ଦେବା ସହିତ ଭାରତୀୟ ଗଣତନ୍ତ୍ରର ଗୁଣାତ୍ମକ ମାନ ବୃଦ୍ଧି କରିବା । ଏହି ଦିବସ ମାଧ୍ୟମରେ ଗଣତନ୍ତ୍ର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ମତଦାତା ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ତା. ୨୫ ଜାନୁୟାରୀ ୨୦୨୫ କୁ ୧୫ ତମ ଜାତୀୟ ମତଦାତା ଦିବସ ରୂପେ ଜିଲ୍ଲା ସମେତ ଉପଖଣ୍ଡ ମହକୁମା ଏବଂ ମତଦାନ କେନ୍ଦ୍ରରେ ପାଳନ କରାଯିବ । ଏହି ପରିପେକ୍ଷୀରେ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ତା. ୨୫.୦୧.୨୦୨୫ ରିଖ ସକାଳ ୮ଟା ରୁ ୯ଟା ମଧ୍ୟରେ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। । ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବକ୍ତୃତା, ରଚନା ଓ ଚିତ୍ରକଳା ପ୍ରତିଯୋଗିତା ତା.୨୦.୦୧.୨୦୨୫ ଏବଂ ତା. ୨୧.୦୧.୨୦୨୫ ରିଖରେ ଅନୁଷ୍ଠିତ ହେବ । ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ତା. ୨୫.୦୧.୨୦୨୫ ରିଖ ଦିନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ । ଜାତୀୟ ଭୋଟର ଦିବସ ୨୦୨୫ର ଥିମ ହେଉଛି "ମତଦାନର ନାହିଁ ବିକଳ୍ପ, ଭୋଟ ମୁଁ ନିଶ୍ଚୟ ଦେବି କଲି ସଂକଳ୍ପ" । ଜାତୀୟ ଭୋଟର ଦିବସ ୨୦୨୫ କାର୍ଯ୍ୟକ୍ରମକୁ ଉପଖଣ୍ଡ ଓ ଜିଲ୍ଲା ସ୍ତରରେ ସୂଚାରୁ ରୂପେ ଆୟୋଜନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଉପଜିଲ୍ଲାପାଳ ଭବନୀପାଟଣା ପ୍ରଭାତ କୁମାର ପରିଡା, ଉପଜିଲ୍ଲାପାଳ ଧର୍ମଗଡ଼ ଧିମାନ ଚାକମା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସହକାରୀ ଜିଲ୍ଲାପାଳ ନିର୍ବାଚନ ଶାଖା ସୁଶାନ୍ତ ନାଏକ, ଭାରତୀୟ ଜାତୀୟ କଂଗ୍ରେସ ଦଳର ଜିଲ୍ଲା ଉପସଭାପତି ଉଚ୍ଛବ ସାହୁ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ବିଜୁ ଜନତା ଦଳର ଜିଲ୍ଲା ଯୁବ ସମ୍ପାଦକ ସେନାପତି ନାଏକଙ୍କ ସମେତ ଆମ ଆଦମୀ ପାର୍ଟି ଓ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।



# ହାତୀ ଉପଦ୍ରବରେ ଫସଲ ନଷ୍ଟ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧିନସ୍ଥ ସୌରାପଦର ଗ୍ରାମରେ ହାତୀ ଉପଦ୍ରବ ଯୋଗୁଁ ବହୁ ଚାଷୀଙ୍କ ଚାଷ ନଷ୍ଟ ହୋଇଥିବାର ଅଭିଯୋଗ ହୋଇଛି। ୪୪ଟିକିଆ ହାତୀପଲ ଦୀର୍ଘ ୬ ମାସ ଧରି ଏହି ଅଞ୍ଚଳରେ ରହୁ ଥିବାରୁ ଚାଷୀଙ୍କ ବହୁ ଚାଷ ନଷ୍ଟ କରୁଥିବା ନେଇ ଚାଷୀମାନେ ବନ ବିଭାଗରେ ଅଭିଯୋଗ କରିଛନ୍ତି। ସୌରାପଦର ଗ୍ରାମର ୭୦ ପ୍ରତିଶତ ଲୋକଙ୍କ ହାରାହାରି ୧୦୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ କାନ୍ଦୁଲ ଖାଇ ନଷ୍ଟ କରିଛନ୍ତି। ସେହି ଗ୍ରାମର ଇନ୍ଦ୍ର ସାଙ୍କ ୩୦ଟି ଆମ୍ବ ଗଛ, ୧୫ଟି ତାର ବାଡା, ଦୁଇ ଟି ବୋର ଓ୍ୱେଲ ଭାଙ୍ଗି ନଷ୍ଟ କରି ଦେଇଛନ୍ତି। ସେହିପରି ଅକ୍ରୁର ହାତଙ୍କ ୩୦ଟି ଆମ୍ବ ଗଛ, ପ୍ରସାଦି ରଣାଙ୍କ କଦଳୀ, ଆଖୁ, କାନ୍ଦୁଲ ନଷ୍ଟ କରିଦେଇଛନ୍ତି। ଉକ୍ତ ଗ୍ରାମ ଭିତରକୁ ହାତୀ ପଲ ଆସି କଦଳୀ ଗଛ, ଆଖୁ, କାନ୍ଦୁଲ ପନିପରିବା ଇତ୍ୟାଦି ଚାଷ ନଷ୍ଟ କରି ଦେଇଛନ୍ତି। ଦୀର୍ଘ ୬ମାସ ହେଲା ଏହି ଗ୍ରାମରେ ରାତ୍ରିରେ ବିଦ୍ୟୁତ କାଟ କରାଯାଉଛି। ଯାହାଫଳରେ ଗ୍ରାମବାସୀ ଅନ୍ଧାରରେ ଦିନ କାଟୁଛନ୍ତି। ହାତୀପଲ ଏହି ଅଞ୍ଚଳରେ ରହୁଥିବାରୁ ବାଲସି, ପରଲସିଙ୍ଗା, ସିରୋଲ, ପୋଢ଼ଖମ୍ବ, ରେଙ୍ଗାଲି, ମଶାଣିବନ୍ଧ, ଆଦି ଗ୍ରାମରେ ସନ୍ଧ୍ୟା ୭ଟାରୁ ବିଦ୍ୟୁତ କାଟ କରାଯାଉଛି। ଫଳରେ ଲୋକେ ଅନ୍ଧାରରେ ଦିନ କାଟୁଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ବନ ବିଭାଗର ଫରେଷ୍ଟର ଯଶୋବନ୍ତ ନାଏକଙ୍କୁ ପଚାରିବାରୁ ଗତକାଲି ସୌରାପଦର ଗ୍ରାମକୁ ଯାଇ ବାଣ ଫୁଟାଇ ହାତୀ ଘଉଡ଼ାଇ ଥିଲୁ। ବଜ୍ରଗଡ଼ ଜଙ୍ଗଲରେ ହାତୀ ରହୁଥିବାରୁ ଅନ୍ୟ ଅଞ୍ଚଳକୁ ହାତୀ ଯାଉନାହାଁନ୍ତି। ଯାହା ଫଳରେ ଏ ଅଞ୍ଚଳରେ ହାତୀ ଉପଦ୍ରବ ହେଉଛି। ତେଣୁ ଚାଷୀଙ୍କ କ୍ଷୟକ୍ଷତି ଦିଆଯିବ ବୋଲି ପ୍ରକାଶ କରିଥିଲ।



# ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଲି ଓ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏହି ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ଡ.ତ୍ରିଲୋଚନ ଜେନା ସଭାପତିତ୍ୱ କରି ସଂପ୍ରତି ପ୍ରବାସୀ ଭାରତୀୟଙ୍କ ନିଜ ଦେଶର ଉନ୍ନତିରେ କିପରି ଭୂମିକା ରହିଛି ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଧୀରେଶ ଚନ୍ଦ୍ର ନନ୍ଦ ଏହି ଦିବସ ପାଳନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିବାବେଳେ କାର୍ଯ୍ୟକ୍ରମର ସଂଯୋଜିକା ଡ.ରାଧାରାଣୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ନୋଡାଲ ଅଧିକାରୀ ଡ. ସୁରେଶ୍ୱରୀ ବାଘ ଏହି ଦିବସ ପାଳନର ବିଭିନ୍ନ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ଉପସ୍ଥିତ ରହି ସୁଚାରୁ ରୂପେ କାର୍ଯ୍ୟକ୍ରମ ପରିଚାଳନା କରି ଥିଲେ।



## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ

# କଳା ମାଧ୍ୟମରେ ଶାନ୍ତି ମୈତ୍ରୀ ଓ ଭାଇଚାରାର ସମ୍ପର୍କ ଯୋଡୁଛି ଗୁଡ଼ହାଣ୍ଡି ମଞ୍ଚ



କୋକସରା, (ଭାସ୍କର ନ୍ୟୁଜ୍ ) : ଗୁଡ଼ହାଣ୍ଡି ମଞ୍ଚ ହେଉଛି ଶାନ୍ତି ମୈତ୍ରୀ ଓ ଭାଇଚାରାର ମଞ୍ଚ ଭାବରେ ପ୍ରତିପାଦିତ କରି ପାରିଛି, ଏହି ମଞ୍ଚରୁ ଅନେକ କଳାକାର ପ୍ରସ୍ଫୁଟିତ ହୋଇ ଦେଶ ବିଦେଶର ମଞ୍ଚକୁ ଯାଇପାରିଛନ୍ତି ବୋଲି କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ଉଦ୍‌ଯାପିତ ସନ୍ଧ୍ୟାରେ ଏହି ମତପ୍ରକାଶ ପାଇଛି। କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଖରିଆର ବିଧାୟକ ଅଧୀରାଜ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦୁ ସିଂଦେଓ, ବିଡ଼ିଓ ଡ଼ ହିମାଚଳ ମାଝୀ, କୋକସରା ଥାନାଧିକାରୀଣୀ ସ୍ନିଗ୍ଧାରାଣୀ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ସମ୍ବର୍ଦ୍ଧନା କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାର ଷ୍ଟାର ନାଇଟରେ ଅମର ଦାସ ଓ ଅର୍ଚ୍ଚନା ପାଢ଼ୀଙ୍କ ଗୀତରେ ଦର୍ଶକ ବିଭୋର ହୋଇଥିବାବେଳେ ରାଜ୍ୟ ତଥା ସ୍ଥାନୀୟ ଅଞ୍ଚଳର ଅନେକ ଲୋକକଳା ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ପଙ୍କଜମୁଖ ଚୌଧୁରୀ, କ୍ଷୀରସିନ୍ଧୁ ବାଣୁଆ, କୋକସରା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ, ସଞ୍ଜିବ କୁମାର ପାଢ଼ୀ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ। କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ କମିଟି, ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଲୋକେ ବିଶେଷ ସହଯୋଗ କରିଥିଲେ। ପୋଲିସ ପ୍ରଶାସନ, ଏନସିସି ଛାତ୍ରମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାକୁ ବିଶେଷ ଦୃଷ୍ଟି ଦେଇଥିଲେ।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ରେ ପଲମ ଦଳ ବିଜୟୀ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଯୋଗିପଲା ଗ୍ରାମର ଶୀତ କାଳିନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଯୋଗିପଲା ଖେଳ ପଡିଆରେ ଠାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ଫାଇନାଲ ମ୍ୟାଚରେ ପଲମ ଦଳ ବାଲିଗୁଡା ଦଳ ମଧ୍ୟରେ ହୋଇଥିବା ମ୍ୟାଚରେ ପ୍ରଥମେ ବାଲିଗୁଡା ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୧୦ ଓଭରରେ ୧୦ ଓ୍ୱିକେଟ ବିନିମୟରେ ୭୨ ରନ ସଂଗ୍ରହ କରିଥିଲେ । ଏହାକୁ ପିଛା କରି ପଲମ ଦଳ ୮ ଓଭର ୪ ଓ୍ୱିକେଟ ବିନିମୟରେ ୭୩ ରନ ସଂଗ୍ରହ କରି ପଲମ ଦଳ ବିଜୟ ଲାଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେରେ ମୁଖ୍ୟ ଅତିଥି ଭାବରେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଯୋଗଦେଇ ଥିବା ବେଳେ ସେହିପରି ଅନ୍ୟ ଅତିଥି ମାନେ ଖ ଜୋନ ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସୁରେଶ ଚୌଧୁରୀ, ରେଗାଡ ସରପଞ୍ଚ ଦିପ୍ତୀରାଣୀ ସାହୁ ଓ ଯୋଗିପଲା ଗ୍ରାମର ଭଦ୍ର ବ୍ୟକ୍ତି ମାନେ ମଞ୍ଚାସିନ ରହି ଖେଳ ଓ ଖେଳାଳିଙ୍କୁ ଭାଇଚାରା ରଖି ଖେଳିଲେ ଉତ୍ତମ ପରିଚୟ ସୃଷ୍ଟି ହୁଏ ବୋଲି ମତ ବ୍ୟକ୍ତ କରିଥିଲେ ଓ ଆଲୋକ ଦୀପ ଓ ବୀରକିଶୋର ବାଗ ଖେଳ ପରିଚାଳନା କରୁଥିବା ବେଳେ ଏଥିରେ ଲୋକେଶ ଗହୀର, ଅମନ ଦୀପ, ଡୋଲାମଣି ଚୌଧୁରୀ, ଶାନ୍ତନାଲ ଦୀପ, ଭୁପିନ ଭୋଇ, ଉତ୍ତମ ରଣା, କ୍ଷିତୀଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।




# ଅଯୋଗ୍ୟ ସାବ୍ୟସ୍ତ ହେଲେ ସରପଞ୍ଚ

ଲାଞ୍ଜିଗଡ଼, (ଭାସ୍କରନ୍ୟୁଜ) : ଲେଖାପଢା ନଜାଣିବା କାଳ ହେଲା, ଏଥିଯୋଗୁଁ ଜଣେ ସରପଞ୍ଚଙ୍କୁ ନିଜର ପଦବୀ ହରାଇବାକୁ ପଡିଛି। ଏଭଳି ଏକ ଘଟଣା ଏବେ କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଗତ କିଛି ମାସ ହେଲା ଜିଲ୍ଲାର ବିଭିନ୍ନ ବ୍ଲକ ଓ ପଂଚାୟତରେ ଅନାସ୍ଥା ପ୍ରସ୍ତାବକୁ ନେଇ ଚର୍ଚ୍ଚା ଓ ଆଲୋଚନା ଥମି ନଥିବାବେଳେ ଏବେ ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମାଝୀ ଲେଖାପଢା ଜାଣିନଥିବାରୁ ନିଜର ପଦବୀ ହରାଇଛନ୍ତି। ସୂଚନା ଅନୁସାରେ ଗତ ୨୦୨୨ରେ ସରପଞ୍ଚ ନିର୍ବାଚନରେ ତ୍ରିଲୋଚନପୁର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ ଲକ୍ଷ୍ମୀ। ତେବେ ସେ ନିରକ୍ଷର ଥିବା ନେଇ ଅଦାଲତର ଦ୍ୱାରସ୍ତ ହୋଇଥିଲେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସୋନାଲୀ ମାଝୀ। ବେଲାଙ୍ଗବୁନ୍ଦେଲ ଗାଁର ସୋନାଲୀ ଭବାନୀପାଟଣା ସ୍ଥିତ ଦେୱାନୀ ଓ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ତ ହେବା ସହ ସରପଞ୍ଚ ଶ୍ରୀମତୀ ମାଝୀ ଓଡ଼ିଆ ଲେଖି, ପଢି ଜାଣିନଥିବା ସେ ନିଜ ଆବେଦନରେ ଦର୍ଶାଇଥିଲେ। ଏହି ମାମଲାର ବିଚାର କରି ଅଦାଲତ ତାଙ୍କୁ ଅଯୋଗ୍ୟ ଘୋଷିତ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ କଳାହାଣ୍ଡି ଜିଲାପାଳ ଏନେଇ ଚିଠି ଜାରି କରିବା ସହିତ ଲାଞ୍ଜିଗଡ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସରପଞ୍ଚ ଶ୍ରୀମତୀ ମାଝୀ ନିଜର ପଦବୀ ହରାଇଛନ୍ତି। ଏହା ସହିତ ଅଭିଯୋଗକାରୀ ସୋନାଲୀ ମାଝୀଙ୍କୁ ନିକଟତମ ପ୍ରାର୍ଥୀ ଦର୍ଶାଇ ତାଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରିବାକୁ ନୋଟିସ ଜାରି କରାଯାଇଛି। ଫଳରେ ସୋନାଲି ମାଝୀଙ୍କୁ ବିଧିବଦ୍ଧ ଭାବେ ତ୍ରିଲୋଚନପୁର ସରପଞ୍ଚ ଘୋଷଣା କରାଯାଇଛି।



# ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଶିବାଜୀ ଷ୍ଟାଡିୟମରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମରା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ମା ଠାକୁରାଣୀ ମନ୍ଦିରଠାରୁ ମଶାଲ ଯାତ୍ରା ବାହାରି ଶିବାଜୀ ଷ୍ଟାଡିୟମରେ ପହଞ୍ଚିଥିଲା । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ରସିଂ ଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ବୃହସ୍ପତି ସାହୁ, ସୁରଥ ସାହୁ, ଗଉନ୍ତିଆ ସୁବାଷ ରାଉତ, ଝାଙ୍କର ମୋତିରାମ ମାଝୀ, ଯୁବନେତା ସାଉଲ ମଙ୍ଗରାଜ, ପ୍ରିୟବ୍ରତ ସିପକା, ବରିଷ୍ଠ ସାମ୍ବାଦିକ ସୁଧୀର ସାହୁ, ଦାମୋଦର ଦାଶ, ରାମକୁମାର ସେନାପତି, ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଗୋଲାମୁଣ୍ଡା ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବର ଅଧ୍ୟକ୍ଷ ତଥା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ ନାୟକ ପ୍ରମୁଖ ସ୍ୱାଗତଂ ଭାଷଣ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ କମ୍ବୁପାଣି ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ।



# ରାଶିଫଳ

ରବିବାର, ୧୨ ଜାନୁଆରୀ ୨୦୨୫



**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ଦୀର୍ଘ ସମୟ ମଧ୍ୟରେ, କାର୍ଯ୍ୟ ସହିତ ଯାତ୍ରା ଲାଭଦାୟକ ହେବ।



**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ। ମନ୍ଦିରରେ ଘିଅ ଦୀପ ଜାଳନ୍ତୁ, ପତି-ପତ୍ନୀଙ୍କ ସମ୍ପର୍କ ମଜବୁତ ହେବ।



**ମିଥୁନ:** ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ। ଘରେ କୌଣସି ପରିବର୍ତ୍ତନ କରିବା ପୂର୍ବରୁ,ଆପଣଙ୍କର ବରିଷ୍ଠମାନଙ୍କ ମତାମତ ନିଅନ୍ତୁ, ନଚେତ୍ ସେମାନେ ଆପଣଙ୍କ ଉପରେ ଅସନ୍ତୁଷ୍ଟ ଏବଂ କ୍ରୋଧିତ ହୋଇପାରନ୍ତି।



**କର୍କଟ:** ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ। ବୈବାହିକ ଜୀବନରେ ସ୍ନେହ ଅନୁଭବ କରିବେ। ଗାଡି ଚଳାଇବା ସମୟରେ ଆପଣ ସାବଧାନ ହେବା ଆବଶ୍ୟକ। ମା ଦୁର୍ଗାଙ୍କୁ ମିଶ୍ରି ଭୋଗ ଅର୍ପଣ କରନ୍ତୁ, ଆପଣଙ୍କର ଆର୍ଥିକ ଅବସ୍ଥା ଭଲ ହେବ।



**ସିଂହ:** ଘରର ପରିବେଶ ସୁଖଦ ହେବ । ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ । ବ୍ୟବସାୟ ସହିତ ଆପଣଙ୍କୁ ଭ୍ରମଣ କରିବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ରହିବ। ମନ୍ଦିରରେ କର୍ପୁର ଆଳତି ଲାଗି କରନ୍ତୁ, ବ୍ୟବସାୟରେ ଲାଭ ହେବ ।



**କନ୍ୟା:** ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ। ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ । ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ। ଗଣେଶ ଭଗବାନଙ୍କୁ ଲଡୁ ଭୋଗ ପ୍ରଦାନ କରନ୍ତୁ, ଆପଣ ଲାଭର ସୁଯୋଗ ପାଇବେ।



**ତୁଳା:** ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ। ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ।



**ବିଛା:** ଆଜି ଆପଣ ଚାପରୁ ମୁକ୍ତି ପାଇପାରିବେ। ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ପ୍ରେମ-ସମ୍ପର୍କ ଦୃଢହୋଇପାରେ। ଛାତ୍ରମାନେ ସେମାନଙ୍କ ଅଧ୍ୟୟନରେ ଆଗ୍ରହ ବଢାଇ ପାରିବେ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ। ଅଳସୁଆ ଏବଂ ନିରୁତ୍ସାହିତ ମନୋଭାବ ହେତୁ ଆପଣ ଅଫିସରେ ବିବାଦର କେନ୍ଦ୍ର ହେବେ । ଯଦି ଆପଣ ସପିଂ କରିବାକୁ ଯାଆନ୍ତି, ଅତ୍ୟଧିକ ପକେଟ ଖୋଲିବାକୁ ଏଡ଼ାନ୍ତୁ।



**ମକର:** ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ । ଅନେକ ଲୋକଙ୍କ ପାଇଁ ଆଜିର ରୋମାଣ୍ଟିକ୍ ସନ୍ଧ୍ୟା ସୁନ୍ଦର ଉପହାର ଏବଂ ଫୁଲରେ ପରିପୂର୍ଣ୍ଣ ହେବ।



**କୁମ୍ଭ:** ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ । ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ। ପରିବାର ସମ୍ବନ୍ଧରେ କୌଣସି ବଡ଼ ନିଷ୍ପତ୍ତି ନେବା ପୂର୍ବରୁ ଆପଣ ଜଣେ ବନ୍ଧୁଙ୍କ ସହିତ ପରାମର୍ଶ କରିପାରିବେ।



**ମୀନ:** ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ। ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ। ଆପଣଙ୍କ ଜୀବନସାଥୀ ସହିତ ଆପଣଙ୍କର ଭାବପ୍ରବଣତା ଦୁର୍ବଳ ହେବାକୁ ଲାଗିବ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କେନ୍ଦୁଝର, (ଭାସ୍କର ନ୍ୟୁଜ): ଯଯାତିକେଶରୀ ବେଜ୍, ହରେକୃଷ୍ଣ ବେଜ୍ଲ, କାଙ୍ଗାଳି ବାରିକ, ନରୋତ୍ତମ ବାରିକଙ୍କ ଆହ୍ୱାନ କ୍ରମେ କେନ୍ଦୁଝର ନରଣପୁର ଘଡ଼ଘଡ଼ି ଶିବମନ୍ଦିର ପରିସରରେ କେନ୍ଦୁଝର ଜିଲ୍ଲା ଭଣ୍ଡାରି ସମାଜର ସମସ୍ତ ଭାଇମାନଙ୍କୁ ନେଇ ଏକ ବନ୍ଧୁମିଳନ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କେନ୍ଦୁଝର ଜିଲ୍ଲାର ସବୁ ବ୍ଲକ୍‌ରୁ ଭଣ୍ଡାରୀ ସମାଜର ଭାଇ ମାନେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଇଂଜିନିୟର ପ୍ରତାପ ଚନ୍ଦ୍ର ବାରିକ ବୈଠକ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦିବଂଗତ ପୂର୍ବଜମାନଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇଂଜିନିୟର ପ୍ରତାପ ବାରିକ ଭଣ୍ଡାରି ସମାଜ ଗଠନ ଦିଗରେ ଆଲୋଚନା କରିଥିଲେ। କୈଳାଶ ଚନ୍ଦ୍ର ବାରିକ ଜିଲ୍ଲାର ଏକ କମିଟି ଗଠନ କରି ବ୍ଲକ୍ ସ୍ତରୀୟ କମିଟି ଗଠନ କରିବାକୁ ଅନୁରୋଧ କରିଥିଲେ। ପରେ କାଙ୍ଗାଳି ଚରଣ ବାରିକ ଜିଲ୍ଲାର କମିଟି ଗଠନ ପରେ ଜିଲ୍ଲାରେ ଥିବା ପ୍ରତ୍ୟେକ ଭଣ୍ଡାରି ସମାଜର ପରିବାରଙ୍କୁ ଗଣତି କରି ଏକ ତାଲିକା ପ୍ରସ୍ତୁତ କରିବା ଓ ଏହି ଜିଲ୍ଲାରେ ସେଲୁନଗୁଡ଼ିକୁ ଗଣା ଯାଇ ସେମାନେ ସରକାରଙ୍କ ସୁବିଧା କିପରି ପାଇପାରିବେ ସେଥିପାଇଁ ଏକ କମିଟି ଗଠନ କରି କଲେକ୍ଟରଙ୍କ ଜରିଆରେ ସରକାରଙ୍କୁ ଜଣାଇବା ପାଇଁ କହିଥିଲେ। ବିଶ୍ୱନାଥ ବେଜ୍ ସମାଜ ଗଠନର କେତେଗୁଡ଼ିଏ ତରିକା ଆଲୋଚନା କରିଥିଲେ। ସଭାରେ ମା’ ଜାଗୁଲାଇ ଠାକୁରଙ୍କ ବିଷୟରେ ଆଲୋଚନା କରାଯାଇଥିଲା।

## ପୂର୍ବତନ ବିଧାୟକଙ୍କ ବିଭିନ୍ନ ଧାନମଣ୍ଡି ପରିଦର୍ଶନ

ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍‌ର ବିଭିନ୍ନ ମଣ୍ଡିକୁ ଶନିବାର ଦିନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ପରିଦର୍ଶନ କରିଛନ୍ତି। ମୁରିବାହାଲ ବ୍ଲକ୍‌ର ଲେବଡ଼ା, ବାଙ୍କେଲ, ତେନ୍ତୁଲୀଖୁଣ୍ଟି ଓ ମାଲିସିରା ଧାନ ମଣ୍ଡିକୁ ପରିଦର୍ଶନ କରି ସାଲୁଜା କଟନୀ ଛଟଣି ଦେଖି କ୍ଷୋଭପ୍ରକାଶ କରିଛନ୍ତି। ମାଲିସିରା ମଣ୍ଡିରେ କ୍ୱିଣ୍ଟାଲ ପ୍ରତି ୪ ରୁ ୫ କିଲୋ କାଟୁଥିବା ଚାଷୀ ଅଭିଯୋଗ କରିଥିଲେ। ଏହି ବାବଦରେ ଉକ୍ତ ମଣ୍ଡି ସମ୍ପାଦକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେହ୍ୱ ସମ୍ପାଦକ ସାମ୍ନାକୁ ଆସି ନଥିଲେ। ଶୀଘ୍ର ଏହା ସମାଧାନ କରାଯିବ ବୋଲି ସାଲୁଜା କହିଥିଲେ। ତାଙ୍କ ସହିତ କଂଗ୍ରେସ କର୍ମୀ ବେଣୁଧର ପଶାୟତ, ଜିତେନ୍ ହାତୀ, ହରିଶ ଚନ୍ଦ୍ର ସାହୁ, ପାର୍ଥ ପ୍ରଧାନୀ, ଯଦୁ ତାଣ୍ଡି, ତେଜରାଜ ଲୁହା ଓ ଅନେକ କର୍ମୀ ଉପସ୍ଥିତ ଥିଲେ। ଯଦି ଅଞ୍ଚଳରେ କୌଣସି ମଧ୍ୟ ଧାନ ମଣ୍ଡିରେ କୌଣସି ମଧ୍ୟ ଚାଷୀଙ୍କୁ ଅସୁବିଧା ହେଲା ତେବେ ମୋତେ ସିଧାସଳଖ ଯୋଗାଯୋଗ କରନ୍ତୁ ମୁଁ ପହଞ୍ଚି ସମସ୍ୟାର ସମାଧାନ କରିବି ବୋଲି ସାଲୁଜା ପ୍ରକାଶ କରିଥିଲେ।

## ବେତନଟୀ ମହାବିଦ୍ୟାଳୟର ବାର୍ଷିକଉତ୍ସବ ପାଳିତ



ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ମହାବିଦ୍ୟାଳୟ ପକ୍ଷରୁ ଶନିବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବେତନଟୀ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ସେହିପରି ସମ୍ମାନୀୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ଅନ୍ୟ ଜଣେ ସମ୍ମାନୀୟ ଅତିଥି ଭାବେ ବେତନଟୀ କଲେଜ ପୂର୍ବତନ ଅଧ୍ୟକ୍ଷ ସଂଯୁକ୍ତା ଜୀ, ମୁଖ୍ୟ ବକ୍ତା ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ରର ମୁଖ୍ୟ ଡ. ଦୀପକ କୁମାର ବେହେରା ଯୋଗଦେଇ ନିଜନିଜର ଅଭିଭାଷଣ ରଖିଥିଲେ। ପ୍ରଥମେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯିବା ସହ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅଭିଭାଷଣ ପରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ବିଜେତା ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣୀ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଶ୍ରୀନିବାସ ଭଞ୍ଜ ମଞ୍ଚ ପରିଚାଳନା କରୁଥିବା ବେଳେ ଦେବବ୍ରତ ମହାପାତ୍ରଙ୍କ ସମେତ ସମସ୍ତ ଅଧ୍ୟପକ ଅଧ୍ୟାପିକାମାନେ ସହଯୋଗ କରିଥିଲେ। ବେତନଟୀ କଲେଜର କର୍ମଚାରୀ ଦିଲ୍ଲୀପ କୁମାର ସାହୁ, ରାଧାକୃଷ୍ଣ ପଣ୍ଡିତ, ତପନ କୁମାର ବାରିକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପରିଶେଷରେ ମହାବିଦ୍ୟାଳୟ ଅଧ୍ୟାପିକା କଳ୍ପନା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ସାଙ୍ଗ କରିଥିଲେ।

## ଇନ୍ଦ୍ରାବତୀରୁ ଭୁବନେଶ୍ୱରକୁ ଗଡ଼ିଲା ବସ



ତେନ୍ତୁଳି ଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଇନ୍ଦ୍ରାବତୀ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ତଥା ସରକାରୀ କାର୍ଯ୍ୟାଳୟ ରହିଥିବା ଅଞ୍ଚଳ। ଇନ୍ଦ୍ରାବତୀ ଠାରୁ ରାଜଧାନୀକୁ ବସ ଚଳାଚଳ କରୁଥିଲା। ଯାହାଫଳରେ ଅଞ୍ଚଳ ବାସି ଉପକୃତ ହେଉଥିଲେ। ଏହା ସହିତ ଛାତ୍ରଛାତ୍ରୀ ମାନେ ଓ ସ୍ୱାସ୍ଥ୍ୟସେବା ପାଇଁ ଅଞ୍ଚଳ ବାସି ଉପକୃତ ହୋଇପାରୁଥିଲେ। ବର୍ତ୍ତମାନ ଇନ୍ଦ୍ରାବତୀରୁ କଟକକୁ ଯାଉଥିବା ସରକାରୀ ବସ ଦୀର୍ଘ କୋଡ଼ିଏବର୍ଷ ହେବ ବନ୍ଦ ହୋଇଯାଇ ଥିଲା, ଅଞ୍ଚଳବାସୀଙ୍କ ଦାବୀକ୍ରମେ ମଝିରେ ମଝିରେ ଘରୋଇ ବସ କଟକ ତଥା ଭୁବନେଶ୍ୱରକୁ କିଛି ମାସ କିମ୍ବା କିଛି ବର୍ଷ ଚାଲିବାପରେ ବିଭିନ୍ନ ଆଳ ଦେଖେଇ ବନ୍ଦ ହୋଇଯାଇଛି। ଏଣୁ ତତ୍କାଳୀନ ବିଧାୟକଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କୁ ରାଜଧାନୀକୁ ବସ ଚଳାଚଳ ବ୍ୟବସ୍ଥା ପାଇଁ ଦାବୀ ସତ୍ତ୍ୱେ ଫଳ ମିଳିପାରୁ ନଥିଲା। ମିଳୁଥିଲା ଘରୋଇ ବସ ସେବା ଯାହାକି ସ୍ୱଳ୍ପ ସମୟ ପାଇଁ ଚାଲୁଥିଲା। କିନ୍ତୁ ଆଜିଠୁଁ ଇନ୍ଦ୍ରାବତୀ ଠାରୁ ଭୁବନେଶ୍ୱରକୁ ଓଡ଼ିଶା ରାଜ୍ୟ ପରିବହନ ନିଗମର ବସ୍ ସେବା ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଏଆରଟି ଓ ଅବିନାଶ ଭୋଳ ଓ ଆଞ୍ଚଳିକ ପରିବହନ ଅଧିକାରୀ ଜୟପୁର ସନ୍ତୋଷ କୁମାର ନାୟକଙ୍କ ଉପସ୍ଥିତିରେ ପଣ୍ଡିତ ରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ସରକାରୀ ଭଲ ବୋ ବସ ରାଜଧାନୀକୁ ଆଜିଠୁ ଆସିବାରୁ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ଜିଲ୍ଲାସ୍ତରୀୟ କର୍ମକର୍ତ୍ତାଙ୍କ ଠାରୁ ଆରମ୍ଭ କରି ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଅଞ୍ଚଳ ଗୁମ୍ମା ମଣ୍ଡଳସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାଧାରଣ ଜନତା ମଧ୍ୟ ଉପସ୍ଥିତ ଥିଲେ। ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ପୂର୍ବତନ ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି, ଧରଣୀଧର ସିଂ, ସୂର୍ଯ୍ୟ ରନ୍ଧରୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋପାଳ କୃଷ୍ଣ ଭଞ୍ଜ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ରିତେଶ ଭଞ୍ଜ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଷଷ୍ଠ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ



ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ୍ ଯଅଁରା ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମର ଇଚ୍ଛାବିହାରୀ କ୍ଷେତ୍ର ସ୍ଥିତ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରର ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଗତକାଲି ଅଙ୍କୁରୋପଣ ସହିତ ଆରମ୍ଭ ହୋଇଯାଇଛି। ରଘୁନାଥଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅର୍ତ୍ତାମୂଳ, ଖାନନଗର ଓ ପାଣିଓଳା ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ଶନିବାର ପୂର୍ବାହ୍ନରେ ପବିତ୍ର ଲୁଣାନଦୀରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳକୁ ଶୁଭ କଳସଯାତ୍ରାରେ ଶହଶହ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଆଣିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞଉତ୍ସବ ଆରମ୍ଭ ହୋଇଥିଲା। ଶନିବାର ସନ୍ଧ୍ୟାରେ ସନ୍ଥ ଦିବାକର ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞର ପୂର୍ଣ୍ଣାହୂତୀ ଆସନ୍ତା ରବିବାର ଅନୁଷ୍ଠିତ ହେବ ବୋଲି ପରିଷଦର କର୍ମକର୍ତ୍ତା ପ୍ରକାଶ କରିବା ସହ ଶନିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ଭଜନ ପରିବେଶଣ କରାଯାଇଥିଲା। ଏହି ଯଜ୍ଞରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗଦେଇ ବିଭୁକୃପା ଲାଭ କରିଛନ୍ତି।

## ଆଚ୍ଛା ସଙ୍ଗଠନ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ଚକଜଗନ୍ନାଥପୁର ଗ୍ରାମ ପଞ୍ଚାୟତ ଅଧୀନ ବାସୁବ୍ରହ୍ମପୁର, ନାଚିନ୍ତା, ମଣ୍ଡଳଶାସନ ଏବଂ ରେମୁଣା ବ୍ଲକ୍ ମହାରାଜପୁର ଗ୍ରାମପଞ୍ଚାୟତର ଗ୍ରାମବାସୀମାନଙ୍କ ଅଭିଯୋଗ ଆଧାରରେ ଆଠ ବର୍ଷ ପୂର୍ବରୁ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ନିକଟରେ ଫାଲକୋନ ମେରାଇନ ଏକ୍ସପୋର୍ଟ ଲିମିଟେଡ଼ କମ୍ପାନୀ ଆରମ୍ଭ ହୋଇଥିଲା। ଆରମ୍ଭ ହେବା ଦିନ ଠାରୁ କମ୍ପାନୀର ବାହାରୁଥିବା ଜଳକୁ ନିଷ୍କାସନ କରି ବଙ୍ଗୋପସାଗରରେ ପହଞ୍ଚାଇବା ପାଇଁ ନିକଟରେ ଥିବା ବୁଢ଼ୀ ନଦୀର ସାହାରା ନିଆଯାଇଥାଏ। ପୂର୍ବରୁ ଏହି ଜଳକୁ ବିଶୁଦ୍ଧିକରଣ କରି କମ୍ପାନୀରୁ ବାହାରକୁ ନିଷ୍କାସନ କରାଯାଉଥିଲା, ମାତ୍ର ଏବେ ବିଶୁଦ୍ଧିକରଣ ନକରି ବୁଢ଼ୀ ନଈରେ ଛାଡ଼ାଯାଉଛି; ଫଳରେ ସେହି ବୁଢ଼ୀ ନଦୀର ପାଣି ସମ୍ପୂର୍ଣ୍ଣ ରୂପେ ବିଷାକ୍ତ ହୋଇସାରିଛି। ଯାହାର ପରିଣାମ ଏହି ବୁଢ଼ୀ ନଦୀ ଉପକୂଳରେ ଥିବା ୧୫ରୁ ଅଧିକ ଗ୍ରାମବାସୀ ଭୋଗୁଛନ୍ତି। ଏହି ବୁଢ଼ୀ ନଦୀର ଜଳକୁ ପ୍ରତିଦିନ ଗାଈ ଗୋରୁ, କୁକୁର, ଛେଳି ଆଦି ନାନା ପ୍ରକାଶ ପଶୁପକ୍ଷୀ ପାନ କରି ଅସୁସ୍ଥ ହେବା ସହ ମୃତ୍ୟୁବରଣ କରୁଛନ୍ତି। ବୁଢ଼ୀନଦୀ ଉପକୂଳରେ ଥିବା ଚାଷଜମି ସବୁ ନଷ୍ଟ ହେଉଛି। ଚାଷଜମିରେ କାମ କରିବାକୁ ଯାଉଥିବା ଲୋକମାନଙ୍କର ଦେହରେ ସେହି ଜଳ ଲାଗିବା ଦ୍ୱାରା ଲୋକମାନଙ୍କର ଶରୀରରେ ଯାଦୁ, କାଛୁ, କୁଣ୍ଡିଆ ଭଳି ବିଭିନ୍ନ ସମସ୍ୟା ଦେଖାଯାଉଛି। ଅନ୍ୟପଟେ ଲୋକଙ୍କ ଅଭିଯୋଗ ଏହା କି ୨୦୧୯ ମସିହା ନଭେମ୍ବର ୧୩ ତାରିଖ ରାତ୍ରୀ ପ୍ରାୟ ୮ ଘଟିକା ସମୟରେ ସାରା ଓଡ଼ିଶାକୁ ଦୋହଲାଇ ଦେଇଥିବା ଭଳି ଖବର ଫାଲକୋନ ମେରାଇନ ଏକ୍ସପୋର୍ଟ ଲିମିଟେଡ଼ କମ୍ପାନୀ ପାଇଁ ଘଟିଲା। ଫାଲକୋନ ମେରାଇନ ଏକ୍ସପୋର୍ଟ ଲିମିଟେଡ଼ କମ୍ପାନୀର ଶତାଧିକ ମହିଳା ମାନେ ଶାସରୁଦ୍ଧ ହୋଇ ବାଲେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଲେ। ଏହାସହ କମ୍ପାନୀର ସାତ ଜଣ ଅଫିସରଙ୍କୁ ଗିରଫ କରି ପଚରାଉଚରା କରାଯିବା ପରେ କମ୍ପାନୀକୁ ସିଲ କରାଯାଇଥିଲା। ମାତ୍ର କିଛିଦିନ ପରେ ଘଟଣା ଶାନ୍ତ ହେବା ପରେ କମ୍ପାନୀକୁ କ୍ଲିନଚିଟ ଦେଇ ଖୋଲି ଦିଆଗଲା। ଏଥିରେ ସାଧାରଣ ଲୋକଙ୍କ ମନରେ ଅଫିସରମାନଙ୍କର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ପୂର୍ବରୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ପ୍ରଶାସନ ଚୁପ୍ କ’ଣ ପାଇଁ? ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ ଯଦି କମ୍ପାନୀକୁ ନେତା ମନ୍ତ୍ରୀ ଅଫିସର ମାନେ ଲାଞ୍ଚ ନେଇ କ୍ଲିନଚିଟ୍ ଦେଉଛନ୍ତି ତା’ହେଲେ ଦିଅନ୍ତୁ ମାତ୍ର ନଦୀ ଦ୍ୱାରା ଆସୁଥିବା ଜଳ କିପରି ବିଶୁଦ୍ଧ ହେଉଛି ତା’ର ଉତ୍ତର ଦେବା ସହିତ ସାଧାରଣ ଜନ ଜୀବନର ସୁରକ୍ଷା କିପରି ହେବ ସେ ବାବଦରେ ସରକାର କେବେ ପଦକ୍ଷେପ ନେବେ ଏହି ବାବଦରେ ପ୍ରଶ୍ନ କରିଛନ୍ତି। ଘଟଣାଟିରେ ବାଲେଶ୍ୱର ଜିଲ୍ଲାପାଳ ହସ୍ତକ୍ଷେପ କରି କିପରି ସାଧାରଣ ଜନଜୀବନ ସୁରକ୍ଷିତ କରିହେବ ସେ ବାବଦରେ ପଦକ୍ଷେପ ନେବା ପାଇଁ ‘ଆଚ୍ଛା’ ସଙ୍ଗଠନର ପ୍ରଦେଶ ସଭାନେତ୍ରୀ ହେମଲତା ଗିରି ନିବେଦନ କରିଛନ୍ତି।

## ୟୁ.ବି ହାଇସ୍କୁଲରେ ପିଟିଏ ବୈଠକ



ଭଞ୍ଜନଗର, (ଭାସ୍କର ନ୍ୟୁଜ): ସ୍ଥାନୀୟ ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଅଭିଯାନର ନିର୍ଦ୍ଦେଶ ଅନୁଯାୟୀ ଏକ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଆବାହକ ଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ସୁନିତା କୁମାରୀ ଦାଶଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶ୍ୟାମା ପ୍ରସାଦ ମିଶ୍ର ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଷୟ ବସ୍ତୁ ସମୂହ ସମ୍ପର୍କିତ ଆଲୋଚନା ଯଥା ଆପାର ଆଇଡି, ପରୀକ୍ଷା ପେ ଚର୍ଚ୍ଚା, ସର୍ପଦଂଶନ ସଚେତନତା, ସାଇବର ସଚେତନତା ସୃଷ୍ଟି, ବିଦ୍ୟାଳୟ କମ୍ପୋଜିଟ୍ ଅନୁଦାନ ଖର୍ଚ୍ଚ, ଗୁଣାତ୍ମକ ଶିକ୍ଷାଦାନ ପ୍ରକ୍ରିୟା, ମାଟ୍ରିକ ପରୀକ୍ଷାରେ ପାସ୍ ହାର ବୃଦ୍ଧି ଆଦି ବିଷୟରେ ଅଭିଭାବକମାନଙ୍କ ଗଠନମୂଳକ ପଦକ୍ଷେପ ଆହ୍ୱାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ସୁନୀତା କୁମାରୀ ଦାସ, ସଭ୍ୟ ରଶ୍ମିତା ଖାଡଙ୍ଗା, ସ୍ୱର୍ଣ୍ଣଲତା ସାହୁ, ଭାରତୀ ପ୍ରଧାନଙ୍କ ସମେତ ପ୍ରାୟ ୧୨୪ଜଣ ପିତାମାତାଙ୍କ ସହ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ସସ୍ମିତା ନାୟକ, ବିଳାସିନୀ ଜେନା, ସ୍ୱପ୍ନେଶ୍ୱରୀ ଦିଗାଲ, ଶଙ୍କର ପ୍ରସାଦ ପଟ୍ଟନାୟକ, ଅମିତ କୁମାର ବେହେରା, ଜ୍ୟୋସ୍ନାରାଣୀ ନାୟକ, ନମିତା କୁମାରୀ ବିଷୋୟୀ, ସନ୍ତୋଷ ବେହେରା, ସୁରେଶ ପ୍ରଧାନ, ସୁନିଲ୍ ବେହେରା, କିରଣ କହଁର, ବନିତା ସ୍ୱାଇଁ, କାଜଲ ବେହେରା, ଶୁଚିସ୍ମିତା ପ୍ରଧାନ, ଗଙ୍ଗାକଲ୍ୟାଣୀ କହଁର, ବିଭୁ ମହିମା ପ୍ରଧାନ ଏବଂ ଉପଦେଷ୍ଟା ଭାବେ ଭଞ୍ଜନଗର ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଏସ୍ ଧନଞ୍ଜୟ ଗୋଷ୍ଠୀକୁ ସମ୍ବୋଧିତ କରିବା ସହ ‘ନିଜ ନିଜର ପିଲା ହିଁ ନିଜ ଭବିଷ୍ୟତ ଓ ଏହାର ନିର୍ମାଣ ପାଇଁ ଶିକ୍ଷକ ଓ ଅଭିଭାବକ ମିଳିତ ଭାବେ କାର୍ଯ୍ୟରତ ହେବାକୁ ପଡ଼ିବ’ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିବା ସହିତ ସରକାରଙ୍କ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବା ସମସ୍ତ ସଭ୍ୟଙ୍କୁ ଆବାହକ ସାଧୁବାଦ ଜ୍ଞାପନ କରିଥିଲେ।

## ମହାନ୍ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରଦ୍ଧାଞ୍ଜଳୀ ସଭା



କାକଟପୁର, (ଭାସ୍କର ନ୍ୟୁଜ): କାକଟପୁର ବ୍ଲକ୍‌ର ପ୍ରଥମ ନିର୍ବାଚିତ ଅଧ୍ୟକ୍ଷ, ସ୍ୱାଧୀନତାର ପରବର୍ତ୍ତୀ ସମୟରେ କାକଟପୁର ବ୍ଲକ୍‌ର ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିବା, ମହାନ୍ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଅର୍ଜୁନ ଦାଶଙ୍କ ମାନସ ପ୍ରସୁତ କାକଟପୁର ବାଳିକା ନୋଡ଼ାଲ ଉଚ୍ଚବିଦ୍ୟାଳୟ ପରିସରରେ ୨୪ତମ ସ୍ମୃତି ସମାରୋହ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ପ୍ରଶାସକ, ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସ୍ମୃତି କମିଟିର ସଭାପତି ପ୍ରଭାତ କୁମାର ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କୃଷକ ନେତା ଅମିୟ କୁମାର ପଟ୍ଟନାୟକ ଯୋଗଦାନ କରିଥିଲେ। ।ସେହିପରି ମୁଖ୍ୟବକ୍ତା ଶଶଧର ପଣ୍ଡା, ବିଶିଷ୍ଟ ବକ୍ତା ଦିଲ୍ଲିପ କୁମାର ଜେନା, ସମ୍ମାନିତ ଅତିଥି ରାଜ୍ୟ ସଂସ୍କୃତି ବିଭାଗ ପ୍ରୋଗ୍ରାମିଙ୍ଗ ଅଫିସର ଡଃ ତ୍ରିଲୋଚନ ବରାଳ, ସମାଜସେବୀ ଜ୍ଞାନରଞ୍ଜନ ସାହୁ, ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ମନ୍ଦରଧର ମହାନ୍ତି, ସ୍ୱପ୍ନେଶ୍ୱର ସାହୁ, ନିରୋଧ ବରଣ ମହାନ୍ତି, ସାଧୁ ଚରଣ ବିଶ୍ୱାଳ, ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗ୍ରାମାଞ୍ଚଳରେ ନାରୀ ଶିକ୍ଷା, ସାମାଜିକ ସଂସ୍କାର, ଅସ୍ପୃଶ୍ୟତା ଦୂରୀକରଣ ଉପରେ କାର୍ଯ୍ୟ କରି କାକଟପୁର ବାସୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାରୀ କରିଥିବା କହିଥିଲେ। ୧୯୬୨ ମସିହା ରୁ ୧୯୬୭ ମସିହା ପର୍ଯ୍ୟନ୍ତ କାକଟପୁର ବ୍ଲକ୍‌ର ଅଧ୍ୟକ୍ଷ ରହି ବିଂଶଶତାବ୍ଦିର କାକଟପୁର ଗଠନର ମୂଳଦୁଆ ପକାଇଥିଲେ। ତାଙ୍କର ଉଦ୍ୟମ ବଳରେ କଣ୍ଟାପଡ଼ା ଗ୍ରାମ ପଞ୍ଚାୟତର ଗମ୍ଭୀରପଦା ଠାରେ ୧୯୬୫ ମସିହାରେ ଏକ ମଧ ଇଂରାଜୀ ବିଦ୍ୟାଳୟ, ବଲରା ଗ୍ରାମରେ ଆବାସିକ ବିଦ୍ୟାଳୟର, ପ୍ରତିଷ୍ଠା ହେବାସହ, କାକଟପୁର ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟ, ସ୍ଥାପନ କରିବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏପରିକି ତାଙ୍କ ନାମରେ ଥିବା ଜମିଟିକୁ ଏକ ସ୍ଥାୟୀ ପୋଷ୍ଟ ଅଫିସ ସ୍ଥାପନ କରିବାକୁ ଦାନ କରିଥିଲେ। ମହାନ୍ ସଂଗ୍ରାମୀଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ଉପସ୍ଥିତ କବିମାନେ ତାଙ୍କର କବିତା ମାଧ୍ୟମରେ ସ୍ୱର୍ଗତ ଦାଶଙ୍କ ସମୟର ଘଟଣାବଳୀକୁ କବିତାର ସୁଲଳିତ ସ୍ୱରରେ ରୂପ ଦେଇଥିଲେ। ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସ୍ମୃତି କମିଟି ଦ୍ୱାରା ଅଧିକ ନମ୍ବର ଧାରି ଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଆର୍ଥିକ ରାଶି ପ୍ରଦାନ କରାଯିବା ସହ ଅଂଶଗ୍ରହଣ କରିଥିବା କବିମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଗଣତନ୍ତ୍ରର ପ୍ରହରୀ ଭାବେ କାର୍ଯ୍ୟରତ ପ୍ରେସ କ୍ଲବର ସଭାପତି କମଳଲୋଚନ ଦୀକ୍ଷିତ, ପ୍ରଶାନ୍ତ କୁମାର ଜେନା, ଭାଗବତ ସ୍ୱାଇଁ,ଅକ୍ଷୟ କୁମାର ରାଉତ, ମାନସ କୁମାର ସାମଲଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ସହକାରୀ ଶିକ୍ଷକ ବିଶ୍ୱଜିତ ସ୍ୱାଇଁ, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବେହେରାଙ୍କ ସମେତ ବାଳିକା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନା କରାଯାଇଥିଲା।

## ବୋଲଗଡ଼ରେ ସମ୍ବଳ ଶିକ୍ଷକଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷାଦାନ

ବୋଲଗଡ଼, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ଦ୍ୱାରା ପ୍ରଣୀତ ସୁନିଶ୍ଚିତ ଯୋଜନାର ସଫଳତା ନିମିତ୍ତ ବୋଲଗଡ଼ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିକ୍ଷା ବ୍ଲକ ଅନ୍ତର୍ଗତ ୨୮ଟି ମାଧ୍ୟମିକ ସ୍କୁଲର ଆସନ୍ତା ମେଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡ଼ ପାଇଁ ଆଶାୟୀ ବିଦ୍ୟାର୍ଥୀମାନଙ୍କୁ ୨ୟ ପର୍ଯ୍ୟାୟରେ ବାମନ ସରକାରୀ ବିଦ୍ୟାଳୟରେ ଶୁକ୍ରବାର ଦିନ ୧୦ଟାରୁ




୪ଟା ପର୍ଯ୍ୟନ୍ତ ସମ୍ବଳ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥିଲା। ସମ୍ବଳ ଶିକ୍ଷକ ରୂପେ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଇଂରାଜୀ, ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା ଏବଂ ବାଙ୍କୋଇ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶୁଭେନ୍ଦୁ କୁମାର ସ୍ୱାଇଁ, ସରକାରୀ ଉଚ୍ଚ ବିଦ୍ୟାଳୟ, ବୋଲଗଡ଼ର ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଭକ୍ତଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ବେହେରା, ଶ୍ରୀ ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଶିକ୍ଷାଦାନ କରିବା ସହ ଛାତ୍ରଛାତ୍ରୀଙ୍କ ସନ୍ଦେହ ଦୂର କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ତରାଇଙ୍କର ଏଭଳି କାର୍ଯ୍ୟକ୍ରମକୁ ବିଦ୍ୟାର୍ଥୀମାନଙ୍କ ପିତାମାତା ଏବଂ ଅଭିଭାବକ ଉଚ୍ଚ ପ୍ରଶଂସା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳବନ୍ତରାୟ ଉପସ୍ଥିତ ସମସ୍ତ ବିଦ୍ୟାର୍ଥୀମାନଙ୍କୁ ଅଧ୍ୟୟନର ପଦ୍ଧତି ସମ୍ପର୍କରେ ଉପଦେଶ ପ୍ରଦାନ କରି ସେମାନଙ୍କ ମଙ୍ଗଳ କାମନା କରିଥିଲ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ




ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ): ବଡ଼ଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ମନ୍ଦିରର ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ଅଜିତ୍ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ସହ ଶୈକ୍ଷିକ ବିକାଶ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭୂମିକାକୁ ଭୂୟସି ପ୍ରଶଂସା କରିଥିଲେ। ଏଥିସହ ସେ କାର୍ଯ୍ୟରତ ଆଚାର୍ଯ୍ୟ/ଆଚାର୍ଯ୍ୟା, ସେବକ/ସେବିକାଙ୍କ ନିଷ୍ଠାପର ଓ ନିରଳସ ସେବା ମନଭାବକୁ ସାଧୁବାଦ ଜଣାଇଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଓଡ଼ିଶାର ଉତ୍ତରପୂର୍ବ ସମ୍ଭାଗର ସଭାପତି ଶିବନାରାୟଣ ସିଂହ ଯୋଗଦେଇ ଭାରତୀୟ ଅମୂଲ୍ୟ ସଂସ୍କୃତିକୁ ନିଷ୍ଠାର ସହ ସୁରକ୍ଷିତ ରଖିବା ପ୍ରତ୍ୟେକ ସଚ୍ଚା ରାଷ୍ଟ୍ର ସେବକଙ୍କର ଗୁରୁଦାୟିତ୍ୱ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଶିଶୁ ବିଦ୍ୟାମନ୍ଦିରର ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ପରିଚାଳନା ସମିତିର ସମ୍ପାଦକ ହିମାଂଶୁ ଶେଖର ବଳ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ବାର୍ଷିକ ମୁଖପତ୍ର (ସଂସ୍କୃତି)କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବର୍ଷ ୨୩/୨୪ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ ନମ୍ବର ରଖିଥିବା ଶିଶୁ ବିଶ୍ୱଜିତ୍ ଖୁଣ୍ଟିଆ, ଦିଶାରାଣୀ ବିଶ୍ୱାଳ, ନିଟ୍‌ରେ ସଫଳତା ପାଇଁ ଶକ୍ତିସ୍ୱରୂପ ସିଂହ ଓ ଜ୍ଞାନ ବେହେରାଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥା। ପରିଶେଷରେ ବିଦ୍ୟାଳୟ ପକ୍ଷରୁ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସହପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉତ, ଆଚାର୍ଯ୍ୟା ମିନାକ୍ଷୀ ଭୂୟାଁ କାର୍ଯ୍ୟକ୍ରମଟିକୁ ସଫଳତାର ସହ ପରିଚାଳନା କରିଥିଲେ।

## ବଣୁଆ ହାତୀ ଆକ୍ରମଣରେ ଜଣେ ଆହତ



ଭଞ୍ଜନଗର,(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ, କେନ୍ଦ୍ରିୟ ବନାଞ୍ଚଳ ଅନ୍ତର୍ଗତ ଜାନକୀପୁର ଗାଁ ନିକଟରେ ଘଟିଛି ଏକ୍ ଅଭାବନୀୟ ଘଟଣା। ଏକ ବଣୁଆ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଆହତ ଜଣକ ହେଲେ ସେହି ଗ୍ରାମର ସୁଦୁରୁ ନାୟକ। ଆହତ ଅବସ୍ଥାରେ ସେ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କର କହିବା ପ୍ରକାରେ, ସେ ନିକଟସ୍ଥ ରାସ୍ତାକଡ଼ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଗୋଟିଏ ଦନ୍ତାହାତୀ ଆସି ଶୁଣ୍ଢରେ ଧରି ନେଇ ତାଙ୍କୁ କଚାଡ଼ି ଦେଇଥିଲା। ଯାହାଫଳରେ ସେ ପୋଖରୀକୁ ଖସିପଡ଼ି, ଜୀବନ ବଞ୍ଚାଇ ଦୌଡ଼ି ଆସିଥିଲେ ଏବଂ ପରିବାର ଲୋକେ ତାଙ୍କୁ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେ ଗରୀବ ପରିବାରର ହୋଇଥିବାରୁ ତାଙ୍କୁ ସହାୟତା ଯୋଗାଇ ଦେବାପାଇଁ ତାଙ୍କ ସ୍ତ୍ରୀ’ସଞ୍ଜୁ ନାୟକ ନିବେଦନ କରିଥିବା ବେଳେ, ବିଭାଗୀୟ ଅଧିକାରୀ ଏବଂ ବନ କର୍ମଚାରୀମାନେ, ଘଟଣାସ୍ଥଳ ଏବଂ ମେଡ଼ିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି। ଏହା ସହ ସରକାରୀ ନିୟମ ପ୍ରକାରେ, ଆହତଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ।